GOVERNMENT OF INDIA
NATIONAL LIBRARY, CALCUTTA

Class No. OY 294.5

Book No. M326S

N. L. 38. VOL. V

MGIPC—S1—36 LNL/60—14-9-61—50,000

ଶ୍ରୀମଦ୍ଭଗବଦ୍ବିଳାସ

ବୈଭବକାଣ୍ଡାଂଶକାଳ

ପଞ୍ଚମ ଭାଗ

ବା

ପଞ୍ଚମ ବାସର ।

ଶ୍ରୀଯୁକ୍ତ ଶ୍ରୀ ବୈକୁଣ୍ଠ ମହାପାତ୍ରଙ୍କ ଦ୍ୱାରା ବିରଚିତ

ଓ

ପ୍ରକାଶିତ ।

ଶ୍ରୀ ରାଧାନାଥ କୋ-ଅପରେଟିଭ ପ୍ରେସରେ ମୁଦ୍ରିତ ।

ପ୍ରଥମ ସଂସ୍କରଣ ।

PRINTED BY GOBINDA CHANDRA DAS,

Shree Radhanath Co-operative press

CUTTACK.

1925.

ମୂଲ୍ୟ ୫୦ ୯ ମାତ୍ର । **ଅତଭକ୍ତ ୮୦ ।**

ଶ୍ରୀମଦ୍‌ଭଗବଦ୍‌ବିଳାସ ।

ବୈଭବକଳାଂଶକଳ୍ପ ।

୫ ମ ବାସର ।

୯୬/୧୩ ଛାନ୍ଦ ।

ଭରତବଂଶୀୟ ନରପତିଗଣ ।

ରାଗ—ମଙ୍ଗଳ ।

ମନୁବଂଶେ ପୁଂଭାବତଃ ଶ୍ରୀହରି ପ୍ରସନ୍ନ । ନାନା ଅବତାର ହୋଇ କଲେ
ଶିକ୍ଷାଦାନ ହେ । ୧ । ଋଷଭ ରୂପରେ ଯଶ ପ୍ରକାଶେ ଅତ୍ୟନ୍ତ । ମହା
ଭାଗବତ ସେହି ବଂଶରେ ଭରତ ହେ ।୨। ଭରତର ପୁତ୍ର ନାମ ସୁମତି ବିଖ୍ୟାତ ।
କଳିଯୁଗେ ହୋଇବେ ସେ ଦେବତା କଳ୍ପିତ ହେ । ୩ । ସୁମତିର ଭାର୍ଯ୍ୟା
ବୃଦ୍ଧସେନାର ଉଦରେ । ଦେବତାଜିତ ନାମରେ ଜନ୍ମିଲା କୁମରେ ହେ । ୪ ।
ଆସୁରୀ ନାମ୍ନୀ ତା ଭାର୍ଯ୍ୟା ତହୁଁ ଜାତ ସୁତ । ଦେବଦ୍ୟୁମ୍ନ ତାର ପତ୍ନୀ ଧେନୁମତି
ଖ୍ୟାତ ହେ । ୫ । ତାର ଗର୍ଭେ ଜାତ ସୁତ ପରମେଷ୍ଠି ନାମ । ପରମେଷ୍ଠି-ନାରୀ
ସୁବର୍ଚ୍ଚଳା ଗୁଣ ଧାମ ହେ । ୬ । ତାରଗର୍ଭେ ପ୍ରତ୍ୟହ ନାମକ ପୁତ୍ରୋତ୍ପନ୍ନ ।
ମହାତ୍ମା ସୁଗୁଣାଧାର ଅତ୍ୟନ୍ତ ବିଦ୍ୱାନ ହେ । ୭ । ବହୁଲୋକ ନିକଟରେ
ଆତ୍ମତତ୍ତ୍ୱ ଜ୍ଞାନ । ବ୍ୟାଖ୍ୟା କରି ସ୍ୱୟଂ କଲେ ବିଷ୍ଣୁ ଦରଶନ ହେ । ୮ ।
ପ୍ରତ୍ୟହର ତିନପୁତ୍ର ହୋଇଲେ ଜନମ । ପ୍ରତିହୋର୍ତ୍ତା, ପ୍ରତିସ୍ତୋତା, ଉଦ୍‌ଗାତା
ଏ ନାମ ହେ । ୯ । ଯଜ୍ଞାନୁଷ୍ଠାନେ ସେ ଦକ୍ଷ ତିନ ସହୋଦର । ପ୍ରତିହୋର୍ତ୍ତାର

ସ୍ୱପତ୍ନୀ ସୁତ ମନୋହର ହେ । ୧୦ । ସୁତଗର୍ଭେ ଅଜ ଭୂମା ନାମେ ଦୁଇ ସୁତ । ଋଷିକୁଲ୍ୟା, ଦେବକୁଲ୍ୟା, ଭୂମାପତ୍ନୀ ଖ୍ୟାତ ହେ । ୧୧ । ଋଷିକୁଲ୍ୟା ପୁତ୍ରନାମ ଉଦ୍ଗୀଣ ପ୍ରମାଣ । ଦେବକୁଲ୍ୟା ପୁତ୍ର ପ୍ରସ୍ତାବର ଉତ୍ପନ୍ନ ହେ । ୧୨ । ପ୍ରସ୍ତାବର ପତ୍ନୀନାମ ବିରୁସ୍ତା ବିଖ୍ୟାତ । ବିଭୁନାମେ ତା ଉଦରୁ ଜାତ ଦବ୍ୟଯୁତ ହେ ।୧୩। ବିଭୁଭାର୍ଯ୍ୟା ରତି ତାର ପୁତ୍ର ପୃଥୁଷେଣ । ଆକୁତିର ଗର୍ଭେ ନକ୍ତ ହୋଇଲା ଉତ୍ପନ୍ନ ହେ । ୧୪ । ନକ୍ତର ବନିତା ଦ୍ୟୁତି ଗୟ ତା ସନ୍ତାନ । ଗୟର ଯଶ ଅସୀମ ବିଷ୍ଣୁଅଂଶେ ଜନ୍ମ ହେ ।୧୫। ଜଗତରକ୍ଷାକାରଣାର୍ଥ ଅଂଶେ ଅବତର । ଆତ୍ମସତ୍ତ୍ୱାଦି ଲକ୍ଷଣ ବର୍ଣ୍ଣିଥିଲେ ଧର ହେ । ୧୬ । ଗୟ ରାଜା ପ୍ରଜାପୁଞ୍ଜେ ଲାଳନ ପାଳନ । ତୋଷଣ ପ୍ରୀଣନ ପୁଣି ଧର୍ମ ଅନୁଷ୍ଠାନ ହେ । ୧୭ । ଗୃହାଶ୍ରମେ ଥାଇ ଆଗେ ଯଜ୍ଞାନୁଷ୍ଠାନ । ନାନା ଧର୍ମାଚରଣରେ ବିଖ୍ୟାତ ଭୁବନ ହେ । ୧୮ । ସକଳ କର୍ମ ତାହାର ବିଷ୍ଣୁ ଅର୍ପିତ । ପରମାର୍ଥ ସ୍ୱରୂପ ସେ ହୋଇଥିଲା ବ୍ୟକ୍ତ ହେ । ୧୯ । ବ୍ରହ୍ମଜ୍ଞଜନର ପାଦ ସେବାର ଜନିତ । ଭକ୍ତି ଯୋଗେ ବୁଦ୍ଧିବୃତ୍ତି ବିଶୁଦ୍ଧ ସଂସ୍କୃତ ହେ । ୨୦ । ଦେହାଦ୍ୟଭିମାନ ତତ୍ତ୍ୱ ହୁଏ ଦୂରୀକୃତ । ବ୍ରହ୍ମାନନ୍ଦ ଅନୁଭବ କରନ୍ତି ନିୟତ ହେ । ୨୧ । ଏ ପ୍ରକାର ହୋଇ ମଧ୍ୟ ନିରହଙ୍କାରରେ । ଅବନୀ ପାଳନ କରେ ଧର୍ମ ଅନୁସାରେ ହେ ।୨୨। ଏହି ହେତୁ ଜ୍ଞାନୀଗଣ କରେ ଯଶଗାନ । ଗୟକୁ ଯଜ୍ଞ ସ୍ୱରୂପ କରନ୍ତି ବର୍ଣ୍ଣନ ହେ । ୨୩ । ମନସ୍ୱୀ ବନ୍ଧୁଙ୍କ ଧର୍ମରକ୍ଷକ ଶ୍ରୀମାନ । ସଜ୍ଜନଗଣର ସଭାପତି ମହିମାନ ହେ । ୨୪ । ସାଧୁଗଣଙ୍କ ସେବକ ଭଗବାନ ଅଂଶ । ବିଷ୍ଣୁ ବିନା ଏତେ ଯଶ କହେ କେ ପ୍ରକାଶ ହେ । ୨୫ । ଯଜ୍ଞରେ ତାହାର ଇନ୍ଦ୍ର ଅତି ସୋମ ପାନ । କରି ମତ୍ତ ହୋଇଯାଏ ଅଦ୍ଭୁତ କଥନ ହେ ।୨୬। ଯଜ୍ଞମୂର୍ତ୍ତି ଭଗବାନ କରନ୍ତି ଗ୍ରହଣ । ଶ୍ରଦ୍ଧା ଭକ୍ତି ଯୋଗ ଯଜ୍ଞ ଫଳ ସମର୍ପଣ ହେ । ୨୭ । ଦୂକା-ଦ୍ରବ୍ୟାଦି ଗ୍ରହଣେ ହୋଇଯାନ୍ତି ପ୍ରୀତ । ସେ ପ୍ରୀତିରେ ପ୍ରୀତିଲାଭ କରନ୍ତି ସମସ୍ତ ହେ ।୨୮। ଦେବତା, ମନୁଷ୍ୟ, ପଶୁ ପକ୍ଷୀ, ଲତା, ତୃଣ । ଆବ୍ରହ୍ମସ୍ତମ୍ବ ପର୍ଯ୍ୟନ୍ତ ତୃପ୍ତିଲଭେ ପୁଣ ହେ । ୨୯ । ଗୟରାଜାର ଯଜ୍ଞରେ ସ୍ୱୟଂ ଭଗବାନ । ପ୍ରୀତ ହେଲ ବୋଲି କହେ ଯଜ୍ଞେ ପୁନଃ ପୁନଃ ହେ । ୩୦ । ଗୟରାଜା ସମ ଆଉ କେ ଅଛି ଜଗତେ । ବିଷ୍ଣୁ ଅଂଶେ ଅବତାର ଅଟଇ ସାକ୍ଷାତେ ହେ । ୩୧ । ଗାୟନ୍ତ୍ରୀ ଗୟର ପତ୍ନୀ ତାର ତିନପୁତ୍ର । ଚିତ୍ରରଥ ସୁଗତି ଅବିରୋଧନ ଖ୍ୟାତ ହେ । ୩୨ । ଚିତ୍ରରଥ ଭାର୍ଯ୍ୟା ଊର୍ଣ୍ଣା ସମ୍ରାଟ ତା ସୁତ । ଉତ୍କଳା ଭାର୍ଯ୍ୟାର ସୁତ

ମରୀଚ ବିଖ୍ୟାତ ହେ । ୩୩ । ମରୀଚର ପତ୍ନୀ ବିନ୍ଦୁମତୀ ଗୁଣବତୀ । ବିନ୍ଦୁମାନ ନାମେ ପୁତ୍ର ଲଭିଥିଲେ ଖ୍ୟାତ । ୩୪ । ବିନ୍ଦୁମାନ ପତ୍ନୀନାମ ସରଘା ଅଟଇ । ସରଘା ଗର୍ଭରେ ମଧୁ ଜନମ ଲଭଇ ହେ । ୩୫ । ମଧୁର ଭାର୍ଯ୍ୟା ସୁମନା ବୀର-ବ୍ରତ ସୁତ । ବୀରବ୍ରତ ପତ୍ନୀ ଭୋଜା ତାର ଦୁଇପୁତ୍ର ହେ । ୩୬ । ମନ୍ଥୁ ପ୍ରମନ୍ଥୁ ମନ୍ଥୁର ଭାର୍ଯ୍ୟା ସତ୍ୟାନାମ । ସତ୍ୟାର ଉଦରେ ଜାତ ହୋଇଲେ ଭୌବନ ହେ । ୩୭ ଭୌବନ ସନ୍ତାନ ତ୍ୱଷ୍ଟା ତ୍ୱଷ୍ଟା ପତ୍ନୀନାମ । ଅବିରୋଚନା ତା ପୁତ୍ର ବିରଜ ଜନମ ହେ । ୩୮ । ବିରଜ ଅତି ମହାତ୍ମା ପତ୍ନୀ ଅଟେ ତାର । ବିସୂଚି ତା ଗର୍ଭେ ଜନ୍ମେ ଶତେକ କୁମର ହେ । ୩୯ । ଏକ କନ୍ୟା ଜନ୍ମେ ଜ୍ୟେଷ୍ଠ ନାମ ଶତଜିତ । ଶତଜିତ ଶ୍ରେଷ୍ଠ ନାନା ଗୁଣେ ବିଭୂଷିତ । ୪୦ । ବିଷ୍ଣୁ ଯଥା ଦେବଗଣେ କରେ ଅଲଙ୍କୃତ । ପ୍ରିୟବ୍ରତ ବଂଶେ ତଥା କରେ ଶତଜିତ ହେ । ୪୧ । ପରୀକ୍ଷିତ ପ୍ରଶ୍ନେ ଶୁକ କହନ୍ତି ହରଷେ । ପ୍ରିୟବ୍ରତ କୀର୍ତ୍ତି ଯାହା ଏ ଭୁବନ ଘୋଷେ ହେ । ୪୨ । ସପ୍ତଦ୍ୱୀପ ସପ୍ତସିନ୍ଧୁ ନେଇ ପଦ୍ମାକାର । ଭୁବନ କୋଷ ବର୍ଣ୍ଣନ କଲେ ଯେ ପ୍ରକାର ହେ । ୪୩ । ନବବର୍ଷର ବର୍ଣ୍ଣନ କହେ ତନ୍ନ ତନ୍ନ । ଭାରତବର୍ଷର ପୁଣି କହନ୍ତି ପ୍ରାଧାନ୍ୟ ଯେ । ୪୪ । ଲୋକାଲୋକ ପର୍ବତର ସ୍ଥିତ୍ୟାଦି ବର୍ଣ୍ଣନ । ରାଶିଙ୍କର ତଦ୍ଭାଗ ଯାହା ନିରୂପଣ ହେ । ୪୫ । ଜ୍ୟୋତିଷ୍କ ମଧ୍ୟେ ସୋମ ଶୁକ୍ରାଦିର ସ୍ଥାନ । ଗ୍ରହଗତି ଅନୁସାରେ ଇଷ୍ଟାନିଷ୍ଟ ଜ୍ଞାନ ହେ । ୪୬ । ସର୍ବୋପରେ ଊର୍ଦ୍ଧ୍ୱେ ଅଛି ଧ୍ରୁବଲୋକ ସ୍ଥାନ । ସେହି ଲୋକଙ୍କୁ ସକଳେ କରେ ପ୍ରଦକ୍ଷିଣ ହେ । ୪୭ । ନକ୍ଷତ୍ରରୂପୀ ଯେ ଅଗ୍ନି ଇନ୍ଦ୍ର ପ୍ରଜାପତି । ଧର୍ମ ପ୍ରଦକ୍ଷିଣ କରେ ଧ୍ରୁବଙ୍କୁ ସଂପ୍ରତି ହେ । ୪୮ । ଧ୍ରୁବ କଳ୍ପଜୀବ ହୋଇ ସେଠାରେ ଅଛଇ । ମହାଭାଗବତ ଧ୍ରୁବ ସ୍ୱମ୍ପଦ ରହି ହେ । ୪୯ । ଚତୁଃପାର୍ଶ୍ୱେ ପ୍ରଦକ୍ଷିଣ କରନ୍ତି ସକଳେ । ମେଢ଼ି ପଶୁ ଅଛି ଧ୍ରୁବ ଧ୍ରୁବର ମଣ୍ଡଳେ ହେ । ୫୦ । ଗ୍ରହନକ୍ଷତ୍ରାଦି କାଳଚକ୍ର ଅଭ୍ୟନ୍ତରେ । ବାହାରେ ଅବଦ୍ଧ ରହି ଅବଲମ୍ବେ ଦୂରେ ହେ । ୫୧ । ଶିଶୁମାର ରୂପ ବାସୁଦେବ ଭଗବାନ । ଜ୍ୟୋତିଷ୍କ ଯୋଗମାୟା କରଇ ଧାରଣ ହେ । ୫୨ । ଶିଶୁମାର ଅଧଃଶିରା କୁଣ୍ଡଳୀ ସମାନ । ତାର ପୁଚ୍ଛାଗ୍ରରେ ଧ୍ରୁବ କରନ୍ତି ସଂସ୍ଥାନ ହେ । ୫୩ । ଲାଙ୍ଗୁଳାଗ୍ର ଅଧୋଭାଗରେ ଅଛି ପ୍ରଜାପତି । ଇନ୍ଦ୍ର ଧର୍ମ ସହିତରେ କରଇ ବସତି ହେ । ୫୪ । ପୁଚ୍ଛ ମୂଳେ ଧାତା ବିଧାତାର ଅବସ୍ଥାନ । କଟିଦେଶେ ସପ୍ତର୍ଷି ମଣ୍ଡଳ ବିଦ୍ୟମାନ ହେ । ୫୫ । ସେହି ଶିଶୁମାର ଚକ୍ର ଦକ୍ଷିଣାବର୍ତ୍ତରେ ।

କୁଣ୍ଡଳୀଭୂତ ଶରୀର ଦକ୍ଷିଣପାର୍ଶ୍ୱରେ ହେ । ୫୬ । ଅଭିଜିତ ଆଦି ପୁନର୍ବସୁର ପର୍ଯ୍ୟନ୍ତ । ଚତୁର୍ଦ୍ଦଶ ନକ୍ଷତ୍ରହିଁ ଅଛି ବିରାଜିତ ହେ । ୫୭ । ବାମପାଶେ ପୁଷ୍ୟା ଠାରୁ ଉତ୍ତରାଷାଢ଼ାହିଁ । ଚତୁର୍ଦ୍ଦଶ ନକ୍ଷତ୍ର ସେ ବିରାଜିତ ହୋଇ ହେ । ୫୮ । ପୃଷ୍ଠଦେଶେ ଅଜବୀଥି ସ୍ୱର୍ଗଙ୍ଗୀ ଉଦରେ । ଦକ୍ଷିଣ ନିତମ୍ବେ ପୁନର୍ବସୁ ଶୋଭା-କରେ ହେ ।୫୯। ବାମ ନିତମ୍ବରେ ପୁଷ୍ୟା ଅଛି ଅବସ୍ଥିତ । ଆର୍ଦ୍ରା ଅଶ୍ଳେଷା ବେନିପାଦରେ ବ୍ୟକତ ହେ । ୬୦ । ଅଭିଜିତହିଁ ଦକ୍ଷିଣ ନାସାରେ ଅଛଇ । ଉତ୍ତରାଷାଢ଼ାନ୍ତ ବାମଘ୍ରାଣେ ବିରାଜଇ ହେ । ୬୧ । ଶ୍ରବଣା ଦକ୍ଷିଣନେତ୍ରେ ପୂର୍ବାଷାଢ଼ା ବାମେ । ଧନିଷ୍ଠା ଦକ୍ଷିଣ କର୍ଣ୍ଣେ ମୂଳା ବାମ କର୍ଣ୍ଣେ ହେ । ୬୨ । ଶତଭିଷା ଦକ୍ଷିଣସ୍କନ୍ଧରେ ସଂସ୍ଥାପିତ । ଜ୍ୟେଷ୍ଠା . ବାମସ୍କନ୍ଧେ ହୋଇଅଛି ବିରାଜିତ । ୬୩ । ମଘା ଆଦି ଅନୁରାଧା ପର୍ଯ୍ୟନ୍ତ ନକ୍ଷତ୍ର । ଦକ୍ଷିଣାୟନ ସମ୍ବନ୍ଧ୍ୟ ବାମାସ୍ଥି ସ୍ଥାପିତ ହେ । ୬୪ । ମୃଗଶିରଠାରୁ ପୂର୍ବଭାଦ୍ରବ ପର୍ଯ୍ୟନ୍ତ । ଉତ୍ତରାୟଣ ସମ୍ବନ୍ଧ୍ୟ ଯେ ଅଷ୍ଟନକ୍ଷତ୍ର । ୬୫ । ତାହାର ଦକ୍ଷିଣ ପାର୍ଶ୍ୱେ ଅଛଇଣ ରହି । ଉତ୍ତର ହନୂରେ ପୁଣି ଅଗସ୍ତ୍ୟ ଅଛଇ ହେ । ୬୬ । ଅଧର ହନୂରେ ଯମ ମୁଖରେ ମଙ୍ଗଳ । ଉପସ୍ଥରେ ଶନି ସୂର୍ଯ୍ୟ ଅଛି ବକ୍ଷସ୍ଥଳ ଯେ । ୬୭ । ବୃହସ୍ପତି ଗଳାପୃଷ୍ଠ ଶୃଙ୍ଗେ ବିରାଜଇ । ହୃଦୟରେ ନାରାୟଣ ମନେ ଚନ୍ଦ୍ର ଥାଇ ହେ । ୬୮ । ନାଭିଦେଶେ ଶୁକ୍ର ସ୍ତନେ ଅଶ୍ୱିନୀକୁମାର । ପ୍ରାଣ ଅପାନରେ ବୁଧ ରାହୁ ଗଳେ ହାର ହେ । ୬୯ । ସର୍ବାଙ୍ଗରେ କେତୁ ରୋମକୂପେ ତାରାଗଣ । ନିବନ୍ଧନ ରହିଅଛି ଏ ତା ଅଂପଘନ ହେ ।୭୦। ଶିଶୁମାର ଆକାର ଏ ହୋଇଲା କଥିତ । ବିଷ୍ଣୁଙ୍କର ରୂପ ଏହା ଜଗତ ବିଖ୍ୟାତ ହେ । ୭୧ । ପ୍ରତିଦିନ ସନ୍ଧ୍ୟାକାଳେ ହୋଇଣ ପ୍ରଣତ । ନିରୀକ୍ଷଣ କରିବାର ନିତାନ୍ତ ବିହିତ ହେ । ୭୨ । ଜ୍ୟୋତିର୍ଗଣଙ୍କ ଆଶ୍ରୟ ସେ ଦେବାଧିପତି । କାଳଚକ୍ରରୂପୀ ମହାପୁରୁଷେ ପ୍ରଣତି ହେ । ୭୩ । ସମସ୍ତଙ୍କ ଚିନ୍ତନୀୟ ପ୍ରଭୁ ଭଗବାନ । ଗ୍ରହ ନକ୍ଷତ୍ରାଦି ରୂପ ସର୍ବଦେବ ସ୍ଥାନ ହେ । ୭୪ । ତ୍ରିକାଳେ ଯେ ଏହି ରୂପ କରଇ ଧିଆନ । ସର୍ବପାପ ନାଶି ପ୍ରଭୁ ହୁଅନ୍ତି ପ୍ରସନ୍ନ ହେ । ୭୫ । ତ୍ରିସନ୍ଧ୍ୟାରେ କରେ ଯେହୁ ତାହାଙ୍କୁ ସ୍ମରଣ । ସେହି ସମୟର ପାପ ଧ୍ୱଂସେ ସେହିକ୍ଷଣ ହେ । ୭୬ । ଶୁକ କହନ୍ତି ତତ୍‌ପରେ ଅଧଃଲୋକ ସପ୍ତ । ଅତଳାଦି ସଙ୍କର୍ଷଣ ଅନନ୍ତ ଚରିତ ହେ । ୭୭ । ପାତାଳର ଅଧଃସ୍ଥିତ ନରକ ବର୍ଣ୍ଣନ । ଅନ୍ୟ

ଛନ୍ଦେ ସବିଶେଷ କରିବା ଶାସ୍ତ୍ର ନ୍ହେ । ୨୮ । ବୁଝିଲେ ପାପକରଣେ ଭୟ
ହେବ ଜାତ । ପାପୀ ବଇକୁଣ୍ଠ କାହିଁ ହୋଇବ କ ଖ୍ୟାତ ହେ । ୨୯ ।

୧୪ଶ ଛାନ୍ଦ ।

ନରକବର୍ଣ୍ଣନ ।

ରାଗ—କୌଶିକ ।

ଶୁକ କହୁଛନ୍ତି ଶୁଣ ନରପତି ସତ୍ତ୍ୱ ରଜ ତମ ତ୍ରିଗୁଣ । ସେହିଗୁଣ ତାରତମ୍ୟ ଅନୁସାରେ କର୍ମର ହୁଅଇ ବିଭିନ୍ନ । ସେହି କାରଣେ । କର୍ତ୍ତାର କର୍ମ ଭିନ୍ନ ଭିନ୍ନ । ସ୍ୱଶ୍ରଦ୍ଧା କରି ଫଳାଫଳ ଲଭଇ ଏଣୁ ଫଳ ନୁହେ ସମାନ ।୧। ଅଧର୍ମକାରୀର ତମୋଗୁଣ ବଶେ ଶ୍ରଦ୍ଧାର ହୁଏ ବୈପରୀତ୍ୟ । ତେଣୁ ବିପରୀତ କର୍ମଫଳ ହୁଏ ଏହିଟି ତାର ମୂଳତତ୍ତ୍ୱ । ସେହି ଅନାଦି । ଅବିଦ୍ୟାରେ ଜାତ କାମନା । ତାର ପରିଣାମ ସହସ୍ର ନରକ ତାହାହିଁ କରିବା ବର୍ଣ୍ଣନା । ୨ । ତ୍ରିଲୋକ ମଧ୍ୟରେ ଦକ୍ଷିଣ ଦିଗରେ ଭୂମିର ତଳେ ଜଳୋପରେ । ଯେ ସ୍ଥାନରେ ପିତୃଗଣ ବାସ କରେ ପରମ ସମାଧି ଯୋଗରେ । ନିଜ ନିଜର । ବଂଶଜମାନଙ୍କ ମଙ୍ଗଳ । ପ୍ରାର୍ଥନା କରନ୍ତି ବଶୀଭୂତ ହୋଇ ସ୍ୱକୀୟ ସ୍ନେହରେ ପ୍ରବଳ । ୩ । ପିତୃପତି ଯମ ସ୍ୱଗଣ ସହିତ ଯେ ସ୍ଥାନେ କରଇ ବସତି । ସ୍ୱଗଣର ଦ୍ୱାରା ଆନୀତ ମୃତ ପ୍ରାଣୀ କର୍ମର କରଇ ନିଷ୍ପତ୍ତି । ସେହିସ୍ଥାନରେ । ଏକବିଂଶେ ସର୍ବନରକ । ଅଷ୍ଟବିଂଶ ତହିଁ ପ୍ରଧାନ ଅଟଇ ଆଉ ତ ଅଛଇ ଅନେକ । ୪ । ତାମିସ୍ର ଅନ୍ଧତାମିସ୍ର ଯେ ରୌରବ ମହାରୌରବ କୁମ୍ଭୀପାକ । କାଳସୂତ୍ର ଅସିପତ୍ରବନ ଅନ୍ଧକୂପ ଶୂକରମୁଖ ଏକ । କୃମିଭୋଜନ । ସନ୍ଦଂଶ ତପ୍ତଶୂର୍ମି ଯେନ । ବଜ୍ରକଣ୍ଟକ ଶାଲ୍ମଳି ବୈତରଣୀ ପୂୟୋଦ ପ୍ରାଣରୋଧ ପୁଣି । ୫ । ବିଶସନ ଲାଲାଭକ୍ଷ ଅୟଃପାନ ସାରମେୟାଦନ ନରକ । ଅବୀଚି କ୍ଷାର କର୍ଦ୍ଦମ ରକ୍ଷୋଗଣ ଭୋଜନ ପୁଣି ଦନ୍ଦ ଶୂକ । ଶୂଳପ୍ରୋତହିଁ । ପୁଣି ଅବଟନିରୋଧନ । ସୂଚିମୁଖ ପର୍ଯ୍ୟାବର୍ତ୍ତନ ଅଛଇ ଅଷ୍ଟବିଂଶତି ଏ ପ୍ରଧାନ । ୬ । ସକଳ ନରକ ଯନ୍ତ୍ରଣାର ସ୍ଥାନ

ପ୍ରାଣୀଙ୍କୁ ପୀଡ଼ା ଦେବାପାଇଁ । ଯେ ପାପ କରିଲେ ଯେ ନରକ ଭୋଗ ଶୁଣ ତାହା କହୁ ଅଛଇ । ପରସ୍ତ୍ରୀ ଧନ । ପୁତ୍ରାଦି ଯେ କରେ ହରଣ । ଯମଦୂତଗଣ କରଣ ବନ୍ଧନ ତାମିସ୍ରେ କରନ୍ତି ପତନ । ୭ । ସେହି ନରକ ଅତିଶଯ୍ୟ ଅନ୍ଧାର ପାପୀ ତହିଁରେ ପଡଥାଇ । ପାନ ଭୋଜନାଦି ଅଭାବ ତହିଁରେ ତର୍ଜ୍ଜନ ପୀଡ଼ନ ଲଭଇ । ଅତନ୍ଧାତରେ । ବାର ବାର ହୁଏ ମୂର୍ଚ୍ଛିତ । ଏହିପର ବହୁକାଳ ପୀଡ଼ାସହି ସର୍ବଦା ହୁଅଇ ଶୋକିତ । ୮ । ଯେ ପାପୀ ସ୍ୱାମିଦେ ବଞ୍ଚନା କରଣ ତା ପତ୍ନୀକୁ କରେ ହରଣ । ସେ ଦୁର୍ଗମ୍ୟ ଅନ୍ଧତାମିସ୍ରେ ପଡ଼ଇ ଗଛ କାଟିଲା ପର ପୁଣ । ଯମଦୂତଏ । ନକ୍ଷେପ କରୁଥାନ୍ତି ତହିଁ । ସେ ପାପୀର ସ୍ମୃତି ବିନଷ୍ଟ ହୋଇଣ ବୁଦ୍ଧି ସୁଦ୍ଧି ତା ହଜଯାଇ । ୯ । ଯେ ଇହଲୋକରେ ଏ ଶରୀର ମୁହିଁ ଧନାଦି ମୋହର ମଣଇଁ । ସେହି ଅଭିମାନେ ପ୍ରାଣୀଗଣଙ୍କର ଦ୍ରୋହ ଆଚରଣ କରଇ । ନିଜ ଦେହର । ପୁତ୍ର କଳତ୍ରାଦି ପୋଷଣ । କଲେ ସେହି ପୀଡ଼ା ଭୋଗୁଥାଇ ହୋଇ ଅନ୍ଧତାମିସ୍ରରେ ପତନ । ୧୦ । ଇହଲୋକେ ନର ଯେ ପ୍ରାଣୀ ପକ୍ଷରେ ଯେ ହିଂସାକରେ ଆଚରଣ । ଆତ୍ମକୃତ ଦୋଷେ ଯମପୀଡ଼ା ଯେତେବେଳେ ହୁଏ ବଧାନ । ସେହି ସମୟେ । ହିଂସିତ ପ୍ରାଣୀ ରୁରୁ ହୋଇ । ସେହି ପରକାର ହିଂସଇ ତାହାକୁ ରୌରବ ନାମ ତା ଅଟଇ । ୧୧ । ମହା-ହିଂସ୍ର ସର୍ପଠାରୁ ଅତିଶଯ୍ୟ କ୍ରୂର ନିଷ୍ଠୁର ଯେ ଅଟଇ । ଭାରଶୃଙ୍ଗ ନାମେ ଏକ ପରକାର ପ୍ରାଣୀ ତା ନାମ ରୁରୁ ହୋଇ । ରୁରୁ ସମାନ । ନିଷ୍ଠୁର ଭୀଷଣ ଜଗତେ । ଆଉ ନାହିଁ କେହି ଦୟା ଲେଶ ନାହିଁ ପ୍ରାଣୀହିଂସ୍ରକ ସେ ଅତ୍ୟନ୍ତେ । ୧୨ । ଇହଲୋକେ ଯେହୁ ପ୍ରାଣୀ ପୀଡ଼ା ଦେଇ ଆତ୍ମ ଦେହ କରେ ପୋଷଣ । ମହାରୌରବ ନରକେ ପଡ଼େ ଯାଇ ବହୁତ ଲଭଇ କଷଣ । ସେହି ସ୍ଥାନରେ । କ୍ରବ୍ୟାଦ ନାମେ ରୁରୁଗଣ । ମାଂସଗ୍ରହଣାର୍ଥେ ବିବିଧ ଯନ୍ତ୍ରଣା ଦେଇ କରେ ନିଷ୍ଠୁ ପିଶୁନ । ୧୩ । ଇହଲୋକ ଯେହି ମଉଜ ପାଇଁକି ପଶୁ ପକ୍ଷୀ ମାର ତା ମାଂସ । ପାକ କର ଖାଏ ଯମଦୂତଗଣ କୁମ୍ଭୀପାକେ କରେ ପ୍ରବେଶ । ତପ୍ତ ତୈଳରେ ପାକ କରଦଏ କଷଣ । ବ୍ୟାକୁଳ ହୋଇଣ ଛଟ ପଟ ହୋଇ ଉଚ୍ଚରେ କରଇ କ୍ରନ୍ଦନ । ୧୪ । ଯେ ବ୍ରାହ୍ମଣ ଜାତି ପ୍ରତି-ଦ୍ରୋହ ଚଳେ କାଳସୂତ୍ରେ ହୁଏ ନିକ୍ଷିପ୍ତ । ତାହାର ପରିଧି ଅଯୁତ ଯୋଜନ ତାମ୍ରବର୍ଣ୍ଣ ଅତି ତାପିତ । ସମଭୂମି ସେ । ତହିଁ ତାକୁ କଲେ ସ୍ଥାପିତ । ଉପରେ ଆଦିତ୍ୟକରେ ତଳେ ଅଗ୍ନିତାପେ ହୁଅଇ ସନ୍ତାପିତ । ୧୫ । କ୍ଷୁଧା ପିପାସାରେ

ବାହ୍ୟାଭ୍ୟନ୍ତର ତା ସତତ ଦଗଧ ହୁଅଇ । ସେହି ପାପୀ କେବେ ଶୋଇପଡୁ-
ଥାଏ ବସିପଡ଼େ କେବେ ଘୂରଇ । ପଶୁ ଦେହରେ । ଯେତେ ରୋମ ତେତେ
ବର୍ଷର । ଅସ୍ତ ବ୍ୟସ୍ତ ହୋଇ ଯନ୍ତ୍ରଣା ଭୋଗଇ ସଦାପାଏ କ୍ଲେଶ ଅପାର ।୧୬।
ଯେହୁ ବେଦମାର୍ଗ ଉଲ୍ଲଙ୍ଘନ କରି ପାଷଣ୍ଡଧର୍ମ୍ମ ଆଚରଇ । ଅତି ଭୟାନକ
ଯମଦୂତଗଣ ଅସୀପତ୍ରବନେ କ୍ଷେପଇ । କଶା ପ୍ରହାରେ । ଅତ୍ୟନ୍ତ ଯନ୍ତ୍ରଣା
ହୁଅଇ । ପାପୀ ସେ ପ୍ରହାର ସହି ନ ପାରିଣ ଧାବମାନ ହୋଇ ଭ୍ରମଇ । ୧୭ ।
ସେହିପରି ତାଳବନ ପତ୍ରସବୁ ଉଭୟଧାର ଅସୀ ସମ । ହୋଇ ତାହାର ସକଳ
ଗାତ୍ରମାନ କରି ଦିଅଇ ଛିନ୍ନ ଭିନ୍ନ । ସେହି ଦୁରାତ୍ମା । ହାୟ ହତ ହେଲି
କହଇ । ଯନ୍ତ୍ରଣା ପ୍ରକାଶି ଉହୁ ଉହୁ କରି ପଦେ ପଦେ ମୂର୍ଚ୍ଛା ହୁଅଇ ।୧୮।
ଯେ ରାଜା ବା ରାଜପୁରୁଷ ଅଦଣ୍ଡ୍ୟପ୍ରତି ଦଣ୍ଡ ଯେବେ ଦିଅଇ । କିମ୍ବା ଦ୍ୱିଜପ୍ରତି
ଶାସ୍ତି ଦିଏ ତାଙ୍କୁ ଶୂକର ମୁଖରେ ପକାଇ । ଇକ୍ଷୁସମାନ । ଯମଦୂତେ ତାଙ୍କୁ
ପୀଡ଼ଇ । ତହିଁରେ ସେ ପାପୀ ମୂର୍ଚ୍ଛିତ ହୋଇଣ ଆର୍ତ୍ତନାଦ କରି ରୋଦଇ ।୧୯
ଜାତି ଅନୁସାରେ ବଧ ନିଃଷେଧାଦି ବୃତ୍ତି ଯା ବିଧାନ ଅଛଇ । ନ ମାନି ଜୀବଙ୍କୁ
ପୀଡ଼ା ଯେ ଦିଅଇ ଅନ୍ଧକୂପରେ ସେ ପଡ଼ଇ । ସେହି ଜୀବତ । ସେଠି ତାଙ୍କୁ
ପୀଡ଼ା ଦିଅଇ । ଘୋର ଅନ୍ଧକାରେ ପଡି ଇତସ୍ତତଃ ଧାବମାନ ହୋଇ
ଭ୍ରମଇ । ୨୦ । ଭକ୍ଷ୍ୟଦ୍ରବ୍ୟ ଯେହୁ କାହାକୁ ନ ଦେଇ ନିଜେ ଲୋଭବଶେ
ଭକ୍ଷଇ । ପଞ୍ଚମହାଯଜ୍ଞ ଯେହୁ ନ କରଇ କୃମି ଭୋଜନରେ ପଡ଼ଇ । ସେହି
ନରକେ । ଲକ୍ଷ ଯୋଜନ କୁଣ୍ଡଥାଇ । କୃମି ପରିପୂର୍ଣ୍ଣେ ପଡ଼ି କୃମି ଭକ୍ଷେ କୃମି
ତାଙ୍କୁ ଦଂଶୀ ପୀଡ଼ଇ । ୨୧ । ବ୍ରାହ୍ମଣର ଧନ ଚୋରିକରେ ଅବା ବଳପୂର୍ବକ
ଯେ ନିଅଇ । ଉଭୟଙ୍କର ଯମଦୂତଗଣ ତାଙ୍କୁ ଲୌହଅଗ୍ନି ପିଣ୍ଡେ ପୋଡ଼ଇ ।
ନାରୀ ଅଗମ୍ୟା । ଜାଣି ଯେ ପୁରୁଷ ଗମଇ । ଅଗମ୍ୟ ପୁରୁଷ ସଙ୍ଗେ ଯେଉଁ
ନାରୀ ମୋହିତା ହୋଇଣ ରମଇ । ୨୨ । ଉଭୟଙ୍କୁ ଯମଦୂତଗଣ ବାନ୍ଧି
କଶାଘାତେ କରେ ପୀଡ଼ନ । ଲୌହମୟୀ ନାରୀ ପ୍ରତିମା ପୁରୁଷେ ଲୌହମୟ
ପୁଂସ ଦହନ । ଅତି ଉତ୍ତପ୍ତ । କରାଇ କରେ ଆଲିଙ୍ଗନ । ଛଟପଟ ହୋଇ
ଆହା ଉହୁ କହି କରୁଥାଏ ଅତି କ୍ରନ୍ଦନ । ୨୩ । ପଶ୍ୱାଦି ଯୋନି ଯେ କରଇ
ହରଣ ତାଙ୍କୁ ଯମଦୂତେ ନେଇଣ । ବଜ୍ରକଣ୍ଟକ ଶାଲ୍ମଳୀବୃକ୍ଷେ ବେଗେ କରାଇ
ଦିଅନ୍ତି ଶୟନ । ଟାଣେ ସଜୋରେ । ଏପାଖ ସେପାଖ ନିୟତ । ତହିଁରେ
ଅତ୍ୟନ୍ତ କ୍ଲେଶ ପାଇ ସେହୁ ଚହଳି ପାଡ଼ଇ ବହୁତ । ୨୪ । ଧର୍ମ୍ମପଥ ଯେହୁ

ଉଲ୍ଲଙ୍ଘନ କରି ଅଧର୍ମେ କରଇ ଗମନ । ସ୍ୱପ୍ରବୃତ୍ତିବଶେ କରମ ଚରଣ ବେଦ-
ବାକ୍ୟ କରେ ଖଣ୍ଡନ । ରାଜପୁରୁଷ । ରାଜା ଯେହୁ ଧର୍ମ ଭେଦଇ । ବୈତରଣୀ
ନାମେ ନରକେ ପଡ଼ିଣ ନାନା କ୍ଲେଶ ତହିଁ ଭୋଗଇ । ୨୫ । ସର୍ବ ନରକର
ପରିଖା ସ୍ୱରୂପ ସେହି ନଦୀ ଅଛି ଭୀଷଣା । କୁମ୍ଭୀରାଦି ହିଂସ୍ର ଜଳଜନ୍ତୁ ଦୃଷ୍ଟି
ଦିଅନ୍ତି ଅଶେଷ ଯନ୍ତ୍ରଣା । କରେ ଭକ୍ଷଣ । ତଥା ଜନ ଛାଡ଼େ ପରାଣ । ବିଷ୍ଠା,
ମୂତ୍ର, ପୂଜ, ଶୋଣିତାଦି ଭକ୍ଷି ନାନାମତେ ଲଭେ କଷଣ । ୨୬ । ଯେ ବ୍ରାହ୍ମଣ
ଖାନ ଗର୍ବ ଭିଦି ପାଳେ ମୃଗୟା ଦ୍ୱାରା ପ୍ରାଣୀହିଂସେ । ଯମଦୂତଗଣ ବାଣବିଦ୍ଧ
କରି ନାନା ପରକାର ତାଡ଼ସେ । ଦ୍ୱିଜ ଦାମ୍ଭିକ । ଦମ୍ଭ ପ୍ରକାଶର କାରଣ ।
ଲାଗି ପଶୁମାରେ ତାଙ୍କୁ ଯମଦୂତ ବୈଷସେ କରଇ ପତନ । ୨୭ । ବିବିଧ
ଯନ୍ତ୍ରଣା ଦେଇ ତା ଶରୀର କରି ଦିଅନ୍ତି ଛିନ୍ନ ଭିନ୍ନ । କାମ ବିମୋହିତ ହୋଇ
ଯେଉଁ ନର କରାଇ ସ୍ତ୍ରୀଙ୍କୁ ଶୁକ୍ରପାନ । ନଦୀମଧ୍ୟେ ସେ । ପଡ଼ିଣ ଶୁକ୍ରପିଏ
ବଳେ । ନାନା ପରକାର ପୀଡ଼ା ପ୍ରାପ୍ତହୋଇ ରୋଦନ କରଇ ପ୍ରବଳେ ।୨୮।
ଦସ୍ୟୁବୃତ୍ତି ଯେହୁ କରଇ ନ୍ୟସ୍ତ ଗୃହରେ ଅଗ୍ନି ଯେ ଲଗାଇ । ଯେ ରାଜା
ଗ୍ରାମାଦି ନଷ୍ଟ କରନ୍ତିଏ ପରକାଳରେ ସେହୁ ଯାଇ । ସାତ ଶତକ । ବିଂଶତି
ସଙ୍ଖ୍ୟକ କୁକ୍କୁର । ବଜ୍ରତୁଲ୍ୟ ଦାନ୍ତେ ଚୋବାଇ ଚୋବାଇ ଶେଷରେ କରନ୍ତି
ଆହାର । ୨୯ । ଯେହୁ ଇହଲୋକେ ସାକ୍ଷ୍ୟ ଦେବା କାଳେ କ୍ରୟ ବିକ୍ରୟ
କାଳେ ଯେହି । ଦାନକାଳେ ଯେହୁ ମିଥ୍ୟାକଥା କହେ ଉଚ୍ଚ ପର୍ବତୋପରେ
ନେଇ । ଶତ ଯୋଜନ । ଉଚ୍ଚରୁ ପକାଇ ଦିଅନ୍ତି । ଅବୀଚି ନାମକ ନରକେ
ପଡ଼ିଣ କଷଣ ଲଭଇ ସେ ଅଛି । ୩୦ । ଯେ ସ୍ଥାନେ ପାଷାଣ ପୃଷ୍ଠସ୍ଥ ତରଙ୍ଗ
ଶୂନ୍ୟ ଜଳପରି ଦିଶଇ । ଅବୀଚିମତ ନରକ ବୋଲାଇ ସେ ପାପୀଙ୍କୁ ତହିଁରେ
ପକାଇ । କରେ କର୍ତ୍ତନ । ଟିକି ଟିକି କରି ତା ଦେହ । ତହିଁରେ ତାହାର ମୃତ୍ୟୁ
ନ ଘଟଇ ପୀଡ଼ନେ ହୋଇଯାଏ ମୋହ । ୩୧ । ଯେ ବ୍ରାହ୍ମଣୀ ହୋଇ କରେ
ସୁରାପାନ ବ୍ରତୀ କରେ ଯେବେ ତେସନ । ଯମଦୂତ ନେଇ ନରକେ ପକାଇ
ତା ବକ୍ଷେ କରନ୍ତି ପୀଡ଼ନ । ଅଗ୍ନି ସଂଯୋଗେ । ଲୌହ ଦ୍ରବୀଭୂତ କରାଇ ।୩୨।
ସେଚନ କରନ୍ତି ତାହାର ସର୍ବାଙ୍ଗେ ‘ହାଉଳେ’ ‘ହାଉଳେ’ ସେ ହୋଇ ।
ଅଧମ ହୋଇ ଯେ ବଡ଼ ଦେଖାଇଣ ଅହଙ୍କାର କରେ ବିସ୍ତର । ମାନନୀୟଙ୍କୁଠି
ଅସମ୍ମାନ କରେ ପରକାଳେ କ୍ଲେଶ ଅପାର । ଲଭେ ସନ୍ତତ । କ୍ଷାର କର୍ଦ୍ଦମ
ମଧ୍ୟେ ପଡ଼ି । ଅଧଃଶିର ହୋଇ ପଡ଼ିତ ହୁଅଇ କ୍ରନ୍ଦନ କରି ଛାଡ଼େ

ରଡ଼ି । ୩୩ । ଭୈରବାଦି ଦେବ ଅର୍ଚ୍ଚନାକରେ ଯେ ପ୍ରାଣୀହିଂସା କରି ସତତ । ଯେ ନାରୀ ପୁରୁଷ ପଶୁ ମାଂସ ଭକ୍ଷେ ସେ ପଶୁ ପୁରୁଷ ନିଶ୍ଚିତ । ପର-କାଳରେ । ହୁଏ ତମୋରୂପ ରାକ୍ଷସ । ତୀକ୍ଷ୍ଣଅସ୍ତ୍ରଦ୍ୱାରା ଦେହ ଛିନ୍ନ ଭିନ୍ନ ଭକ୍ଷଣ କରେ ରକ୍ତ ମାଂସ । ୩୪ । ଜନ୍ତୁ ମାନର ତ ବଞ୍ଚିବାର ଇଚ୍ଛା କ୍ରୀଡ଼ାର୍ଥ ଯେ ତାଙ୍କୁ ଧରଇ । ମାରି କେ ପକାଏ ନାନା କ୍ଲେଶ ଦେଇ କୌତୁକେ ଖେଳାଇ ଖେଳାଇ । ପରକାଳରେ । ଗିୟୂଶୂଳାଦିରେ ସେ ବିଦ୍ଧ । ହୋଇ କ୍ଷୁଧା ତୃଷ୍ଣା ପୀଡ଼ିତ ଅତ୍ୟନ୍ତ ନିଜ ପାପ ସ୍ମରେ ନିର୍ବୋଧ । ୩୫ । ଉଗ୍ର ସ୍ୱଭାବ ଯେ ହୋଇ ପ୍ରାଣୀଗଣେ ଉଦ୍ବେଗ ଜନ୍ମାଏ ନିଶ୍ଚିତ । ଦନ୍ଦଶୂକ ନାମ ନରକେ ପଡ଼ଇ ସର୍ପଦ୍ୱାରା ହୁଏ ଦଂଶିତ । ପରିଶେଷରେ । ମୂଷା ଗିଳିଲା ପରି ଗିଳେ । ଅତ୍ୟନ୍ତ ଯନ୍ତ୍ରଣା ସହି ନ ପାରିଣ କାନ୍ଦଇ ଅତ୍ୟନ୍ତ ବିକଳେ । ୩୬ । ଅନ୍ଧକାର ମୟ ଗର୍ତ୍ତ ଗୁହାଦିରେ ପ୍ରାଣୀ କରେ ଯେ ଅବରୁଦ୍ଧ । ପରକାଳେ ସେହି ସେହିମତ ତହିଁ ରୁଦ୍ଧ ହୋଇ ରହେ ନିର୍ବୋଧ । ବିଷ ସହିତ । ଅଗ୍ନି ଧୂମେ ଯାଏ କଷଣ । ହାହାକାର କରି ଚିତ୍କାର କରିଣ ଅତି ଉଚ୍ଚେ କରେ କ୍ରନ୍ଦନ । ୩୭ । ଗୃହ ସ୍ୱାମୀ ଯେହି କ୍ରୁଦ୍ଧ ହୋଇ ଯାଏ ଅତିଥି ଦେଖିଲେ ଆଗତ । କ୍ରୋଧ–ବଶେ ବକ୍ରେ ଚକ୍ଷୁ ଅନାଇ ମୁଖକୁ କରଇ ବିକୃତ । ପରକାଳରେ । ନିରୟେ ହୁଅଇ ପତିତ । ବଜ୍ର ତୁଣ୍ଡଧାରୀ କଙ୍କାଦି ତା ଚକ୍ଷୁ ଉତ୍ପାଟନ କରେ ନିଶ୍ଚିତ । ୩୮ । ଧନଗର୍ବେ ଯେହୁ ଗର୍ବିତ ହୋଇଣ ମୁଁ ବଡ଼ ବୋଲିଣ ଭାବଇ । ଲୋକ ପ୍ରତି ବକ୍ର ଦୃଷ୍ଟି ନିକ୍ଷେପିଣ ଖଳକ ଥାଇଟି ଫୁଲଇ । ଗୁରୁଜନଙ୍କୁ ଧନାପହରଣେ ଡରଇ । ଯକ୍ଷ ପ୍ରାୟେ ଧନ ରକ୍ଷା ମାତ୍ର କରେ ପ୍ରଦାନ ଭୋଗ ନ କରଇ । ୩୯ । ସେହି ବ୍ୟକ୍ତି ସୂଚୀମୁଖ ନରକରେ ନିଶ୍ଚିତ ହୁଏ ନିପତିତ । ଦେହକୁ ତାହାର ସୂତାରେ ସିଲାଇ କରି ପକାନ୍ତି ଯମଦୂତ । ଉହୁ ଉହୁ ସେ । ହୋଇ ଯାଏ ବଡ଼ କଷଣ । ଉପାୟ ନ ପାଇ ଛଟପଟ ହୋଇ କେବଳ କରଇ କ୍ରନ୍ଦନ । ୪୦ । ସହସ୍ର ସହସ୍ର ନରକ ଯନ୍ତ୍ରଣା ଯମାଳୟେ ଅଛି ରାଜନ । କେତେ କେ କହିବ କହି ସେ ନୋହିବ ପାପୀଏ କରନ୍ତି ଯେସନ । କର୍ମ ଏ ଲୋକେ । ତଥା ଫଳ ଭୋଗେ ସେ ସ୍ଥାନେ । ଏହି ମତ ଶୁଣ ବୁଝ ପରୀକ୍ଷିତ କହି ନୁହେ ତାହା ବରନେ । ୪୧ । ପାପୀଙ୍କୁ ଯେସନ ନରକ ଯନ୍ତ୍ରଣା ଧାର୍ମିକ ସ୍ୱର୍ଗାଦି ଲଭଇ ।

ଚତୁର୍ଦ୍ଦଶଲୋକେ ଏହିରୂପ ବୁଝ ସୁଫଳ କୁଫଳ ଭୋଗଇ । ଜୀବ ଅଜୀବ । ସକଳେ କର୍ମ୍ମର ଆଯୃତ୍ତ । କୃଷ୍ଣାର୍ପିତ କର୍ମ୍ମ ନ ଫଳଇ ଫଳ ବୈକୁଣ୍ଠ ନ ବୁଝିଲା ତତ୍ତ୍ୱ । ୪୬ ।

୧୪/୧୫ ଛାନ୍ଦ ।

ନାମ ମହାତ୍ମ୍ୟ ।

ରାଗ—ଶଙ୍କରାଭରଣ ।

ନାରାୟଣ ବାସୁଦେବ ବିଷ୍ଣୁ ଜନାର୍ଦ୍ଦନ ।ଗୋବିନ୍ଦ ଗୋପାଳ ହରି କୃଷ୍ଣ ସ୍ୱଭୂ ଇନ । କର ନାମ ସଂକୀର୍ତ୍ତନ । ନାମର ମହାତ୍ମ୍ୟ ଗୀତ କରିବା ଗାୟନ । ୧ ! ନର ମାନଙ୍କ ଆଶ୍ରୟ ତେଣୁ ନାରାୟଣ । ସର୍ବପ୍ରାଣୀ ଅନ୍ତର୍ଯ୍ୟାମୀ ସର୍ବସାକ୍ଷୀ ପୁଣ । ଯେଣୁ ସର୍ବେଶ୍ୱର ସ୍ୱତଃ । ବାସୁଦେବ ତେଣୁ କିମ୍ବା ବସୁଦେବ ପୁତ୍ର । ୨ ।ସର୍ବ- ବ୍ୟାପୀ ହେତୁ ବିଷ୍ଣୁ ପାଳକ ନରର । ଜନାର୍ଦ୍ଦନ ନାମ ତେଣୁ ଗୋବିନ୍ଦ ଗୋପାଳ । ଯେଣୁ ଇନ୍ଦ୍ରିୟ ପାଳକ । କିମ୍ବା ଗୋରୁଗଣଙ୍କର ଅଟନ୍ତି ରକ୍ଷକ ।୩ । ହରଣ କରନ୍ତି ବୋଲି ହରି ନାମ ଖ୍ୟାତ । କର୍ଷଣ କାରକ ବୋଲି କୃଷ୍ଣ ନାମ ସ୍ୱତଃ । ଯେଣୁ ନିଜେ ହୋଇଛନ୍ତି । ସ୍ୱଭୂନାମ ଶ୍ରେଷ୍ଠ ହେତୁ ଇନ ସେ ବୋଲନ୍ତି । ୪ । ଏହିମତେ ନାନା ଅର୍ଥ କରନ୍ତି ପଣ୍ଡିତ । ଯେତେ ଅର୍ଥ କର ତାହା ହୁଅଇ ସଙ୍ଗତ । ଗୁଣ ମହିମା ସଂକ୍ଷିପ୍ତ । ନାନା ନାମେ ଖ୍ୟାତ ଦେଖାଯାଏ ତାର ସୂତ୍ର । ୫ । ଏତ ସବୁ ସାଧାରଣ ମହାତ୍ମ୍ୟ ନାମର । ପ୍ରତ୍ୟେକ ନାମର ଅଛି ଭିନ୍ନ ପରକାର । ଯଥା ନାରାୟଣ ନାମ । ସର୍ବ ପାପ ଧ୍ୱଂସ କରି ଦିଏ ଶ୍ରେଷ୍ଠ ଧାମ । ୬ । ବାସୁଦେବ ନାମ ସର୍ବସିଦ୍ଧିର କାରଣ । ବିଷ୍ଣୁ ନାମ ଉଚ୍ଚାରଣ ପବିତ୍ର କରଣ । ସର୍ବକାର୍ଯ୍ୟେ ଜନାର୍ଦ୍ଦନ । ଗୋବିନ୍ଦ ଗୋପାଳ ନାମ ଭକ୍ତି ଉଦ୍ଦୀପନ । ୭ । ହରିନାମ ସଂକୀର୍ତ୍ତନ ପ୍ରେମର ବର୍ଦ୍ଧନ । ତଥା କୃଷ୍ଣ ନାମ ସଦା ଭଜନ ସ୍ମରଣ । ସ୍ୱଭୂ ଇନ ଦୁଇନାମ । ବୈଭବ ଜ୍ଞାନ ମିଳଇ ପୂର୍ଣ୍ଣ କରେ କାମ । ୮ । ଖାଲି ବୁଝି ନେବାପାଇଁ ଦାଣ୍ଡକଥା ଏହି । ପ୍ରତ୍ୟେକ ନାମ ମହାତ୍ମ୍ୟ

ଅସଂଖ୍ୟ ଅଟଇ । ସବୁ ମହାତ୍ମ୍ୟ ନାମର । ବର୍ଣ୍ଣିବ କିଏ କ୍ଷମତା ଅଛଇ କାହାର
। ୯ । ପ୍ରତ୍ୟେକ ନାମର ଅଛି ମହାତ୍ମ୍ୟ ପ୍ରତ୍ୟେକ । ଭଜନ ସ୍ମରଣ ବାଗ ଅଟଇ
ପୃଥକ । ଖାଲି ଗୁରୁସେବା ବଳେ । ଲଭନ୍ତି ପ୍ରାଣୀ ନିଜ ନିଜ ସେବା ଫଳେ
। ୧୦ । ପ୍ରଭୁ ଠାରୁ ନାମ ବଡ଼ ପ୍ରଭୁନାମ ସମ । ଯେହ୍ନେ ପ୍ରଭୁର ମହିମା
ପ୍ରଭୁଙ୍କୁ ଅଗମ୍ୟ । ସର୍ବାଙ୍କଙ୍କର ଲଘିମା । ବେଦେ ଦେଖାଇ ଅଛନ୍ତି ବଡ଼ ନା
ମହିମା । ୧୧ । ନାମର ମହାତ୍ମ୍ୟ ପାଏ ନାମର ଆଶ୍ରିତ । ନାମବଳେ ପ୍ରଭୁଙ୍କୁ
ସେ କରେ ବଶୀଭୂତ । ସେହି ଭକ୍ତ ଏକ ଠାଣ । ପ୍ରଭୁର ସେ କୃପାପାତ୍ର ସେହି
ହୁଏ ତ୍ରାଣ । ୧୨ । ସହଜେ ବୁଝିବା ସବୁ ଦୃଷ୍ଟାନ୍ତର ଦ୍ୱାର । ଶୁଣି ବିବେକ
କରିଲେ ପଡ଼ିଯିବ ଧର । ଯେଦ୍ରବ୍ୟର ଯେଉଁ ଗୁଣ । ଅବଶ୍ୟ କରିବ ସେହି
ନୋହିବଟି ଆନ । ୧୩ । ଅଗ୍ନିର ଉତ୍ତାପଗୁଣ ନୁହଇ ଖଣ୍ଡନ । ଖଣ୍ଡନ ହେଲେ
ତା ଅଗ୍ନି ହୁଅଇ କେସନ । ତଥା ମହାତ୍ମ୍ୟ ନାମର । କଦାପି ଅନ୍ୟଥା ନୁହେ
ନିଶ୍ଚେ ଅନିର୍ବାର । ୧୪ । ଶାସ୍ତ୍ରୀୟ ଉଦାହରଣ ବୁଝିବା ପ୍ରମାଣ । ଉଲ୍ଲିଖିତ
ସୂତ୍ର ସଙ୍ଗେ ଘଟାଇବା ପୁଣ । ପାଇ ପାରିବା ଆଭାସ । କେତେକ ସନ୍ଦେହ ଭୁଟି
ଯାଇବ ଅବଶ୍ୟ । ୧୫ । ପୂର୍ବକାଳେ ଥିଲା ଦ୍ୱିଜ ନାମ ଅଜାମିଳ । ସର୍ବଦା
କରୁଣ ଥିଲା ପାପ ପରବଳ । ପ୍ରାଣୀ ଉତ୍ପୀଡ଼ନକାରୀ । ବଞ୍ଚନା ଶଠତା କାର୍ଯ୍ୟେ
କରେ ପୁଣି ଚୋରି । ୧୬ । ଖୁଆଏ ପରର ଶସ୍ୟ ପଶୁ ଛାଡ଼ି ଦେଇ । ଅଗ୍ନି
ଲଗାଏ କା ଘରେ ମିଥ୍ୟା କଥା କହି । ମହାପାପର ସୀମା ନାହିଁ ।
ପ୍ରାଣୀହତ୍ୟା ଶତଶତ କୌତୁକେ କରଇ । ୧୭ । ଏମନ୍ତ
ପାପ ନାହିଁ ଯା କେବେ କରିନାହିଁ । ଦ୍ୟୂତ ମଦ୍ୟପାନ ପରନାରୀରେ
ରମଇ । ଭ୍ରୂଣହତ୍ୟା ଶତ ଶତ । ପାପେ ଶରୀର ଜୀବନ ହୋଇଲା ଦୂଷିତ ।୧୮।
କନିଷ୍ଠ ପୁତ୍ରର ନାମ ଅଟେ ନାରାୟଣ । ତାହାଠାରେ ଅନୁରକ୍ତ ଅଜାମିଳପୁଣ ।
ତାର ଦେଖି ପିତୃଭକ୍ତି । ସବୁବେଳେ ସବୁକାର୍ଯ୍ୟେ ଡାକେ ତାକୁ ଅତି ।୧୯।
ବୃଦ୍ଧପିତାର ସେ ସେବା ଶୁଶ୍ରୂଷା କରଇ । ନାରାୟଣ ସମ ପୁତ୍ର ଆଉ କେହି
ନୋହି । ତେଣୁ ଅତ୍ୟନ୍ତ ଅଭ୍ୟାସ । ଅଜାମିଳର ହୋଇଲା ସଦା ଡାକେ ଆସ ।୨୦।
ଆପଣା ପାଶରୁ କ୍ଷଣେ ନ କରେ ଅନ୍ତର । ସାମାନ୍ୟ କ୍ଳେଶ ମଣିଲେ
ଡାକଇ ସତ୍ୱର । ନାରାୟଣ ନାଶେ କ୍ଳେଶ । ଉପାୟେ କରି ଦଅଇ ବୁଝାଇ
ଆଶ୍ୱାସ । ୨୧ । ମରଣ କାଳ ତାହାର ପହୁଞ୍ଚିଲା ଆସି । ଅଜାମିଳେ
ଯମଦୂତ ବାନ୍ଧିଦେଲେ କସି । ପୁଣେ ଡାକେ ନାରାୟଣ । ଏ ଦୁଇଟା କିଏ ବାପ

କରନ୍ତି ବନ୍ଧନ । ୨୨ । ଦୂତଙ୍କ ଭୀଷଣାକାର ଦେଖି ଡର ଗଲା । ଅତ୍ୟନ୍ତ କାତରସ୍ୱରେ ପୁତ୍ରକୁ ଡାକିଲା । ତାର ଅଟେ ଯଥାବେଳ । ନାମର ମହାତ୍ମ୍ୟ ସେଠି ହୋଇଲା ପ୍ରବଳ । ୨୩ । ନାରାୟଣ ଏ ଚାରି ଅକ୍ଷର ଚାରି ମୂର୍ତ୍ତି । ହୋଇଗଲେ ବିଷ୍ଣୁଦୂତ ଆସି ତାରକଣ୍ଠି । ଯମଦୂତେ ଘଉଡାଇ । ବନ୍ଧନ ଫିଟାଇ ଦେଇ ଆଶ୍ୱାସ ଦିଅଇ । ୨୪ । କିଛି ଚିନ୍ତା କର ନାହିଁ ବିପ୍ର ଅଜାମିଳ । କହି ଆଉଁସି ଦେଲେ ତା ସର୍ବ କଳେବର । ପୁଷ୍ପଯାନେ ବସାଇଲେ । ପ୍ରେମଭରେ ବୈକୁଣ୍ଠପୁରକୁ ଘେନି ଗଲେ । ୨୫ । ଯମଦୂତେ ବିମୁଖ ହୋଇଲେ ଲଜ୍ଜାପାଇ । ଯମ ଆଗେ ଫେରାଦ ହୋଇଲେ ସ୍ୱର୍ଗେ ଯାଇଁ । ଯମ ଦେଲେ ଉପଦେଶ । ନାମର ମହାତ୍ମ୍ୟ ତାଙ୍କୁ ବୁଝାଇ ବିଶେଷ । ୨୬ । ନାମୋଚ୍ଚାରଣର ପୁଣି ନାମର କୀର୍ତ୍ତନ । ପ୍ରଭୁ ମହିମା କଥନ ଲିଖନ ପଠନ । ବିଷ୍ଣୁ ଧର୍ମର ପ୍ରାଧାନ୍ୟ । ଯମ ନିଜ ଦୂତେ ବୁଝାଇଲେ ତତକ୍ଷଣ । ୨୭ । ଦୂତଗଣେ କରାଇଲେ ବହୁ ସାବଧାନ । ବୈଷ୍ଣବ ନିକଟେ ତୁମ୍ଭେ ନ ଯା କଦାଚନ । ମୋର ନାହିଁ ଅଧିକାର । ନାମାଶ୍ରିତ କୃଷ୍ଣଭକ୍ତ ସ୍ୱତନ୍ତ୍ର ପ୍ରକାର ।୨୮। ପାପ ନାହିଁ ତାଙ୍କ ଦେହେ ଶୁଣ ଦୂତଗଣ । ପାପକଲେ ନାମବଳେ ହୁଅଇ ଦହନ । ସଦା ନିଷ୍ପାପ ଅଟନ୍ତି । ନାମମାତ୍ର ଉଚ୍ଚାରଣେ ପବିତ୍ର ହୁଅନ୍ତି । ୨୯ । ଦେଖିଲ ତ ଅଜାମିଳ ନାମ ଉଚ୍ଚାରଣେ । ପ୍ରଭୁଙ୍କୁ ନ ଡାକି ପୁତ୍ରେ ଡାକିଲା ଅଜ୍ଞାନେ । ଥରେ ମାତ୍ର ଉଚ୍ଚାରଣ । ମୋ ଅଧିକାରୁଁ ଖସିଲା ଦଣ୍ଡୁଁ ହେଲା ତ୍ରାଣ । ୩୦ । ନାମକୀର୍ତ୍ତନ ସ୍ମରଣ ଗୃଣନ ଶ୍ରବଣ । କରିବ ଯେ ତାକୁ କେହି କରିବ ବନ୍ଧନ । ତାରେ ଅଧିକାର ନାହିଁ । ସେ ତ ଦଣ୍ଡନୀୟ ନୁହେ ଆଣିବ କପାଇଁ । ୩୧ । ଶୁଣିଲ ସେ ଯେତେବେଳେ ନାମ ଉଚ୍ଚାରଣ । କଲା ଅନ୍ୟାୟ ହୋଇଲା କରିବା ବନ୍ଧନ । ଆଉ କେବେ ନ କରିବ । ନାମ ନାମୀ ଆଶ୍ରିତଙ୍କ ନିକଟେ ନ ଯିବ । ୩୨ । କ୍ଷମା ପ୍ରାର୍ଥନା କରିଲେ ପ୍ରଭୁ ନିକଟରେ । ନାନାପ୍ରକାର ସ୍ତବଲେ କାତରଭାବରେ । କହେ ହେ ଅଧମତ୍ରାଣ । ହୋଇ ଯାଇଛି ମୋ ଦୋଷ କର ତା ମାର୍ଜନ । ୩୩ । ନ ଜାଣି ମୋ ଦୂତଗଣ କରିଛନ୍ତି ଦୋଷ । ନାହିଁ ତୋରେ ତୋର ନାମେ ତାଙ୍କର ବିଶ୍ୱାସ । ପ୍ରଭୋ ଦୟାର ସାଗର । କ୍ଷମାର୍ଣ୍ଣବ କ୍ଷମା ଦିଅ ମୁଁ ତୋର କିଙ୍କର । ୩୪ । ଏହି ମତେ ନାନା ସ୍ତବ ଧର୍ମରାଜ କର । ଦୂତଗଣେ ବିଦା ଦେଲେ ନ କର ଏପରି । କହି ହୋଇଲେ ଦୁଃଖିତ । ଧର୍ମରାଜ ନାମ ତାର ଭାରି ବିଷ୍ଣୁଭକ୍ତ । ୩୫ । ଦ୍ୱାପରେ ଦ୍ୱାରକାପୁରେ କୃଷ୍ଣ ଅବତାରେ । ପାରିଜାତ

ହରଣର କିଛିଦିନ ପରେ । ଭାବେ ନାରଦ ଅନ୍ତର । ସତ୍ୟଭାମାର ଗରବ
ବଢ଼ିଛି ବହୁତର । ୩୬ । କୃଷ୍ଣେ ନିବେଦିଲେ ଆସି ନିଭୃତେ ନାରଦ । ସତ୍ୟ-
ଭାମାର ଗରବ କରିବି ମୁଁ ରଦ । ପ୍ରଭୁ ଗୋ କିଛି ନ କହିବ । ଯାହା ମୁଁ କହିବି
ଅନୁମୋଦନ କରିବ । ୩୭ । କୃଷ୍ଣ ଅନୁମତି ନେଇ ଗଲେ ଅନ୍ତଃପୁରେ ।
ସତ୍ୟଭାମା ଦେଖି ବଡ଼ ସମାଦର କରେ । ପୂଜା କଲେ ବିଧିମତେ । ଅତି
ପ୍ରୀତିଭାବ ତାଙ୍କୁ କରାଇଲେ ପ୍ରତେ । ୩୮ । ନାରଦ କହନ୍ତି ତୋର ପୂଜା
ସୁମହତ । ଏଥିପାଇଁ କୃଷ୍ଣ ତୋରେ ଅତି ବଶୀଭୂତ । ରହିବ କି ସବୁକାଳେ ।
କାହାର ନୁହେଁ ସେ କୃଷ୍ଣ ଜାଣନ୍ତି ସକଳେ । ୩୯ । ସତ୍ୟଭାମା କହେ ନାର-
ଦଙ୍କ ପାଦ ଧରି । ସଦାକାଳେ ଏହି ଭାବ ରହିବ ଯେପରି । କହ ଉପାୟ
ତାହାର । ସର୍ବଜ୍ଞ ସର୍ବ ତତ୍ତ୍ୱଜ୍ଞ ତୁମ୍ଭେ ଋଷିବର । ୪୦ । କରି ପାରିବୁ କି ତୁହି
ନାରଦ କହଇ । ଅତି କଠୋର ସାଧନ ବ୍ରତେକ ଅଛଇ । ସାଧି ପାରିଲେ
ସେ ବ୍ରତ । ଜନ୍ମଜନ୍ମାନ୍ତର କୃଷ୍ଣ ହେବେ ବଶୀଭୂତ । ୪୧ । କହି ନାରଦ
ଉଠିଲେ ଯିବାକୁ ଉଦ୍ୟତ । ସତ୍ୟଭାମା ପାଦଧରି କଲେ ଦଣ୍ଡବତ । ମୋତେ
ଦିଅ ଉପଦେଶ । ଯେରୂପ କହିବ ଆଜ୍ଞା କରିବି ଅବଶ୍ୟ । ୪୨ । ଯେବେ
କରିବ ସାଧନ କୃଷ୍ଣ ଷଡ଼କ୍ଷର । ମନ୍ତ୍ର ଶୁଚିମନ୍ତ ହୋଇ ଜପ ନିରନ୍ତର । ଆଗେ
କର ଏକମାସ । ଦ୍ୱିତୀୟମାସର ବିଧି କହିବି ଅବଶ୍ୟ । ୪୩ । କହି ନାରଦ
ଗମିଲେ ଏକାନ୍ତରେ ସତୀ । ସକଳ ନିବେଦ ନେଲେ କୃଷ୍ଣଙ୍କ ସମ୍ମତି । ନିଷ୍ଠାବତୀ
ଏକମାସ । କଲେ ନାରଦ ଆସିଣ ହୋଇଲେ ପ୍ରବେଶ । ୪୪ । ଦ୍ୱିତୀୟ
ମାସର ବିଧି ଦେଲେ ଉପଦେଶ । କ୍ରମେ କ୍ରମେ ପ୍ରତିମାସେ ହେଲା ଏକବର୍ଷ ।
ବ୍ରତ ପୂର୍ଣ୍ଣ ହେବାପାଇଁ । କୃଷ୍ଣଙ୍କୁ କରିବେ ଦାନ ନାରଦ କହଇ । ୪୫ । ନିଜେ
ଆସି ନେବେ ଦାନ ହେଲା ନିରୂପିତ । ଧାର୍ଯ୍ୟଦିନେ ଯଥାବେଳେ ହେଲେ
ଉପସ୍ଥିତ । ସତ୍ୟଭାମା ଦେଲେ ଦାନ । ବାକ୍ୟକରି ଋଷି କଲେ କୃଷ୍ଣଙ୍କୁ
ଗ୍ରହଣ । ୪୬ । କୃଷ୍ଣସ୍କନ୍ଧେ ବୀଣାଖଣ୍ଡ କରିଲେ ଅର୍ପଣ । କୃଷ୍ଣେ ଚାଲ ଚାଲ କହି
ଚାଲିଲେ ଆପଣ । କୃଷ୍ଣ ଆଗେ ଆଗେ ଗମି । ହସି ହସି ଚାଲୁଛନ୍ତି ପ୍ରଭୁ
ଅନ୍ତର୍ଯ୍ୟାମୀ । ୪୭ । ସକଳ ରାଣୀଏ ଶୁଣି ହେଲେ ଚୂର୍ଣ୍ଣୀଭୂତ । କ୍ରନ୍ଦନ କରି
କହନ୍ତି କାହିଁକି ଏମନ୍ତ । କହେ ନାରଦ ବିଶେଷି । ଧରନ୍ତି କୃଷ୍ଣଚରଣ ସର୍ବ
ରାଣୀ ଆସି । ୪୮ । ନାରଦେ କହନ୍ତି ରାଣୀ ଶୁଣ ଋଷିବର । ସେ କିଏ କଲା
ପ୍ରଦାନ ଏକାକୀ କି ତାର । ତୁମ୍ଭେ ଏହା କି ନ ଜାଣ । ଆମ୍ଭ ସମସ୍ତଙ୍କ ସତ୍ତ୍ୱ

କୃଷ୍ଣ ଆତ୍ମ ପ୍ରାଣ । ୪୯ । ସହି ନ ପାରନ୍ତି ପ୍ରଭୁ କାହାର କଷଣ । ଦୟାର୍ଦ୍ର
ହୋଇଲା ଚତ୍ତ ଜାଣି ତପୋଧନ । ଓଷ୍ଠ କାମୋଡ ଗୋପନେ । ନେତ୍ରଠାର
ମନାକଲେ କୃଷ୍ଣରହେ ମୌନେ । ୫୦ । ନିତାନ୍ତ ଆର୍ତ୍ତି ଦେଖିଣ ନାରଦ
କହଇ । ନିଅ ହରଣ କରିବ ଯେବେ ଦାନ ଦେଇ । ହେବ ନରକ ଯନ୍ତ୍ରଣା ।
ଶୁଣି ସର୍ବେ ଭୀତ ହେଲେ ଭୀଷଣ ଘଟନା । ୫୧ । ଅତି କାତରେ ନାରଦେ
କରିଲେ ଜଣାଣ । କହ ପ୍ରତିକାର ପ୍ରଭୁ ହୋଇ ଦୟାବାନ । ଶୁଣି ନାରଦ
କହଇ । ସେହି ଓଜନରେ ସୁନା ଦେଇଯାଅ ନେଇ । ୫୨ । ହର୍ଷେ ବହଲ
ହୋଇଲେ ରାଣୀଗଣ ଯାଇଁ । ବହି ଆଣିଲେ ସୁବର୍ଣ୍ଣ ଯାର ଥିଲା ଯାହି ।
କଣ୍ଟା ଲଗାଇ ଓଜନ । କଲେ ସବୁ ସୁନା ଦେଇ ନ ଘଣ୍ଟିଲା ଯେନ । ୫୩ ।
ହୋଇଲେ କାତର ସର୍ବେ ସୁନା ନ ଘଣ୍ଟିଲା । ଆଣ ରୂପା ଅଛି ଯେତେ
ନାରଦ କହିଲା । ଆଣି ଲଦିଲେ କଣ୍ଟାରେ । ତଳେ ନ ଉଠିଲେ କୃଷ୍ଣ
ନାରଦେ ଗୃହିଁଲେ । ୫୪ । ନାରଦ କହନ୍ତି ଯାହା ଦେଇପାର ଆଣ ।
ଯାହା ଘରେ ଥିଲା ଯାହା ଆଣିଲେ ବହିଣ । ସର୍ବେ ଝୁଣ୍ଟୁଣୀ ପର୍ଯ୍ୟନ୍ତ । ତଳେ
ନ ଉଠିଲେ କୃଷ୍ଣ ମଣିଲେ ଅଦ୍ଭୁତ । ୫୫ । ଶିରେ କର ଦେଇ ସର୍ବେ କରନ୍ତି
କ୍ରନ୍ଦନ । ଉଦ୍ଧବ ଆସି ପ୍ରବେଶ ହେଲେ ସେହିକ୍ଷଣ । ସବୁ ପଚାରି ବୁଝିଲେ ।
ଯେନ ଯାଅ ସର୍ବ କହି ଫିକର ପାଷ୍ଟଲେ । ୫୬ । ତହନେ 'କୃଷ୍ଣ' ଲେଖିଲେ
ତୁଳସୀଦଳରେ । କୃଷ୍ଣ ବିପରୀତ କଣ୍ଟାପାଲେ ଥୋଇ ଦେଲେ । କୃଷ୍ଣ ପାଲି
ଉଠିଗଲା । କଣ୍ଟାଦଣ୍ଡ ସିଧା ହେଲା ନାମ ନ ଉଠିଲା । ୫୭ । ନାରଦ
ତୁଳସୀଦଳ ନାମ ନେଇ ଶିରେ । ବୀଣା ବଜାଇ ବହିଲେ କୀର୍ତ୍ତନ କରିଲେ ।
ଚାଲିଗଲେ ଶୂନ୍ୟମାର୍ଗେ । ନାମକୀର୍ତ୍ତନ କରିଣ ପ୍ରବେଶିଲେ ସ୍ୱର୍ଗେ । ୫୮ ।
ବୁଝାଇ ଦେଲେ ଶ୍ରୀକୃଷ୍ଣ ଏଥିର କାରଣ । ସତ୍ୟଭାମା ଗର୍ବ ଖର୍ବ ହେଲା ସେହି
କ୍ଷଣ । ବଡ଼ ବୈଷ୍ଣବ ଉଦ୍ଧବ । ନାମ ମହାତ୍ମ୍ୟ ଜାଣଇ ହେଲା ତା ଉଭବ । ୫୯ ।
ବୈଷ୍ଣବ ବ୍ୟତୀତ ନାମମହାତ୍ମ୍ୟ କେ ଜାଣେ । ଅକ୍ଷରଜ୍ଞାନରେ ତାଙ୍କୁ ଅବିଶ୍ୱାସ
ମଣେ । ତାଙ୍କୁ କରିଲେ କର୍ଷଣ । ଜଣାପଡ଼ିଯାଏ ନାମ ହେଲେ ସୁପ୍ରସନ୍ନ । ୬୦ ।
ସୂର୍ଯ୍ୟବଂଶେ ଜାତ ନାମ୍ ଖଟ୍ୱାଙ୍ଗନୃପତି । ଧନୁର୍ବେଦବିଶାରଦ ବୀରପଣ ଅତି ।
ସ୍ୱର୍ଗେ ପଡ଼ିଲା ସଙ୍କଟ । ରାକ୍ଷସେ ମାଡିଣ କଲେ ଦେବେ ଛଟପଟ । ୬୧ ।
ରାକ୍ଷସ୍ ଦମନପାଇଁ ଖଟ୍ୱାଙ୍ଗଙ୍କୁ ନେଇ । ଖଟ୍ୱାଙ୍ଗ କରିଲେ ଯୁଦ୍ଧ ରାକ୍ଷସେ ମାରଇ ।
କଲେ ଶାନ୍ତିର ବିଧାନ । ଅତି ଆନନ୍ଦିତ ହେଲେ ସର୍ବ ଦେବଗଣ । ୬୨ ।

କି ବର ମାଗିବ ମାତା ବରକ୍ଷ କହିଲେ । ଯମପୁର ଦେଖିବାକୁ ଖଟ୍ୱାଙ୍ଗ ବୋଇଲେ । ବ୍ରହ୍ମା ସଙ୍ଗେ ସଙ୍ଗେ ନେଇ । ଯମପୁର ଦେଖାଇଲେ ବଡ଼ ହୃଷ୍ଟ ହୋଇ । ୬୩ । ଖଟ୍ୱାଙ୍ଗ ବୋଇଲେ କେତେ ଅଛି ମୋ ଆୟୁଷ । ଯମ କହିଲେ ଆଉତ ଘୃରଦଣ୍ଡ ଶେଷ । ଶୁଣି ଖଟ୍ୱାଙ୍ଗ ନୃପତି । କାତରେ ବ୍ରହ୍ମାଙ୍କୁ ପୁଚ୍ଛେ କି ହେବ ମୋ ଗତି ।୬୪। ବ୍ରହ୍ମା ଉପଦେଶମତେ ଘରେ ଆସି ନାମ । ଘୃରଦଣ୍ଡ ମାତ୍ର କଲେ ସଂକୀର୍ତ୍ତନେ ଶ୍ରମ । ହେଲା ତାର ମୃତ୍ୟୁକାଳ । ବିଷ୍ଣୁଦୂତ ଆସି ନେଲେ ବଇକୁଣ୍ଠ ପୁର ।୬୫। ନାମ ଯେତେପାପ ନଷ୍ଟ କରଣ ପରଇ । ପାପୀ ତେତେ ପାପ କରିବ ବାକାହିଁ । ନାମମହାତ୍ମ୍ୟ ଏମନ୍ତ । ବିଶ୍ୱାସ କରିବ କାହିଁ ଯେ ଅଭାଗ୍ୟବନ୍ତ । ୬୬ । ନାମର ମହାତ୍ମ୍ୟ କେବା ବର୍ଣ୍ଣିବ ଜଗତେ । ଅନୁଭବ ବିନା କେବେ ନ ହୁଅଇ ପ୍ରତେ । ଦେଖ କର ଅନୁଭବ । ବଇକୁଣ୍ଠ ଧାମ କୃପା ସତେ କି ପାଇବ । ୬୭ ।

୧୫/୧୬ ଛାନ୍ଦ ।

ଦକ୍ଷଙ୍କର ପ୍ରଜାସୃଷ୍ଟି ।

ରାଗ—ମୁନିବରବାଣୀ ।

ଦକ୍ଷ ପ୍ରଜାସୃଷ୍ଟି ପାଇଁ । ନାନାପ୍ରକାର ଚିନ୍ତଇ । କରେ ହରି ଆରାଧନ । ହୋଇ ତନ୍ମନ ହେ । ୧ । ସ୍ତୁତି କରିଲେ ଅପାର । ହଂସଗୁହ୍ୟ ନାମ ତାର । ସେ ସ୍ତବ ଅତି ସୁନ୍ଦର । ବର୍ଣ୍ଣେ ପ୍ରଘୃର ହେ । ୨ । ସର୍ବୋତ୍ତମ ଯେ ଈଶ୍ୱର । ତାଙ୍କୁ ମୋର ନମସ୍କାର । ଜୀବମାୟା ନିୟାମକ । ସର୍ବ ନାୟକ ହେ । ୩ । ପରମାଣ ସୀମା ନାହିଁ । ଜୀବ ଜାଣିବ ବା କାହିଁ । ଯାର ତତ୍ତ୍ୱ ବୁଦ୍ଧିଗଣେ । କେମନ୍ତେ ଜାଣେ ହେ । ୪ । ସ୍ୱୟଂ ପ୍ରକାଶ ସେ ପାଇଁ । ସିଦ୍ଧବସ୍ତୁ ତେଣୁ ସେହି । ସର୍ବହି ଅଛଇ ରହି । ପ୍ରକାଶ ହୋଇ ହେ । ୫ । ଜୀବର ଯେ ପୁରେ ବାସ । ତହିଁ ହୋଇଛି ପ୍ରକାଶ । ଜୀବର ଅଗମ୍ୟ ହୋଇ । ତାଙ୍କୁ ନମଇଁ ହେ । ୬ । ଦେହ ପ୍ରାଣେନ୍ଦ୍ରିୟ ଭୂତ । ଅନ୍ତଃକରଣ ତନ୍ମାତ୍ର । ନିଜ ଅଧିଷ୍ଠାତୃ

ଗଣେ । ଯେତେହେଁ ନ ଜାଣେ ହେ । ୭ । ଜୀବ ତଥା ଗୁଣମାନ । ନ ଜାଣି ହୁଏ ଅଜ୍ଞାନ । ଯାକୁ କେବେ ନ ଜାଣଇ । ତାକୁ ସ୍ତବଇ ହେ । ୮ । ମନ ଇନ୍ଦ୍ରିୟାଦି ଲୀନ । ସମାଧିରେ ହେଲେ ଯେନ । ଯାର ସ୍ୱରୂପ ପ୍ରତୀତ । ହୁଏ କଥିତ ଯେ । ୯ । ଶୁଦ୍ଧ ହଂସରୂପ ଯାରି । ତାକୁ ମୋର ନମସ୍କାର । ସପ୍ତବିଂଶ ଉପାଧିରେ । ରହେ ଗୁପ୍ତରେ ଯେ । ୧୦ । ସେହି ଉପାଧିଗଣରେ । ନିଜ ସ୍ୱରୂପ ବିଧିରେ । କରି ରଖିଛି ଆଚ୍ଛନ୍ନ । ହେଉ ପ୍ରସନ୍ନ ଯେ । ୧୧ । ମୁନିଏ ମନ୍ଥିର ବଳେ । କାଷ୍ଠୁ ଜନ୍ମାଏ ଅନଳେ । ଉପାଧି ମଧ୍ୟରୁ ଜ୍ଞାନୀ । ଅଣନ୍ତି ଛାଣି ହେ । ୧୨ । ସେ ପ୍ରଭୁ ମୋରେ ପ୍ରସନ୍ନ । ହେଉ ହେଉଛି ପ୍ରପନ୍ନ । ନିର୍ବାଣ ସୁଖାନୁଭବ । ଯାହାର ଭାବ ହେ । ୧୩ । ବସ୍ତୁ, ରୂପ ନାମଧାରୀ । ସର୍ବଶକ୍ତି ଅଧିକାରୀ । ଅନିର୍ବଚନୀୟ ଯେହି । ତାରେ ନମଇଁ ହେ ।୧୪। ବାକ୍ୟ ଦ୍ୱାରା ଯେ କଥିତ । ବୁଦ୍ଧି ଦ୍ୱାରା ଉଦ୍ଭାବିତ । ଇନ୍ଦ୍ରିୟଦ୍ୱାରା ଗୃହୀତ । ମନ କଳ୍ପିତ ଯେ । ୧୫ । ଏ ସର୍ବ ପ୍ରକାଶମାନ । ଅରୂପ ସେ ଭଗବାନ । ସକଳ ଯେହି କରଇ । ନିର୍ଲିପ୍ତ ଥାଇ ଯେ । ୧୬ । ଯହିଁରେ ଯାଂଠାରୁ ଯେହି । ଯାହା-ଦ୍ୱାରା ଯାହା ହୋଇ । ଯାହା ସମ୍ବନ୍ଧେ ଯା ପ୍ରତି । ବ୍ରହ୍ମର ମୂର୍ତ୍ତି ସେ । ୧୭ । ମୁଖ୍ୟ ଗୌଣ ଯେ କାରଣ । ନିରପେକ୍ଷ ହେତୁ ଯେନ । ସଜାତୀୟ ବିଜାତୀୟ । ଶୂନ୍ୟ ତନ୍ମୟ ହେ । ୧୮ । ଅବିଦ୍ୟାଦି ଶକ୍ତି ଯାର । ମୋହ ଜନ୍ମାଏ ଅପାର । ସେ ମହାପୁରୁଷେ ମୋର । ସୁନମସ୍କାର ହେ । ୧୯ । ଯୋଗ ଶାସ୍ତ୍ରେ କହେ ଯାର । ଅଛି ପାପାଦି ପ୍ରକାର । ସାଙ୍ଖ୍ୟକହେଂପାଦଶୂନ୍ୟ । ଏହି ବିଧାନରେ ।୨୦। ଉଭୟ ବିରୁଦ୍ଧାପନ୍ନ । ତର୍କରେ କଲେ ନିଷ୍ପନ୍ନ । ଉଭୟର ମତ ଏକ । ହୁଏ ବିବେକ ହେ ।୨୧। ଉଭୟର ଅନୁକୂଳ । ସେହି ବସ୍ତୁ ଶ୍ରେଷ୍ଠତର । ତା ଚରଣେ ନମସ୍କାର । ମୁଁ ତା କିଙ୍କର ହେ ।୨୨। କର୍ମସ୍ୱୀକାର ଯେ କରି । ନାନାରୂପେ ଅବତରି । ଭକ୍ତାନୁଗ୍ରହ କାରଣ । ଲଭଇ ଜନ୍ମ ହେ ।୨୩। ହେଉ ସେ ମୋରେ ପ୍ରସନ୍ନ । ଅନନ୍ତ ସେ ଭଗବାନ । ମୋ ମନୋରଥ ସକଳ । କରୁ ସଫଳ ହେ ।୨୪। ସ୍ତବ ଶୁଣି ନାରାୟଣ । ଦକ୍ଷେ ହୋଇଲେ ପ୍ରସନ୍ନ । ବେଗେ ଦେଲେ ଦରଶନ । ରୂପ ମୋହନ ହେ । ୨୫ । ଅଷ୍ଟାୟୁଧ ଅଷ୍ଟକରେ । ଶୋଭି ଦିଶେ ମନୋହରରେ । କଟିରେ ପୀତବସନ । ଅତି ଶୋଭନ ହେ । ୨୬ । ରୂପ ଶ୍ୟାମ ନବଘନ । ଅତି ପ୍ରସନ୍ନ ବଦନ । ସର୍ବାଭରଣେ ଭୂଷିତ । ସବଳଗାତ୍ର ହେ । ୨୭ । ଅଘମର୍ଷଣ ତୀର୍ଥ । ସର୍ବ ପବିତ୍ରୁଁ ପବିତ୍ର । ସେଠାରେ

ଦେଲେ ଦର୍ଶନ । ସେ ଭଗବାନ ହେ । ୨୮ । ଦକ୍ଷ ସେ ରୂପ ଦର୍ଶନେ ।
ଭକ୍ତି ଜନ୍ମିଲା ତା ମନେ । ଦୃଷ୍ଟେ କଲା ଦଣ୍ଡବତ । ଭୂମିପତିତ ହେ । ୨୯ ।
ଅତି ବିହ୍ୱଳିତ ହୋଇ । କିଛି ନ ପାରଇ କହି । ସର୍ବାନ୍ତର୍ଯ୍ୟାମୀ ତା ଜାଣି ।
ବଚନ ଭଣି ହେ । ୩୦ । ବତ୍ସ ଦକ୍ଷ ପ୍ରଜାପତି । ମୋଠାରେ କଲୁ ଭକତି ।
ତେଣୁ ତା ତପସ୍ୟା ସିଦ୍ଧି । ହେଲା ସମୃଦ୍ଧି ହେ । ୩୧ । ବ୍ରହ୍ମା ଭବ ଦେବଗଣ ।
ତୁମ୍ଭେ ପ୍ରଜାପତି ପୁଣ । ଲୋକ ହିତକାରୀଠାଇଁ । ପ୍ରସନ୍ନ ମୁହିଁ ହେ । ୩୨ ।
ପ୍ରଜାବୃଦ୍ଧିର କାରଣ । ତପ ତୁ କଲୁ କଠିଣ । ତେଣୁ ମୁଁ ହେଲି ପ୍ରସନ୍ନ ।
ଏବେ ତା ଶୁଣ ହେ । ୩୩ । କନ୍ୟାଟିଏ ଅଛି ଏହି । ଅସିକ୍ନୀ ନାମ ଏ ବହି ।
ପତ୍ନୀରେ କର ଗ୍ରହଣ । କର ସନ୍ତାନ ହେ । ୩୪ । ସେହି ସନ୍ତାନ ବହୁଳେ ।
ପ୍ରଜା ଜନ୍ମିବେ ପ୍ରବଳେ । ପ୍ରଜା ଏ ହେବେ ସର୍ଜନ । ଏହି ବିଧାନ ହେ । ୩୫ ।
କହି ପ୍ରଭୁ ଭଗବାନ । ହୋଇଗଲେ ଅନ୍ତର୍ଦ୍ଧାନ । ଦକ୍ଷ ସେ ପତ୍ନୀଗ୍ରହଣ । କଲେ
ବହନ ହେ । ୩୬ । ଅଯୁତ ପୁତ୍ରୋତ୍ପାଦନ । ଏକକାଳେ କଲେ ଯେନ ।
ହର୍ଯ୍ୟଶ୍ୱ ନାମେ ସକଳ । ହେଲେ ପ୍ରଚୁର ହେ । ୩୭ । ଏକ ସ୍ୱଭାବ ଆଚାର ।
ଏକପ୍ରକାର ଆକାର । ପିତା ପ୍ରଜାସୃଷ୍ଟି ପାଇଁ । ଆଦେଶ ଦେଇ ହେ । ୩୮ ।
ନାରାୟଣସର ତୀର୍ଥ । ତହିଁ ହେଲେ ଉପଗତ । ପ୍ରଜାସୃଷ୍ଟି ପାଇଁ ସେହି । ତପ
ସାଧଇ ହେ । ୩୯ । କିଛିଦିନ ଗଲା ବହି । ନାରଦ ଆସିଲେ ତହିଁ । ଛଳନା
କରଣ କହି । ତାଙ୍କୁ ଭୁଲାଇ ହେ । ୪୦ । ଭୂମି ଅନ୍ତ ଜାଣେ ନାହିଁ ।
ପ୍ରଜା ସର୍ଜିବା କାହିଁ । ତପସ୍ୟା କରୁଛ ବୃଥା । ଖେଦର କଥା ହେ । ୪୧ ।
ଅଜ୍ଞ ହୋଇଣ ପାଳକ । କର ପାରେନା ବିବେକ । ଏକ ରାଜ୍ୟ ଅଛି
ରଁହି । ବଳେକ ତହିଁ ହେ । ୪୨ । ଅଛି ପୁରୁଷେକ ମାତ୍ର । ଗର୍ଭରୁ
ନୋହେ ନିର୍ଗତ । ନାରୀଏ ଅଛଇ ତହିଁ । ସୁନଶୀ ସେହି ହେ । ୪୩ ।
ଧରଇ ନାନା ମୂରତି । ତହିଁରେ ପୁଂଶ୍ଚଳପତି । ପୁରୁଷେ ଅଛନ୍ତି ତହିଁ ।
ସ୍ୱରୂପ ବହି ହେ । ୪୪ । ଅଟେ ସେ ପୁଂଶ୍ଚଳପତି । ଅଛି ଏକ ସ୍ରୋତସ୍ୱତୀ ।
ଦୁଇଦଗେ ସ୍ରୋତଧାର । ଅତି ଗମ୍ଭୀର ହେ । ୪୫ । ଅଛି ଗୃହ ଏକ ତହିଁ ।
ଅତି ଅଦ୍ଭୁତ ଅଟଇ । ପଞ୍ଚବିଂଶ ପଦାର୍ଥର । ଗଠନ ତାର ହେ । ୪୬ ।
ଚିତ୍ରଭାଷୀ ଏକହଂସ । ଯହିଁ କରଅଛି ବାସ । ବଜ୍ର କ୍ଷୁରରେ ରଚିତ । ବସ୍ତୁଏ
ତତ୍ତ୍ୱ ହେ । ୪୭ । ସେ ବସ୍ତୁ ସ୍ୱୟଂ ଭ୍ରମଣ । ଶୀଳ ଅଟଇଟି ଯେନ । ପିତା
ଆଦେଶ ନ ଜାଣି । କିକର ପୁଣି ଯେ । ୪୮ । ହର୍ଯ୍ୟଶ୍ୱ ଏ କୂଟ ବାଣୀ । ଚତୁର

କଲେ ତତ୍‌କ୍ଷଣି । ବୁଦ୍ଧି ବିବେକର ବଳେ । ସର୍ବ ଜାଣିଲେ ସେ ।୪୯। ଏ
ଭୂମି କ୍ଷେତ୍ର ଅଟଇ । ତାହା ଜୀବସଙ୍ଖ୍ୟା ବହି । ଏ ଲିଙ୍ଗ ଶରୀର ପୁଣ । ବନ୍ଧ
କାରଣ ହେ । ୫୦ । ତାର ବିନାଶ ଦର୍ଶନ୍ । ନକର ଅସତକର୍ମ । କଲେ କି
ହୋଇବ ଫଳ । ଏହାହିଁ ମୂଳ ହେ । ୫୧ । ଈଶ୍ୱର ସେ ଏକମାତ୍ର । ସର୍ବସାକ୍ଷୀ
ସେ ମହତ । ସେ ସର୍ବୈଶ୍ୱର୍ଯ୍ୟ ସମ୍ପନ୍ନ । ଅଟେ ପ୍ରଧାନ ହେ । ୫୨ । ନିଜେ
ନିଜର ଆଧାର । ନିତ୍ୟ ମୁକ୍ତ ସର୍ବେଶ୍ୱର । ତାଙ୍କୁ ନଜାଣି କରମ । କଲେ କି
ଧର୍ମ ହେ । ୫୩ । ଜ୍ୟୋତିଃ ସ୍ୱରୂପ ପରମ । ବ୍ରହ୍ମରେ ହୋଇଲେ ଲୀନ ।
ପ୍ରତ୍ୟାଗତ ନହୁଅଇ । ଏମନ୍ତ ଦେହୀ ହେ । ୫୪ । ସେହି ବ୍ରହ୍ମେ ନ ଜାଣିଣ ।
ବୃଥାରେ କର୍ମ କରଣ । ତହିଁରେ ଅଛି କି ଫଳ । ସେହିତ ମୂଳ ହେ । ୫୫ ।
ମାୟା ସଙ୍ଗ-ବଶ ଯାର । ଐଶ୍ୱର୍ଯ୍ୟଭ୍ରଷ୍ଟ ସକଳ । ମାୟା ସୁଖ ଦୁଃଖଗତ । ଯେହ୍ନୁ
ଧାମନ୍ତି ହେ । ୫୬ । ସେହି ଜୀବେ ଯେ ନ ଜାଣେ । ଅବିବେକ କୃତକର୍ମେ ।
କି ଫଳ ହେବ ତାହାର । ଶ୍ରମହିଁ ସାର ହେ । ୫୭ । ଉତ୍ପତ୍ତି ଧ୍ୱଂସ କାରଣୀ ।
ମାୟା ସେ ନଦୀ ରୂପିଣୀ । ତହିଁରେ ଯାର ପତନ । ନୁହେ ଉତ୍ଥାନ ହେ । ୫୮ ।
ଯହିଁ ଉଠେ ବେଗ ଅତି । ନାହିଁ ତା ସ୍ୱତନ୍ତ୍ରଗତି । ବିବଶେ ବହେ ସକଳ ।
ତହିଁ କି ଫଳ ହେ । ୫୯ । ପଞ୍ଚବିଂଶତି ତତ୍ତ୍ୱର । ଆଶ୍ରୟାଶ୍ରୟ ଈଶ୍ୱର ।
କାର୍ଯ୍ୟକାରଣାଧିଷ୍ଠାତା । ସେହି ବିଧାତା ହେ । ୬୦ । ତାଙ୍କୁ ନ ଜାଣେ ଯେ
ଜନ । ବୃଥା ସ୍ୱାତନ୍ତ୍ର୍ୟାଭିମାନ । କୃତ କର୍ମରେ ବିହ୍ୱଳ । ତହିଁ କି ଫଳ ହେ । ୬୧ ।
ଈଶ୍ୱର ପ୍ରତିପାଦକ । ଶାସ୍ତ୍ରେ ହୁଅଇ ବିବେକ । ଚତୁଷ୍ଟ ଜଡ଼ ସେ ହୋଇ ।
ହଂସ ବୋଲାଇ ଯେ । ୬୨ । ସେ ଶାସ୍ତ୍ରେ ବନ୍ଧ କି କର୍ମେ । ମୋକ୍ଷ ହୁଏ
ଯେଉଁ ଧର୍ମେ । ତେଣୁ ସେ କଥା ବିଚାର । ନ ବୁଝେ ଶାସ୍ତ୍ର ହେ । ୬୩ ।
ବାହ୍ୟିକ କର୍ମେ କି ଫଳ । ସ୍ୱୟଂ ଯେ ଭ୍ରମଣ ଶୀଳ । ତୀକ୍ଷ୍ଣକାଳଚକ୍ର ବଶେ ।
ବିଶ୍ୱ ଆକର୍ଷେ ହେ । ୬୪ । ଏଣୁ ସେ ସ୍ୱତନ୍ତ୍ର ହୋଇ । ତାହା ଅବଗତ
ନୋହି । କରିଲେ କର୍ମ ସକଳ । ତହିଁକି ଫଳ ହେ । ୬୫ । କହିଲେ ଶାସ୍ତ୍ର
ଆମ୍ଭର । ପିତା ଅଟେ ମୁନିବର । ନିବୃତ୍ତିତାର ଆଦେଶ । ନ ଜାଣି ପୁଂସ
ହେ । ୬୬ । ସଗୁଣ ପ୍ରବୃତ୍ତିପଥ । ତହିଁରେ କର ବିଶ୍ୱସ୍ତ । କାର୍ଯ୍ୟ ସେ ଆଦେଶ
ମତ । ହେବ କେମନ୍ତ ହେ । ୬୭ । ଏମନ୍ତ କହି ସମସ୍ତ । ହୋଇଗଲେ ଏକ
ମତ । ଦେବର୍ଷିଙ୍କୁ ପ୍ରଦକ୍ଷିଣ । କଲେ ପ୍ରସ୍ଥାନ ହେ । ୬୮ । ଅନିବର୍ତ୍ତିପଥେ
ଗମେ । ନାରାୟଣ ସର ସ୍ଥାନେ । ଋଷି କୃଷ୍ଣ ଆରାଧନେ । ଭ୍ରମେ ଭୁବନେ ହେ ।୬୯

ଦକ୍ଷ ପାଇ ଏ ଖବର । ରାଗେ ହେଲେ ଜର ଜର । ପୁନଶ୍ଚ ସହସ୍ର
ସୁତ । କରିଲେ ଜାତ ହେ । ୭୦ । ସବଲାଶ୍ୱ ତାଙ୍କ ନାମ । ପିତାଜ୍ଞା ପାଳନେ
କାମ । କରି ତପସ୍ୟାର୍ଥ ଯାଇଁ । ତଥା ମିଳଇ ହେ । ୭୧। ନାରାୟଣ ସରୋବରେ ।
କଠୋର ତପସ୍ୟା କଲେ । ପୁଣି ନାରଦ ମିଳଇ । ତଦ୍ରୂପ କହି ହେ । ୭୨ ।
ସେମାନେ ସେରୂପ ଗଲେ । ପୁଣି ଦକ୍ଷ ତା ଶୁଣିଲେ । ନାରଦେ କଲେ ଭର୍ତ୍ସନ ।
ତା ସନ୍ନିଧାନ ହେ । ୭୩ । କରି ଅନେକ ଭର୍ତ୍ସନ । କରିଲେ ଶାପ ବିଧାନ ।
ନପାରିବୁ କାହିଁ ରହି । ବୁଲୁଥା ଭୁଲି ହେ । ୭୪ । ସାଧୁସ୍ୱଭାବ ନାରଦ ।
ବିଶେଷ ହେଲେ ଆହ୍ଲାଦ । ଶାପ କରିଲେ ଗ୍ରହଣ । ହରଷେ ପୁଣ ହେ ।୭୫।
ଦକ୍ଷ ପ୍ରଜାସୃଷ୍ଟି ପାଇଁ । ଷାଠିଏ କନ୍ୟା ଜନ୍ମଇ । ସତ୍ୟାଢ଼େ କରିଲେ ଧ୍ୟାନ ।
ହେଲା ସର୍ଜନ ହେ । ୭୬ । ଧର୍ମେ ବିଭାଦେଲେ ଦଶ । କଶ୍ୟପଙ୍କୁ ତ୍ରୟୋଦଶ ।
ଚନ୍ଦ୍ରଙ୍କୁ ସତାଇଶ । ହୋଇ ଉଲ୍ଲାସ ହେ । ୭୭ । ଅଙ୍ଗିରା କୃଶାଶ୍ୱ ଭୂତ ।
ଦୁଇ ଦୁଇ ହେଲେ ଯୁକ୍ତ । ଚାରିଟି ତାର୍କ୍ଷ୍ୟକେ ଦାନ । କରିଲେ ଘେନ ହେ ।୭୮।
ତାଙ୍କର ବହୁ ସନ୍ତାନ । ପ୍ରଜା ହୋଇଲେ ବର୍ଦ୍ଧନ । ଷାଠିଏ ବଂଶର
କଥା । ଉଚିତ ବ୍ୟବସ୍ଥା ହେ । ୭୯ । ନର ଦେବ ନାଗ ଗଣ । କରେ କେ
ତାର ଗଣନ । ସ୍ଥାବର ଜଙ୍ଗମ ପୁନ । ହେଲେ ସର୍ଜନ ହେ । ୮୦ । ସର୍ଜନାର
ସୂତ୍ର ମାତ୍ର । ହୋଇ ଅଛଇ ବର୍ଣ୍ଣିତ । ବୁଝିଲେ ବିବେକ ବଳେ । ସକଳ ମିଳେ
ହେ । ୮୧ । ଦକ୍ଷ ପ୍ରଜାପତି ପ୍ରତି । ବ୍ରହ୍ମା ପ୍ରୀତ ହେଲେ ଅତି ।
ବିସ୍ମରିଲୁ ବିଶ୍ୱପତି । ବୈକୁଣ୍ଠ ଗତି ହେ । ୮୨ ।

୯୬ / ୧୭ ଛାନ୍ଦ ।

ନାରାୟଣ କବଚ ।

ରାଗ—ଚକ୍ରକେଳି ।

ପରୀକ୍ଷିତ ପ୍ରଶ୍ନେ ଶୁକ କହନ୍ତି । ଦେବ ସଭାରେ ଇନ୍ଦ୍ର ବସିଛନ୍ତି ।୧। ଦେବ
ଗନ୍ଧର୍ବ ଅପ୍ସରା ଚାରଣ । ଯକ୍ଷ କିନ୍ନର ଉରଗ ଯେ ପୁଣ । ୨ । ଦେବ ଜାଗୃ

ଅଛନ୍ତି ସକଳ । ଇନ୍ଦ୍ର ଚଉପାଶେ ହୋଇଣ ମେଳ । ୩ । ଅପ୍ସର ଗନ୍ଧର୍ବ ଯେ
ବିଦ୍ୟାଧର । ନୃତ୍ୟ କରନ୍ତି ଗାଇ ମନୋହର । ୪ । ଐଶ୍ୱର୍ଯ୍ୟମଦେ ହୋଇଣ
ଉନ୍ମତ୍ତ । ଶଚୀପତି ହୋଇଛନ୍ତି ମୋହିତ । ୫ । ଦେବଗୁରୁ ବୃହସ୍ପତି ଆସନ୍ତି ।
ଇନ୍ଦ୍ର ତାହାଙ୍କୁ ମାନ୍ୟ ନକରନ୍ତି । ୬ । ଆସନୁ ନଉଠିଲେ ଶଚୀପତି । ବସିବାକୁ
ଆସନ ନଦିଅନ୍ତି । ୭ । ବୁଦ୍ଧିବିଦ୍ୟାରତ୍ନ ଗୁରୁ ଭଣ୍ଡାର । ଧନମଦର ଜାଣନ୍ତି
ବେଭାର । ୮ । ଅସ୍ତେ ଅସ୍ତେ ହେଲେ ତହୁଁ ଅନ୍ତର । ପ୍ରବେଶିଲେ ଯାଇଁ
ନିଜମନ୍ଦିର । ୯ । କେତେକ୍ଷଣ ହେଲା ଅତିବାହିତ । ଇନ୍ଦ୍ରମନରେ ଚୈତନ୍ୟ
ଉଦିତ ।୧୦। ଆପଣାକୁ ଆପେକରେ ଧିକ୍କାର । ଧିକ ମୁଁ ଧିକ ସମ୍ପତ୍ତି ମୋହର ।୧୧।
ତ୍ରୈଲୋକ୍ୟାଧିପତ୍ୟ ଯେ ବିଜ୍ଞନର । କରନ୍ତି ନାହିଁ ଏଣିକ ସ୍ୱୀକାର । ୧୨ ।
ମୁଁ ଯେ କର୍ମକଲି ହୋଇ ଉନ୍ମତ୍ତ । ଅତିଶଯ୍ୟ ଅସାଧୁ ହେଲା ଚିତ୍ତ । ୧୩ ।
ଐଶ୍ୱର୍ଯ୍ୟମଦେ ହୋଇ ମୁଁ ଉନ୍ମତ୍ତ । ଗୁରୁ ଅବଜ୍ଞା କଲି ମୂଢ଼ଚିତ୍ତ ।୧୪। ଏଡ଼େ
ଅଳ୍ପବୁଦ୍ଧି ଅଟଇ ମୁହିଁ । ଆସୁରୀ ବୁଦ୍ଧି ହେଲା ମୋର ଠାଇଁ । ୧୫ ।
ଦେବଗଣଙ୍କର ହୋଇ ଈଶ୍ୱର । ଅସୁର ଭାବ ହୋଇଲା ମୋହର । ୧୬ ।
ରାଜାସନୁଁ ନକରି ପ୍ରତ୍ୟୁତ୍ଥାନ । କହନ୍ତି ଯେହୁ ସେହି ମୂଢ଼ଜନ । ୧୭ । ଧର୍ମର
ମର୍ମ ନଜାଣନ୍ତି ସେହି । ପ୍ରକୃତ ପଥ ସେ ଜାଣନ୍ତି ନାହିଁ । ୧୮ । ତାଙ୍କ
କଥାରେ ଯେ ପଡ଼ଇ ନର । ନରକ ଭୋଗ ହୁଅଇ ତାହାର । ୧୯ । ଯାହା
ହେଉ ଏବେ ଗୁରୁ ଚରଣ । ବନ୍ଦନ କରି କରିବି ପ୍ରସନ୍ନ । ୨୦ । ଦେବଗଣଙ୍କ
ଆଚାର୍ଯ୍ୟ ଅଟଇ । ବିଶେଷରେ ବୃଦ୍ଧବ୍ରାହ୍ମଣ ସେହି । ୨୧ । ବୁଦ୍ଧି ଅଟଇ
ଅତ୍ୟନ୍ତ ଗମ୍ଭୀର । ପୂଜାକରନ୍ତି ସୁରାସୁର ନର । ୨୨ । ତା ପାଦେ ଯାଇଁ
ହୋଇବି ପ୍ରଣତ । ଯେ କୌଣସି ମତେ କରିବି ପ୍ରୀତ । ୨୩ । ଇନ୍ଦ୍ର ଅନୁତାପ
ଗୁରୁ ଜାଣିଣ । ମାୟାରେ ଘରେ ହେଲେ ଅନ୍ତର୍ଦ୍ଧାନ । ୨୪ । ଇନ୍ଦ୍ର ସର୍ବତ୍ରହିଁ
ଅନୁସନ୍ଧାନ । କରି ନ ପାଇ ହେଲେ ଦୁଃଖମନ । ୨୫ । ଅତି ବିମର୍ଷ ହେଲା
ତାଙ୍କମନ । ସ୍ୱାସ୍ଥ୍ୟବୋଧ ନୁହଇ କଦାଚନ । ୨୬ । ଶୁକ୍ରାଚାର୍ଯ୍ୟ ଜାଣି ହେଲେ
ହୃଷ୍ଟ । ଅସୁରଙ୍କୁ ଯୁଦ୍ଧେ କଲେ ପ୍ରବର୍ତ୍ତି । ୨୭ । ସେହିଯୁଦ୍ଧେ ଦେବେ ନପାରେ
ରହି । ଛିନ୍ନଭିନ୍ନେ କେହି କାହିଁ ପଳାଇ । ୨୮ । ବ୍ରହ୍ମାରେ ସର୍ବେ ପଶିଲେ
ଶରଣ । ବ୍ରହ୍ମାର ଦୟାର୍ଦ୍ର ହୋଇଲା ମନ । ୨୯ । ସାନ୍ତ୍ୱନା ଦେଇ କହନ୍ତି
ବଚନ । ଦାନ୍ତ ବ୍ରହ୍ମନିଷ୍ଠ ଗୁରୁ ବ୍ରାହ୍ମଣ । ୩୦ । ଐଶ୍ୱର୍ଯ୍ୟମଦେ ହୋଇଣ
ଉନ୍ମତ୍ତ । ଅବଜ୍ଞାକଲ ନ ବୁଝିଣ ତତ୍ତ୍ୱ । ୩୧ । ଅନ୍ୟାୟ କାର୍ଯ୍ୟରୁ ହେଲା ଏ

Acc. no. 22231. dt: 31.12.57. Rel/-

ଫଳ । ଦାନବେ ଏବେ ହୋଇଲେ ପ୍ରବଳ । ୩୨ । ତ୍ୱଷ୍ଟା ତନୟ ବିଶ୍ୱରୂପ ପାଶ ।
ଯାଇଁ ଭକ୍ତିରେ କର ଯା ସନ୍ତୋଷ । ୩୩ । ଜିତେନ୍ଦ୍ରିୟ ତପସ୍ୱୀ ସେ ଅଟଇ ।
ତାଙ୍କୁ ସନ୍ତୁଷ୍ଟ କର ବେଗେଯାଇ । ୩୪ । ତୁମ୍ଭ ଅଭୀଷ୍ଟ କରିବେ ପୂରଣ ।
ପୌରୋହିତ୍ୟେ ତାଙ୍କୁ କର ବରଣ । ୩୫ । ବ୍ରହ୍ମୋପଦେଶ କରିଣ ଗ୍ରହଣ ।
ଦେବେ ବିଶ୍ୱରୂପେ କଲେ ବରଣ । ୩୬ । ନାହାପ୍ରକାର କାକୁକ୍ତି ବଚନ ।
କହି ତୋଷିଲେ ବିଶ୍ୱରୂପେ ଅତି । ୩୭ । ବିଶ୍ୱରୂପ କହନ୍ତି ଧୀର ସ୍ୱରେ ।
ପୌରୋହିତ୍ୟେ ମନ୍ଦ ବିଶ୍ୱ ମଧ୍ୟରେ । ୩୮ । ବ୍ରହ୍ମତେଜ ତପସ୍ୟାକରେ ନାଶ ।
ଅଧର୍ମ୍ମ ସେଥି ସେ ଅଟେ ଅବଶ୍ୟ । ୩୯ । ବିଜ୍ଞ କଦାପି ନକରେ ଗ୍ରହଣ ।
ଦୁର୍ମତି ଲଭି ହୁଏ ହୃଷ୍ଟମନ । ୪୦ । ଯାହାହେତୁ ପୂଜ୍ୟ ଅଟ ସକଳ । ତୁମ୍ଭକଥା
ମୋ ପକ୍ଷରେ ପ୍ରବଳ । ୪୧ । ଯାହା କହୁଛ କରିବି ପୂରଣ । କହି ପୌରୋହିତ୍ୟ
କଲେ ଗ୍ରହଣ । ୪୨ । ଯେ ବିଦ୍ୟାହାରି ଅସୁରେ ପରାସ୍ତ । ହେବେ ତାହା ଇନ୍ଦ୍ର
କରିଲେ ଦତ୍ତ । ୪୩ । ନାରାୟଣ କବଚ ବିଦ୍ୟାବଳେ । ଅସୁରେ ପରାସ୍ତ ହୋଇଲେ
ହେଲେ । ୪୪ । ବିଶ୍ୱରୂପ ଇନ୍ଦ୍ରେ କହେ ଗୋପନେ । ଇନ୍ଦ୍ର ନିବିଷ୍ଟ ଚିତ୍ତେ
ତାହା ଶୁଣେ । ୪୫ । ଭୟ ହୋଇଲେ ଆସି ଉପସ୍ଥିତ । ପ୍ରକ୍ଷାଳନ କରିବ ପାଦ
ହସ୍ତ । ୪୬ । କୁଶହସ୍ତେ କରିବ ଆଚମନ । ଉତ୍ତରାସ୍ୟେ କର ଉପବେଶନ
। ୪୭ । କରିବ ମନ୍ତ୍ରଦ୍ୱୟେ ଅଙ୍ଗନ୍ୟାସ । କରନ୍ୟାସ ଧ୍ୟାନମତ ବିଶେଷ । ୪୮ ।
ପରେ ନାରାୟଣ କବଚ ପୁଣ । ବର୍ମମତରେ କରିବ ଗ୍ରହଣ । ୪୯ । ଅଙ୍ଗନ୍ୟାସ
କରିବ ଅଷ୍ଟାକ୍ଷରେ । ଓଁକାରୁ କର ଏକ ଏକ ପରେ । ୫୦ । ପାଦଦ୍ୱୟ
ଜାନୁଦ୍ୱୟ ଆବର । ଉରୁଦ୍ୱୟ ଉଦର ହୃଦୋପର । ୫୧ । ବକ୍ଷସ୍ଥଳ ମୁଖ
ମସ୍ତକେ ନ୍ୟାସ । ଯଥାକ୍ରମରେ କରିବ ବିଶେଷ । ୫୨ । ପାଦଦ୍ୱୟୁ ଆରମ୍ଭି ଶ
ମସ୍ତକ । କିମ୍ବା ମସ୍ତକୁଁ ପାଦଦ୍ୱୟ ଯାକ । ୫୩ । କୌଣସି ମତେ କ୍ରମରେ
ହୁଅଇ । ଏହିମତେ ଅଙ୍ଗନ୍ୟାସ ବୋଲାଇ । ୫୪ । ଓଁ ନମୋ ନାରାୟଣାୟ
ସାର । ଅଙ୍ଗନ୍ୟାସ ମନ୍ତ୍ର ଅଷ୍ଟ ଅକ୍ଷର । ୫୫ । ଦ୍ୱାଦଶାକ୍ଷର ମନ୍ତ୍ର ବାସୁଦେବ ।
ତହିଁରେ କରନ୍ୟାସଟି କରିବ । ୫୬ । ନମୋଭଗବତେ ବାସୁଦେବାୟ । ପ୍ରଣବ
ଓଁକାର ଟି ଆଗେ ଦିଅ । ୫୭ । ଓଁକାର ଠାରୁ ୟକାର ପର୍ଯ୍ୟନ୍ତ । ଗୋଟି
ଗୋଟି ଅକ୍ଷର କର ନ୍ୟସ୍ତ । ୫୮ । ଯଥାକ୍ରମେ ଦୁଇହସ୍ତ ତର୍ଜ୍ଜନୀ । ପରଯନ୍ତେ
ସେ ଗୃହ ଗୃହ ପୁଣି । ୫୯ । ଅଙ୍ଗୁଳରେ ପୁଣି ଅଙ୍ଗୁଷ୍ଠ ଦ୍ୱୟେ । ଦୁଇ ଦୁଇ
ପର୍ବେ ବିନ୍ୟସ୍ତହୁଏ । ୬୦ । ଏହାର ନାମ ଅଟେ କରନ୍ୟାସ । ମନ୍ତ୍ର ମୂର୍ତ୍ତି

କରିବା ପ୍ରକାଶ ।୬୧। "ଓଁ ବିଷ୍ଣବେ ନମଃ" ଏ ମନ୍ତ୍ରସାର । ଅକ୍ଷରମାନ କ୍ରମେ ନ୍ୟାସକର ।୬୨। ପ୍ରଣବ ହୃଦେ ମସ୍ତକେ 'ବି'କାର । ହୃଦୟରେ 'ଷ' ଶିଖାରେ 'ଣ'କାର । ୬୩ । ନେତ୍ରଦ୍ୱୟେ 'ବେ'କାର ନ୍ୟାସକର । ସକଳସନ୍ଧିସ୍ଥଳରେ 'ନ' କାର । ୬୪ । 'ମ' କାର ଅକ୍ଷରଂ ଅସ୍ତ୍ର ରୂପରେ । ଧ୍ୟାନ କରିବ ଅତି ମନସ୍ଥିରେ । ୬୫ । ସ୍ୱୟଂ ମନ୍ତ୍ର ମୂର୍ତ୍ତି ହୋଇବ ସେହି । ତଦନ୍ତେ 'ଫଟ୍' ଯୋଗ କର ତହିଁ । ୬୬ । ମଃ ଅସ୍ତ୍ରାୟ ଫଟ୍ ଚତୁର୍ଦ୍ଦିଗେ । ଏହି ମନ୍ତ୍ର ନିର୍ଦ୍ଦେଶ କର ବେଗେ । ୬୭ । ଐଶ୍ୱର୍ଯ୍ୟାଦି ଷଡ଼ ଶକ୍ତି ସମ୍ପନ୍ନ । ଧ୍ୟେୟ ଈଶ୍ୱର ଆତ୍ମା କର ଧ୍ୟାନ । ୬୮ । ବିଦ୍ୟା ତେଜ ତପସ୍ୟା ଯାର ମୂର୍ତ୍ତି ସେ ମନ୍ତ୍ରୋଚ୍ଚାରଣ କର ସମ୍ପ୍ରତି । ୬୯ । ତାହା ଏହି ଶୁଣ ମନ ଦେଇଣ । ତାର୍କ୍ଷ୍ୟ ପୃଷ୍ଠେ ବିନ୍ୟସ୍ତ ଷାଚରଣ । ୭୦ । ଅଣିମାଦି ଅଷ୍ଟ ଗୁଣେ ଯେ ଯୁକ୍ତ । ଅଷ୍ଟ ବାହୁରେ ଅଟେ ସମନ୍ୱିତ । ୭୧ । ଶଙ୍ଖ ଚକ୍ର ଗଦା ଖଡ଼୍‌ଗ ପୁଣ । ଧନୁ ବାଣ ଚର୍ମ୍ମ ପାଶ ଧାରଣ । ୭୨ । ସେହି ହରି ମୋତେ ସର୍ବତୋଭାବେ । ସ୍ୱଭାବେ ନିଶ୍ଚୟ ରକ୍ଷା କରିବେ । ୭୩ । ଜଳ ମଧ୍ୟରେ ଜଳଜନ୍ତୁଗଣ । ସ୍ୱରୂପ ବରୁଣ ପାଶ ଭୀଷଣ । ୭୪ । ତହିଁରୁ ମୋତେ ରଖୁ ମତ୍ସ୍ୟମୂର୍ତ୍ତି । ମୁହିଁ ତାଙ୍କୁ କରୁ ଅଛି ସ୍ତୁତି । ୭୫ । ମାୟା ଯୋଗେ ବଟୁ ବାମନ ଯେହି । ସ୍ଥଳ ମଧ୍ୟରେ ରଖୁ ମୋତେ ସେହି । ୭୬ । ବିଶ୍ୱରୂପ ତ୍ରିବିକ୍ରମଶ୍ଚ ଯେହି । ଆକାଶେ ମୋତେ ରକ୍ଷାକରୁ ସେହି ।୭୭। ଭୀଷଣ ଅଟ୍ଟହାସ ଯେ କରିଲେ । ଗର୍ଭିଣୀ ଗର୍ଭପାତ ହୁଏ ହେଲେ ।୭୮। ଦିଗସବୁ ହୁଏ ପ୍ରତିଧ୍ୱନିତ । ଅସୁର-କମ୍ପିତ ବୈରି ଯେହିତ ।୭୯ ସେ ନୃସିଂହ ଯୁଦ୍ଧାରମ୍ଭ ଅରଣ୍ୟେ । ସର୍ବ ସଙ୍କଟୁ ରଖୁ କୃପା ଦାନେ । ୮୦ । ସ୍ୱୀୟ ଦନ୍ତାଗ୍ରେ ଧରଣୀ ଉଦ୍ଧାର । କଲା ଯଜ୍ଞବରାହ ଅବତାର । ୮୧ । ସେହି ରକ୍ଷାକରୁ ମୋତେ ପଥରେ । ଯାମଦଗ୍ନ୍ୟ ରଖୁ ଗିରି ଶିଖରେ । ୮୨ । ରାମଚନ୍ଦ୍ର ଲକ୍ଷ୍ମଣର ସହିତେ । ପ୍ରବାସେ ରକ୍ଷାକରନ୍ତୁ ସଦା ମୋତେ । ୮୩ । ଅଭିଚାରାଦି ଉଗ୍ର ଧର୍ମରୁ ତ । ନାରାୟଣ ଋଷି ରଖୁ ନିୟତ । ୮୪ । ଅନବଧାନତାରୁ ରଖୁ ସେହି । ଗର୍ବରୁ ରଖୁ ନରଋଷି ଦେହି । ୮୫ । ଯୋଗ ଭ୍ରଂଶରୁ ଯୋଗୀ ଦତ୍ତାତ୍ରେୟ । କର୍ମବନ୍ଧରୁ କପିଳ ସୁଦେହ । ୮୬ । କାମ ବେଗରୁ ସେ ସନତ୍-କୁମାର । ରକ୍ଷା କରନ୍ତୁ ମୋତେ ତତପର । ୮୭ । ପଥ ପର୍ଯ୍ୟଟନ କାଲେ ନିତ୍ୟ । ଯେ ଦୋଷ ହେବ ହେଲନଜନିତ । ୮୮ । ରଖୁ ହୟଗ୍ରୀବ ଦେବର୍ଷି ଶ୍ରେଷ୍ଠ । ଦେବ ପୂଜା ଛିଦ୍ରୁ ରଖୁ ସୁଶ୍ରେଷ୍ଠ । ୮୯ । କୂର୍ମରୂପୀ ହରି ସବୁ

ନରକୁଁ । ଅପଥ୍ୟ ଧନ୍ୱନ୍ତରୀ ମୋତେ ରଖୁ । ୯୦ । ସୁଖ ଦୁଃଖାଦ ଦ୍ୱନ୍ଦ ଭୟୁଁ ମୋତେ । ଜିତେନ୍ଦ୍ରିୟ ରୁଷଭ ରଖୁ ନିତ୍ୟ । ୯୧ । ଯଜ୍ଞ ଜନାପବାଦୁଁ ବଳଭଦ୍ର । ନରର କଷ୍ଟୁଁ କ୍ରୋଧ ବଶମ୍ବଦ ।୯୨। ସର୍ପଗଣରୁ କରୁ ପରିତ୍ରାଣ । କୁଜ୍ଞାନରୁ ରଖୁ ସେ ଦ୍ୱୈପାୟନ । ୯୩ । ପାଷଣ୍ଡଗଣଙ୍କ ବୁଦ୍ଧି ପ୍ରମାଦ । ବୁଦ୍ଧ ନାଶକରୁ ସର୍ବ ଆପଦ । ୯୪ । ଧର୍ମ ରକ୍ଷାର୍ଥ କଳ୍କି ଅବତାର୍ଣ୍ଣି । କାଳମାନ କଳରୁ ରଖୁ ପୁଣ । ୯୫ । ସୂର୍ଯ୍ୟୋଦୟଠାରୁ ତିନ ମୁହୂର୍ତ୍ତି । କେଶବ ରଖୁ ହୋଇ ଗଦାହସ୍ତ । ୯୬ । ଗୋବିନ୍ଦ ବେଣୁ ଧାରଣେ ତତ୍ପର । ତିନମୁହୂର୍ତ୍ତୁ ରଖିବେ ନିକର । ୯୭ । ନାରାୟଣ ଶକ୍ତି ଧାରଣେ ପୁଣ । ପୂର୍ବାହ୍ଣକାଳ କରିବେ ରକ୍ଷଣ । ୯୮ । ସବୁ ମଧ୍ୟାହ୍ନ ବିଷ୍ଣୁ ଚକ୍ରପାଣୀ । ନିତ୍ୟ ମୋତେ ରକ୍ଷା କରିବେ ପୁଣି ୯୯ । ଉଗ୍ର ଧନୁଧାରୀ ମଧୁସୂଦନ । ପରାହ୍ଣକାଳେ କରିବେ ରକ୍ଷଣ । ୧୦୦ । ବ୍ରହ୍ମା ବିଷ୍ଣୁ ଶିବ ଯେ ଭଗବାନ । ସାୟଂକାଳେ ସେ କରିବେ ରକ୍ଷଣ । ୧୦୧ । ରଖୁ ମାଧବ ପ୍ରଦୋଷର କାଳେ । ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ଯଥାବେଳେ । ୧୦୨ । ହୃଷୀକେଶ ପଦ୍ମନାଭ । ଅର୍ଦ୍ଧରାତ୍ର ପୁଣ ରକ୍ଷା କରିବ । ୧୦୩ । ଶ୍ରୀବତ୍ସଧାରୀ ଯେ ଶେଷ ରାତ୍ରିରେ । ଈଶ ଜନାର୍ଦ୍ଦନ ପ୍ରତ୍ୟୁଷକାଳେ । ୧୦୪ । ଦାମୋଦର ପ୍ରଭାତେ ସନ୍ଧ୍ୟାକାଳେ । ବିଶ୍ୱେଶ୍ୱର ରଖୁ ମୋତେ ତପଲେ । ୧୦୫ । ହରି ଚକ୍ରନେମୀ ପ୍ରଚଣ୍ଡାନଳ । ପ୍ରଳୟକାଳୀନ ସମ ପ୍ରବଳ । ୧୦୬ । ହେ ଚକ୍ର ଯଥା ବହ୍ନି ଶୁଷ୍କତୃଣ । ଇଷିତେ ସବୁ କରଇ ଦହନ । ୧୦୭ । ତଥା ତୁ ହରି ପ୍ରେରିତ ହୋଇ । ଭ୍ରମଣ କର ମୋ ଶତ୍ରୁଙ୍କଠାଇଁ । ୧୦୮ । ପଡ଼ି ଶତ୍ରୁ ଦଗଧ କର କର । ଅତୀବ ଦଗ୍ଧକର ଦଗ୍ଧକର । ୧୦୯ । ହେ ଗଦେ, ତୋର ସ୍ଫୁଲିଙ୍ଗ ସକଳ । ସ୍ପର୍ଶରେ ଅଟଇଟି ବଜ୍ରତୁଲ୍ୟ । ୧୧୦ । ଭଗବାନଙ୍କ ପ୍ରିୟ୍ୟାଜିତ ତୁହି । ସେହି ଭଗବାନଙ୍କ ଦାସ ମୁହିଁ । ୧୧୧ । କୁଷ୍ମାଣ୍ଡ, ବୈନାୟକ, ଯକ୍ଷ, ଭୂତ । ଗ୍ରହଗଣାଦିଆବର ଯେ ପ୍ରେତ । ୧୧୨ । ନିଷ୍ପେଷଣ କର କର ପେଷଣ । ଚୂର୍ଣ୍ଣକର ଚୂର୍ଣ୍ଣିକର ସେମାନ । ୧୧୩ । ହେ ପାଞ୍ଚଜନ୍ୟ ଶଙ୍ଖ ଏବେ ତୁହି । କୃଷ୍ଣ ମୁଖ ମାରୁତେ ପୂର୍ଣ୍ଣ ହୋଇ । ୧୧୪ । ଭୟଙ୍କର ଶବ୍ଦ କରି ପ୍ରମଥ । ରାକ୍ଷସ ପିଶାଚ ଭୂତ ଯେ ପ୍ରେତ । ୧୧୫ । ବ୍ରହ୍ମ ରାକ୍ଷସାଦି ଘୋର-ଦର୍ଶନ । ଦୁରାତ୍ମା ସକଳ ଯେତେ ଭୀଷଣ । ୧୧୬ । ବିଦ୍ରାବିତ କର କର ତହୁଁରେ । ଭୟ ପଶିଯାଉ ବୈରି ହୃଦରେ । ୧୧୭ । ହେ ଖଡ୍ଗ ତୋ ଧାର ସୁଖରତର । କୃଷ୍ଣ ପ୍ରେରିତେ

ହୁଅ ତତପର । ୧୧୮ । ଶତ୍ରୁ ସୈନ୍ୟଗଣେ କର ଛେଦନ । ଛେଦନ କର
ହେଉ ଛିନ୍ନଭିନ୍ନ । ୧୧୯ । ହେ ଶତଚନ୍ଦ୍ର-ଚର୍ମୀଚନ୍ଦ୍ର ସମ । ମଣ୍ଡଳାକାର ଭୁ
ଦେଦୀପ୍ୟମାନ । ୧୨୦ । ତୁହି ପାପେଷ୍ଠ-ବଦ୍ୱେଷାନସୃନ । ତତପର ହୋଇ
କର ଆଚ୍ଛାଦନ । ୧୨୧ । ଉଗ୍ର ଦୃଷ୍ଟି ବ୍ୟକ୍ତିଙ୍କର ନୟନ । ହରଣକର କର ଭୁ
ହରଣ । ୧୨୨ । ଯେ ସର୍ବଗ୍ରହ କେତୁ ସରୀସୃପ । ନରଦଂଷ୍ଟ୍ରୀ ପୁଣ ଯେ ମହା
ପାପ । ୧୨୩ । ଏମାନଙ୍କଠାରୁ ଭୟ ହୁଅଇ । ଆମ୍ଭ ମଙ୍ଗଳ ପ୍ରତିବନ୍ଧ
ଯେହି । ୧୨୪ । ଏହି ଉଭୟ ଦଳ କ୍ଷୟପ୍ରାପ୍ତ । ହେଉ ହରିଙ୍କର ନାମ କୀର୍ତ୍ତନେ
ତ । ୧୨୫ । ବୃହଦ୍ରଥ ନରାଦ ଶାମ ସ୍ତୋତ୍ର । ଯେ ହରି ତହିଁରେ ହୁଅନ୍ତୁ
ସ୍ତୁତ । ୧୨୬ । ବେଦ ଯାହାର ମୂରତି ଅଟଇ । ବିଷ୍ୱକ୍‌ସେନ ନାମେ ଆବୃତ
ହୋଇ । ୧୨୭ । ସେ ଆପଣା ନାମ ଦ୍ୱାରା ଅଶେଷ । ପରିତ୍ରାଣ କରୁ ନାଶିଣ
କ୍ଲେଶ । ୧୨୮ । ହରି ନାମ ରୁଦ୍ର ଯାଗ ବାହନ । ଅସ୍ତ୍ର ଶସ୍ତ୍ର ଯେ ପାର୍ଷଦ
ପ୍ରଧାନ । ୧୨୯ । ଆମ୍ଭ ବୁଦ୍ଧି ଇନ୍ଦ୍ରିୟ ପ୍ରାଣ ମନ । ଅଶେଷ ଆପଦୁଁ କର
ରକ୍ଷଣ । ୧୩୦ । ଆମ୍ଭେ ଜାଣୁ ମୂର୍ତ୍ତି ଅମୂର୍ତ୍ତି ଯେହି । ହରି ସ୍ୱରୂପ ଜଗଦ୍ବସ୍ତୁ
ଏହି । ୧୩୧ । ଏହି ସତ୍ୟେ ଆମ୍ଭମାନଙ୍କ ସର୍ବ । ବିନାଶ କରୁ ସେହି ଉପ-
ଦ୍ରବ । ୧୩୨ । ଯେ ସକଳ ବ୍ୟକ୍ତି ଐକାତ୍ମ୍ୟଧ୍ୟାନ । ତାହାଠାରୁ ଅଭିନ୍ନ
ଭଗବାନ । ୧୩୩ । ସ୍ୱୀୟ ମାୟା ଛଳେ ଭୂଷଣାୟୁଧ । ଲିଙ୍ଗାଦି ଧାରଣ କରେ
ବିବିଧ । ୧୩୪ । ତାହାହିଁ ତାର ସତ୍ୟତା ପ୍ରମାଣ । ସେହି ସ୍ୱରୂପ ପ୍ରମାଣ
କାରଣ । ୧୩୫ । ସକଳ ସ୍ୱରୂପରେ ଭଗବାନ । ସକଳ ସ୍ଥାନେ କରନ୍ତୁ
ରକ୍ଷଣ । ୧୩୬ । ଯାହାର ଧ୍ୱନି ସର୍ବଲୋକ ଭୟ । ଦୂରୀଭୂତ କର ଦେବ
ନିଶ୍ଚୟ । ୧୩୭ । ଯାର ପ୍ରଭାବେ ସର୍ବ ତେଜ ଧ୍ୱସ୍ତ । ସେହି ଭଗବାନ ନୃସିଂହ
ନିତ୍ୟ । ୧୩୮ । ଦିଗ ବିଦିଗ ଊର୍ଦ୍ଧ୍ୱେ ଅଧୋଭାଗେ । ଅନ୍ତରେ ସର୍ବ ସ୍ଥାନେ
ବହିର୍ଭାଗେ । ୧୩୯ । ଆମ୍ଭମାନଙ୍କୁ କରନ୍ତୁ ରକ୍ଷଣ । ଏହି ଅଟଇ ବର୍ମ୍ମ ନାରା-
ୟଣ । ୧୪୦ । ଏହି ବର୍ମ୍ମ ଦ୍ୱାରା ହୋଇ ଆବୃତ । ଅସୁରେ ନଷ୍ଟେ ହେବେ
ପରାଜିତ । ୧୪୧ । ଏହି କବଚ କରିଣ ଧାରଣ । କାହାରିକୁ କଲେ ଅବ-
ଲୋକନ । ୧୪୨ । ଚରଣେ କାହାକୁ କଲେ ସ୍ପର୍ଶନ । ହୁଏ ଭୟରୁ ସଦ୍ୟ
ପରିତ୍ରାଣ । ୧୪୩ । ଯେ ବ୍ୟକ୍ତି ଏ ବିଦ୍ୟା ଧାରଣ କରେ । ରାଜ ଦସ୍ୟୁ
ଗ୍ରହାଦି ଭୟ ହରେ । ୧୪୪ । କୁଶୀ ବଂଶୋଦ୍ଭବ ଜଣେ ବ୍ରାହ୍ମଣ । ଏ ବିଦ୍ୟାରେ
କରି ଯୋଗ ଧାରଣ । ୧୪୫ । ମରୁଭୂମିରେ ଦେହ ତ୍ୟାଗ କରେ । ଚିତ୍ରରଥ

ସନ୍ଧିକରେ ବିହରେ । ୧୪୬ । ସେହି ସ୍ଥାନ ଦେଇ ଯାନ୍ତେ ଉପରେ । ଅଧଃଶିର ହୋଇ ପଡ଼େ ଭୂତଳେ । ୧୪୭ । ବାଲଖିଲ୍ୟ ଋଷି ଉପଦେଶରେ । ଅସ୍ଥି ସକଳ ସେ ସଂଗ୍ରହ କରେ । ୧୪୮ । ସରସ୍ୱତୀ ଜଳେ ପ୍ରକ୍ଷେପ କରି । ସ୍ୱସ୍ଥାନେ ଗଲେ ବିସ୍ମୟ ବିସ୍ତରି । ୧୪୯ । ନାରାୟଣ କବଚ ଯେଉଁ ଜନ । ଉପଯୁକ୍ତକାଳେ କରେ ଶ୍ରବଣ । ୧୫୦ । ଅଥବା ଆଦରେ କରେ ଧାରଣ । ତାଙ୍କୁ ପ୍ରଣାମ କରେ ସର୍ବଜନ । ୧୫୧ । ସେ ସର୍ବତୋଭାବେ ସର୍ବପ୍ରକାର । ଭୟୁଁ ମୁକ୍ତ ହୁଅଇ ଅନିବାର । ୫୨ । ବିଶ୍ୱରୂପଠାରୁ ଏ ବିଦ୍ୟା ପାଇ । ଅସୁର ଯୁଦ୍ଧେ ଇନ୍ଦ୍ର ହେଲେ ଜୟୀ । ୧୫୩ । ତ୍ରିଲୋକ ଲକ୍ଷ୍ମୀ ସୁଖରେ ଭୁଞ୍ଜଇ । ସ୍ୱର୍ଗପୁରରେ ନିଶ୍ଚିନ୍ତରେ ରହି । ୧୫୪ । କୃଷ୍ଣ କୃପା ହେଲେ ସେ କିବା ଛାର । ଛାର ବୈକୁଣ୍ଠର ଏହି ବିସ୍ତର । ୧୫୫ ।

୧୭/୧୮ ଛାନ୍ଦ ।

ବୃତ୍ରୋତ୍ପତ୍ତି ।

ରାଗ—ବଙ୍ଗଳାଶ୍ରୀ ।

ଶୁକ କହୁଛନ୍ତି ଶୁଣ ମହାମତି ପରୀକ୍ଷିତ ନୃପବର । ବୃତ୍ରର ଉତ୍ପତ୍ତି କରିବା ବର୍ଣ୍ଣନ ସୁମନେ ଶ୍ରବଣ କର । ୧ । ସେ ବିଶ୍ୱରୂପର ଥିଲା ତିନଶିର ଏକମୁଖେ ସୋମପାନ । ଅନ୍ୟଟିରେ ସୁରାପାନ କରେ ଏକମୁଖରେ ଭୋଜନ । ୨ । ଯାଗଯଜ୍ଞେ ହବିର୍ଭାଗ ଦିଏ ଦେବେ ପ୍ରକାଶଭାବେ ନିଯୁତ । ଦୈତ୍ୟ ଦାନବଙ୍କୁ ଗୋପନେ ଦିଅଇ ସ୍ନେହବଶରେ ଅତ୍ୟନ୍ତ । ୩ । ଇନ୍ଦ୍ର ଜାଣିଲେ ତା ଦେବତା ହେଳନ ଅତ୍ୟନ୍ତ ବିସ୍ମୟ ମଣି । ଅତି କ୍ରୋଧବଶେ ବିଶ୍ୱରୂପର ତ ତିନଶିର ଦେଲେ ହାଣି । ୪ । ବ୍ରହ୍ମହତ୍ୟାପାପ ଏଡ଼ାଇବା ପାଇଁ ଯଦ୍ୟପି ଇନ୍ଦ୍ର ସକ୍ଷମ । ତଥାପି ସାଦରେ ଅଞ୍ଜଳି ପତାଇ କରିଲେ ତାହା ଗ୍ରହଣ । ୫ । କିଛି ଦିନାନ୍ତରେ ପାପୁଁ ମୁକ୍ତି ପାଇଁ ମନରେ କରି ବିସ୍ତର । ଭାଗକରି ତାହା ଚାରିଜଣଙ୍କୁ ଦେଲେ ତାଙ୍କୁ ଯାଚ ବର । ଭୂମିକୁ କହିଲେ ଯେ ଖ୍ୟାତ ହୋଇବ ବୃକ୍ଷ ହୋଇ-

ଯିବ ବଳେ । ତହିଁରେ ଊଷର ଭୂମି ପାଲଟିବ ଭଲାଇଲେ ଏହି ବରେ । ଏହି
ବ୍ରହ୍ମବଧନେ ଚତୁର୍ଥାଂଶ ପାପ ଭୂମି କରନ୍ତି ଗ୍ରହଣ । ବୃକ୍ଷଙ୍କୁ କହିଲେ ବକଳ-
ଛେଦନେ ଗଜା ହେବ ପୁନଃପୁନଃ । ୮ । ଜଳେ ବରଦେଲେ ଦୁଗ୍ଧାଦି ପଦାର୍ଥ
ହୋଇ ପାରିବ ମିଶ୍ରିତ । ନାରୀଙ୍କୁ ସର୍ବଦା ସମ୍ଭୋଗ ବରଟି ଦେଇ କରିଲେ
ମୋହିତ । ଚତୁର୍ଥାଂଶ ଲେଖା ବାଣ୍ଟି ଦେଇ ଇନ୍ଦ୍ର ନିଷ୍ପାପ ହେଲେ ତକ୍ଷଣ ।
ବ୍ରହ୍ମହତ୍ୟା ପାପ ଚିହ୍ନ ବହିଛନ୍ତି ଭୂମ୍ୟାଦି ସେ ଚାରିଜଣ । ୧୦ । ଊଷରାଦି
ଚିହ୍ନ ଭୂମିର ଅଟଇ ନିର୍ଯ୍ୟାସ ବୃକ୍ଷର ଚିହ୍ନ । ଜଳରେ ବୁଦ୍‌ବୁଦ ଫେଣ ନାରୀଙ୍କର
ମାସିକ ଋତୁ ଲକ୍ଷଣ । ୧୧ । ବିଶ୍ୱରୂପ ପିତା ତ୍ୱଷ୍ଟା ଶୁଣି କୋପେ ଅନଳେ
ଆହୁତି ଦେଇ । ଆହେ ଇନ୍ଦ୍ରଶତ୍ରୋ ଆବର୍ଦ୍ଧିତ ହୁଅ ଏହି ଶବ୍ଦ ମୁଖେ
କହି ।୧୨। ତତ୍‌କ୍ଷଣ ପରେ ଦକ୍ଷିଣାଗ୍ନି ମଧ୍ୟୁ ଯୁଗାନ୍ତ କାଳ ସମାନ । ଭୀଷଣା-
କାର ଏ ଅସୁର ସହସା ହୋଇ ପଡ଼ିଲା ଉତ୍ପନ୍ନ । ୧୩ । ସର୍ବତୋଭାବରେ
ଦିନ ଦିନ ହୋଇ ହୋଇଲା ସେହୁ ବର୍ଦ୍ଧନ । ଦଗ୍ଧ ଗିରିସମ ଶରୀର ଦିଶଇ
ଶିଖା ଶ୍ମଶ୍ରୁ ତାମ୍ରବର୍ଣ୍ଣ । ୧୪ । ଜବାପୁଷ୍ପସମ ନୟନ ଦୁଇଟି ଅତିଶୟ ତେଜସ୍କର ।
ଭୀଷଣ ଶବଦ କରି ନୃତ୍ୟ କରେ କମ୍ପାଇଣ ତିନପୁର । ୧୫ । ଶୀଘ୍ର ବୃଦ୍ଧି
ପାଅ ଶତ୍ରୁ ନାଶକର ତ୍ୱଷ୍ଟା କହନ୍ତି ବଚନ । ହାଇମାରି ବୃତ୍ର ଜିହ୍ୱା ଦନ୍ତ
ତାର ଦେଖାଏ ଅତି ଭୀଷଣ । ୧୬ । ଲୋକେ ଦେଖି ତାକୁ ଅତି ଭୀତ
ହୋଇ ଇତସ୍ତତରେ ପଳାଇ । ଅସୁର ମୂର୍ତ୍ତି ତ ତପସ୍ୟାବୃତ୍ତିରୁ ବୃତ୍ର ନାମ ସେ
ବହଇ ।୧୭। ଅତି ପାପାତ୍ମା ଦାରୁଣ ପ୍ରକୃତି ଦେଖି ତାକୁ ଦେବଗଣ । ଦଳ-
ବଳ ହୋଇ ନାନା ଅସ୍ତ୍ରମାନ କଲେ ତା ଦେହେ ବର୍ଷଣ । ୧୮ । ଅସ୍ତ୍ର ଶସ୍ତ୍ର
ସବୁ ଗ୍ରାସ କରଗଲା ଦେଖିଣ ସେ ଦେବଗଣ । ବିସ୍ମିତ ବିଷଣ୍ଣ ହୋଇ ଯାଇ
ସର୍ବେ ହୋଇଲେ ଉପାୟହୀନ । ୧୯ । ଏକାଗ୍ରଚିତ୍ତରେ ଅନ୍ତର୍ଯ୍ୟାମୀ ହରି
ଆଦିପୁରୁଷେ ସ୍ତବଇ । ଯେ କାଳକୁ ସର୍ବେ ପୂଜାକରେ ଭୟେ ନାନା ଉପହାର
ଦେଇ । ୨୦ । ସେହିକାଳ ଯାକୁ ଭୟକରେ ବଳେ ସେ ପ୍ରଭୁ ପରମେଶ୍ୱର ।
ଏ ସଙ୍କଟେ ତ୍ରାଣ କରୁ ଦେବଗଣେ ପଡ଼ୁଛୁଁ ତାଙ୍କ ପୟର । ୨୧ । ନିରହଙ୍କାର
ସେ ରାଗାଦିବର୍ଜିତ ଆତ୍ମଲାଭେ ତୃପ୍ତିକାମ । ଉପାଧିକୃତ ପରିଚ୍ଛେଦହୀନ ସେ
ତାରେ ପଶୁଛୁଁ ଶରଣ । ୨୨ । ତାଙ୍କୁ ଛାଡି ଯେହୁ ଅନ୍ୟରେ ଶରଣ ପଶେ
ସେ ମୂର୍ଖ ଅତ୍ୟନ୍ତ । କୁକ୍କୁର ଲାଙ୍ଗୁଡ଼ ଧରି ସାଗରକୁ ପାର ହେବା ଲୋଡ଼େ
ସେ ତ । ୨୩ । ଆମ୍ଭେମାନେ ତାର ଅର୍ଜିତ ସ୍ୱଭାବେ ସେହି ଅଣ୍ଡସ୍ଥ ଅମ୍ବର ।

ମନ୍ ମହାପ୍ରଳୟରେ ଯାର ଶୃଙ୍ଗ ଆଶ୍ରୟେ ହୋଇଲା ପାର । ୨୪ । ସେହି
ମତ୍ସ୍ୟମୂର୍ତ୍ତି ଭଗବାନ ବୃତ୍ର ଭୟରୁଁ କରିବ ତ୍ରାଣ । ପୂର୍ବକାଳେ ବ୍ରହ୍ମା ନିଃସହାୟ
ହୋଇ ଦେଖି ଭୀଷଣ ଗର୍ଜ୍ଜନ । ୨୫ । ଯା ପ୍ରସାଦେ ଭୟୁଁ ରକ୍ଷାହେଲା ବ୍ରହ୍ମା
ସେ କରୁ ଆମ୍ଭ ରକ୍ଷଣ । ସେହି ଏକେଶ୍ୱର ନିଜମାୟାଦ୍ୱାରା କରନ୍ତି ସର୍ବ
ବର୍ଜ୍ଜନ । ୨୬ । ତାର ଅନୁଗ୍ରହେ ଆମ୍ଭେମାନେ ଯିନା କରୁଛୁଁ ସୃଷ୍ଟି ସର୍ଜ୍ଜନ ।
ଆମ୍ଭମାନଙ୍କ ପୂର୍ବରୁ ଯେ ହୋଇଣ ଅଛଇଟି ଚେଷ୍ଟାବାନ । ୨୭ । ତଥାପିହିଁ
ଆମ୍ଭେମାନେ ଆପଣାକୁ କରୁଛୁଁ ଈଶ୍ୱରଜ୍ଞାନ । ସେହିହେତୁଁ ଯାର ସ୍ୱରୂପ
କଦାପି କରିପାରୁନା ଦର୍ଶନ । ୨୮ । ଶତ୍ରୁପୀଡ଼ିତ ଯେ ଦେଖିଲେ ଆମ୍ଭଙ୍କୁ
ନିଜ ମାୟାବଳେ ପୁଣି । ଦେବ ଋଷି ନର ଆଦିରୂପ ଧରି ରକ୍ଷା କରଇ
ଧରଣୀ । ୨୯ । ସେହି ତ ଶରଣ୍ୟ ଦେବରେ, ଶରଣ ପଶୁଛୁଁ ଆମ୍ଭେ ସକଳ ।
ବିଶ୍ୱସ୍ୱରୂପ ବିଶ୍ୱଠାରୁ ପୃଥକ ସେହି ପୁଣି ବିଶ୍ୱାକାର । ୩୦ । ବିଶ୍ୱର କାରଣ
ପ୍ରକୃତିପୁରୁଷ ଆମ୍ଭେ ତ ତାର ସୃଜନ । ସେହି ମହାତ୍ମା ତ ଆମ୍ଭର ମଙ୍ଗଳ ନିଷ୍ଟେ
କରିବେ ସାଧନ । ୩୧ । ଦେବତାଏ ଏହିରୂପେ ନାନାସ୍ତୁତି କରୁଅଛନ୍ତି ଯେ
କ୍ଷଣ । ସେମାନଙ୍କ ହୃଦେ ଆବିର୍ଭୂତ ହେଲେ ବାସୁଦେବ ଭଗବାନ । ୩୨ ।
ଦେବତାଏ ଦେଖି ବିହ୍ୱଳତ ହୋଇ ପଡ଼ିଗଲେ ଦଣ୍ଡବତ । ଧୀରେ ଧୀରେ ଉଠି
କୃତାଞ୍ଜଳିପୁଟେ ପୁଣି ସ୍ତବିଲେ ବହୁତ । ୩୩ । ଆହେ ଭଗବାନ ଯଜ୍ଞ ତୋ
ସାମର୍ଥ୍ୟ ତୋ ପାଦରେ ନମସ୍କାର । କାଳରୂପୀ ତୋତେ ନମସ୍କାର କରୁଁ ଆମ୍ଭେ
ତୋହର କିଙ୍କର । ୩୪ । ଯଜ୍ଞବିଘାତକ ଦୈତ୍ୟଗଣପ୍ରତି ଅଭେଦ୍ୟ ଚକ୍-
କ୍ଷେପଣ । କରୁ ନାଥ ତୁହି ତୋତେ ନମସ୍କାର କରୁଅଛୁଁ ପୁଣ ପୁଣ । ୩୫ ।
ସେହି ପ୍ରଭାବରୁ ଭୂରଭୂର ସଞ୍ଜ୍ଞା ହୁଏ ତୋତେ ନମସ୍କାର । ଗୁଣତ୍ରୟ ଧାତା
ନିର୍ଗୁଣ ବିଧାତା ଜାଣିବ କେ ତୋତେ ନର । ୩୬ । ତୋତେ ନମସ୍କାର
ଆହେ ଭଗବାନ ବାସୁଦେବ ନାରାୟଣ । ହେ ଆଦିପୁରୁଷ ହେ ମହାନୁଭବ
ଆହେ ପରମ କାରଣ । ୩୭ । ପରମ ମଙ୍ଗଳ ପରମ ଦୟାଳୁ ହେ କେବଳ
ସର୍ବେଶ୍ୱର । ଜଗଦାଧାର ହେ ତ୍ରୈଲୋକ୍ୟନାଥ ହେ ହେ ଲକ୍ଷ୍ମୀକାନ୍ତ ଈଶ୍ୱର । ୩୮
ପରମହଂସ ପରିବ୍ରାଜକାଗ୍ରର୍ଯ୍ୟ ଅଷ୍ଟାଙ୍ଗ ଯୋଗବଳରେ । ଆତ୍ମଯୋଗ ସମାଧିର
ଅନୁଷ୍ଠାନେ ତୋତେ ଅନୁଭବ କରେ । ୩୯ । ଆହେ ଭଗବାନ ତୋର
କ୍ରୀଡ଼ୋପାୟ ଅଟଇ ଅଗମ୍ୟ ଅତି । କାରଣ ତୁ ନିରାଶ୍ରୟ ନିର୍ବିକାର
ନିର୍ବିକାର ବିଶ୍ୱପତି । ୪୦ । ବିନା ସାହାଯ୍ୟରେ ଅପେକ୍ଷା ନ କରି

ବିଶ୍ୱସୃଷ୍ଟି ସ୍ଥିତି ଲୟ । କର ତଥାପି ତୋ ବିକାର ନ ଜନ୍ମେ ଅଟଇ ଅତି ବିସ୍ମୟ । ୪୧ । ସଂସାରୀ ବ୍ୟକ୍ତିର ସମ କି ସଂସାରେ ପତିତ ହୋଇଣ ତୁହି । ନିଜ ଶୁଭାଶୁଭ ଫଳ ଭୋଗ କରୁ କିବା ପରବଶ ହୋଇ । ୪୨ । କିବା ସ୍ୱୟଂ ଆତ୍ମାରାମ ଆତ୍ମା ଉପସମଶୀଳ ହୋଇ କରି । ଚୈତନ୍ୟଶକ୍ତିର ପ୍ରଭାବରେ ସାକ୍ଷୀସ୍ୱରୂପରେ ଥାଉ ହରି । ୪୩ । ଅମ୍ଭେ-ମାନେ ତଥ୍ୟ କରି ପାରୁନାହୁଁ ତୋଠାରେ ସମ୍ଭବ ଦୁଇ ; ଭଗବାନ ତୁହି ଗୁଣ ଅକଥନ ମହାତ୍ମ୍ୟ ଦୁର୍ବୋଧ୍ୟ ହୋଇ । ୪୪ । ସାରଶୂନ୍ୟ କୁତର୍କ ଯୁକ୍ତି ପୁଣି ବିଗ୍ରହ ଅନୁସନ୍ଧାନ । ଅଯଥା ପ୍ରମାଣ କୁତର୍କାନୁକୂଳ ଯେ ଶାସ୍ତ୍ରେ ଅଛି କଥନ । ୪୫ । ସେହି ଶାସ୍ତ୍ରଦ୍ୱାରା ଯା ଅନ୍ତଃକରଣ ହୋଇଥାଇଛି ବ୍ୟାକୁଳ । ସେହି ବାଦୀଙ୍କର ବିବାଦ ତୋତେହିଁ କରି ନ ପାରେ ଗୋଚର । ୪୬ । ସର୍ବ ମାୟାମୟ ସଂସାର ବର୍ଜିତ ତୁହି ତୋ ସ୍ୱରୂପମାତ୍ର । ମାୟାକୁ ମଧ୍ୟରେ ରଖି କର୍ତ୍ତୃଭାବ ଦେଖାଉ ନ ଲାଗେ ସେ ତ । ୪୭ । କର୍ତ୍ତୃଭାବ ଥିଲେ ବିରୋଧ ହୁଅନ୍ତା କିନ୍ତୁ ତୋ ଠାରେ ସେ ନାହିଁ । ତେଣୁ ତୋ ସ୍ୱରୂପ ଦେଖିବାକୁ ଯୋଗ୍ୟ ହେବୁ ଅବା ଆମ୍ଭେ କାହିଁ । ୪୮ । ସକଳ ବସ୍ତୁର ନାନାରୂପେ ଯେହୁ ପ୍ରତୀୟମାନ ହୁଅଇ । ସେହି ଏକ ପ୍ରଭୁ ସତସ୍ୱରୂପରେ ସମସ୍ତ ଈଶ୍ୱର ହୋଇ । ୪୯ । ଅଖିଳ ଜଗତ କାରଣ ସକଳ ଅନ୍ତର୍ଯ୍ୟାମୀ ହୋଇ ସେହି । ସର୍ବପ୍ରକାଶକ ଏକ ଅଦ୍ୱିତୀୟ ସ୍ଥିରୀକୃତ ଅଛି ହୋଇ । ୫୦ । ଯେଉଁ ପାଦପଦ୍ମ ସେବାଫଳେ ଆଉ ସଂସାରକୁ ନ ଫେରଇ । ସେହି ପାଦପଦ୍ମ ଭାଗବତ ଜନ ଛାଡି ପାରିବେ ବା କାହିଁ । ୫୧ । ଏ ସର୍ବ ପୁରୁଷ ପୁରୁଷାର୍ଥପାଇଁ ଅତିଶୟ ହିଁ କୁଶଳ । ଏ କାରଣ ତୁ ହିଁ ଆତ୍ମା ବୋଲି ଜାଣି ତୋଠାରେ ଅଛନ୍ତି ଭୋଳ । ୫୨ । ତୋତେ ପ୍ରିୟ ପୁଣି ସୁହୃଦ ମଣିଣ ଅଛନ୍ତି ନିଶ୍ଚିନ୍ତ ହୋଇ । ଅତଏବ ସାଧୁ ଏମାନେ ଅଟନ୍ତି ମହିମାରେ ବୁଡ଼ିଥାଇ । ୫୩ । ଅମୃତରସର ସାଗର ମହିମା ବିନ୍ଦୁ ମାତ୍ର ଯେବା ପାଇ । ମନୋମଧ୍ୟେ ଯେଉଁ ସୁଖ ଜାତ ହୁଏ ସକଳ ତୁଚ୍ଛ ମଣଇ । ୫୪ । ତହିଁରେ ସକଳ ଏ ମହାପୁରୁଷ କ୍ଷୁଦ୍ର ସୁଖାଦ ବିସ୍ମୃତ । ଏମାନଙ୍କ ଚିତ୍ତ ତୋହଠାରେ ରତ ନିବୃତ୍ତ ହୁଏ ନିତାନ୍ତ । ୫୫ । ଆହେ ଭଗବାନ ତ୍ରିଭୁବନ ଆତ୍ମା ତୁହି ଅଟୁ ତ୍ରିଭୁବନ । ତୋର ତିନପାଦ ଏ ତିନଭୁବନ କରିଅଛି ପ୍ରଣୟନ । ୫୬ । ତୋହର ପ୍ରଭାବ ଲୋକତ୍ରୟେ ପୁଣି ଅଟଇଟି ମନୋହର । ଦୈତ୍ୟ ଦାନବାଦି ପ୍ରଭୃତି ସକଳେ ବିଭୂତ ଅଟେ

ତୋହର । ୫୭ । ଦୈତ୍ୟଦାନବାଦ ଅତ୍ୟାଗ୍ରର କାଳ ହୋଇଅଛି ଉପସ୍ଥିତ ।
ପୂର୍ବେ ନାନା ଦେହ ଧାରଣେ ଦୈତ୍ୟଙ୍କୁ ସଂହାରୁ ତୁହି ଯେମନ୍ତ । ୫୮ ।
ତ୍ୱଷ୍ଟୃତନୟକୁ ସେହି ପରକାର ତ୍ୱରିତ କର ସଂହାର । ଆହେ ପିତାମହ
ଆହେ ହରେ ଅମ୍ଭେ ଲୋକ ଅଟୁଁ ତୋହର । ୫୯ । ତୋହର ଚରଣେ
ପ୍ରଣତ ହେଉଛୁଁ ତୋ ପାଦ କରୁଛୁଁ ଧ୍ୟାନ । ନିଜେ ନିଜମୂର୍ତ୍ତି ପ୍ରକାଶି ସ୍ୱୀକାର
କଲଣିତ ନିଜ ଜନ । ୬୦ । ହେ କୃଷ୍ଣ ହେ ଈଶ ତ୍ରିଭୁବନ ଗ୍ରାସେ ଉଦ୍ୟତ
ତ୍ୱଷ୍ଟୃନନ୍ଦନ । ବୃତ୍ର ସ୍ୱର କ୍ଷର କରୁଅଛି ଯାହା ଶୀଘ୍ର କର ତୁ ନିଧନ । ୬୧ ।
ଶୁଦ୍ଧ ଅର୍ତ୍ତିହାରୀ ହରିଙ୍କୁ ଆମ୍ଭର କୋଟି କୋଟି ନମସ୍କାର । ବୁଦ୍ଧି ପ୍ରବୃତ୍ତିର
ସାକ୍ଷୀ ହୃଦାକାଶେ ନିବାସ ଅଟଇ ଯାହାର । ୬୨ । ସକଳ ପ୍ରକାର ଅନନ୍ତମୟ
ସେ ତେଣୁ ଶୁଦ୍ଧ ସେ ବୋଲାଇ । ଯଶରୂପ କର ସାଧୁଜନ ସଦା ତାହା ସଂଗ୍ରହ
କରଇ । ୬୩ । ସଂସାରପଥର ପଥିକ ଯଦ୍ୟପି କରେ ଶରଣ ଗ୍ରହଣ ।
ସଂସାରତ୍ରେ ସେହି ତାର ହିତ୍ୟଗତି ବଳେ କରଇ ବିଧାନ । ୬୪ । ଏହି ପର-
କାର ବହୁସ୍ତବ କଲେ ଅମର ବୃନ୍ଦ ତହିଁରେ । ଭଗବାନ ପୁଣି ସନ୍ତୋଷ
ଲଭିଣ ଦେବଗଣଙ୍କୁ କହିଲେ । ୬୫ । ଆହେ ଦେବଗଣ ତୁମ୍ଭର ଏ ସ୍ତୋତ୍ର
ଶୁଣି ଦେଖି ତୁମ୍ଭ ଜ୍ଞାନ । ଅତି ପ୍ରୀତ ହେଲ ପୁରୁଷାର୍ଥ ପ୍ରାପ୍ତି ଯେ କରେ ଏହା
ଶ୍ରବଣ । ୬୬ । ଏହାଦ୍ୱାରା ପୁଣି ପୁରୁଷଗଣଙ୍କ ଆତ୍ମାର ଐଶ୍ୱର୍ଯ୍ୟ ହୋଇ । ମୋର
ଭକ୍ତିଜାତ ହୁଅଇ ନିଶ୍ଚିତ ଏହା ସିଦ୍ଧାନ୍ତ ଅଟଇ । ୬୭ । ମୁଁ ପ୍ରୀତ ହୋଇଲେ
ପୁରୁଷର ଆଉ କିବା ଦୁଷ୍ପ୍ରାପ୍ୟ ହୁଅଇ । ତତ୍ତ୍ୱଜ୍ଞ ବ୍ୟକ୍ତି ଏ ମୋତେ ସମର୍ପଣ
ମୋ ଭବେ ଉନ୍ନତି ହୋଇ । ୬୮ । ବିଷୟକୁ ଇଷ୍ଟ ମଣେ ଯେ ପାମର ଅଜ୍ଞ
ସେ ଅଟଇ ଅତି । ନିଜ ମଙ୍ଗଳ ସେ ବୁଝି ନ ପାରଣ ବିଷୟରେ ଥାଇ
ମାତି । ୬୯ । ତାହାକୁ ତଦୀୟ ଇଷ୍ଟ ବିଷୟର ଯେ ବ୍ୟକ୍ତି କରେ ପ୍ରଦାନ ।
ସେ ମଧ୍ୟ ଅଜ୍ଞାନ କର୍ମମାର୍ଗ ତାଙ୍କୁ ନ କହିବ କଦାଚନ । ୭୦ । ରୋଗୀ
ଅଭିଳାଷ କଲେହେଁ ଅପଥ୍ୟ ସଦ୍‌ବୈଦ୍ୟ କେବେ ନ କହି । ଆହେ ଦେବେ
ତବ ହେଉ ସୁମଙ୍ଗଳ ଏବେ ଶୁଣ ସ୍ଥିର ହୋଇ । ୭୧ । ହେ ଦେବେନ୍ଦ୍ର
ତୁମ୍ଭେ ଯାଅ ଯାଅ ଶୀଘ୍ର ଦଧ୍ୟଞ୍ଚ ମୁନିପାଶରେ । ଅତି ଦୃଢ଼ ସେହି ବିଦ୍ୟାବ୍ରତ ଜ୍ଞାନ
ତପସ୍ୟାର ପ୍ରଭାବରେ । ୭୨ । ତାଙ୍କୁ ତାଙ୍କ ଗାତ୍ର ମାଗିବା ସନ୍ତତ ଆଉ ବିଳମ୍ବ
ନ କର । ଆହେ ଦେବରାଜ ଅଧ୍ୟାତ୍ମବିଦ୍ୟାରେ ବିଦ୍ୱାନ ସେ ଋଷିବର । ୭୩ ।
ଅତି ଶୁଦ୍ଧ ସେହି ଜ୍ଞାନକାଣ୍ଡେ ପୁଣି ଅତିଶୟ ଅଧିଗତ । ଅଶ୍ୱିନୀକୁମାର ଦ୍ୱୟଙ୍କୁ

ସେ ପୁଣି କରଅଛନ୍ତି ଶିକ୍ଷିତ । ୭୪ । ସେହି ବିଦ୍ୟାବଳେ ଅଶ୍ୱିନୀକୁମାର ଦ୍ୱୟ ହେଲେ ଜୀବନ୍ମୁକ୍ତ । ୭୫ । ଦଧ୍ୟଞ୍ଚ ସନ୍ତୁଷ୍ଟେ ତ୍ୱଷ୍ଟ୍ରଙ୍କୁ ଶିଖାଏ ବର୍ମ୍ମନାରା-ୟଣାତ୍ମକ । ବିଶ୍ୱରୂପଙ୍କୁ ଯେ ଦେଇଥିଲେ ସେହି ସେ ହେଲେ ତୁମ୍ଭ ଶିକ୍ଷକ । ୭୬ । ତୁମ୍ଭେମାନେ ଯାଇଁ ଅଶ୍ୱିନୀକୁମାରଂ ଦ୍ୱୟଙ୍କୁ ମାଗ ସତ୍ୱର । ଧର୍ମ୍ମଜ୍ଞ ସେ ନିଜ ଅଙ୍ଗ ଦେବେ ହେଲେ ତହିଁ ସନ୍ଦେହ ନ କର । ୭୭ । ତଦ୍ଦ୍ୱାରା ଯେ ଅସ୍ତ୍ର ବିଶ୍ୱକର୍ମ୍ମା ବର କରଦେବେଟି ନିର୍ମ୍ମାଣ । ତୁମ୍ଭେ ଆମ୍ଭ ତେଜେ ବର୍ଦ୍ଧିତ ହୋଇଣ ବୃତ୍ରାସୁର ଶିର ହାଣ । ୭୮ । ସେ ଦାନବ ପୁଣି ହୋଇଲେ ନିହତ ତୁମ୍ଭେ-ମାନେ ତତକ୍ଷଣ । ନିଜ ନିଜ ତେଜ ଅସ୍ତ୍ରାଦ ସମ୍ପଦ ପାଇବ ଅତିବହନ । ୭୯ । ମୋହଠାରେ ଯେହୁ ହୁଏ ଭକ୍ତିମାନ ତାଙ୍କୁ କେହିହି ନ ପାରେଁ । ଅତଏବ ତୁମ୍ଭମାନଙ୍କ ମଙ୍ଗଳ ନିଶ୍ଚିତ ହୋଇଛି ସ୍ଥିରେ । ୮୦ । ଭଗବାନ ହରି ଇନ୍ଦ୍ରକୁ କହିଲେ ମଙ୍ଗଳମୟ ବଚନ । ତତ୍କ୍ଷଣ ଦେବଙ୍କ ସେ ପ୍ରଭୁ ହୋଇଗଲେ ଅନ୍ତ-ର୍ଦ୍ଧାନ । ୮୧ । ତହୁଁ ଦେବଗଣ ମହା ଅଥର୍ବଣ ଦଧ୍ୟଞ୍ଚମୁନି ସମୀପେ । ଯାଇ ତାଙ୍କ ଦେହ ପ୍ରାର୍ଥନା କରଲେ ମୁନି କହେ ଆପେ ଆପେ । ୮୨ । ଅତି ଆନନ୍ଦରେ ହାସ୍ୟ ପ୍ରକାଶିଣ କହନ୍ତି ସେ ଋଷିବର । ଶରୀରଧାରୀଙ୍କ ଶରୀର ବିନାଶେ କ୍ଲେଶ ହୁଅଇ ଅପାର । ୮୩ । ଆହେ ଦେବଗଣ ବୋଧହୁଏ ତାହା ତୁମ୍ଭେ ମାନେ ଜାଣ ନାହିଁ । ମୃତ୍ୟୁଯନ୍ତ୍ରଣା ଅତିଶୟ ଦୁଃସହ ଚେତନା ବିନଷ୍ଟ ହୋଇ । ୮୪ । ଯେ ସକଳ ଜୀବ ଜୀବିତ ରହିବା ପାଇଁ ଇଚ୍ଛା କରୁଥାଇ । ବିଷ୍ଣୁ ହେଲେ ସୁଦ୍ଧା ପ୍ରାର୍ଥନା କରଲେ ଶରୀର କେବେ ନ ଦେଇ । ୮୫ । ଦେବଗଣ କହେ ଆହେ ଜ୍ଞାନୀବର ଯାହା କହିଲ ତା ସତ୍ୟ । କିନ୍ତୁ ଯେ ପୁରୁଷ ତୁମ୍ଭ ତୁଲ୍ୟ ବିଶେ ସର୍ବଭୂତେ ଦୟାବନ୍ତ । ୮୬ । ପୁଣ୍ୟକୀର୍ତ୍ତିଗଣ ଯାହାଙ୍କ ପ୍ରଶଂସା ଲୋକେ କରନ୍ତି ନିୟତ । ପରୋପକାରାର୍ଥ କେଉଁ କର୍ମ୍ମ ଅବା ନ କରନ୍ତି ସେ ସାଧିତ । ୮୭ । ସ୍ୱାର୍ଥ ପରଜନ ପରକ୍ଲେଶ ଦେଖି କିଛି ଜାଣି ନ ପାରଇ । ବୃଦ୍ଧି ପାଇଲେ ବା ଦେବାପାଇଁ ହେଲେ ସ୍ୱୀକାର କରଇ ନାହିଁ । ୮୮ । ଋଷିବର କହି ଶୁଣ ଦେବବୃନ୍ଦ ତୁମ୍ଭମୁଖୁଁ ଧର୍ମ୍ମକଥା । ଶୁଣିବା ପାଇଁକି ଇଚ୍ଛା କରି ମୁହିଁ କହିଲ ବିଶବ୍ୟବସ୍ଥା । ୮୯ । ଯଦ୍ୟପି ଶରୀର ଅତି ପ୍ରିୟ ମୋର ଅବଶ୍ୟ ଯିବ ତ ଦନେ । ଆହେ ନାଥଗଣ ଅନିତ୍ୟ ଅସତ୍ୟ କ୍ଷଣଭଙ୍ଗୁର ମୁଁ ଜାଣେ । ୯୦ । ତୁମ୍ଭପାଇଁ ମୁହିଁ ତ୍ୟାଗ କରିବଇଁ ନାହିଁ ଶୋଚନା ମୋ ତହିଁ । ଅନୁକମ୍ପା ପ୍ରକାଶକ ଯେ ପୁରୁଷ ଧର୍ମ୍ମଯଶ ଅରଜଇ । ୯୧ । ଅନ୍ୟ ଶୋକେ ଶୋକାକୁଳ

ହର୍ଷେ ହର୍ଷାନ୍ୱିତ ହୁଏ ଯେଉଁ ନର । ତାହାର ଧର୍ମ୍ମହିଁ ଅବ୍ୟୟ ଅକ୍ଷୟ ତା
ଯୋଗେ ଧନ୍ୟ ସଂସାର । ୯୨ । ଧନ ବା ସ୍ୱଜନ କିବା ଏ ଶରୀର କାହିଁ ନାହିଁ
ପ୍ରୟୋଜନ । କ୍ଷଣଭଙ୍ଗୁର ଏ ଅଟଇ ନଶ୍ୱର ଭୋଗେ ଭକ୍ଷେ ନେଇ ଅନ । ୯ ।
ଏ ତ କୃପଣତା ଏ କି କଷ୍ଟ ପୁଣି ଏହାଦ୍ୱାରା ପ୍ରାଣୀଗଣ । ଉପକାର କିଛି କରି
ନ ପାରଇ ଏତ ବିଚିତ୍ର ବିଧାନ । ୯୪ । ଅଥର୍ବଣ ଋଷି ଦଧୀଚି ଏରୂପ ନାନା
ମତରେ କହିଣ । ପରଂବ୍ରହ୍ମ ସଙ୍ଗେ କ୍ଷେତ୍ରଜ୍ଞ ଆତ୍ମାର ଏକତା କଲେ
ସାଧନ । ୯୫ । ଜଡ଼ ଦେହ ତ୍ୟାଗ କଲେ ସେହିକ୍ଷଣ ପ୍ରାଣେନ୍ଦ୍ରିୟ ବୁଦ୍ଧି-
ମନ । ସଂଯତ ହୋଇଣ ଥିଲା ସେହିଁ ପୁଣ କରନ୍ତି ତତ୍ତ୍ୱ ଦର୍ଶନ । ୯୬ । ସମସ୍ତ
ବନ୍ଧନ ନାଶ ହୋଇଥିଲା ଦେହ ଯେ ହୋଇଲା ନାଶ । କିଛିମାତ୍ର ସେହି ଜାଣି
ନ ପାରିଣ ବ୍ରହ୍ମେ ହୋଇଲେ ପ୍ରବେଶ । ୯୭ । ତାଙ୍କ ଅସ୍ଥିଦ୍ୱାରା ବିଶ୍ୱକର୍ମା
ବଜ୍ର କରି ଦେଲେଟି ନିର୍ମ୍ମାଣ । ଇନ୍ଦ୍ର ସେହି ବଜ୍ର ଧାରଣେ ଗଜେନ୍ଦ୍ର ପୃଷ୍ଠେ
ସଂଇଲେ ଶୋଭନ । ୯୮ । ଦେବସେନା ନେଇ ବୃତ୍ରାସୁରେ ଇନ୍ଦ୍ର କଲେ
ଯାଇଁ ଆକ୍ରମଣ । ଦେବାସୁର ଯୁଦ୍ଧ ହେଲା ଭୟଙ୍କର କେ କରେ ତାହା
ବର୍ଣ୍ଣନ । ୯୯ । ବୈବସ୍ୱତ ମନ୍ୱନ୍ତରର ପ୍ରଥମ ଚତୁର୍ଯୁଗେ ତ୍ରେତାଯୁଗେ ।
ନର୍ମ୍ମଦା ନଦୀର ତଟେ ଯୁଦ୍ଧାରମ୍ଭ ଲାଗିଗଲା ମହାରାଗେ । ୧୦୦ । ସେହି ଯୁଦ୍ଧେ
ପିତୃଗଣ, ରୁଦ୍ରଗଣ, ଅଗ୍ନିଗଣ, ବସୁଗଣ । ଆଦିତ୍ୟଗଣହିଁ ରୁଦ୍ର ଦେବଗଣ
ସାଧ୍ୟଗଣ, ଋଭୁଗଣ । ୧୦୧ । ଅଶ୍ୱିନୀକୁମାର ଦ୍ୱୟ, ମରୁଦ୍ଗଣ, ବିଶ୍ୱଦେବଗଣ
ତହିଁ । ପରିବୃତ ହୋଇ ଦେବରାଜ ବଜ୍ର କରେ ଧରି ଶୋଭିପାଇ । ୧୦୨ ।
ବିପକ୍ଷ ପକ୍ଷ ଯେ ବୃତ୍ରାସୁର ଆଦି ଦୈତ୍ୟଗଣ ଦେବଗଣ । ସହ୍ୟ କରିବାର
ଅକ୍ଷମ ହୋଇଣ ପାଇଲେ ଅତି କଷଣ । ୧୦୩ । ନମୁଚି, ଶମ୍ବର, ଅନର୍ବା,
ଦ୍ୱିମୂର୍ଦ୍ଧା, ଶଙ୍କୁଶିରା, ହୟଗ୍ରୀବ । ବିପ୍ରଚିତ୍ତି, ଅକମ୍ପାସ୍ୟ, ବୃଷପର୍ବା, ପ୍ରହେତି,
ହେତି, ଋଷଭ । ୧୦୪ । ପୁଲୋମା, ଉତ୍କଳ, ଆଦିଦୈତ୍ୟଗଣ ଶତ ସହସ୍ର
ରାକ୍ଷସ । ମାଲୀ, ସୁମାଲୀ ଆଦି ଅସୁରଗଣ କରିଲେ ଅତି ସାହସ । ୧୦୫ ।
ସ୍ୱର୍ଣ୍ଣମୟ ପରିଚ୍ଛଦ ଧାରଣରେ ସିଂହନାଦ କରି କରି । ଦୁର୍ଦ୍ଧର୍ଷ ଇନ୍ଦ୍ରର ସେନା
ଅଗ୍ରଭାଗେ ନାନାୟୁଧ କରେ ଧରି । ୧୦୬ । ନିରୋଧ କରନ୍ତି ମର୍ଦ୍ଦନ ସହ୍ୟରେ
ସମ୍ଭ୍ରମ ହୁଅନ୍ତି ନାହିଁ । ରାଶି ରାଶି ଗଦା ପରିଘ ମୁଦ୍ଗର ବାଣ ପ୍ରାସ ଶୂଳ
ନେଇ । ୧୦୭ । ତୋମର ଖଡ଼୍ଗ ଶତଘ୍ନୀ ଭୁଷୁଣ୍ଡୀ ନାନା ଅସ୍ତ୍ର ଶସ୍ତ୍ର ଧରି ।
ଦୁରନ୍ତ ଦାନବ ଦେବତାଗଣଙ୍କୁ ଭୀଷଣେ ଆକ୍ରମ କରି । ୧୦୮ । ଘନେକରିର

ଆଚ୍ଛନ୍ନତାବଶେ ଦେବେ ଅଦୃଶ୍ୟ ହୁଅଇ । ଅସୁରଙ୍କ ଅସ୍ତ୍ର ଶସ୍ତ୍ରର ବର୍ଷଣ
ଦେବସେନା ନ ଗଣଇ । ୧୦୯ । ବଳଂତ ଅମରେ ଦୈତ୍ୟ ଦାନବଙ୍କୁ କରି-
ଦେଲେ ଛିନ୍ନ ଭିନ୍ନ । ଅସୁରଗଣଙ୍କ ଅସ୍ତ୍ର ଶସ୍ତ୍ର ଆଦ ହୋଇଗଲା ଅତି
କ୍ଷୀଣ । ୧୧୦ । ଅସୁରେ ମାରନ୍ତି ବୃକ୍ଷ-ପର୍ବତାଦି ପ୍ରସ୍ତରଖଣ୍ଡ ନିକର । ଦେବତା
ଉପରେ କଲେ ବରଷଣ ଦେବେ ମଣେ ତମହାର । ୧୧୧ । ଦେବେ ତାହା
ଛେଦ ନିର୍ଭିକ ଭାବରେ ଯୁଦ୍ଧ କରନ୍ତି ଅପାର । ଅକ୍ଷତ ହୋଇଣ ଲଢ଼ୁଛନ୍ତି
ସୁଖେ ଅସୁରେ ଭୟେ କାତର । ୧୧୨ । କୃଷ୍ଣାନୁଗୃହୀତ ଦେବଙ୍କୁ ତାଚ୍ଛଲ୍ୟ
କରି ହୋଇଣ ନିର୍ଗତ । ସର୍ବ ଦୈତ୍ୟଗଣ ଯଥାସାଧ୍ୟମତେ ଯୁଦ୍ଧେ ଲଭିଲେ
ପ୍ରୟାସ । ୧୧୩ । ସକଳ ପ୍ରୟାସ ହୋଇଗଲା ବ୍ୟର୍ଥ ଦୈତ୍ୟ ହୋଇଗଲେ
ଭୀତ । ଯୁଦ୍ଧକ୍ଷେତ୍ର ସର୍ବେ ପଳାୟନପାଇଁ ହୋଇଗଲେଟି ଉଦ୍ୟତ । ୧୧୪ ।
ମହାମନା ବୀର ବୃତ୍ର ଦେଖି ତାହା ହାସ୍ୟ କରଣ କହଇ । ଜନ୍ମିଲେ ନିଶ୍ଚୟ
ମୃତ୍ୟୁ ହୋଇଥାଏ ଏଥିରେ ସଂଶୟ ନାହିଁ । ୧୧୫ । ଏଥିରେ ଯଦ୍ୟପି ମୃତ୍ୟୁ
ଘଟଇ ଇହଲୋକେ ଯଶପାଇ । ପରଲୋକେ ସ୍ୱର୍ଗ ମିଳଇ ଯେ କର୍ମେ
କେଉଁ ମନସ୍ୱୀ ଛାଡ଼ଇ । ୧୧୬ । ଏହି ସଂସାରରେ ଦୁଇ ପ୍ରକାର ମୃତ୍ୟୁଟି
ଶୁଭଦାୟକ । ଶାସ୍ତ୍ରସମ୍ମତ ଏ ପ୍ରଥମ ଦ୍ୱିତୀୟ ଦୁଷ୍ପ୍ରାପ୍ୟ କର ବିବେକ । ୧୧୮ ।
ଯୋଗଧାରଣାରେ ପ୍ରାଣ ଜୟକରି ଶରୀର ତ୍ୟାଗ ପ୍ରଥମ । ଦ୍ୱିତୀୟ ଯୁଦ୍ଧରେ
ସେନା ସମ୍ମୁଖରେ କଳେବର ବିସର୍ଜନ । ୧୧୯ । ଅସୁରଙ୍କ ପ୍ରଭୁ ବୃତ୍ରାସୁର
ବାକ୍ୟ ନ ଶୁଣିଣ ଦୈତ୍ୟଗଣ ! ଅତି ତ୍ରସ୍ତ ହୋଇ ସର୍ବେ ତଡ଼ିଦେଇ କଲେ
ସେ ପଳାୟନ ।୧୨୦। ନିଜ ପକ୍ଷଙ୍କର ଶୋଚନୀୟ ଦଶା ଦେଖିଣ ବୃତ୍ର ସନ୍ତପ୍ତ ।
ଏହି ନିଦାରୁଣ ବ୍ୟାପାର ତାହାର ସହି ନୁହେ କଦାଚିତ । ୧୨୧ । ପ୍ରଚଣ୍ଡ
କ୍ରୋଧରେ ଅଧୀର ହୋଇଣ ଭର୍ତ୍ସନା କରି କହଇ । ଆହେ ଦେବଗଣ ମାତା
ବିଷ୍ଠାସମ ଅଟ ମୁଁ ଯାହା ଦେଖଇ । ୧୨୨ । ପଳାୟନପର ଦୈତ୍ୟପୃଷ୍ଠ ବେଗେ
ପ୍ରୟୋଗ କରୁଛ ବାଣ । ଆପଣାଙ୍କୁ ଯେହ୍ନୁ ବୀର ବୋଲି ନିଜେ କରୁଛନ୍ତି
ଅଭିମାନ । ୧୨୩ । ଭୀତବ୍ୟକ୍ତିଙ୍କୁ ସେ ବଧ କରିବାର ନୁହେ ପ୍ରଶଂସା-
ଭାଜନ । କି ଅବା ସ୍ୱର୍ଗାଦି ଜନକ ସେ ନୋହି ତେଣୁ ତାହା ଅକାରଣ ।୧୨୪।
ଆରେ କ୍ଷୁଦ୍ରଗଣ ଯେବେ ଧୈର୍ଯ୍ୟ ଥାଏ ଯୁଦ୍ଧେ କରୁଥାଅ ସ୍ପୃହ । ଗ୍ରାମ୍ୟ
ଭୋଗସ୍ପୃହା ଛାଡ଼ି ମୋର ଆଗେ କିଛିକ୍ଷଣ ଉଭା ହୁଅ । ୧୨୫ । ଏହିମତେ କହି
ବୃତ୍ରାସୁର ଦୈତ୍ୟ କ୍ରୋଧେ ହୋଇ କମ୍ପମାନ । ବିପକ୍ଷ ଦେବଙ୍କୁ ଭୟ ଦେବା

ପାଇଁ ଦେହ କରିଲା ଭୀଷଣ । ୧୨୬ । ମହାବଳତମେ ଗର୍ଜନ ଛାଡ଼ିଲା ତ୍ରିଭୁବନ କମ୍ପମାନ । ଶୁଣି ଦେବଗଣ ମୂର୍ଚ୍ଛିତ ହୋଇଲେ ବଜ୍ରାହତର ସମାନ । ୧୨୭ । ଶୂଳ କରେ ଧରି ଭୀଷଣଭାବରେ ସୁର ସୈନ୍ୟର ଦଳନ । କରିବାର ଦେଖି ବଜ୍ରପାଣି ଇନ୍ଦ୍ର ହେଲେ ଅତି କ୍ରୋଧମନ ।୧୨୮। ନିଜ ସମ୍ମୁଖରେ ବୃତ୍ରଦେଖି ଇନ୍ଦ୍ର ଗଦା କରିଲେ କ୍ଷେପଣ । ବୃତ୍ରାସୁର ଦେଖି ବାମକରେ ଗଦା ଇଦିତେ କଲା ଧାରଣ । ୧୨୯ । ସେହି ଗଦାଦ୍ୱାରା ଭୀଷଣଭାବରେ ଐରାବତ କୁମ୍ଭସ୍ଥଳେ । ଗର୍ଜନ ଛାଡ଼ିଣ ଆଘାତ କରିଲା ଅତି ପ୍ରଚଣ୍ଡ ପ୍ରବଳେ । ୧୩୦ । ସକଳେ ଏ କର୍ମ ଦେଖିଣ ତାହାର ପ୍ରଶଂସା କଲେ ବହୁତ । ବୃତ୍ର ଗଦାହତ ଐରାବତ ତହିଁ ହୋଇଲା ଅତି ଘୂର୍ଣ୍ଣିତ । ୧୩୧ । ଅଷ୍ଟାବିଂଶ ହସ୍ତେ ଘୂରି ଦୂରି ଯାଇ ହୋଇଗଲା ସେ ପତିତ । ମୁଖକୁ ବ୍ୟାଦାନ କରିଣ ବମନ କରି ପକାଏ ରକତ । ୧୩୨ । ବୃତ୍ରାସୁର ଅତି ମହାତ୍ମା ଅଟଇ ଅବସ୍ଥା ଦେଖି ତାହାର । ଅନ୍ୟ ଅସ୍ତ୍ର ଆଉ କ୍ଷେପଣ ନ କରେ ତାହା ପ୍ରତି ପୁନର୍ବାର । ୧୩୩ । ଦେବରାଜ ଇନ୍ଦ୍ର ନିଜ ବାହାନକୁ ଓହ୍ଲାଇପଡ଼ି ତତ୍କ୍ଷଣ । ସର୍ବାଙ୍ଗ ତାହାର ଆଉଁଷି ପକାଇ କଲେ ତାକୁ ବ୍ୟଥାଶୂନ୍ୟ । ୧୩୪ । ନିଜ ଭ୍ରାତୃହନ୍ତା ବଜ୍ରଧର ଇନ୍ଦ୍ରେ ବୃତ୍ର କହନ୍ତି ବଚନ । ଆରେ ଇନ୍ଦ୍ର ତୁହି ବ୍ରହ୍ମଘାତୀ ପାପୀ, ଅତ୍ୟନ୍ତ ଅଟୁ ପିଶୁନ । ୧୩୫ । ଭ୍ରାତାକୁ ମୋହର କରିଅଛୁ ହତ ଗୁରୁଦ୍ରୋହୀ ତୁ ପାଷଣ୍ଡ । ତୋ ପାପୀ ହରଣ କରିବ ଏକ୍ଷଣ ଦେହ କରି ଖଣ୍ଡ ଖଣ୍ଡ । ୧୩୬ । ଏତେ-ବେଳ ଯାଏଁ ମୋ ଆଗେ ଅଛୁ ତୁ ନ ମରି ହୋଇ ଜୀବିତ । ସୌଭାଗ୍ୟ ବିଷୟ ଅଟଇ ଏହା ତୋହ ପକ୍ଷରେ କୁତ୍ସିତ । ୧୩୭ । ଶୂଳଦ୍ୱାରା ଆଜ ଅଚିରେ ମାରଣ ଶୋଧ କରି ଭ୍ରାତୃଋଣ । ଅତ୍ୟନ୍ତ ସୌଭାଗ୍ୟ ବଢ଼ାଇ ଦେବି ମୁଁ ବିଶ୍ୱାସ-ଘାତୀ ତୁ ଶୁଣ । ୧୩୮ । ଆମ୍ଭଙ୍କ ବ୍ରାହ୍ମଣ ନିଷ୍ପାପକୁ ବଧି ଯଜ୍ଞରେ କରି ଘାତିତ । ନିଜଗୁରୁ ବୋଲି ମୋ ଅଗ୍ରଜେ ଅତି ବିଶ୍ୱାସ ଜନ୍ମାଇ ତୁ ତ ।୧୩୯। ନିର୍ଦ୍ଦୟ ପୁରୁଷ ସ୍ୱର୍ଗକାମୀ ହୋଇ ପଶୁ କରେ ଯେସନେ ହତ । ସେହିରୂପେ ତୁହି ମୁଣ୍ଡନିଚୟ ଛେଦ ଗୁରୁକୁ କଲୁ ନିହତ । ୧୪୦ । ନିଶ୍ଚୟ ଜାଣିଲି ଦୟା, ଲଜ୍ଜା, ଶ୍ରୀ, କୀର୍ତ୍ତି, ତୋତେ ଛାଡ଼ିଛଇ । ଆପଣାର ଦୋଷେ ରାକ୍ଷସ ନିକଟେ ନିନ୍ଦନୀୟ ଅଛୁ ହୋଇ । ୧୪୧ । ଅତଏବ କଷ୍ଟଦେଇ ଶୂଳଦ୍ୱାରା ଦେହ କରିବି ନିର୍ଭିନ୍ନ । ଗୃଧ୍ର, ଶ୍ୱାନ, ଶିବାଗଣ ଆସି ସେହି ଦେହକୁ କରୁ ଭକ୍ଷଣ ।୧୪୨। ଏ ଦେହକୁ ତୋର ଅଗ୍ନିଦେବ କେବେ କରିବେ ନାହିଁ ଗ୍ରହଣ । ନୃଶଂସ ସେ ଦେହ ଆଗରେ

ଦୁର୍ଗଶ୍ୟ ହୋଇବ ଏହି ବିଧାନ । ୧୪୩ । ଅହେ ବୀର ଇନ୍ଦ୍ର, ଯଦି ତୁହି ଯୁଦ୍ଧେ ମୋତେ କର ପରାଜୟ । ବଜ୍ରଦ୍ୱାରା ମୋର ଶିରଚ୍ଛେଦ କରୁ ପାଇବ ମୁଁ ନିଜ ଦେହ । ୧୪୪ । କର୍ମବନ୍ଧନରୁ ବିମୁକ୍ତ ହୋଇବ ପାଇବ ମୁଁ ବୀରଗତି । ହେ ସୁରେଶ ମୁଁ ତୋ ସମ୍ମୁଖରେ ଅଛି ବଜ୍ରକ୍ଷେପ ମୋର ପ୍ରତି । ୧୪୫ । ଏପରି ସଂଶୟ କର ନାହିଁ ଚତ୍ତେ ଗଦା ଯେଭେ ବ୍ୟର୍ଥ ହୋଇ । ସେପରି ଅମୋଘ ବଜ୍ର ବ୍ୟର୍ଥ ହେବ ତାହା ତୁମ୍ଭେ ଜାଣ ନାହିଁ । ୧୪୬ । ଏହି ତୋ କୁଳଶ ଭଗବାନ ହରି ତେଜେ ହୋଇ ତେଜୀୟାନ । ଦଧ୍ୟଞ୍ଚ ଋଷିର ତପସ୍ୟା ପ୍ରଭାବେ ହୋଇଅଛନ୍ତି ତୀକ୍ଷଣ । ୧୦୭ । ଏହି ଅଶନରେ ଶତ୍ରୁବଧ କର ହୋଇଛନ୍ତି ହରି ପ୍ରେରିତ । ଯେଉଁଠାରେ ହରି ସେଠାରେ ବିଜୟ ଶ୍ରୀଗୁଣ ସର୍ବ ଉଦିତ ।୧୪୮ । ହେ ଇନ୍ଦ୍ର, ମୋହର ପ୍ରଭୁ ସଙ୍କର୍ଷଣ ଦେଇଛନ୍ତି ଯେ ଉପଦେଶ । ତଦୀୟ ଚରଣେ ଚିତ୍ତ ନିବେଶିଣ ପାଳିବି ସେହି ଆଦେଶ । ୧୪୯ । ଦେହ ବିସର୍ଜନେ ଯୋଗୀ-ଗଣ ଗତି ହୋଇବଇଁ ପରାପତ । ତୋ ବଜ୍ରବେଗରେ ମୋ ବିଷୟଭୋଗପାଶ ହୋଇବ ବିମୁକ୍ତ । ୧୫୦ । ଯେ ସର୍ବ ପୁରୁଷ ଏକାନ୍ତ ଭାବରେ ହରିପ୍ରତି ଚିତ୍ତାର୍ପଣ । କରଇ କି ଅର୍ବା ଯେ ତାଙ୍କ ନିଜର ଲୋକରେ ହୁଅନ୍ତି ଗଣ୍ୟ । ୧୫୧ । ତାଙ୍କ ସ୍ୱର୍ଗ ମର୍ତ୍ତ୍ୟ ପାତାଳ ସମ୍ପତ୍ତି ନ କରେ ସେ ସମର୍ପଣ । ଯେହେତୁ ସେ ସର୍ବ ସମ୍ପତ୍ତିରୁ ଦ୍ୱେଷ ଉଦ୍‌ବେଗାଦି ହୁଏ ଜନ୍ମ । ୧୫୨। ମତ୍ତତା, ବିଷାଦ, ମନଃପୀଡ଼ା, କ୍ଳେଶ, ସମ୍ପତ୍ତିରୁ ହୋଇଥାଇ । ପ୍ରଭୁ ଆପଣାର ଭକ୍ତଙ୍କୁ ଧର୍ମାର୍ଥ କାମ ଚେଷ୍ଟା ନ ଦିଅଇ । ୧୫୩ । ସେଥିପାଇଁ ଯେହୁ ନ କରଇ ଚେଷ୍ଟା ସେ ହରି ପ୍ରସାଦ ପାଇ । ଅକିଞ୍ଚନ ଭକ୍ତ ସେ ହରି ପ୍ରସାଦ ପାଇ ସଦା ତୁଷ୍ଟ ଥାଇ ।୧୫୪। ତଦ୍‌ଭିନ୍ନ ଅନ୍ୟର ପକ୍ଷେ ସେ ଦୁର୍ଲଭ କହି ହରିର ଉଦ୍ଦେଶ୍ୟ । ବିନୟ ଭାବରେ କହେ ଅତି ଧୀରେ ବୃତ୍ରାସୁର ଭକ୍ତିବଶେ । ୧୫୫ । ଅହେ ଭଗବାନ ତୋ ଚରଣ ହୃଦୟ ଯାହାଙ୍କ ଆଶ୍ରୟ ହୋଇ । ସେମାନେ ତୋ ଦାସ ମୁହିଁ ଅନୁଦାସ ହୋଇବି ତାଙ୍କର ଠାଇଁ । ୧୫୬ । ତୁ ପ୍ରାଣ ସକଳ ଅଧିପତି ନାଥ ମୋ ମନ ସ୍ମରୁ ତୋଗୁଣ । ମୋହର ବଚନ ତୋହ ଗୁଣ ନାମ ସର୍ବଦା କରୁ କୀର୍ତ୍ତନ ।୧୫୭। ମୋ ଦେହ ତୋହର କର୍ମରେ ବ୍ୟାପୃତ ହେଉ କର କୃପାଦାନ । ଅହେ ହେ ନିଖିଳ ସୌଭାଗ୍ୟନିଧାନ ତୋତେ ମୁଁ କରି ବର୍ଜନ । ୧୪୮ । ସ୍ୱର୍ଗପୃଷ୍ଠ, ଧ୍ରୁବ ଲୋକ, ବ୍ରହ୍ମପଦ, ସର୍ବଭୂମିର କର୍ତ୍ତୃତ୍ୱ । ଯୋଗସିଦ୍ଧି ଅବା ମୁକତି ନ ବାଞ୍ଛେ କଦା ମୁଁ ସାଧିପତ୍ୟ । ୧୫୯ । ତୋର ଦରଶନ ଲୋଡ଼ଇ ମୋ ମନ ହେ

ଫଣେ ପଦ୍ମଲୋଚନ । ମୁହିଁ ସ୍ତ୍ରୀସୃ କର୍ମେ ଏ ସଂସାରଚକ୍ରେ ପଡ଼ି କରଇ ଭ୍ରମଣ ।୧୬୦। ପବିତ୍ର କୀର୍ତ୍ତି ତୁ ତୋ ଭକ୍ତ ସଂଗରେ ସଖ୍ୟ ହେଉଛି ମୋହର । ତୋ ମାୟାବଶରେ ପୁତ୍ର କଳତ୍ରରେ ଆସକ୍ତ ମୁଁ ଭୟଙ୍କର । ୧୬୧ । ପୁନରାୟ ମୋର ଏହି ସକଳରେ ନ ହେଉ ଆଉ ଆସକ୍ତି । ଜୟଠାରୁ ମୃତ୍ୟୁ ଶ୍ରେୟଃ ଜ୍ଞାନ କଲା ବୃତ୍ର ର ବିଶୁଦ୍ଧମତି । ୧୬୨ । ବୃତ୍ର ସୁରେଶ୍ୱର ଚରିତ ଏ ଛନ୍ଦ ବୃତ୍ର ବଚନ ଚରିତ । ବୃତ୍ରବଧ ଛନ୍ଦ ଗାଇବା ଏ ପରେ ଚିତ୍ତ ହୋଇବ ପବିତ୍ର । ୧୬୩ । ଏଛନ୍ଦ ଗାୟନ ଶ୍ରବଣ ପଠନେ ସର୍ବପାପ ନାଶ ଯାଇ । ସର୍ବସିଦ୍ଧି ଲାଭ ହୁଅଇ ନିଶ୍ଚୟ ବୈକୁଣ୍ଠ ଅଦୃଷ୍ଟେ କାହିଁ ।୧୬୪।

$\frac{୯୮}{୧୯}$ ଛାନ୍ଦ ।

ବୃତ୍ରବଧ ।

ରାଗ ଶଙ୍କରାଭରଣ —

ବୃତ୍ରବଧ ଗୀତ ଗାଇବା ମନୋହରେ । ବୃତ୍ର ଶୂଳଧରି ଇନ୍ଦ୍ରେ ଆକ୍ରମଣ କରେ । ଶୂଳ ଘୂରାଇ ଘୂରାଇ । କାଳକ୍ରମେ ଇନ୍ଦ୍ର ପ୍ରତି ନିକ୍ଷେପ କରଇ । ୧ । ପ୍ରଳୟାନଳ ଭୀଷଣଶିଖା ସୁସମ୍ପନ୍ନ । ଶୂଳଯାଏ ଇନ୍ଦ୍ର ପ୍ରତି ହୋଇଣ ଭୀଷଣ । ସିଂହନାଦ କରି ବୃତ୍ର । କହିଲା ପାପିଷ୍ଠ ଏବେ ହୋଇଲୁ ନିହତ । ୨ । ଘୂର୍ଣ୍ଣ୍ୟମାନ ଗ୍ରହ କିବା ଉଲ୍କାସମ ହୋଇ । ଆସଇ ସେ ଶୂଳ ଇନ୍ଦ୍ର ଅକାତରେ ଚାହିଁ । ବଜ୍ରଦ୍ୱାରା ସେହି ଶୂଳ । ବୃତ୍ରର ବାହୁଚ୍ଛେଦନ କଲେ ମହାବଳ । ୩ । ଏକବାହୁ ଛିନ୍ନହେଲା କୋପାନ୍ୱିତେ ବୃତ୍ର । ପରିଘଧରି ବାସବ ପ୍ରତି ପ୍ରଧାବିତ । ଇନ୍ଦ୍ର ହନୁରେ ଆଘାତ । କରି ପ୍ରହାର କରିଲା ପୁଣି ଐରାବତ । ୪ । ଇନ୍ଦ୍ରର ହସ୍ତରୁ ବଜ୍ର ହୋଇଲା ପତିତ । ଏହି ବ୍ୟାପାର ଦର୍ଶନେ ସର୍ବେ ଆଚମ୍ବିତ । ବୃତ୍ରେ ପ୍ରଶଂସା କରନ୍ତି । ଇନ୍ଦ୍ର ବିପଦଦର୍ଶନେ ଦୁଃଖିତ ହୋଇଯାନ୍ତି । ୫ । ସକଳେ ଉଚ୍ଚୈଃସ୍ୱରରେ ହାହାକାର କରେ । ସ୍ଖଳିତ ବଜ୍ରକୁ ଇନ୍ଦ୍ର ଅତି ଲଜ୍ଜାଭରେ । ପୁଣି ନ କରେ ଗ୍ରହଣ । ଦେଖି ବୃତ୍ର କହୁଅଛି ମଧୁର ବଚନ ।୬।

ହେ ଦେବରାଜ ତୋ ବଜ୍ର ଉଠାଇଣ ନିଅ । ନିଜ ଶତ୍ରୁ ବଧ କର ବିଷନ୍ନ ନ
ହୁଅ । ଜୟ ପରାଜୟ ପୁଣ । କାହାର ଆୟତ୍ତ ନୁହେ ଶୁଣତା କାରଣ । ୭ ।
ସୃଷ୍ଟି ସ୍ଥିତି ଲୟ କରିବାର ଯେହୁ କ୍ଷମ । ସର୍ବଙ୍କ ଆଦିପୁରୁଷ ସନାତନ ଭିନ୍ନ ।
ଆତତାୟୀ ପରାଧୀନ । ଯୁୟୁତ୍ସୁ ସର୍ବଙ୍କ ଜୟ କରିବ କେମନ । ୮ । ଲୋକପାଳ
ସହିତରେ ଏ ସକଳ ଜନ । ଜାଲବଦ୍ଧ ପକ୍ଷୀତୁଲ୍ୟ ବିବଶ ହୋଇଣ । ଯାର
ଅଧୀନେ ସ୍ୱକର୍ମ । ସେହି କାଲ ଏକା ଅଟେ ଜୟର କାରଣ । ୯ । ସେହି
ଭଗବାନ ପୁଣି ସାହସ ସାମର୍ଥ୍ୟ । ବଲ ପ୍ରାଣାମୃତ ମୃତ୍ୟୁ ସ୍ୱରୂପ ସେହି ତ ।
ଆଶ୍ଚର୍ଯ୍ୟର ଏ ବିଷୟ । ଜଡ଼ ଦେହକୁ କାରଣ ମଣେ ହୋଇ ମୋହ । ୧୦ ।
ଦାରୁମୟୀ ନାରୀ ପତ୍ରମୟ ମୃଗସମ । ଚରାଚର ସର୍ବ ଦେଖେଁ ଈଶ୍ୱର ଅଧୀନ ।
କରିବଇଁ କି ବର୍ଣ୍ଣନ । ତାର ଅନୁଗ୍ରହ ବିନା କି ହେବ ସାଧନ । ୧୧ । ପ୍ରକୃତି
ପୁରୁଷ ମହତ୍ତ୍ୱେନ୍ଦ୍ରିୟ ଭୂତ । ମନ ଆଦି କେହି କେବେ ନୁହନ୍ତି ସମର୍ଥ ।
ବିଶ୍ୱ ସୃଷ୍ଟ୍ୟାଦି କରଣେ । ନ ଜାଣିବା ବ୍ୟକ୍ତି ଆପଣାକୁ ବଡ଼ ମଣେ । ୧୨ ।
ଭଗବାନ ସ୍ୱୟଂ ପ୍ରାଣୀଦ୍ୱାରା ପ୍ରାଣୀ ସୃଷ୍ଟି । ପ୍ରାଣୀଦ୍ୱାରା ପ୍ରାଣୀ ନାଶକରେ ପର-
ମେଷ୍ଠି । କାଳକ୍ରମେ ସର୍ବ କରେ । ଆୟୁଃ, ଶୋଭା, କୀର୍ତ୍ତି, ଐଶ୍ୱର୍ଯ୍ୟାଦି ହୁଏ
କାଲେ । ୧୩ । ଯେତେବେଳେ ସକଳହିଁ ବିଶ୍ୱର ଅଧୀନ । ତେତେବେଳେ
କୀର୍ତ୍ତି ବା ଅକୀର୍ତ୍ତି ଅବା ପୁଣ । ଜୟ ପରାଜୟ ବେନି । ସୁଖ ଦୁଃଖ ଜନ୍ମ ମୃତ୍ୟୁ
ସର୍ବ ଏକ ମାନ । ୧୪ । ହରଷ ବିଷାଦ ହେବା ନୁହଇ ଉଚିତ ।
ପ୍ରକୃତିର ତିନିଗୁଣ ଆତ୍ମାର ନୁହେଁ ତ । ଯେହୁ ଜାଣେ ଏହି ତତ୍ତ୍ୱ । ହର୍ଷ
ବିଷାଦରେ ବଦ୍ଧ ନୁହେ କଦାଚିତ । ୧୫ । ହେ ଇନ୍ଦ୍ର ମୋହର ପ୍ରତି
ଦୃଷ୍ଟିପାତ କର । ଯୁଦ୍ଧେ ମୁଁ ନିର୍ଜ୍ଜିତ ଅସ୍ତ୍ର ହସ୍ତେ ନାହିଁ ମୋର । ତଥାପି ମୁଁ
ଇଚ୍ଛା କରେ । ଯଥାଶକ୍ତି ଯେ ପ୍ରକାର ଯତ୍ନେ ତୋତେ ମାରେ । ୧୬ । ତୁମ୍ଭ
ଆମ୍ଭ ଯୁଦ୍ଧ ଦେଖ ଦ୍ୟୁତ କ୍ରୀଡ଼ା ସମ । ପରସ୍ପର ପ୍ରାଣ ଏଥି ଅଟଇଟି ପଣ ।
ଶର ଅଟଇ ପାଶକ । ବାହନ ଅଟଇ ସିନା ଏଥିରେ ଫଲକ । ୧୭ । ଅମୁକର
ଜୟ ଅମୁକର ପରାଜୟ । ଏହି କଥା ଜାଣିବାର ନାହିଁଟି ଉପାୟ । ବୃତ୍ର
କହନ୍ତେ ଏସନ । ଇନ୍ଦ୍ର ନିଷ୍କପଟ ଜାଣି କଲେ ପ୍ରଶଂସନ । ୧୮ । ବିସ୍ମୟ
ତ୍ୟାଗ କରିଣ ବଜ୍ରର ଗ୍ରହଣେ । ବୃତ୍ରାସୁରକୁ କହନ୍ତି ଅମୃତବଚନେ । ଆହେ
ଦାନବେନ୍ଦ୍ର ତୁହି । କୃଷ୍ଣ ସେବାଫଳେ ନିଶ୍ଚେ ସିଦ୍ଧ ଅଛୁ ହୋଇ । ୧୯ ।
ବିକଳର ଆତ୍ମା ହରି ସୁହୃଦ ଈଶ୍ୱର । ସର୍ବାନ୍ତଃକରଣେ ସେବା କରିଅଛୁ

ତାର । ତେଣୁ ଏ ପ୍ରକାର ବୁଦ୍ଧି । ସର୍ବ ପ୍ରକାରେ ତୁ ଲଭ କରିଅଛୁ
ସିଦ୍ଧି । ୨୦ । ଜନମୋହନୀ ବୈଷ୍ଣବୀ ମାୟାରୁ ଉତ୍ତୀର୍ଣ୍ଣ । ଆସୁରୀପ୍ରକୃତି ତୋ'ର
ହୋଇଅଛି ଲୀନ । ତେଣୁ ତୁ ମହାପୁରୁଷ । ରାଜସିକ ଗୁଣ ତୋହଠାରେ
ନାହିଁ ଲେଶ । ୨୧ । ରାଜସିକ ପ୍ରକୃତି ସମ୍ପନ୍ନ ବୁଦ୍ଧି ତୋର । ସତ୍ତ୍ୱମୟେ
ବାସୁଦେବ ଦୃଢ଼ କି ପ୍ରକାର । ବଡ଼ ଆଶ୍ଚର୍ଯ୍ୟ ବିଷୟ । ନିଃଶ୍ରେୟସ ଭଗବାନ
ଭକ୍ତି ତୋ ହୃଦୟ । ୨୨ । ଅମୃତ ସାଗରେ ଯେହ୍ନେ କରଇ ବିହାର । ଗର୍ତ୍ତୋଦ
ଜଳ ସ୍ୱର୍ଗାଦିସ୍ପୃହା କାହିଁ ତାର । ଦୁଇ ଧାର୍ମିକପ୍ରବର । ପରସ୍ପରେ କହି ଯୁଦ୍ଧେ
ପ୍ରବୃତ୍ତ ତତ୍ପର । ୨୩ । ଅରିନ୍ଦମ ବୃତ୍ର ଲୌହମୟ କୃଷ୍ଣବର୍ଣ୍ଣ । ଘୋର
ପରିଘାସ୍ତ୍ର ବାମକରରେ ଧାରଣ । କରି କରିଲା ଘୂର୍ଣ୍ଣିତ । ଇନ୍ଦ୍ରପ୍ରତି ସବଳରେ
କରିଲା ପତିତ । ୨୪ । ଇନ୍ଦ୍ର ଶତପର୍ବବଜ୍ରେ କରିଲେ ଛେଦନ । ପରିଘ
ସହିତ ବୃତ୍ର ହସ୍ତ ତତକ୍ଷଣ । ବାହୁ ମୂଳୁଁ ବଜ୍ରେ ଭିନ୍ନ । ତହିଁରେ ସେ ବୃତ୍ରାସୁର
ନୋହିଲା ଦୁଃଖିତ । ୨୫ । ମୁଖକୁ ତଳକୁ ଦେଇ ଉର୍ଦ୍ଧ୍ୱେ ପାଦ କରି ।
କରାଳଦନ୍ତ ଜୀହ୍ୱାକୁ କଲା ସର୍ପ ପରି । ଆସି ଇନ୍ଦ୍ରର ପାଶରେ । ଇନ୍ଦ୍ରକୁ ଗିଳି
ପକାଏ ଅସ୍ତ୍ର ସହିତରେ । ୨୬ । ପ୍ରଜାପତି ଦେବର୍ଷି ସହିତ ଦେବଗଣ ।
ଆହା କି କଷ୍ଟ ବୋଲିଣ ଉଚ୍ଚେ କଲେ ସ୍ୱନ । ଇନ୍ଦ୍ର ଦୈତ୍ୟର ଉଦରେ ।
ନାରାୟଣକବଚ ଯୋଗରେ ସେ ନ ମରେ । ୨୭ । ବିଭୁ ଇନ୍ଦ୍ର ସ୍ୱୀୟ ବଜ୍ରଦ୍ୱାରା
ତା ଉଦର । ବିଦାରି କରି ତହିଁରୁ ହୋଇଲେ ବାହାର । ପୁଣି ମସ୍ତକ
ଛେଦନ । କରି ପକାଇଲେ ବେଗେ କ୍ରୋଧେ କମ୍ପମାନ । ୨୮ । ଅତି
ବେଗଶାଳୀ ବଜ୍ର ବୃତ୍ରର ହନନେ । ସର୍ବତୋଭାବେ ଚଳିତ ହୋଇ ଅନୁଦିନେ ।
ତିନଶତ ଷାଠି ଦିନେ । ବୃତ୍ର ମସ୍ତକ ଛେଦନ କଲା ମଲା ପ୍ରାଣେ । ୨୯ ।
ଆକାଶେ ଦୁନ୍ଦୁଭି ଧ୍ୱନି ହେଲା ଘନଘନ । ସିଦ୍ଧ ଗନ୍ଧର୍ବାଦି ନୃତ୍ୟ କଲେ ବହୁକ୍ଷଣ ।
ହେଲା ପୁଷ୍ପ ବୃଷ୍ଟି ଅତି । ବୃତ୍ର ଦେହୁଁ ଜାତ ହେଲା ତାର 'ଆତ୍ମଜ୍ୟୋତି । ୩୦ ।
ସଙ୍କର୍ଷଣେ ଯାଇ ଜ୍ୟୋତି ହୋଇଲା ସଙ୍ଗତ । ପ୍ରଶଂସା କରିଲେ ସର୍ବେ ହୋଇ
କୃତକୃତ୍ୟ । କୀର୍ତ୍ତି ରହିଲା ଅକ୍ଷୟ । ବ୍ରହ୍ମହତ୍ୟା ଯାଇଁ ପଶିଗଲା ଇନ୍ଦ୍ର
ଦେହ । ୩୧ । ନିଜ ନିଜ ସ୍ଥାନେ ସର୍ବେ ତହୁଁ ଗଲେ ଚଳି । ବିଷ୍ଣୁର ଅଗମ୍ୟ
ମାୟା କେ ପାରିବ କଳି । ଭାବ ବୈକୁଣ୍ଠ ବିଷୟ । ବୃତ୍ରାସୁର ବଧ ଛନ୍ଦ
ଅତି ରମଣୀୟ । ୩୨ । —

୧୯/୨୦ ଛାନ୍ଦ ।

ବ୍ରହ୍ମହତ୍ୟା ଭୟେ ଇନ୍ଦ୍ରର ପଳାୟନ ।

ରାଗ—ଚକ୍ରକେଳି ।

ବୃତ୍ର ତ୍ୱଷ୍ଟା ଋଷିଙ୍କର କୁମର । ତାର ବଧ କରିଲେ ପୁରନ୍ଦର ।୧। ବିଶ୍ୱରୂପଙ୍କୁ
ବଧି ଏକଥର । ବ୍ରହ୍ମହତ୍ୟା ପାପେ ହେଲେ ଜର୍ଜ୍ଜର । ୨ । ଭୂମି, ଜଳ, ବୃକ୍ଷ,
ନାରୀଙ୍କୁ କହି । ସେହିପାପ ବାଣ୍ଟିଦେଲେ ଗୋସାଇଁ । ୩ । ବୃତ୍ର ଅତ୍ୟାଚାର
ସହି ନ ପାରି । ଦେବାଙ୍କ ସର୍ବେ କହିଲେ ବିଚାରି । ୪ । ବୃତ୍ର ବଧ ନ କଲେ
ସ୍ୱର୍ଗପୁର । ମହାସଙ୍କଟେ ପଡ଼ିଲା ନିକର । ୫ । ଇନ୍ଦ୍ର ରାଜ ହେଉ ନ ଥିଲେ
କେବେ । ସୁନ୍ଦର ବ୍ୟବସ୍ଥା କହିଲେ ଦେବେ । ୬ । ବ୍ରହ୍ମହତ୍ୟା ନାଶିବ ଅଶ୍ୱ-
ମେଧ । କର ପବିତ୍ର ହେବ ଅତି ଶୁଦ୍ଧ । ୭ । ଯଜ୍ଞରେ ବିଷ୍ଣୁଙ୍କୁ କରି ସନ୍ତୁଷ୍ଟ ।
ସ୍ୱର୍ଗ ପାପ ନଷ୍ଟ ହୋଇବ ସ୍ପଷ୍ଟ । ୮ । ସେହି କଥାରେ ବୃତ୍ରେ ଇନ୍ଦ୍ର ମାରି ।
ନିରୁପଦ୍ରବ କଲେ ସ୍ୱର୍ଗପୁରି । ୯ । ସକଳେ ହେଲେ ଆନନ୍ଦିତ ଅତି । ବ୍ରହ୍ମହତ୍ୟା
ଅକ୍ରାନ୍ତ ଶଚୀପତି । ୧୦ । ଇନ୍ଦ୍ର ସନ୍ତାପକରନ୍ତି ସହନ । ମନ ପ୍ରାଣ ଅତି
ହୋଇଲା ମ୍ଳାନ । ୧୧ । ନିନ୍ଦନୀୟ କର୍ମେ ହେଲେ ଲଜ୍ଜିତ । ତେଣୁ ମନରେ
ଅତ୍ୟନ୍ତ ଦୁଃଖିତ । ୧୨ । ବ୍ରହ୍ମହତ୍ୟା ଭୀଷଣମୂର୍ତ୍ତି ଧରି । ଇନ୍ଦ୍ର ଦେଖିଲେ
ଚଣ୍ଡାଳନୀପରି । ୧୩ । ପଛେ ପଛେ ଗୋଡ଼ାଉଛି ନିଯତ । ଅଙ୍ଗ ତାହାର ଅତି
ଜରାଗ୍ରସ୍ତ । ୧୪ । କ୍ଷୟରୋଗରେ ହୋଇ ବ୍ୟତିବ୍ୟସ୍ତ । ଅଙ୍ଗ ପ୍ରତ୍ୟଙ୍ଗ ହେଉଛି
କମ୍ପିତ । ୧୫ । ଶୋଣିତମୟ ତାହାର ଯେ ବସ୍ତ୍ର । ପଳିତ କେଶ କରି
ମୁକୁଳିତ । ୧୬ । ରହ ରହ ହୁଁ ଶବ୍ଦ ଉଚ୍ଚାରଣ । ମୁହୁର୍ମୁହୁ ଉଚ୍ଚୈଃସ୍ୱରେ
କହଣ । ୧୭ । ନିଃଶ୍ୱାସ ପ୍ରଶ୍ୱାସ ଅତି ପ୍ରଖର । ଆମିଷ ଗନ୍ଧ ହୁଅଇ ପ୍ରବଳ । ୧୮ ।
ପଥପର୍ଯ୍ୟନ୍ତ ହୋଇଲା ଦୂଷିତ । ଦେବରାଜ ଦେଖି ହୋଇଲେ ଭୀତ । ୧୯ ।
ପରିତ୍ରାଣ ନିମିତ୍ତ ପଳାୟିତ । ଆକାଶମାର୍ଗରେ ହେଲେ ଧାବିତ । ୨୦ । କିନ୍ତୁ
କୁହାପି ଆତ୍ମତ୍ରାଣ ସ୍ଥାନ । ନପାଇ ଚତୁର୍ଦ୍ଦିଗେ ଧାବମାନ । ୨୧ ।
ଅବଶେଷରେ ପୂର୍ବୋତ୍ତର ଦିଗେ । ଗମନ କରି ପଳାଇଲେ ବେଗେ । ୨୨ ।

ମାନସସରୋବରେ ତର ତରେ । ପ୍ରବିଷ୍ଟ ହୋଇଲେ ଅତି କାତରେ । ୨୩ ।
ତହିଁ ଦେଖିଲେ ଯେ ପଦ୍ମ ଅଛଇ । ତାର ତନ୍ତୁ ମଧ୍ୟରେ ପ୍ରବେଶଇ । ୨୪ ।
ସହସ୍ର ସହସ୍ର ବତ୍ସର ତହିଁ । ଅଲକ୍ଷିତେ ଇନ୍ଦ୍ର ଅଛନ୍ତି ରହି । ୨୫ ।
ଜଳ ମଧ୍ୟକୁ ଅନଳ ନ ଯାଇ । ତେଣୁ ଯଜ୍ଞ ଭାଗ ଇନ୍ଦ୍ର ନ ପାଇ । ୨୬ ।
ତହିଁ ମନରେ କରନ୍ତି ବିଚାର । ବ୍ରହ୍ମହତ୍ୟାରୁ କେଉଁଠେ ହେବେ ପାର ।୨୭।
ଯେତେକାଳ ତହିଁ ରହିଲେ ସେହି । ନହୁଷ ସ୍ୱର୍ଗ ଶାସନ କରଇ । ୨୮ ।
ବିଦ୍ୟା ତପସ୍ୟାଦିରେ ସୁସମ୍ପନ୍ନ । ନହୁଷ ଯୋଗପ୍ରଭାବରେ ପୂର୍ଣ୍ଣ । ୨୯ ।
ଐଶ୍ୱର୍ଯ୍ୟମଦେ ହୋଇଲେ ମୋହିତ । ଶଚୀ ସର୍ପଯୋନି କରାଏ ପ୍ରାପ୍ତ । ୩୦ ।
ବ୍ରାହ୍ମଣଦ୍ୱାରା ହୋଇଣ ଆହୂତ । ଇନ୍ଦ୍ର ପୁନଶ୍ଚ ହେଲେ ସ୍ୱର୍ଗ ପ୍ରାପ୍ତ । ୩୧ ।
ସତ୍ୟ ପାଳକ ହରି ଆରାଧନେ । ବ୍ରହ୍ମହତ୍ୟାପାପ ନାଶେ ବହନେ । ୩୨ ।
ଇନ୍ଦ୍ର ବ୍ରହ୍ମହତ୍ୟାପାପୁଁ ମୋଚନ । ହୋଇଥିଲେ କରି ଶ୍ରୀହରି ଧ୍ୟାନ । ୩୩ ।
ତଥାପି ଏ ବ୍ରହ୍ମର୍ଷିଏ ଆସି ପାଶ । ଇନ୍ଦ୍ରଙ୍କୁ ବହୁ ଦେଇ ଉପଦେଶ । ୩୪ ।
କରାଇଲେ ଅଶ୍ୱମେଧେ ଦୀକ୍ଷିତ । ଇନ୍ଦ୍ର ସେ ଯଜ୍ଞ କଲେ ହୃଷ୍ଟମତ । ୩୫ ।
ସର୍ବ ଦେବମୟ ହରି ଅର୍ଚ୍ଚନେ । ଦିବାକର ତେଜେ ତମଃ ଯେସନେ । ୩୬ ।
ବୃତ୍ରବଧଜନିତ ପାପରାଶି । ଅକ୍ଲେଶରେ ଇନ୍ଦ୍ର ପକାଏ ଧ୍ୱଂସି । ୩୭ ।
ପୂର୍ବବତ ଇନ୍ଦ୍ର ହେଲେ ମହତ । ପାପ ବିଧ୍ୱଂସନେ ଅତି ପବିତ୍ର । ୩୮ ।
ଏହି ଆଖ୍ୟାନ ଅଟଇ ମହତ । ଯେଣୁ ହରିଗୁଣ ହୁଏ କୀର୍ତ୍ତିତ ।୩୯। ବିଶେଷତଃ
ଭକ୍ତି ମହିମାଗୁଣ । ବିଶେଷରେ ହୋଇଅଛି ବର୍ଣ୍ଣିତ । ୪୦ । ଇନ୍ଦ୍ରର ପାପ-
ମୋଚନ ବର୍ଣ୍ଣିତ । ଜୟଯୁକ୍ତ ସେ ହୋଇଲେ ଯେସନ । ୪୧ । ଗାୟନ
ପଠନ ଶ୍ରବଣ ଗୁଣେ । ଜୀବ ଶୁଦ୍ଧ ହୁଏ ପାପକ୍ଷାଳନେ । ୪୨ । କୃଷ୍ଣ ପାଦରେ
ହୁଅଇ ଭକତି । ସର୍ବଦା ଆଲୋଚନା ଯେ କରନ୍ତି । ୪୩ । ଧନ ଯଶଃ ବୃଦ୍ଧି
ଆୟୁବର୍ଦ୍ଧନ । ଇନ୍ଦ୍ରଯୂପାଠିବ ପାପକ୍ଷାଳନ । ୪୪ । ଶତ୍ରୁଜୟ ହୁଅଇ ନି-
ଶ୍ଚିତ । ପର୍ବେ ପର୍ବେ ଶୁଣେ ଯେହୁ ପଣ୍ଡିତ । ୪୫ । କୃଷ୍ଣପାଦପଦ୍ମେ କରି
ଧିଆନ । ଦୀନ ବୈକୁଣ୍ଠ କରଇ ଗାୟନ । ୪୬ ।

$\frac{୧୦୦}{୨୧}$ ଛାନ୍ଦ ।

ଚିତ୍ରକେତୁ ଚରିତ ।

ରାଗ—ବଙ୍ଗଳା ଆଷାଢ଼ଶୁକ୍ଳବାଣୀ ।

ବୃତ୍ର ଚରିତ ଶୁଣି ପରୀକ୍ଷିତ । ଶୁକଦେବଙ୍କୁ ପଚାରେ ଅଦ୍ଭୁତ । ବୃତ୍ର ଅସୁର
ପ୍ରକୃତ ନ ହୋଇ । ଶ୍ରୀକୃଷ୍ଣ ଭକ୍ତ ହୋଇଲା କପାଇଁ * କହ ଋଷିବର । ଶୁକ
କହନ୍ତି ଶୁଣ ନରେଶ୍ୱର । ୧ । ପୂର୍ବକାଳେ ଶୂରସେନ ଦେଶରେ । ଚିତ୍ରକେତୁ
ନାମରେ ନରେଶରେ । ଥିଲା ବିଖ୍ୟାତ ସାର୍ବଭୌମ ସେହି । ସକଳକାମେ
ପରିପୂର୍ଣ୍ଣ ହୋଇ । କୋଟି ଭାର୍ଯ୍ୟା ତାର । କାହାଠାରେ ନୋହିଲେ
କୁମର । ୨ । ସ୍ୱୟଂରୂପ ଲାବଣ୍ୟ ବିଦ୍ୟାଧନ । ବୟସ ଔଦାର୍ଯ୍ୟାଦି ଯେତେ ଗୁଣ ।
ସମ୍ପଦାଦିରେ ଅଟନ୍ତି ସମ୍ପନ୍ନ । ସର୍ବଗୁଣେ ଅଳଙ୍କୃତ ସେ ପୁଣ । ବନ୍ଧ୍ୟା ଭାର୍ଯ୍ୟା-
ପତି । ମନେ ଭାବି ବ୍ୟାକୁଳିତ ହୁଅନ୍ତି । ୩ । କ୍ରମେ ଚିନ୍ତାକୁଳ ଅନ୍ତଃକରଣ ।
ସକଳସମ୍ପଦାଦି ତୁଚ୍ଛ ତୃଣ । ମଣି ପ୍ରତିପଦ ନ ହୁଏ ମନ । ସର୍ବଦା ସନ୍ତପ୍ତ
ହୁଅଇ ପ୍ରାଣ । ଏକଦା ଅଙ୍ଗିରା । ଋଷି ଆସି ପହୁଞ୍ଚିଲେ ତ୍ୱରା । ୪ । ରାଜା
ଦେଖି ଅତି ପ୍ରହୃଷ୍ଟ ହୋଇ । ପାଦ୍ୟ ଅର୍ଘ୍ୟାଦି ଦେଇଣ ପୂଜଇ । ଆତିଥ୍ୟ
କ୍ରିୟା କରି ଯଥୋଚିତ । ଋଷି ସମ୍ମୁଖେ ହୋଇଣ ପ୍ରଣତ । କରଯୋଡ଼ି କରି ।
ସଂଯତଭାବେ ରହେ ଦଣ୍ଡଧାରୀ । ୫ । ଋଷି କହନ୍ତି ସସ୍ନେହ ବଚନ । ତୁମ୍ଭର
କୁଶଳ ତ ହେ ରାଜନ । ମଙ୍ଗଳ ତ ସର୍ବ ପ୍ରକୃତିଙ୍କର । ମୋ ପ୍ରଶ୍ନର ଦିଅ ସତ୍ୟ
ଉତ୍ତର । ସୁଖୀ ଥିଲେ ରାଜା । ଉତ୍ତମଭାବେ ରହେ ସର୍ବପ୍ରଜା । ୬ ।
ଯେସନେ ମହଦାଦି ସପ୍ତ ପ୍ରକୃତି । ଦ୍ୱାରା ରକ୍ଷିତ ଜୀବ ଏ ଜଗତି । ରାଜା ସପ୍ତ
ପ୍ରକୃତିରେ ରକ୍ଷିତ । ହୁଅଇ ତଥା ତାର ଅନୁଗତ । ରାଜ୍ୟ ସୁଖ ଭୋଗ ।
କରି ପାରଇ ବହି ଅନୁରାଗ । ୭ । ହୋଇଲେ ସୁଖୀ ରାଜା
ସର୍ବମତେ । ପ୍ରକୃତିବର୍ଗ ଲଭେ ଯଥୋଚିତେ । ଧନ ପୁଣି ସମୃଦ୍ଧିଶାଳୀ
ହୋଇ । ପୁତ୍ର କଳତ୍ର ମନ୍ତ୍ରୀଆଦି ତହିଁ । ବଶବର୍ତ୍ତୀ ହୋଇ । ଅଛନ୍ତି ତ
କହ ହେ ନୃପବର । ୮ । ପୁରବାସୀ ଦେଶାଧିକାରୀଗଣ । ବଣିକ
ଆଦି ସର୍ବ ପ୍ରାଣୀ ପୁଣ । ବଶମ୍ବଦ ତ ଅଛନ୍ତି ସକଳ । ଦେଖଇ କପାଁ ଅତି ତୁ

ବ୍ୟାକୁଳ । ତୋ ମୁଖମଣ୍ଡଳ । ଚିନ୍ତାବିବର୍ଣ୍ଣ ଦିଶଇ କେବଳ । ୯ । ଅଙ୍ଗିରା ଋଷିବର ସ୍ୱଭାବତଃ । ସର୍ବଜ୍ଞ ତଥାପି ପୁଚ୍ଛେ ଏମନ୍ତ । ଚିତ୍ରକେତୁ ଶୁଣି କହେ ବିନୀତେ । ଅଜ୍ଞାତ କ ଅଛି ତୋତେ ଜଗତେ । ହେ ଋଷିପ୍ରବର । ତୋହ ପ୍ରଶ୍ନର ଦେବଇଁ ଉତ୍ତର ।୧୦। କ୍ଷୁଧିତ ପିପାସିତ ପ୍ରାଣୀଙ୍କର । ଗନ୍ଧ ଲେପନ ଦେଲେ ବ୍ୟବହାର । ଯେମନ୍ତ ଆନନ୍ଦ ନୁହଇ ଜାତ । ରାଜ୍ୟଭୋଗାଦି ମୋ ପକ୍ଷେ ତେମନ୍ତ । ସୁଖ ନ ଦିଅଇ । ଯେଣୁ ମୁଁ ନିଃସନ୍ତାନ ଅଛି ହୋଇ ।୧୧। ଏଣୁ ହେ ମହାଭାଗ ଋଷିବର । ଆମ୍ଭଙ୍କୁ ଏହି କଷ୍ଟୁଁ ରକ୍ଷାକର । ଯେମନ୍ତେ ମୋର ହୋଇବ ସନ୍ତାନ । ତହିଁରେ ଆପଣ କର ଧିଆନ । ଋଷି କାରୁଣିକ । ଅଙ୍ଗିରା କ୍ଷମତାଶାଳୀ ଅଧିକ । ୧୨ । ତ୍ୱଷ୍ଟୃ ଦେବତାର ଯାଗ କରଣ । ଚରୁ ପାକ କଲେ ଅତି ବହନ । ଭାଗ ଶେଷ ଚରୁର ଅବଶେଷ । ରାଜମହିଷୀ କଲେ ତାହା ଗ୍ରାସ । ଶ୍ରେଷ୍ଠା ଜ୍ୟେଷ୍ଠା ପତ୍ନୀ । ରାଜମହିଷୀ କୃତଦ୍ୟୁତି ନାମ୍ନୀ । ୧୩ । ଅଙ୍ଗିରା କହନ୍ତି ଶୁଣ ରାଜନ । ତୁମ୍ଭର ହେବ ଯେ ଏକ ସନ୍ତାନ । ଶୋକହର୍ଷ ତୋତେ କରିବ ଦାନ । କହି ଋଷି ତହୁଁ କଲେ ପ୍ରସ୍ଥାନ । କୃତଦ୍ୟୁତି ପୁଣି । ସ୍ୱାମୀ ସଂସର୍ଗେ ଗର୍ଭର ଧାରଣ ।୧୪। କରିଲେ ସର୍ବେ ହୋଇଲେ ହରଷ । କ୍ରମେ କ୍ରମେ ଆସି ହୋଇଲା ମାସ । ସୁନ୍ଦର କୁମାର ହୁଏ ଉତ୍ପନ୍ନ । ସକଳ ହୋଇଗଲେ ହୃଷ୍ଟମନ । ଜାତକର୍ମ କଲେ । ଚିତ୍ରକେତୁ କୁଳପ୍ରଥାନୁସାରେ । ୧୫ । ବ୍ରାହ୍ମଣଗଣଙ୍କୁ କରିଲେ ଦାନ । ନାନାପ୍ରକାର ବସନ ଭୂଷଣ । ସ୍ୱର୍ଣ୍ଣ, ରଜତ, ହସ୍ତୀ, ଅଶ୍ୱ, ଗ୍ରାମ । ଷଷ୍ଟକୋଟି ବତ୍ସା ଗାଭୀ ପ୍ରଦାନ । ଯେ ଯାହା ଗୃହିଁଲେ । ରାଜା ସମସ୍ତଙ୍କୁ ସକଳ ଦେଲେ । ୧୬ । ଦରିଦ୍ର ପାଇଲେ ଧନ ରତନ । ତହିଁରେ ତାହାର ସ୍ନେହ ଯେସନ । ରାଜାରାଣୀଙ୍କର ତଥା ବର୍ଦ୍ଧନ । ସ୍ନେହ ମମତା ହେଲା ଦିନୁଁଦିନ । ସପତ୍ନୀ ସକଳ । ମନଃ ସନ୍ତାପ ଲଭିଲେ ପ୍ରବଳ ।୧୭। ଚିତ୍ରକେତୁ ହୋଇ ପ୍ରହୃଷ୍ଟମନ । କରିଲେ ପୁତ୍ର ଲାଳନ ପାଳନ । ପୁତ୍ରବତୀରେ ଅତି ପ୍ରୀତି-ମାନ । ହେବାର ଦେଖି ଅନ୍ୟ ନାରୀଗଣ । ଈର୍ଷାନ୍ୱିତ ଅତି । ନିଜକୁ ବଡ଼ ଧିକ୍କାର କରନ୍ତି । ୧୮ । ବିଦ୍ୱେଷବଶେ ବୁଦ୍ଧି ଭ୍ରଂଶ ହୋଇ । ନିର୍ଦ୍ଦୟ ଚିତ୍ତେ ଗୋପନରେ ଯାଇ । କୁମରକୁ କଲେ ବିଷ ପ୍ରଦାନ । କିଛି ଜାଣେ ନାହିଁ କେହି ଏମାନ । କୃତଦ୍ୟୁତି ମନେ । ଜାଣଇ ପୁତ୍ର ଅଛଇ ଶୟନେ । ୧୯ । କିଛିକ୍ଷଣ ପରେ ଧାତ୍ରୀକୁ କହି । ପୁତ୍ରକୁ ଉଠାଇ ଆଣ ଏଠାଇଁ । ଧାତ୍ରୀ

ଦେଖିଲା ପିଣ୍ଡେ ପ୍ରାଣ ନାହିଁ । ହା ହତୋଽସ୍ମି ! ବୋଲି କହିକାନ୍ଦଇ । ପଡ଼ିଲା ଭୂତଳ । କରାଘାତ କରଇ ବକ୍ଷସ୍ଥଳ । ୨୦। ରାଣୀ ଶୁଣି ବ୍ୟଗ୍ର ଗଲା ତହିଁକି । ଆର୍ତ୍ତନାଦ କରୁଅଛୁ କାହିଁକି । ଦେଖିଲା ପୁତ୍ରର ନାହିଁ ପରାଣ । ଭୂତଳେ ପଡ଼ି ମୂର୍ଚ୍ଛିତ ତକ୍ଷଣ । ଶୁଣି ଣ ସକଳ । ଆସିଣ ହୋଇଣ ଗଲେ ବ୍ୟାକୁଳ ।୨୧। ସପତ୍ନୀଗଣ କପଟେ କାନ୍ଦଇ । ରାଜା ଶୁଣି ତହିଁକି ଗଲେ ଧାଇଁ । ଶୋକ ବୃଦ୍ଧି ହେଲା ଉତ୍ତରୋତ୍ତର । ମୂର୍ଚ୍ଛିତ ହେଉଛନ୍ତି ବାରବାର । ବ୍ରାହ୍ମଣେ ଅସିଣ । ଗୃହଦଗରେ କଲେ ବେଷ୍ଟନ । ୨୨ । ରାଜା ଗୃହମଧ୍ୟେ ପ୍ରବେଶ ହୋଇ । ପୁତ୍ର ପାଦମୂଳେ ପଡ଼ିଲେ ଯାଇଁ । କେଶ ବସନ ହେଲା ଅସମ୍ଭାଳ । ବାଷ୍ପରେ କଣ୍ଠ ରୋଧନ ପ୍ରବଳ । କହିବା ଅକ୍ଷମ । ଦୀର୍ଘଶ୍ୱାସ ଛାଡ଼ଇ ଘନ ଘନ । ୨୩। ରାଜର୍ଷି ଶୀଘ୍ର କରଇ ବିଳାପ । ନାନାପ୍ରକାରେ ମନେ ବହି ତାପ । ହେ ବିଧାତଃ ତୁ ଅଟୁ ମୂର୍ଖ ଅତି । ନିଷ୍ଠୁର ଦାରୁଣ ଅଟୁ କମିତ । ନାହିଁ ତୋ କରୁଣା । ଅନୀତ କାର୍ଯ୍ୟ କରୁ ହୋଇ ବଣା । ୨୪ । ବୃଦ୍ଧେ ରଖି ବାଳକେ କରୁ ନାଶ । ବିପରୀତ ଆଚରଣ ଇଦୃଶ । ପ୍ରାଣୀଗଣଙ୍କର ଶତ୍ରୁ ତୁ ହୋଇ । ଏସନ କର୍ମ କରୁ କାହିଁପାଇଁ । ହେ ତାତ ବିଧାତ । ସଙ୍ଗେ ସଙ୍ଗେ ମୋତେ କର ନିହତ । ୨୫ । ଶବପ୍ରତି ଗୃହିଁ କହେ ବଚନ । ପିତା ପରି ବସିଛନ୍ତି ମୋ ଧନ । ଅନାଥଁ ଥରେ ଦୃଷ୍ଟିପାତ କର । କାହିଁ ଗଲୁ ରେ ନିଷ୍ଠୁର ଆଚର । ମୋର ବାପଧନ । କେମନ୍ତେ ମୋର ରହିବ ପରାଣ । ୨୬ । ଉଠ ମୋ ବାପ ଗାତ୍ରୋତ୍ଥାନ କର । ପୁଂନାମ ନରକୁଁ କର ଉଦ୍ଧାର । ଆମ୍ଭମାନଙ୍କୁ ତ୍ୟାଗ ନ କରଣ । ନିଷ୍ଠୁର ଯମପୁରକୁ ଏକ୍ଷଣ । ନ ଯାଅ ତୁ ଦୂର । ଗଲେ ତୋ ସଙ୍ଗେ ମୋତେ ଭୁହ କର ୨୭ । ତୋର ବୟସ୍ୟ କ୍ରୀଡ଼ାର ନିମିତ୍ତ । ତାଙ୍କୁ ଅଛନ୍ତି ହୋଇ ଏକତ୍ରିତ । ହେ ନୃପନନ୍ଦନ ! ଅନେକକ୍ଷଣ । ତ କାରଣେ କରଅଛୁ ଶୟନ । କ୍ଷୁଧା ଶାନ୍ତିପାଇଁ । ସ୍ତନ୍ୟ ପାନ କର ଉଠିଣ ତୁହି । ୨୮ । ରେ ପୁତ୍ର ମୁଁ ମନ୍ଦଭାଗ୍ୟ ଅଟଇ । ସହାସ୍ୟମୁଖ ଦେଖି ପାରେ ନାହିଁ । ତୋ ମଧୁର ବାକ୍ୟ ନ ପାଇ ଶୁଣି । ହୃଦ ମୋହର ହେଉଅଛି ହାଣି । ନିଷ୍ଠୁର କୃତାନ୍ତ । କେଉଁଠାକୁ ଘେନିଗଲା ଏକାନ୍ତ । ୨୯ । ତହିଁରୁ ଆଉ କି ପ୍ରତ୍ୟାଗମନ । କରିବୁ ନାହିଁ କି ରେ ବାପଧନ । ତହିଁକି ହେଲା ଯାନ୍ତା ମୋ ଜୀବନ । ଦେଖନ୍ତି ତୋର ସହାସ୍ୟ ବଦନ । ବାକ୍ୟ ସୁମଧୁର । ଶୁଣନ୍ତି ହେଲେ ମନ ହୋନ୍ତା ସ୍ଥିର । ୩୦ । ରାଣୀର ଏସନ

ବିଳାପ ଶୁଣି । ଶୋକେ ରୋଦନ କରେ ନୃପମଣି । ସକଳେ ତହିଁ କରନ୍ତି କ୍ରନ୍ଦନ । ମୂର୍ଚ୍ଛା ହେଉଅଛନ୍ତି କ୍ଷଣ କ୍ଷଣ । ଆଉ ନାହିଁ କେହି । ସାନ୍ତ୍ୱନା ଦେବାର ଲୋକ ସେଠାଇଁ । ୩୧ । ଜାଣି ମହର୍ଷି ଅଙ୍ଗିରା, ନାରଦ । ଛଡ଼ାଇବା ପାଇଁ ରାଜାଙ୍କ ବିଷାଦ । ଚନ୍ଦ୍ରକେତୁ ନିକଟରେ ପ୍ରବେଶି । ନାନା ପ୍ରକାର କହନ୍ତି ଆଶ୍ୱାସି । ସଦ୍‌ଯୁକ୍ତି ଦର୍ଶାଇ । ତା ଶୋକ ଶାନ୍ତ କରିବାର ପାଇଁ । ୩୨ । ରାଜେନ୍ଦ୍ର ତୁମ୍ଭେ ଯାହାର ନିମିତ୍ତ । ଶୋକ କରୁଅଛ ହୋଇ ମୋହିତ । ସେହି ତୁମ୍ଭର କିସ ବା ହୁଅଇ । କିସ ହୋଇବ କି ହେବ ପରେହିଁ । ତୁମ୍ଭେ କି ତାହାର । ଥିଲ, ହେବ ବା କିସ ଏହି କାଳି । ୩୩ । ସ୍ରୋତବେଗରେ ବାଲୁକା ଯେସନ । ବିଶ୍ଳିଷ୍ଟ ହୁଏ ଜୀବନ୍ତ ତେସନ । କାଳ ବଶରେ ସଂଯୁକ୍ତ ବିଯୁକ୍ତ । କେ କାହାର ପିତା କିଏ ବା ପୁତ୍ର । ବୁଝ ଏହି ତତ୍ତ୍ୱ । ବୃଥା ଶୋକରେ ନ ହୁଅ ମୋହିତ । ୩୪ । ଏକମାତ୍ର ପ୍ରଭୁ ସେ ଲୋକନାଥ । ମାୟାବଶରେ କରେ ଅତଯାତ । ସୃଷ୍ଟି ସ୍ଥିତି ଲୟ କରେ ନିୟତ । ଏ ସକଳ ତାହାର ଲୀଳା ମାତ୍ର । ବାଳକ ସମାନ । କ୍ରୀଡ଼ା କରଇ ପ୍ରଭୁ ଭଗବାନ । ୩୫ । ବୀଜରୁ ବୀଜ ଜନ୍ମଇ ଯେସନ । ପିତା ମାତା ଦେହୁଁ ପୁତ୍ର ତେସନ । ଦେହୀ ଦେହକୁ କରଇ ଉତ୍ପନ୍ନ । ଦେହୀ ନିତ୍ୟବସ୍ତୁଟି ସନାତନ । ଦେହଟି ଅନିତ୍ୟ । ଅନିତ୍ୟ ପାଇଁ ଶୋକ ଅଟେ ବ୍ୟର୍ଥ । ୩୬ । ଚନ୍ଦ୍ରକେତୁ ପ୍ରବୋଧିତ କିଞ୍ଚିତ । ହୋଇ ମ୍ଳାନମୁଖ କର ମାର୍ଜିତ । ସବିନୟରେ କହନ୍ତି ବଚନ । କିଏସେ ସ୍ୱରୂପ କର ଗୋପନ । ତୁମ୍ଭେ ଦୁଇଜଣ । ଅବଧୂତ ବେଶେ ଆସ ଏସ୍ଥାନ । ୩୭ । ତୁମ୍ଭେ ଦୁହେଁ ଅତି ଜ୍ଞାନସମ୍ପନ୍ନ । ମହାଲୋକ ଠାରୁ ମହତ୍ତମ । ଭଗବତପ୍ରିୟ ବ୍ରାହ୍ମଣଗଣ । ଉନ୍ମତ୍ତଚିତ୍ତ କରଣ ଧାରଣ । ମାଦୃଶ ଯେ ଜନ । ତାଙ୍କୁ କହନ୍ତି ପ୍ରବୋଧି ବଚନ । ୩୮ । ସନତ-କୁମାର, ନାରଦ, ଗୌତମ । ଅଙ୍ଗିରା, ବେଦବ୍ୟାସ, ପର୍ଶୁରାମ । କପିଳ, ଶୁକ, ଦୁର୍ବାସାତ୍ରି, ବନ । ଭୃଗୁ, ଦେବଳ, ଋଷି, ଜାତୁକର୍ଣ୍ଣି । ଆରୁଣୀ, ରୋମଶ । ପାତାଞ୍ଜଳି, ବେଦଶିରା, ଦେବେଶ । ୩୯ । ଧୌମ୍ୟ, ପଞ୍ଚଶିଖ, ହିରଣ୍ୟନାଭ । ଦତ୍ତାତ୍ରୟ, ଆସୁରୀ, ଶ୍ରୁତଦେବ । ଏମାନେ ଅନ୍ୟ ସିଦ୍ଧ ଶ୍ରେଷ୍ଠ ଗଣ । ଲୋକଙ୍କୁ ଦେବା ପାଇଁ ଜ୍ଞାନଦାନ । କରନ୍ତି ଭ୍ରମଣ । ତନ୍ମଧ୍ୟରୁ କେ ତୁମ୍ଭେ ଦୁଇଜଣ । ୪୦ । ମୂଢ଼ବୁଦ୍ଧି ମୁଁ ଗ୍ରାମ୍ୟପଶୁ ସମ । ମୋର ରକ୍ଷକ ତୁମ୍ଭେ ଦୁଇଜଣ । ଅତି ଅନ୍ଧକାରେ ହୋଇ ମୁଁ ମଗ୍ନ । ଜ୍ଞାନଦୀପ ଜାଳ କର ଦୀପନ । ମୁଁ ଅତି

ଅଜ୍ଞାନ । କୃପା ପ୍ରକାଶି କର କୃପାଦାନ । ୪୧ । ଅଙ୍ଗିରା କହନ୍ତି ଶୁଣ ରାଜନ । ତୋହର ପୁତ୍ର କାମନା କାରଣ । ମୁଁ କରିଥିଲି ତୋତେ ପୁତ୍ରଦାନ । ମୁଁ ସେହି ଅଙ୍ଗିରା ଉତ୍ତମେ ଚିହ୍ନ । ଏ ବ୍ରହ୍ମା ନନ୍ଦନ । ନାରଦ ସାକ୍ଷାତରେ ଭଗବାନ । ୪୨ । ପୁତ୍ର ଶୋକରେ ଅନ୍ଧକାର ମଗ୍ନ । ଜାଣି ଏଠାକୁ କଲୁଁ ଆଗମନ । ହରିପରାୟଣ ଅଟୁ ତ ତୁହି । ତମୋମଗ୍ନ ହେବା ଉଚିତ ନୋହି । ଏଣୁ ଆମ୍ଭେ ଦୁଇ । ଆସିଛୁଁ କୃପା ପ୍ରକାଶନ ପାଇଁ । ୪୩ । ଆହେ ରାଜନ ତୁମ୍ଭେ ତ ବ୍ରହ୍ମଣ୍ୟ । ଭଗବତଭକ୍ତ ପୁଣ ବରେଣ୍ୟ । ଏରୂପ ହେବା ନୁହଇ ଉଚିତ । ପୁତ୍ର ମାଗିଲୁ ଦେଲି ତେଣୁ ସୁତ । ନଦେଇ ମୁଁ ଜ୍ଞାନ । ପରୋକ୍ଷେ ଜ୍ଞାନ କରିଛି ପ୍ରଦାନ । ୪୪ । ପୁତ୍ରକଳତ୍ରାଦି ଦୁଃଖ କାରଣ । ଦର୍ଶାଇବା ପାଇଁ ଦେଲି ସନ୍ତାନ । କହିଥିଲି ଦେବ ହର୍ଷ ବିଷାଦ । ଗୃହୀର ଗୃହ ଦୁଃଖର ଆସ୍ପଦ । କଲି ଅନୁଭବ । ଗୃହ କଳତ୍ରାଦିର ଏହି ଭାବ । ୪୫ । ମହୀ, ରାଜ୍ୟ, ଧନାଗାର, ଅମାତ୍ୟ । ସୁହୃଜ୍ଜନ, ସ୍ୱଜନ, କିବା ଭୃତ୍ୟ । ଶୋକ, ମୋହ, ଭୟ, ପୀଡ଼ା ପ୍ରଦାନ । କରଇ ଏବେ ତ କଲି ଦର୍ଶନ । କ୍ଷଣେ କ୍ଷଣେ ଦୃଷ୍ଟ । ବିଲୁପ୍ତ ହୋଇ ଯାନ୍ତି ଦେଖ ସ୍ପଷ୍ଟ ।୪୬। ସକଳ ସ୍ୱପ୍ନ ମାୟା ମନୋରଥ । ମିଥ୍ୟାକଳ୍ପନା ମାତ୍ର ଏ ପ୍ରତ୍ୟକ୍ଷ । କେହି ଏଥିରେ ନୁହନ୍ତି ଯଥାର୍ଥ । ମନୋମାତ୍ର ବିଜୃମ୍ଭିତ ପଦାର୍ଥ । କ୍ଷଣେ ଦୃଶ୍ୟମାନ । କ୍ଷଣକେ ଅଦୃଶ୍ୟ ହୁଏ ସେମାନ । ୪୭ । କର୍ମବାସନା ଯୋଗେ କର୍ମଚିନ୍ତ । ମନ କର୍ମର କରଇ ଉତ୍ପତ୍ତି । ଦ୍ରବ୍ୟଜ୍ଞାନ କ୍ରିୟାତ୍ମକ ଏ ଦେହ । ଦେହାଭିମାନୀ ଜୀବର ନିଶ୍ଚୟ । ବିବିଧ ମତରେ । ସନ୍ତାପ-ଦାୟକ ଦେହ ସଂସାରେ । ୪୮ । ଦ୍ୱୈତ ବସ୍ତୁରେ ଯେ ତୋ ବସ୍ତୁଜ୍ଞାନ । ଦୃଢ଼ୀଭୂତ ହୋଇ ଅଛଇ ମନ । ଏକାଗ୍ରମନେ କର ତା ଧିକ୍କାର । ଆତ୍ମତତ୍ତ୍ୱ ଜ୍ଞାନ ବିହିତେ କର । ଶାନ୍ତିର ଧାରଣ । କର ନିଶ୍ଚିନ୍ତ କର ତୋର ମନ । ୪୯ । ମୋଠାରୁ ଶୁଣ ପରମ ମଙ୍ଗଳ । ବିଧାନ ମନ୍ତ୍ର ପବିତ୍ର ନିର୍ମଳ । ସଂଯତ ହୋଇ କର ତା ଗ୍ରହଣ । ଧାରଣ କର ଦେଖ ସଙ୍କର୍ଷଣ । ସପ୍ତଦିନ ମଧ୍ୟେ । ଦର୍ଶନ ପାଇବୁ ତୁ ଅପ୍ରମାଦେ । ୫୦ । ନାରଦ କହନ୍ତି ଶୁଣ ରାଜନ । ଯହିଁରେ ଶ୍ରେୟଃ ହୁଅଇ ସାଧନ । ଯେ ମନ୍ତ୍ର ଉପନିଷଦ ପ୍ରମାଣ । ନିଶ୍ଚିନ୍ତେ ତାହାକୁ କର ଧାରଣ । ବିଭୁ ସଂକର୍ଷଣ । ସପ୍ତରାତ୍ରି ମଧ୍ୟେ ଦେବେ ଦର୍ଶନ ।। ଯାର ପାଦମୂଳେ ଶରଣାପନ୍ନ । ସର୍ବାଦିଦେବଗଣ ପୂର୍ବତନ । ଦ୍ୱୈତଭ୍ରମ କରନ୍ତି ବିସର୍ଜନ । ଅତୁଳନୀୟ ମହିମା ଅର୍ଜନ । କରେ ବହୁକାଳେ । ତାହା ତୁ ଲଭି ପାରିବୁ ଅଚିରେ । ୫୧ ।

କହନ୍ତି ନାରଦ ବାଳକେ ଶୁଣି । ଅହେ ଜୀବାତ୍ମା ସମ୍ବୋଧନେ କହି । ହେଉ ତୋହର ସକଳ ମଙ୍ଗଳ । ନିଜ ପିତା ମାତା ବନ୍ଧୁ ସକଳ । ହୁଅନ୍ତି ସନ୍ତପ୍ତ । ଶୋକୋପବିଷ୍ଟ ହୁଅ ଥରେ ମାତ୍ର । ୫୩ । ଏକାଳ ସୁହୃଦଗଣେ ପରିବୃତ । ବିଷୟ ଭୋଗ କରି ପିତୃଦତ୍ତ । ନୃପାସନରେ ହୁଅ ଅଧ୍ୟାସୀନ । ଜୀବ ତତ୍କ୍ଷଣ କହଇ ବଚନ । ଏ ବ୍ୟକ୍ତି ସକଳ । କେମନ୍ତେ ପିତା ମାତା ଏ ମୋହର । ୫୪ । ନିଜ କର୍ମ ପଥେ ମୁହିଁ ଭ୍ରମଇ । ଦେବ ପଶୁ ନରାଦି ଯୋନି ଦେଇ । କ୍ରମେ କ୍ରମେ ସର୍ବେ ପରସ୍ପରରେ । ବନ୍ଧୁ ଜ୍ଞାତି ଆତ୍ମୀୟାଦି ରୂପରେ । ଶତ୍ରୁ ମିତ୍ର ପୁଣ । ଅଶତ୍ରୁ ଅମିତ୍ର କେ ଉଦାସୀନ । ୫୫ । ପୁତ୍ର ବୋଲିଣ ନ ହୋଇ ଶୋକାର୍ତ୍ତି । ଶତ୍ରୁ ଭାବ କାହିଁ ନୋହେ ଦର୍ଶିତ । ଜୀବ ତ ନାନା ଯୋନିରେ ଭ୍ରମଇ । ଦ୍ରବ୍ୟ କ୍ରେତା ବିକ୍ରେତା ଯେପରି ହୋଇ । ଯାହା ପ୍ରତି ଯାର । ସମ୍ବନ୍ଧ ମମତ୍ୱ ତେତିକି କାଳ । ୫୬ । ନିରର୍ଥମାନୀ ଅଟେ ଜୀବ ନିତ୍ୟ । ଯେତେ ଦିନ ହୁଏ ଶରୀର ପ୍ରାପ୍ତ । ଥାଏ ଯା ପାଖେ ତେତେ ଦିନ ମାତ୍ର । ଜୀବଠାରେ ଆରୋପଇ ସେ ସ୍ୱତଃ । ଆତ୍ମା ନିତ୍ୟାବ୍ୟୟ । ସୂକ୍ଷ୍ମ ସ୍ୱପ୍ରକାଶ ସର୍ବ ଆଶ୍ରୟ । ୫୭ । ସେହି ପ୍ରଭୁ ଆପଣା ମାୟା ଗୁଣେ । ଆପଣାକୁ ବିଶ୍ୱରୂପେ ସର୍ଜନେ । ତାହାର ନାହିଁ ପ୍ରିୟାପ୍ରିୟ କେହି । ଜୀବର ପ୍ରିୟାପ୍ରିୟ ହେବ କାହିଁ । ସେ ଏକ ପଦାର୍ଥ । ସକଳ କରମର ସାକ୍ଷୀ ମାତ୍ର । ୫୮ । କାର୍ଯ୍ୟ କାରଣ ସାକ୍ଷୀ ମାତ୍ର ହୋଇ । ପରାଧୀନତାଶୂନ୍ୟ ଆତ୍ମା ଥାଇ । ଗୁଣ ଦୋଷ କ୍ରିୟା ଫଳ ଗ୍ରହଣ । ନ କରଥାଏ ଯଥା ଉଦାସୀନ । କହିଣ ଏସନ । ଜୀବାତ୍ମା ସେଠାରୁ କଲେ ପ୍ରସ୍ଥାନ । ୫୯ । ତାହାର ସମ୍ପର୍କୀୟ ଜ୍ଞାତିଗଣ । ସ୍ନେହ ଶୃଙ୍ଖଳ କରିଲେ ଛେଦନ । ବସ୍ତୁ ମଣି ମୃତ ଦେହ ନେଇ । ସତ୍କାର କଲେ ଯଥୋଚିତେ ତହିଁ । ଶୋକ ମୋହ ଭୟ । ବିସର୍ଜନ କଲେ ଦୁସ୍ତ୍ୟଜ୍ୟ ସ୍ନେହ । ୬୦ । ଶିଶୁଘାତିନୀଗଣ ମନେ ମନେ । ଲଜ୍ଜିତ ହୋଇ ସନ୍ତପ୍ତ କଷଣେ । ଶିଶୁହତ୍ୟା ପାପେ ପ୍ରଭା ହରାଇ । ଅଙ୍ଗିରା ବଚନେ ଯମୁନା ଯାଇ । କଲେ ପ୍ରାୟଶ୍ଚିତ୍ତ । ଚିତ୍ରକେତୁ ହେଲେ ଗୃହୁଁ ନିର୍ଗତ । ୬୧ । ଯମୁନାରେ ଯାଇଁ କରିଲେ ସ୍ନାନ । ତର୍ପଣାଦି କରିଲେ ସମାପନ । ହୋଇଣ ମୌନ ଜିତେନ୍ଦ୍ରିୟ ଅତି । ବ୍ରାହ୍ମଣ ଦ୍ୱୟେ କରିଲେ ପ୍ରଣତି । ହୋଇଲେ ପ୍ରଣତ । ଭକ୍ତିରେ ନାରଦ ହୋଇଲେ ପ୍ରୀତ । ୬୨ । ମହୋପନିଷଦ ବିଦ୍ୟା ପ୍ରଦାନ । କଲେ ନାରଦ ହୋଇ ହୃଷ୍ଟମନ । କହିବା ତାହା ସଂକ୍ଷେପ ଭାବରେ । ବୁଝିଲେ ଅବା ତର

ଯିବ ନରେ । ତାହା ଅଟେ ଏହି । ଅତି ଗୋପନୀୟ ବିଦ୍ୟା ଅଟଇ । ୬୩ ।
ତୁହି ବାସୁଦେବ ଶ୍ରୀଭଗବାନ । ହୃଦୟଦ୍ୱାରେ କରୁଅଛୁ ନମଃ । ପ୍ରଦ୍ୟୁମ୍ନ
ଅନିରୁଦ୍ଧ ସଙ୍କର୍ଷଣ । ମୁହିଁ କରୁଛି ତୁମ୍ଭଙ୍କୁ ପ୍ରଣାମ । ସେହି ଭଗବାନ ।
ପରମାନନ୍ଦ ମୂର୍ତ୍ତି ସେ ବିଜ୍ଞାନ । ୬୪ । ଆତ୍ମାରାମ ଯେହୁ ଅଟଇ ଶାନ୍ତ । ତାହା-
ଠାରୁ ଦ୍ୱୈତଦୃଷ୍ଟି ନିବର୍ତ୍ତି । ହୁଅଇ ତାଙ୍କୁ ମୋର ନମସ୍କାର । ହେ ପ୍ରଭୁ
ତୁମ୍ଭେ ଇନ୍ଦ୍ରିୟ ଈଶ୍ୱର । ତୁ ଅତି ମହତ । ତୋହର ମୂର୍ତ୍ତି ଅଟଇ
ଅନନ୍ତ । ୬୫ । ଆତ୍ମାନନ୍ଦାନୁଭବଦ୍ୱାରା ତୁହି । ମାୟାଜନ୍ୟ ରାଗଦ୍ୱେଷାଦି
ତହିଁ । ନିରସ୍ତକରୁ ତୋତେ ନମସ୍କାର । ମନଃ ଇନ୍ଦ୍ରିୟ ପ୍ରାପ୍ତ ନୋହି ଯାର ।
ହୋଇଲେ ନିବର୍ତ୍ତି । ଯେହୁ ଏକାକୀ ହୁଏ ପ୍ରକାଶିତ । ୬୬ । ଯାହାଙ୍କର ନାମ
ରୂପାଦି ନାହିଁ । ଚିନ୍ମାତ୍ରସ୍ୱରୂପ ଯେହୁ ଅଟଇ । କାର୍ଯ୍ୟ କାରଣର ଯେହୁ କାରଣ ।
ସେହି ଆମ୍ଭଙ୍କୁ କରନ୍ତୁ ରକ୍ଷଣ । ଯାହାଠାରେ ଏହି । ଜଗତ ଅବସ୍ଥିତ ଅଛି
ହୋଇ । ୬୭ । ଯହିଁ ଜଗତ ହୁଏ ଲୟପ୍ରାପ୍ତ । ଯାହାଠାରୁ ହୋଇଅଛଇ
ଜାତ । ମୃଣ୍ମୟବସ୍ତୁରେ ମୃତ୍ତିକା ପରି । ଯେହୁ ସର୍ବତ୍ର ରହିଅଛି ପୂରି । ସେହି
ବ୍ରହ୍ମ ତୁହି । ତୋତେ ନମସ୍କାର କରୁଅଛଇ । ୬୮ । ଆକାଶସମ ଅନ୍ତରେ
ବାହାରେ । ଥିଲେ ମଧ୍ୟ କେହି ଜାଣି ନ ପାରେ । ମନଃ ବୁଦ୍ଧୀନ୍ଦ୍ରିୟ ଯାହାଙ୍କୁ
ସ୍ପର୍ଶ । କରି ନ ପାରେ ନ ଜାଣଇ ଲେଶ । ତାଙ୍କୁ ନମସ୍କାର । କରୁଅଛଇ
ମୁହିଁ ବାରମ୍ବାର । ୬୯ । ଯଦୀୟ ଚୈତନ୍ୟାଂଶ ପ୍ରାପ୍ତିବଲେ । ଦେହେନ୍ଦ୍ରିୟ
ପ୍ରାଣ ମନଃ ସକଳେ । ନିଜ ବିଷୟେ ପ୍ରବୃତ୍ତ ସମର୍ଥ । ଚୈତନ୍ୟାଂଶ ଅଭାବେ
ଅସମର୍ଥ । ପ୍ରତ୍ୟକ୍ଷ ପ୍ରମାଣ । ଶବାଦି ଦର୍ଶନେ ହୁଅଇ ଜ୍ଞାନ । ୭୦ । ସାକ୍ଷୀ
ସ୍ୱରୂପ ଯେ ଜୀବେ ଜାଣଇ । ମହାପୁରୁଷ ମହାନୁଭବହିଁ । ମହାବିଭୂତିପତି
ଭଗବାନ । ତାହାଙ୍କୁ କରୁଅଛଇ ମୁଁ ନମଃ । ହେ ଉତ୍କୃଷ୍ଟତମ । ଭକ୍ତି ଦୃଢତ-
ଚରଣେ ପ୍ରଣାମ । ୭୧ । ଚିତ୍ରକେତୁଙ୍କୁ ନାରଦ ଏସନ । ମହୋପନିଷଦ
କଲେ ପ୍ରଦାନ । ଅଙ୍ଗିରା ସହିତ କଲେ ଗମନ । ରାଜା ସେ ବିଦ୍ୟା କରିଲେ
ଧାରଣ । ସପ୍ତରାତ୍ରାତୀତ । ବିଦ୍ୟା ନସ୍ୱିଧପତ୍ୟ ହେଲେ ପ୍ରାପ୍ତ । ୭୨ ।
କତିପୟ ଦିବସ ମଧ୍ୟେ ସେହି । ବିଦ୍ୟାବଳେ ମନଃ ପ୍ରଦୀପ୍ତ ହୋଇ । ସେହି-
ରୂପ ମନୋଗତ ହୋଇଣ । ଦେବ ଦେବ ଶେଷଦେବ ଚରଣ । ସମୀପେ
ଗମନ । କରି ଦେଖିଲେ ପ୍ରଭୁ ସଙ୍କର୍ଷଣ । ୭୩ । ଦେଖି ବିସ୍ମିତ ହୋଇଗଲେ
ଅତି । ନାନା ଅଳଙ୍କାରେ ଭୂଷିତ ମୂର୍ତ୍ତି । ସୁନ୍ଦରୁଁ ସୁନ୍ଦର ଦେଖି ବିହ୍ୱଳ ।

ରୋମାଞ୍ଚିତ ହେଲା ତା କଳେବର । ଅଶ୍ରୁଧାର ବହି । କଣ୍ଠରୋଧ ହେଲା
ନ ପାରେ କହି । ୭୪ । ଅତିକ୍ଲେଶରେ ଧୈର୍ଯ୍ୟାବଲମ୍ବନ । କରି କହିଲା
ଅନେକ ସ୍ତବନ । ସ୍ତବେ ତୁଷ୍ଟ ହେଲେ ସେ ଭଗବାନ । ଚିତ୍ରକେତୁଙ୍କୁ କହନ୍ତି
ବଚନ । ଶୁଣ ହେ ରାଜନ । ସହଜେ ମୋର ପାଇଲୁ ଦର୍ଶନ । ୭୫ । ନାରଦ
ଅଙ୍ଗିରା ଯେ ମୋ ବିଷୟେ । ଯେଉଁ ବିଦ୍ୟାର ଉପଦେଶ ଦିଏ । ସେହି
ବିଦ୍ୟାପ୍ରଭାବେ ମୋ ଦର୍ଶନ । ପାଇଣ ସିଦ୍ଧ ହୋଇଲୁ ରାଜନ । ସମ୍ପୂର୍ଣ୍ଣ
ମତରେ । ଯାହା କଦାପି ନ ଲଭନ୍ତି ନରେ । ୭୬ । ସର୍ବଭୂତାତ୍ମା ସର୍ବଭୂତ
ମୁହିଁ । ସର୍ବଭୂତଉଦ୍ଭାବକ ଅଟଇ । ଶବ୍ଦବ୍ରହ୍ମ ପରବ୍ରହ୍ମ ଏ ଦୁଇ । ମୋ
ଚିରସ୍ଥାୟୀ ମୂର୍ତ୍ତି ଅଟଇ । ଆତ୍ମାଲୋକ ଦେଖ । ଆତ୍ମାରେ ବିସ୍ତୃତ ଅଟନ୍ତି
ଲୋକ । ୭୭ । ମୁହିଁ ଉଭୟେ ହୋଇଅଛୁ ବ୍ୟାପ୍ତ । ଉଭୟେ ମୋହଠାରେ
ବିରଚିତ । ଯେମନ୍ତ ପୁରୁଷ ସ୍ୱପ୍ନ ମଧ୍ୟରେ । ସୁଷୁପ୍ତି ସ୍ୱପନ ଦର୍ଶନ କରେ ।
ସ୍ୱପ୍ନରେ ଦର୍ଶନ । ବିଶ୍ୱରେ ହୋଇଥାଏ ପୁନଃ ପୁନଃ । ୭୮ । ସ୍ୱପ୍ନ ମଧ୍ୟରେ
ଜାଗରିତ ହୋଇ । ବିଶ୍ୱରେ ନିଜକୁ ବୋଧ କରଇ । ତଥା ବୁଦ୍ଧିରେ ଅବସ୍ଥା
ବିଶେଷ । ଜାଗରଣାଦି ମାୟା ମାତ୍ର ଦୃଶ୍ୟ । ବିଶ୍ୱର ଏସନ । ଆତ୍ମାକୁ ତହିଁ
କରିବ ସ୍ମରଣ । ୭୯ । ଜୀବ ଯେରୂପ ନିଦ୍ରା ଅବସ୍ଥାରେ । ନିଜ ନିଦ୍ରାସୁଖ
ବୁଝିଣ ପାରେ । ତତ୍ସ୍ୱରୂପ ଆତ୍ମା ବ୍ରହ୍ମ ହୋଇ । ମୋହ ଭାଙ୍ଗିଲେ ସେହି
ଆତ୍ମା ମୁହିଁ । ନିଦ୍ରାହାରି ରଣ । କଲେ ଅବସ୍ତୁର ଅନୁସନ୍ଧାନ । ୮୦ । ନିଦ୍ରା
ଯେ ଜାଗରଣର ଅନ୍ୱିତ । ଯାହା ଏ ଦୁଇରୁ ବିଭିନ୍ନ ମତ । ତାହାହିଁ ଅଟଇ
ପରମଜ୍ଞାନ । ତାହାହିଁ ବ୍ରହ୍ମ ବୋଲି ନିଶ୍ଚେ ଜାଣ । ମୁହିଁ ବ୍ରହ୍ମ ବୋଲି ।
ଜୀବ ଆପଣାକୁ ଯାଇଛି ଭୁଲି । ୮୧ । ଆତ୍ମାରୁ ଭିନ୍ନ ହୁଅଇ ଯାହାର ।
ତହିଁରେ ତାହାର ହୁଏ ସଂସାର । ଦେହତ୍ୟାଗରେ ଦେହାନ୍ତର ପ୍ରାପ୍ତ ।
ମରଣ ତାହାର ହୁଏ ନିଶ୍ଚିତ । ଏକବାର ମରି । ପୁଣି ମରିବାକୁ ହୁଏ
ସେପରି । ୮୨ । ଜ୍ଞାନ ପୁଣ ବିଜ୍ଞାନର କାରଣ । ସକଳମତେ ଏ ମନୁଷ୍ୟଜନ୍ମ ।
ସେ ଜନ୍ମ ଲଭି ଆତ୍ମା ବୁଝେ ନାହିଁ । ତାହାର ଜନ୍ମ ବିଫଳ ହୁଅଇ । କୁତାପି
କଲ୍ୟାଣ । ପ୍ରାପ୍ତ ନୁହଇ ସେହୁ କଦାଚନ । ୮୩ । ପ୍ରବୃତ୍ତି ମାର୍ଗେ ଅଛଇ
କ୍ଳେଶ । ବିପରୀତ ଫଳ ତହିଁ ବିଶେଷ । ନିବୃତ୍ତି ମାର୍ଗେ କିଛି ଭୟ ନାହିଁ ।
ବୁଝି ପଣ୍ଡିତ ବିରତ ହୁଅଇ । ସୁଖଲାଭ ପାଇଁ । କରଇ ଯାହା ସେ ଦୁଃଖ
ଅଟଇ । ୮୪ । ସୁଖଲାଭ ଦୁଃଖ ମୋଚନ ପାଇଁ । ବିବିଧକ୍ରିୟା ଆଳାପ କରଇ ।

ତହିଁରେ ଦୁଃଖର ନୁହେ ନିବୃତ୍ତି । କି ଅବା ସୁଖ ନୁହଇ ପ୍ରାପତି । ମୋ ଠାରେ ଯେ ଭକ୍ତି । ପରମ ସୁଖର ଅଟଇ ଭିତ୍ତି । ୮୫ । ପରମାତ୍ମା ଜୀବାତ୍ମାର ଅଭିନ୍ନ । ଦର୍ଶନ ଅଟେ ଅତି ପ୍ରୟୋଜନ । ଯୋଗୀ ଜ୍ଞାନୀର ମାନବଗଣର । ଜାଣିବା ଉଚିତ ସର୍ବପ୍ରକାର । ଅପ୍ରମତ୍ତ ହୋଇ । ଏହି ବାକ୍ୟ ଧାରଣ କର ତୁହି । ୮୬ । ଶ୍ରଦ୍ଧାସହକାରେ କଲେ ଧାରଣ । ଅଚିରେ ଜ୍ଞାନ ବିଜ୍ଞାନସମ୍ପନ୍ନ । ହୋଇଣ ସିଦ୍ଧ ହୋଇବୁ ନିଶ୍ଚିତ । ଚିତ୍ରକେତୁଙ୍କୁ କହିଣ ଏମନ୍ତ । ପ୍ରଭୁ ସଙ୍କର୍ଷଣ । ତତ୍‌କ୍ଷଣ ହୋଇଗଲେ ଅନ୍ତର୍ଦ୍ଧାନ । ୮୭ । ପ୍ରଭୁ ଯେ ଦିଗେ ହେଲେ ଅନ୍ତର୍ହିତ । ସେ ଦିଗେ ରାଜା କଲ ପ୍ରଣିପାତ । ଆକାଶଗାମୀ ବିଦ୍ୟାଧର ସେହି । ବିଚରଣେ ପ୍ରବୃତ୍ତ ହେଲେ ତହିଁ । ବଇକୁଣ୍ଠ ଗତି । ସେହି ଦିଗକୁ ବଳାଇଛି ମତି । ୮୮ ।

୧୦୧/୨୨ ଛାନ୍ଦ ।

ଚିତ୍ରକେତୁର ବୃତ୍ରତ୍ୱପ୍ରାପ୍ତି ।

ରାଗ—ଚକ୍ରକେଳି ।

ଶୁକ କହନ୍ତି ଶୁଣ ପରୀକ୍ଷିତ । ଚିତ୍ରକେତୁର ବିଚିତ୍ର ଚରିତ । ୧ । ଚିତ୍ରକେତୁର ଇନ୍ଦ୍ରିୟାଦିବଳ । ହୋଇ ଯାଇଛି ଅତ୍ୟନ୍ତ ପ୍ରବଳ । ୨ । ଲକ୍ଷ ଲକ୍ଷ ବର୍ଷ କଲା ଭ୍ରମଣ । ମହାଯୋଗୀ ସିଦ୍ଧ ପୁରୁଷ ପୁଣ । ୩ । ମୁନି ସିଦ୍ଧେ ଚାରଣ କରେ ସ୍ତୁତି । କୁଳ ପର୍ବତକୁ ଗଲେ ସେଠି । ୪ । ସର୍ବସିଦ୍ଧି ପ୍ରଦ ଯେଉଁ ଗହ୍ୱର । ତହିଁରେ ପଶି କରନ୍ତି ବିହାର । ୫ । ବିଦ୍ୟାଧର ବନିତା-ହ୍ୱାସ୍ ମାନ । କରନ୍ତି ହରି ଗୁଣର କୀର୍ତ୍ତନ । ୬ । ବିଷ୍ଣୁଦତ୍ତ ତେଜୋମୟ ବିମାନେ । ବସି ବୁଲୁଅଛନ୍ତି ଏକଦିନେ । ୭ । ଦେଖିଲେ ଗିରିଶ ଅଛନ୍ତି ତହିଁ । ସିଦ୍ଧ ଚାରଣ ପରିବୃତ୍ତ ହୋଇ । ୮ । ମୁନିଗଣଙ୍କ ସହିତ ବସନ୍ତି । ବାମ କୋଳରେ ଉମା ଧେନିଛନ୍ତି । ୯ । ଦେଖି କହଇ ଉପହାସ କରି । ଲୋକ ଗୁରୁ ଏ ଅଛନ୍ତି କପରି । ୧୦ । ସାକ୍ଷାତରେ ଧର୍ମବ୍ୟକ୍ତି ଅଟଇ । ଜୀବଶ୍ରେଷ୍ଠ

ଜଗତ୍‌କର୍ତ୍ତା ବୋଲାଇ । ୧୧ । ସଭାସ୍ଥା ମଧ୍ୟେ ନାରୀ କୋଳେ ନେଇ । ନିର୍ଲଜ୍ଜ ଭାବରେ ବସି ଅଛଇ । ୧୨ । କଠୋର ତପସ୍ୱୀ ଏ ଜଟାଧର । ବ୍ରହ୍ମବାଦୀ ସଭାପତି ଏଠାର । ୧୩ । ବାହା ବାଢା ନୀଚ ବ୍ୟକ୍ତି ସମାନ । ନିର୍ଲଜ୍ଜଭାବେ ନାରୀ ଆଲିଙ୍ଗନ ।୧୪। ନୀଚବ୍ୟକ୍ତି ତ ନାରୀର ସହିତ । ନିର୍ଜ୍ଜନରେ ଗୁପ୍ତେ ହୁଏ ମିଳିତ । ୧୫ । ମହାବ୍ରତଧାରୀ ସଭା ମଧ୍ୟରେ । ବସି ଅଛଇ ନାରୀ ଧରି କୋଳେ । ୧୬ । ଗମ୍ଭୀର ବୁଦ୍ଧି ଶିବ ଭଗବାନ । ହାସ୍ୟ କରି ନ କହିଲେ ବଚନ । ୧୭ । ଉପସ୍ଥିତ ସଭ୍ୟ ଶିବାନୁବର୍ତ୍ତୀ । ହୋଇଣ କେହି କିଛି ନ କହନ୍ତି । ୧୮ । ଚିତ୍ରକେତୁର ଏହି ଅଭିମାନ । ଜିତେନ୍ଦ୍ରିୟ ମୁଁ ହୋଇଛି ତା ମନ । ୧୯ । ଅଶୋଭନ ବାକ୍ୟ ବହୁତ କହି । ଭଗବତୀ ତାହା ନ ପାରେ ସହି । ୨୦ । ରୋଷଭରେ କହୁଛନ୍ତି ବଚନ । ଦଣ୍ଡଧର ପ୍ରଭୁ କି ଏହି ଜନ । ୨୧ । ପଦ୍ମଯୋନି ବ୍ରହ୍ମା ଜାଣେ ନା ଧର୍ମ । ଏହି ବ୍ୟକ୍ତିହିଁ ଜାଣଇ ସୁକର୍ମ । ୨୨ । ବ୍ରହ୍ମା ପୁତ୍ର ଭୃଗୁ ନାରଦାଦିର । ଧର୍ମଜ୍ଞାନ ନାହିଁ ଅଛି ଏହାର । ୨୩ । ଧର୍ମଜ୍ଞ ନୁହନ୍ତି ସନତ୍‌କୁମାର । କପିଲାଦି ମୁନି ସର୍ବେ ଅସାର । ୨୪ । ଶାସ୍ତ୍ରନିଷେଧକାରୀ ମହାଦେବ । ନିଷେଧ କେହି ତ କରି ନ ଥିବ । ୨୫ । ଦେବବୃନ୍ଦଧ୍ୟେୟ ଯାର ଚରଣ । ପରମଧର୍ମମୂର୍ତ୍ତି ଯେ ପ୍ରଧାନ । ୨୬ । ଏହି କ୍ଷତ୍ରିୟାଧମଟା ସମସ୍ତ । ପାଣ୍ଡିତ୍ୟ ଖ୍ୟାତି କରିଣ ବିଲୁପ୍ତ । ୨୭ । ସ୍ୱୟଂ ଏହି ଜଗଦ୍‌ଗୁରୁ ଶାସନେ । ବଡ଼ ଅହଙ୍କାର ବହିଛି ମନେ । ୨୮ । ଏଣୁ ଏହାର ଦଣ୍ଡ ସମୁଚିତ । ମୁଁ ବଡ଼ ବୋଲି ମଣିଛି ଯା ଚିତ୍ତ ।୨୯। ହରି ପାଦମୂଳ ସମୀପସ୍ଥିତ । ପୂର୍ତ୍ତି ଅଯୋଗ୍ୟ ଅଟଇ ଏହି ତ ।୩୦। ସାଧୁଗଣଙ୍କ ଅଧିକାର ସେହି । ଅସାଧୁ ତହିଁକି ଯୋଗ୍ୟ ନୁହଇ । ୩୧ । ଏବେ କି ହେବ ହୋଇଲେ ବା ଭୀତ । ଆରେ ପାପବୁଦ୍ଧି ବଡ଼ ପଣ୍ଡିତ ।୩୨। ପାପ କୁଳ ଦୈତ୍ୟକୁଳରେ ଯାଇ । ଜନ୍ମଗ୍ରହଣ କର ବେଗେ ତୁହି । ୩୩ । ଆଉ ପ୍ରଧାନବ୍ୟକ୍ତିପାଶେ ତୁହି । ଅପରାଧ କରିପାରିବୁ ନାହିଁ । ୩୪ । ଚିତ୍ରକେତୁ ଅଭିଶପ୍ତ ହୋଇଣ । ବିମାନୁଁ କରିଲା ଅବରୋହଣ । ୩୫ । ସତୀର ପ୍ରସନ୍ନତା ସମ୍ପାଦନେ । ଅବନତମସ୍ତକ ତତକ୍ଷଣେ । ୩୬ । କହିଲା ମାତଃ ଅଭିଶାପ ତୋର । ଗ୍ରହଣୀୟ ମୋହର ଶିରୋପର । ୩୭ । ମନୁଷ୍ୟପ୍ରତି ଦେବତା ବଚନ । ମାନବର କର୍ମଫଳ ପ୍ରାକ୍ତନ । ୩୮ । ଜୀବ ଅଜ୍ଞାନ ମୋହିତ ହୋଇଣ । ସଂସାରଚକ୍ରେ କରୁଛି ଭ୍ରମଣ । ୩୯ । ସଦା ସର୍ବତ୍ର ସୁଖ

ଦୁଃଖ ପାଇଁ । ସୁଖ ଦୁଃଖଦାତା କେହି ନୁହଇ । ୪୦ । ଯେହ୍ନେ ଅଜ୍ଞ ସେ
ଜାଣଇ ତେସନ । ନିଜକୁ ଅନ୍ୟକୁ କର୍ତ୍ତା ବୋଲଣ । ୪୧ । ଏହି ସଂସାର
ଗୁଣର ପ୍ରବାହ । କେବେ ବା ଶାପ କେବେ ଅନୁଗ୍ରହ । ୪୨ । ସ୍ୱର୍ଗ ବା କେବେ କେବେ ବା
ନରକ । ଦୁଃଖ ବା କେବେ କେବେ ଅବା ସୁଖ । ୪୩ । ଏକ ପରମେଶ୍ୱର ମାୟା-
ବଳେ । ପ୍ରାଣୀସୁଖଦୁଃଖାଦି ସୃଷ୍ଟି କରେ । ୪୪ । ବନ୍ଧ ମୋକ୍ଷାଦି କରଇ
ନିଯୃତ । ନିଜେ ବନ୍ଧଶୂନ୍ୟ ନିତ୍ୟ ବିମୁକ୍ତ । ୪୫ । ନାହିଁ ତାହାର ପ୍ରିୟାପ୍ରିୟ
ଜ୍ଞାନ । ପର ଆତ୍ମୀୟ ଜ୍ଞାତି ବନ୍ଧୁଜନ । ୪୬ । ନିଃସଙ୍ଗ ସର୍ବତ୍ର ତାର ସମାନ ।
ସୁଖାନୁରାଗ ନାହିଁ କୋପ ଶୂନ୍ୟ । ୪୭ । ତାହାର ମାୟାର ପ୍ରଭାବରେ ଜୀବ ।
କର୍ମ କରଇ ଯେଉଁ ଶୁଭାଶୁଭ । ୪୮ । ତାହାର ହୁଅଇ ତା ସୁଖ ଦୁଃଖ ।
ହିତ ଅହିତ କିମ୍ବା ବନ୍ଧ ମୋକ୍ଷ । ୪୯ । ଜନ୍ମ ମୃତ୍ୟୁ ସଂସାରର କାରଣ । ଅହେ
କୋପନେ ମୁଁ ଶାପମୋଚନ । ୫୦ । ପାଇଁ କରୁ ନାହିଁ ତୋତେ ପ୍ରସନ୍ନ ।
ମୋତେ ଅସାଧୁ ଯା କରଛ ଜ୍ଞାନ । ୫୧ । ହେ ସତି ! କ୍ଷମାକର ଅପରାଧ ।
ଏତିକ ମାତ୍ର ତୋତେ ଅନୁରୋଧ । ୫୨ । ଚିତ୍ରକେତୁ ଏହିମତେ କହିଣ ।
ହରଗୌରୀଙ୍କୁ କରିଲେ ପ୍ରସନ୍ନ । ୫୩ । ତତକ୍ଷଣେ କରିଣ ରଥାରୋହଣ ।
ସେଠାରୁ ବେଗେଁ କରିଲେ ଗମନ । ୫୪ । ସେମାନେ ଦେଖି ହୋଇଲେ
ବିସ୍ମିତ । ସକଳେ ତହିଁ ଥିଲେ ଉପସ୍ଥିତ । ୫୫ । ସମସ୍ତଙ୍କ ସମକ୍ଷରେ ଈଶାନ ।
ରୁଦ୍ରାଣୀଙ୍କୁ କହେ ସ୍ନେହ ବଚନ । ୫୬ । ଅହେ ସୁଶ୍ରୋଣି ! ହରିଦାସଙ୍କର ।
ମହିମା ପ୍ରତ୍ୟକ୍ଷ କଲ ଗୋଚର । ୫୭ । ନାରାୟଣପରାୟଣ ଯେ ମର୍ତ୍ତ୍ୟ ।
ତାହାର ନିକଟ ନୁହନ୍ତି ଭୀତ । ୫୮ । ସ୍ୱର୍ଗମୁକ୍ତି ନରକକୁ ସମାନ । ମନରେ
ବୋଧକରେ ପ୍ରୟୋଜନ । ୫୯ । ହରିଲୀଳା କ୍ରମେ ଦେହୀର ଦେହ ।
ପ୍ରାପ୍ତି ନିଶ୍ଚୟ ନାହିଁ ତା ସନ୍ଦେହ । ୬୦ । ସୁଖ ଦୁଃଖ ବା ଜନମ ମରଣ ।
ଶାପ ଅନୁଗ୍ରହ ଦ୍ୱନ୍ଦ୍ୱ ଏମାନ । ୬୧ । ସ୍ୱପ୍ନେ ସୁଖଦୁଃଖଜ୍ଞାନ ସମାନ ।
ରଜ୍ଜୁରେ ସର୍ପଭ୍ରମଟି ଯେସନ । ୬୨ । ସୁଖଦୁଃଖାଦି ଇଷ୍ଟାନିଷ୍ଟ
ବୋଧ । ସତ୍ୟ ମଣଇ ଅଟେ ଯେ ନିର୍ବୋଧ । ୬୩ । ବାସୁଦେବ
ଭକ୍ତିସମ୍ପନ୍ନଜନ । ଜ୍ଞାନବୈରାଗ୍ୟବଳଶାଳୀ ପୁଣ । ୬୪ । ଉତ୍କୃଷ୍ଟ
ବୋଧେ କାହାଠାରେ ଆଶ୍ରୟ । ଗ୍ରହଣ କରନ୍ତି ନାହିଁ ନିଶ୍ଚୟ । ୬୫ ।
ମୁହିଁ ବିରଞ୍ଚି ସନତ୍କୁମାର । ନାରଦ ମରୀଚ୍ୟାଦି ଋଷିବର । ୬୬ । ପ୍ରଧାନ
ପ୍ରଧାନ ଯେ ଦେବଗଣ । ତା ଲୀଳା ସ୍ୱରୂପେ ସର୍ବେ ଅଜ୍ଞାନ । ୬୭ ।

ଯେମାନେ ତାହାର ଅଂଶର ଅଂଶ । ଆପଣାକୁ ମାନେ ପୃଥକଦୃଶ । ୬୮ । ନିଜକୁ ଈଶ୍ୱରବୋଧେ ଅଜ୍ଞାନ । ତାର ସ୍ୱରୂପ ଜାଣିବା ଅକ୍ଷମ । ୬୯ । ତାହାର ପ୍ରିୟାପ୍ରିୟ କେହି ନାହିଁ । ଆତ୍ମୀୟ ପର ଥିବ ଅବା କାହିଁ । ୭୦ । ସକଳଭୂତର ଆତ୍ମା ଅଟଇ । ପ୍ରିୟାପ୍ରିୟ ବୋଧ ହୋଇବ କାହିଁ । ୭୧ । ମହାଭାଗ ଚିତ୍ରକେତୁ ତାହାର । ଅଟଇ ନିଷ୍ଠପ୍ରିୟାନୁଚର । ୭୨ । ସର୍ବତ୍ର ସମଦର୍ଶୀ ସେ ପ୍ରଶାନ୍ତ । ମୁଁ ସେହି ଅଚ୍ୟୁତର ପ୍ରିୟଭୃତ୍ୟ । ୭୩ । ଏ କାରଣୁଁ ସେହି ବ୍ୟକ୍ତି ଉପର । କ୍ରୋଧ ଉତ୍ପନ୍ନ ନୋହିଲା ମୋହର । ୭୪ । ମହାତ୍ମା ଯେଉଁ ସକଳ ପୁରୁଷ । ଶାନ୍ତ ସମଦର୍ଶୀ ଭକ୍ତ ବିଶେଷ । ୭୫ । ସେମାନଙ୍କ କାର୍ଯ୍ୟେ ନୁହଁ ବିସ୍ମିତ । ତାଙ୍କ ପ୍ରତି କ୍ରୋଧ ନୁହେ ଉଚିତ । ୭୬ । ଶିବଙ୍କର ଏହି ବାକ୍ୟ ଶ୍ରବଣେ । ଉମା ବିସ୍ମୟ ଛାଡିଗଲା ମନେ । ୭୭ । ସୁସ୍ଥଚିତ୍ତ ହୋଇଗଲେ ତତ୍କ୍ଷଣ । ଚିତ୍ରକେତୁର ଜାଣି ସାଧୁପଣ । ୭୮ । ପ୍ରତିଶାପ ଦାନେ ସାମର୍ଥ୍ୟ ଥାଇ । ଭଗବତୀ ଶାପକୁ ଶିରେ ବହି । ୭୯ । ଅଧିକେ ପୁଣି କରିବେ ପ୍ରସନ୍ନ । ଚିତ୍ରକେତୁର ଏ ସାଧୁ ଲକ୍ଷଣ । ୮୦ । ତତ୍ପରେ ଚିତ୍ରକେତୁ ନରନାଥ । ତ୍ୱଷ୍ଟା ଦକ୍ଷିଣାଗ୍ନିରୁ ହେଲା ଜାତ । ୮୧ । ଜ୍ଞାନବିଜ୍ଞାନସଂପନ୍ନ ହୋଇଣ । ବୃତ୍ର ନାମେ ଖ୍ୟାତ ହେଲା ରାଜନ । ୮୨ । ଚିତ୍ରକେତୁର ପବିତ୍ର ଚରିତ । ଯାହାକୁ ଶ୍ରବଣେ ଯେ ହୁଏ ରତ । ୮୩ । ସଂସାରବନ୍ଧନ ହୁଏ ଛେଦନ । ତାରେ ପ୍ରସନ୍ନ ହୁଏ ଭଗବାନ । ୮୪ । ପ୍ରାତଃକାଳରେ କରି ଗାତ୍ରୋତ୍ଥାନ । ଶ୍ରଦ୍ଧାରେ ଯେହୁ କରିବେ ଗାୟନ । ୮୫ । ଉତ୍କୃଷ୍ଟ ଗତି ହୋଇବ ତାହାର । ବୈକୁଣ୍ଠ ଗତି କୃଷ୍ଣଙ୍କ ଗୋଚର । ୮୬ ।

$\frac{୧୦୨}{୨୩}$ ଛାନ୍ଦ ।

ମରୁଦ୍ଗଣୋତ୍ପତ୍ତି ।

ରାଗ—ମଙ୍ଗଳ ।

ଶୁକ କହୁଛନ୍ତି ଶୁଣ ଭକ୍ତ ପରୀକ୍ଷିତ । କଶ୍ୟପପତ୍ନୀ ଦିତିର ଦୁଇଗୋଟି ପୁତ୍ର ହେ । ୧ । ହିରଣ୍ୟକଶିପୁ ହିରଣ୍ୟାକ୍ଷ୍ୟ ଏହି ଦୁଇ । ବିଷ୍ଣୁଙ୍କୁ ସହାୟୁ

କରି ଇନ୍ଦ୍ର ତା ମାରଇ । ୨ । ଶୋକାକୁଳ ହୋଇ ଦିତି ଚିନ୍ତେ ମନେ ମନେ । ଇନ୍ଦ୍ର ବଧ କଲା ମୋର ପୁତ୍ର ହୁଇ ଜଣେ ହେ । ୩ । ଚିତ୍ତ ଶୋକୋଦ୍ଦିପ୍ତ କ୍ରୋଧେ ହୋଇ ଜର ଜର । ମନୋମଧ୍ୟେ ସ୍ଥିର କଲେ ଉପାୟ ତାହାର ହେ । ୪ । ଇନ୍ଦ୍ରିୟସୁଖଆସକ୍ତ ଦୁରାତ୍ମା କେବଳ । ଅତି କଠିନ ହୃଦୟ ଅଟେ ପୁରନ୍ଦର ହେ । ୫ । ତାହାଠାରେ ଦୟାଲେଶ ନାହିଁ ତିଳବର । କି ଉପାୟେ ହେବ ବଧ ଭ୍ରାତୃହନ୍ତା କ୍ରୂର ହେ । ୬ । କେବେ ମୁହିଁ କରିବଇଁ ସୁଖରେ ଶୟନ । ଏହିମତେ ଦିତି ନାନା କଥା ଭାବେ ମନ । ୭ । ପ୍ରଭୁ ବୋଲି ବିଖ୍ୟାତ ହୋଇଣ କେତେ କେତେ । କୃମି ବିଷ୍ଠା ଭସ୍ମ ଦେହ ହୋଇଛନ୍ତି ଏବେ । ୮ । ଛାର ଦେହ ପାଇଁ ଯେହୁ ପ୍ରାଣିହିଂସା କରେ । ସ୍ୱାର୍ଥ ଅବଗତ ହୋଇ ନରକେ ବିହରେ ହେ । ୯ । ଇନ୍ଦ୍ର ଦେହାଦିକୁ ନିତ୍ୟ ଜ୍ଞାନ କରି ଚିତ୍ତେ । ଉଦ୍ଧତ ହୋଇଛି ଏହା ହୁଅଇ ପରତେ । ୧୦ । ତାର ଦର୍ପହାରୀ ପୁତ୍ର ପ୍ରସବିବି ମୁହିଁ । ଏହା ଭାବି ଦିତି ସ୍ୱାମୀ ଶୁଶ୍ରୂଷା କରଇ ହେ । ୧୧ । ଅନୁରାଗ-ବିନୟ-ଇନ୍ଦ୍ରିୟ-ସଂଯମନେ । ଅନବରତ ଭର୍ତ୍ତାର ପ୍ରିୟ ଆଚରଣେ । ୧୨ । ପରମଭକ୍ତି ମନୋଜ୍ଞ ପ୍ରିୟ ସମ୍ଭାଷଣେ । ସସ୍ମିତ ଅପାଙ୍ଗେ ସ୍ୱାମୀ ମନ ଆକ୍ରମଣେ । ୧୩ । କଶ୍ୟପ ମନ ହରଣ କରିଲେ ଝଟତି । କଶ୍ୟପ ଜ୍ଞାନୀ ଥିଲେହେଁ ମୁଗ୍ଧ ହେଲା ମତି । ୧୪ । ନାରୀପରତନ୍ତ୍ର ହୋଇ କହନ୍ତି ବଚନ । ତୋ. ବାଞ୍ଛାସଫଳ କରିବଇଁ ଏହିକ୍ଷଣ ହେ । ୧୫ । ତୋହ ପ୍ରତି ଅତି ପ୍ରୀତ ହୋଇଅଛି ମୁହିଁ । ମୋତେ ଈଶ୍ୱରଜ୍ଞାନରେ ସେବା କରୁ ତୁହି । ୧୬ । ପତିବ୍ରତା ନାରୀଗଣ ପତିସେବା ଫଳେ । ମଙ୍ଗଳାର୍ଥିନୀ ଲଭଇ ମଙ୍ଗଳ ରଷ୍ଟଲେ ଗୋ । ୧୭ । ତୋର ମନୋରଥ ମୁହିଁ କରିବି ପୂରଣ । କି ବର ମାଗିବୁ ମାଗ ନ କର ଶୋଚନ । ୧୮ । ଦିତି କହୁଛନ୍ତି ଶୁଣ ମୋର ପ୍ରାଣେଶ୍ୱର । ପ୍ରୀତ ଯେବେ ହୋଇଅଛ ଦିଅ ଏକବର ହେ । ୧୯ । ମୃତପୁତ୍ରା ହୋଇ ବଡ଼ ପାଉଅଛି କ୍ଲେଶ । ଇନ୍ଦ୍ରହନ୍ତା ଅମର କୁମର ଦିଅ ଈଶ ହେ । ୨୦ । ଇନ୍ଦ୍ର ମୋର ଦେନି ପୁତ୍ର କରିଅଛି ବଧ । ନିର୍ଦ୍ଦୟ ନିଷ୍ଠୁର ସେହି ଅଟଇ ନିର୍ବୋଧ । ୨୧ । ଏହି ବାକ୍ୟ ଶୁଣି ବିପ୍ର କଶ୍ୟପ ଉଦ୍ୱିଗ୍ନ । ଚିତ୍ତ ବ୍ୟାକୁଳିତେ ଭାବୁଛନ୍ତି ମନେ ମନ ହେ । ୨୨ । ଆଜି ମୋର ସମାହିତ ଅଧର୍ମ ଉଦିତ । ଯୋଷିନ୍ମୟୀ ମାୟାରେ ମୋ ମନ ବିମୋହିତ । ୨୩ । ନିରୁପାୟ ହୋଇ ହେବ ନରକେ ପତନ । କାହାର କି

ଦୋଷ ଦେବ ଦୈବର ଘଟନ । ୨୪ । କି ଦୋଷ ଏ ଅବଳାର ସ୍ୱ ସ୍ୱଭାବମତେ । ଯାହା କରିବାର କଲ ଦୋଷ ନାହିଁ ଏଥେ ହେ । ୨୫ । ସ୍ୱାର୍ଥ ଅନନ୍ତଙ୍କ ମୁହିଁ ଧିକ ଧିକ ମୋତେ । ଇନ୍ଦ୍ରମୃତ୍ୟୁ ମୁଁ କରନାହିଁଟି କଷ୍ଟତେ । ୨୬ । କାମିନୀ ମୁଖ ଶରତ୍କାଳୀନ କମଳ । କଣ୍ଠରୁ ଅମୃତସମ ବାକ୍ୟ କି କୋମଳ । ୨୭ । ହୃଦୟ କ୍ଷୁରଧାରରୁ ଆହୁରି ତୀକ୍ଷଣ । ତାଙ୍କ ଚେଷ୍ଟା ବୁଝିବାକୁ କାର ସାଧ୍ୟ କିଣ ହେ । ୨୮ । ସ୍ୱାର୍ଥସାଧନର ପାଇଁ ରମଣୀ ସକଳ । ଆତ୍ମୀୟଂ ନ୍ୟାୟ ଦର୍ଶାଏ ଅତ୍ୟନ୍ତ ପ୍ରବଳ ହେ । ୨୯ । ବସ୍ତୁତଃ ତାଙ୍କର ପ୍ରିୟ ନାହିଁ କେହି କାହିଁ । ସ୍ୱାମୀ ଭ୍ରାତା ଆଦି ମାରିପାରେ ସ୍ୱାର୍ଥପାଇଁ । ହେବ ବୋଲି କହିଅଛୁ ସେହି ପ୍ରତିଶ୍ରୁତି । ନଷ୍ଟ ନୋହିବନ୍ତି କେବେ କି ହେବ ସମ୍ପ୍ରତି ହେ । ୩୧ । 'ଇନ୍ଦ୍ରର ବଧ ହେଇବା' ନୁହଇ ଉଚିତ । ଉଭୟ ସଙ୍କଟୁ ରକ୍ଷା ହୋଇବ କେମନ୍ତ । ୩୨ । ଏକ୍ଷଣ ଏହି ଉପାୟ ଅଟଇ ଉଚିତ । ଉପଦେଶ ଦେବା ଯୁକ୍ତ ଯେ ବୈଷ୍ଣବବ୍ରତ । ୩୩ । ଏହି ରୂପ ଚିନ୍ତା କରି କୋପ ପ୍ରଦର୍ଶନେ । ଆପଣାକୁ ଆପେ ନିନ୍ଦା କରଣ ବଚନେ । ୩୪ । କହନ୍ତି ହେ ଭଦ୍ରେ ଏକ ବରଷ ପର୍ଯ୍ୟନ୍ତ । ଯଥାବିଧି ଧରିପାରୁ ଯେବେ ଏହି ବ୍ରତ । ୩୫ । ଇନ୍ଦ୍ରହନ୍ତା ପୁତ୍ର ତୋର ତେବେ ହେବ ଜାତ । ବ୍ୟତିକ୍ରମେ ଇନ୍ଦ୍ରହନ୍ତା ନୋହିବ ସମ୍ଭୂତ । ୩୬ । ବରଂ ଦେବଗଣବନ୍ଧୁ ହେବ ସେ ସନ୍ତାନ । ଦିତି କହେ କହ ପ୍ରଭୋ ! କରିବ ଧାରଣ ହେ । ୩୭ । ଯାହା ଅବଶ୍ୟକ ତହିଁ ଯାହା ହାନିକର । ଯାହା ଯାହା ନିଷେଧ ନୁହଇ ଅଙ୍ଗୀକାର ହେ । ୩୮ । ବ୍ରତସ୍ଥ ହୋଇଣ ପ୍ରାଣୀହିଂସା ନ କରିବ । କାହାର ପ୍ରତି ଆକ୍ରୋଶେ ଶାପହିଁ ନ ଦେବ । ୩୯ । ମିଥ୍ୟା ନ କହିବ ନଖ ଲୋମ ନ ଛେଦିବ । ଅମାଙ୍ଗଲ୍ୟ ଦ୍ରବ୍ୟ କେବେ ସ୍ପର୍ଶ ନ କରିବ । ୪୦ । କ୍ରୁଦ୍ଧ ନ ହୋଇବ ଦୁଷ୍ଟ ସଙ୍ଗେ ସମ୍ଭାଷଣ । ନ କରିବ ଅଧୌତ ବସନ ପରିଧାନ ।୪୧। ଛଡ଼ାମାଲ୍ୟାଦି କଦାପି ନ କର ଧାରଣ । ଉଚ୍ଛିଷ୍ଟାନ୍ନ କେବେ ନ କରିବଟି ଭୋଜନ । ୪୨ । ପିପିଲିକାଦି ଦୂଷିତ ଅନ୍ନ ନ ଭୁଞ୍ଜିବ । ଆମିଷାନ୍ନ ଶୂଦ୍ରାନୀତ ଅନ୍ନ ବିବର୍ଜିବ । ୪୩ । ରଜସ୍ୱଲାଦୃଷ୍ଟ ଅନ୍ନ ଭୋଜନ ନ କର । ଅଞ୍ଜଳିଦ୍ୱାରା ପାନୀୟ ପାନ ନ ଆଚର । ୪୪ । ଉଚ୍ଛିଷ୍ଟାବସ୍ଥାରେ ନ କରଣ ଆଚମନ । ସନ୍ଧ୍ୟାକାଳେ କେଶପାଶ ମୋଚନ କରଣ । ୪୫ । ଆଲୁଲାୟିତ କରଣ ନ ରଖି ଭୂଷଣ । ଅନାବୃତ ଦେହେ ବହିର୍ଦେଶେ ବିଚରଣ । ୪୬ । କାଁରବ

ନାହିଁ ନ କର ବାକ୍ୟ ସଂଯମନ । ଉତ୍ତରକୁ ମୁଣ୍ଡକର ନ କର ଶୟନ
ଗୋ । ୪୭ । ଗୋଡ଼ ନ ଧୋଇଣ ଅପବିତ୍ର ଅବସ୍ଥାରେ । ନ ଶୋଇବ
ପଶ୍ଚିମ ଦିଗକୁ କର ଶିରେ । ୪୮ । ଆର୍ଦ୍ର ନ କରିବ ପାଦଦ୍ୱୟ କର ଧୌତ ।
ଉଲଙ୍ଗ ବା ସନ୍ଧ୍ୟାଦ୍ୱୟେ ଶୟନାନୁଚିତ ॥ ବିଧୌତ ବସନ ପୁଣି କର ପରି-
ଧାନ । ସକଳ ମଙ୍ଗଳଯୁକ୍ତ ଶୁଚି ହେବ ପୁନଃ ଗୋ । ୫୦ । ଭୋଜନ ପୂର୍ବେ ଗୋ
ବିପ୍ର ଲକ୍ଷ୍ମୀନାରାୟଣ । ନାନା ଉପହାର ଦେଇ କରିବ ପୂଜନ । ୫୧ । ନାରୀ-
ଗଣେ ଗନ୍ଧମାଲ୍ୟ ବସନ ଭୂଷଣ । ଉପହାର ଦେଇ ନିତ୍ୟ କରିବ ପୂଜନ
ଗୋ । ୫୨ । ପତିର୍ ଅର୍ଚ୍ଚନା କର ତାର ସେବା କର । ତାଙ୍କୁ ଆପଣା ଗର୍ଭସ୍ଥ
ମନରେ ବିଚାର । ୫୩ । ଏହି ପୁଂସବନ ବ୍ରତ ଏକବର୍ଷ କାଳ । ନିର୍ବିଘ୍ନରେ
ଯଦ୍ୟପି ପାଳନ କରିପାର । ୫୪ । ଇନ୍ଦ୍ରହନ୍ତା ପୁତ୍ର ତୋର ହୋଇବ ଉତ୍ପନ୍ନ ।
ବ୍ରତର ବିଧାନ ପୂଜା ସାବଧାନେ ଶୁଣ । ୫୫ । ମାର୍ଗଶୀର୍ଷ ମାସ ଶୁକ୍ଳ ପ୍ରତିପଦ
ଦିନ । ବ୍ରତାରମ୍ଭ କରିବ ହୋଇଣ ସାବଧାନ । ୫୬ । ବ୍ରାହ୍ମଣ ଅନୁଜ୍ଞା ନେଇ
ଦଶନ ଧାବନ । ତତ୍ପରେ ପବିତ୍ର ହେବ ସ୍ନାନାଦି କରିଣ । ୫୭ । ମରୁଦ୍ଗଣ
ଜନ୍ମକଥା କରିବ ଶ୍ରବଣ । ଶୁକ୍ଳାମ୍ବର ଅଲଙ୍କାରେ ହୋଇବ ମଣ୍ଡନ । ୫୮ ।
ପ୍ରାତଃକାଳୀନ ଭୋଜନ କରିବାର ପୂର୍ବେ । ଲକ୍ଷ୍ମୀନାରାୟଣ ପୂଜା କର ଭକ୍ତି-
ଭାବେ । ୫୯ । ଅର୍ଚ୍ଚନାକାଳେ ଯେ ମନ୍ତ୍ରେ କରିବ ପ୍ରଣାମ । ସେହି ମନ୍ତ୍ର
କହୁଅଛି ଶୁଣ ଦେଇ ମନ । ୬୦ । ଭଗବାନ ତୋହଠାରେ ସକଳ ପର୍ଯ୍ୟାପ୍ତ ।
ଅନ୍ୟଠାରେ କାର୍ଯ୍ୟ ନାହିଁ କରେ ଦଣ୍ଡବତ । ୬୧ । ପ୍ରଭୋ ତୁହି ନିରପେକ୍ଷ
ଅଟୁ ପୂର୍ଣ୍ଣକାମ । ମହା ବିଭୂତିର ପତି ସର୍ବସିଦ୍ଧି ଧାମ । ୬୨ । ଅଣିମାଦି ସର୍ବ
ସିଦ୍ଧି ସଦା ବର୍ତ୍ତମାନ । ତୋତେ ପ୍ରଭୁ କରୁଅଛୁ ମୁହିଁ ତ ପ୍ରଣାମ । ୬୩ ।
ହୋଇଣ ତୁ ଦୟା ଧୈର୍ଯ୍ୟ ତେଜହିଁ ସାମର୍ଥ୍ୟ । ମହିମା ଆଦି ନିଖିଳ ଗୁଣେ
ଯଥାବତ । ୬୪ । ନିଯୁକ୍ତ ସେବତ ଏଣୁ ଭଗବାନ ତୁହି । ଅବହିତ ହୋଇ
ଥାଉ ତୋତେ ପ୍ରଣମଇଁ । ୬୫ । ଏହିରୂପେ ନାରାୟଣେ କର ନମସ୍କାର ।
ତତ୍ପରେ ଲକ୍ଷ୍ମୀଙ୍କୁ ପୁଣି ଦଣ୍ଡବତ କର । ୬୬ । ହେ ମହାମାୟେ ହେ ବିଷ୍ଣୁ-
ପ୍ରିୟେ ଦେବି ତୁହି । ଭଗବାନ ଗୁଣ ସର୍ବ ତୋଠାରେ ଅଛଇ । ୬୭ । ହେ
ମହାଭାଗେ ପ୍ରସନ୍ନ ହୁଅ ମୋହପ୍ରତି । ଆହେ ଲୋକମାତ ତୋତେ କରୁଛି
ପ୍ରଣତି । ୬୮ । ତତ୍ପରେ ସୁସମାହିତ ହୋଇ ଭଗବାନ । ମହାନୁଭବ ଯେ
ମହାପୁରୁଷଙ୍କୁ ନମଃ । ୬୯ । ବିଭୂତିପତି ମହାବିଭୂତି ସମନ୍ୱିତ । ଭଗବାନ

ପାଇଁ ପୂଜା ଉପହାର ବ୍ରତ । ୭୦ । ଆହରଣ କରେ ଏହି ମନ୍ତ୍ରଦ୍ୱାରା ସର୍ବ । ଭଗବାନ ଆବାହନ ପାଇଁ ପୂଜା ଦେବ । ୭୧ । ପାଦ୍ୟ, ଅର୍ଘ୍ୟ, ସ୍ନାନୀୟ, ଯେ ବସନ ଭୂଷଣ । ଉପବୀତ, ଗନ୍ଧ, ପୁଷ୍ପ, ଧୂପ, ଦୀପ, ପୁନଃ । ୭୨ । ନାନା ଉପହାର ସବୁ କରିବ ପ୍ରଦାନ । ଅବଶିଷ୍ଟ ଦ୍ରବ୍ୟ ଅଗ୍ନି କର ସଂସ୍ଥାପନ ।୭୩। ଦ୍ୱାଦଶଟି ଆହୁତିରେ କରିବ ପ୍ରଦାନ । ଭଗବାନ ମହା ଯେ ବିଭୂତିପତି ନମଃ । ୭୪ । ସ୍ୱାହା ଏହି ମନ୍ତ୍ରେ ଆହୁତିରେ କର ହୋମ । ବରପ୍ରଦ ଅଟନ୍ତି ଯେ ଲକ୍ଷ୍ମୀନାରାୟଣ । ୭୫ । ଏହାଙ୍କଠାରୁ ନିଖିଳ ମଙ୍ଗଳ ମିଳଇ । ଭକ୍ତି-ଭରେ ପୂଜା ଦଣ୍ଡବତ ଯେ ପଡ଼ଇ । ୭୬ । ଲୋଡ଼ିଲେ ସର୍ବସମ୍ପତ୍ତି ପାଏ ଲୋକଗଣ । ତତ୍‌ପରେ ଦଶଧା ମନ୍ତ୍ର ଜପ କର ପୁଣ । ୭୭ । ତତ୍‌ପରେ କର ପଠନ ଏହି ସେହି ସ୍ତୋତ୍ର । ଭଗବାନ ଭଗବତୀ ଦୋହେଁ ସର୍ବାଗତ । ୭୮ । ବିଶ୍ୱ ପରମ କାରଣ ଅଟେ ଭଗବାନ । ଅଧୀଶ୍ୱର ଦୁରତ୍ୟୟା ମାୟାର ତୁ ପୁନଃ । ୭୯ । ଅତଏବ ପରମପୁରୁଷ ତୁ ପ୍ରତ୍ୟକ୍ଷ । ପ୍ରଭୋ ! ସର୍ବଯଜ୍ଞ ତୁହି ଯଜ୍ଞ ସମ୍ପାଦକ । ୮୦ । ବ୍ୟାପାର ନୈତିକ କ୍ରିୟା ଯଜ୍ଞ-ଫଳଭୋଗୀ । ସତ୍ତ୍ୱାଦି ଗୁଣ ପ୍ରକାଶ କରେ ଏହି ଦେବି । ୮୧ । ଗୁଣ ପ୍ରକାଶକ ତୁହି ଭୋକ୍ତା ତୁହି ପୁଣ । ଦେହୀଗଣ ଆତ୍ମା ତୁହି ଦେହେନ୍ଦ୍ରିୟ ପ୍ରାଣ ହେ । ୮୩ । ହେ ପ୍ରଭୋ ତୁମ୍ଭେ ଉଭୟ ପରମେଷ୍ଠି ହୋଇ । ନିତ୍ୟ-ବନର ବରଦା ଅଟ ତୁମ୍ଭେ ଦୁଇ ।୮୪। ତୁମ୍ଭମାନଙ୍କ କୃପାରେ ଆମ୍ଭମାନଙ୍କର । ଜାତ ହେଉ ନିତ୍ୟ ମହାମଙ୍ଗଳନିକର । ୮୫ । ଲକ୍ଷ୍ମୀନାରାୟଣସ୍ତବ ପଢ଼ି ଏହିମତେ । ନିଃସାରିତ କର ଉପହାର ନୈବେଦ୍ୟତେ । ୮୬ । ଆଚମନୀୟ ପ୍ରଦାନେ ପୂଜାହିଁ କରିବ । ସ୍ତୋତ୍ରପାଠେ ଯଜ୍ଞୋଚ୍ଛିଷ୍ଟ ଆଘ୍ରାଣ କରିବ ।୮୭। ଈଶ୍ୱର ଜ୍ଞାନେ ପତିର ପ୍ରିୟ ବସ୍ତୁ ଦେଇ । ସେବା କର ପତି ମଧ୍ୟ ପାଳୁ କର୍ମ ସେହି । ୮୮ । ଦ୍ୱାଦଶମାସ କାର୍ତ୍ତିକମାସ ଶେଷ ଦିନ । ଉପବାସ ରହି ଯଦି ହେଲେ ଅବସାନ । ୮୯ । ପରଦିନ ଜଳ ସ୍ପର୍ଶେ ପୁଣି ପୂର୍ବ ପର । ଭଗବାନ ପୂଜାକର ଯଜ୍ଞ ପାକ କର । ୯୦ । ତତ୍‌ପରେ ବ୍ରାହ୍ମଣଗଣ କରିଲେ କଲ୍ୟାଣ । ମସ୍ତକ ପତାଇ ତାହା କରିବ ଗ୍ରହଣ । ୯୧ । ପତି ଦ୍ୱାଦଶ ଆହୁତି କରିବେ ପ୍ରଦାନ । ଶେଷ ଚରୁ ବ୍ରହ୍ମଣୀଙ୍କୁ କରୁ ସମ୍ପ୍ରଦାନ । ୯୨ । ବ୍ରାହ୍ମଣ ଅନୁଜ୍ଞା ନେଇ କରିବ ଭୋଜନ । ସର୍ବ ସିଦ୍ଧି ପ୍ରଦ ବ୍ରତ କରେ ଯେହୁ ଜନ । ୯୩ । ଅଭୀଷ୍ଟ ଲଭଇ ପୁଂସ ନାରୀ ଲଭେ ପୁତ୍ର । ଅମର ସୁନ୍ଦର ପୁତ୍ର ସର୍ବ ଗୁଣା-

ନ୍ୱିତ । ୯୪ । ଦିତି ଏହି ବ୍ରତ ଶୁଣି କରିଲେ ଧାରଣ । ଇନ୍ଦ୍ର ଜାଣି ପହୁ-
ଞ୍ଚିଲେ ଦିତି ସନ୍ନିଧାନ । ୯୫ । ସେବା ଶୁଶ୍ରୂଷା କରିଲେ ଯଥାର୍ଥମତରେ ।
ବ୍ରତୋପକରଣ ଦ୍ରବ୍ୟ ଯୋଗାନ୍ତି ନିତ୍ୟରେ । ୯୬ । ପ୍ରତ୍ୟହ ବନରୁ ଫଳ
ମୂଳ କାଷ୍ଠ କୁଶ । ପତ୍ର ପୁଷ୍ପ ମୃତ୍ତିକାଦି ଯୋଗାନ୍ତି ଅନଶ । ୯୭ । ବ୍ରତ ଛିଦ୍ର
ଅନୁସନ୍ଧାନରେ ପୁରନ୍ଦର । ସେବା ଶୁଶ୍ରୂଷାରେ ସଦା ହୋଇଲେ ତତ୍ପର । ୯୮ ।
କପଟ ସାଧୁ ବେଶରେ ରହି ସୁରପତି । ଶୀଘ୍ର ବ୍ରତଛିଦ୍ର କେବେ ଦେଖି ନ
ପାଇନ୍ତି । ୯୯ । ଅତି ଉଦ୍ବିଗ୍ନ ହୋଇଲା ଇନ୍ଦ୍ରର ଅନ୍ତର । ଏକଦା ଦିତିର
ମୋହ ହୋଇଲା ତତ୍ପର । ୧୦୦ । ସକୁଡ଼ି ହାତ ମୁହଁଙ୍କୁ ଧୌତ ନ କରିଣ ।
ଅଧୌତ ପାଦେ ହଠାତ କରିଲେ ଶୟନ । ୧୦୧ । ଏହି ଅବସରେ ଇନ୍ଦ୍ର
ମହାଯୋଗବଳେ । ବଜ୍ର ଧରି ଦିତି ଗର୍ଭେ ପ୍ରବେଶେ କୌଶଳେ । ୧୦୨ ।
ଦିତି ନିଦ୍ରାବଶେ କିଛି ଜାଣି ନ ପାରଇ । ସନ୍ତାନକୁ ଇନ୍ଦ୍ର ସାତଖଣ୍ଡରେ
କାଟଇ । ୧୦୩ । ଦେଖିଲେ ନୋହିଲା ବଧ ପ୍ରତି ଖଣ୍ଡ ଖଣ୍ଡ । ସାତଖଣ୍ଡ
ଲେଖାଁ ପୁଣି କାଟିଲେ ପ୍ରଚଣ୍ଡ । ୧୦୪ । ଅଣଚାଶ ଖଣ୍ଡ ଶିଶୁ କରି ଯୋଡ଼-
କର । ସବିନୟେ ଇନ୍ଦ୍ର ପ୍ରତି କରନ୍ତି ଉତ୍ତର । ୧୦୫ । ଆହେ ସୁରରାଜ
କପାଁ ଆମ୍ଭ ହତ୍ୟାପାଇଁ । ଆମ୍ଭେ ମରୁଦ୍ଗଣ ତୁମ୍ଭ ଭ୍ରାତା ଅଟୁ ହୋଇ । ୧୦୬ ।
ଇନ୍ଦ୍ର ଶୁଣି କହେ ମୋର ଅନ୍ୟ ଭାବ ନାହିଁ । ତୁମ୍ଭେମାନେ ମୋ ପାର୍ଷଦ
ହେବ ସବୁ ଭାଇ । ୧୦୭ । ହରି ପୂଜାବଶେ ତାଙ୍କ କରୁଣା ପ୍ରଦତ୍ତ । ତେଣୁ
ସେ ମରି ନ ପାରି ହୋଇଲେ ଜୀବିତ । ୧୦୮ । ସେହି ମରୁଦ୍ଗଣ ଇନ୍ଦ୍ର ସଙ୍ଗେ
ଦେବଗଣ । ହୋଇଲେ ସହଜେ କୃପା କଲେ ଭଗବାନ । ୧୦୯ । ଦିତି
ନିଦ୍ରାଭଙ୍ଗ ହେଲା ହୋଇଲେ ଜାଗ୍ରତ । ପଶ୍ଚାଶତ ଦେଖେ ଅଗ୍ରେ ଇନ୍ଦ୍ରର
ସହିତ । ୧୧୦ । ଯଦ୍ୟପି ଦେଖିଣ ଦେବୀ ହେଲେ ବଡ଼ ପ୍ରୀତ । ତଥାପି
ଇନ୍ଦ୍ରଙ୍କୁ ପୁଚ୍ଛେ ହୋଇଣ ବିସ୍ମିତ । ୧୧୧ । ଅଦିତି ପୁତ୍ରହନ୍ତକ ଏକ ପୁତ୍ର
ପାଇଁ । ମହାବ୍ରତ ଅନୁଷ୍ଠାନ କରିଥିଲି ମୁହିଁ । ୧୧୨ । ଉନପଞ୍ଚାଶତ ପୁତ୍ର
ହୋଇଲେ କିପରି । ଜଣାଥିଲେ କହି ସତ୍ୟ କପଟ ନ କରି । ୧୧୩ । ହେ
ତାତ ଇନ୍ଦ୍ର କଦାପି ମିଥ୍ୟା ନ କହିବ । ପ୍ରକୃତ ଘଟଣା ମୋର ଆଗେ ଜଣା-
ଇବ । ୧୧୪ । ଅକପଟ ବାକ୍ୟ ଦିତିଙ୍କର ଇନ୍ଦ୍ର ଶୁଣି । ନିଜେ ଅକପଟେ
ଇନ୍ଦ୍ର କହୁଛନ୍ତି ବାଣୀ । ୧୧୫ । ହେ ମାତ ମୁହିଁ ତୋହର ଏହି ଚେଷ୍ଟା
ଜାଣି ! ଆସିଥିଲି କପଟରେ ତୋର ପାଶେ ପୁଣି । ୧୧୬ । ଛିଦ୍ର ଖୋଜୁ-

ଥିଲ ଅଜ ପାଇଲ ଯେମନ୍ତ । ଗର୍ଭରେ ପ୍ରବେଶକର କରଲ ଛେଦନ ।୧୧୭। ତୋର ବ୍ରତଫଳେ ବଧ ନୋହିଲା ସନ୍ତାନ । ସ୍ୱାର୍ଥ ଯୋଗେ ହରାଇଲ ମୁହିଁ ଧର୍ମଜ୍ଞାନ । ୧୧୮ । ଆଗେ କାଟିଥିଲ ମୁହିଂ ସାତଖଣ୍ଡ କର । ସପ୍ତପୁତ୍ର ହେଲେ ପୁଣି କଦାପି ନ ମର । ୧୧୯ । ତହୁଁପରେ ପ୍ରତ୍ୟେକଙ୍କୁ ମୁଁ କଲି ସପ୍ତଖଣ୍ଡ । ତେଣୁ ଊନପଞ୍ଚାଶତ ହୋଇଲେ ପ୍ରଚଣ୍ଡ । ୧୨୦ । ଦେଖିଲି ମରଲେ ନାହିଁ ମଣିଲି ଅଦ୍ଭୁତ । ତୋର ବ୍ରତସିଦ୍ଧିଫଳ ଜାଣିଲି ନିଶ୍ଚିତ । ୧୨୧ । ହେ ମାତଃ ମୁଁ ଅଜ୍ଞ ମୋର ଦୋଷ କ୍ଷମା କର । ଭାଗ୍ୟକ୍ରମେ ତୋର ପୁତ୍ର ହୋଇଲେ ଉଦ୍ଧାର । ୧୨୨ । ଏତଦନ୍ତରେ ଦିତି ମହା ଆନନ୍ଦିତ ହୋଇ । ଅନୁମତି କଲେ ଇନ୍ଦ୍ର ମରୁଦ୍ଗଣ ନେଇ । ୧୨୩ । ଚାଲିଗଲେ ସ୍ୱର୍ଗପୁରେ ମରୁଦ୍ଗଣୋ—ଯୁକ୍ତ । ଗାୟନ ଶ୍ରବଣେ ପ୍ରାଣୀ ଲଭିବେ ସୁଗତି । ୧୨୪ । ବିଷ୍ଣୁ ଆରାଧନ ଫଳ ଅତ୍ୟଦ୍ଭୁତ କଥା । ନ ସେବିଲେ ବଇକୁଣ୍ଠ ପାଉଁଅଛି ବୃଥା । ୧୨୫ ।

୧୦୩/୨୦ ଛାନ୍ଦ ।

ମନ୍ୱନ୍ତର ବର୍ଣ୍ଣନ ।

ରାଗ—କୁମ୍ଭକାମୋଦୀ ।

ପରୀକ୍ଷିତ ପ୍ରଶ୍ନେ ଶୁକ କହନ୍ତି ଶୁଣ ମହୀପାଳ । ମନ୍ୱନ୍ତର କଥା କହୁଅଛି ଶୁଣ ଶ୍ରବଣ ମଙ୍ଗଳ । ୧ । ଏହି କଳ୍ପେ ସ୍ୱାୟମ୍ଭୁବ ମନୁ ଆଦି ଛଅଟି ଅତୀତ । ପ୍ରଥମ ମନ୍ୱନ୍ତରେ ଦେବତା ପ୍ରଭୃତି ହୋଇଥିଲେ ଜାତ ।୨। ଦେବହୂତି ଆଦି ମନୁକନ୍ୟା ବଂଶ ହୋଇଛି କୀର୍ତ୍ତିତ । ତାଙ୍କ ଗର୍ଭେ ହରି କପିଳ ରୂପରେ ହୋଇଥିଲେ ଜାତ । ୩ । ଯଜ୍ଞରୂପେ ହରି ଭିନ୍ନ ସମୟରେ ହୋଇଲେ ଜନମ । ଶତରୂପା ସ୍ୱାମୀ ସ୍ୱାୟମ୍ଭୁବ ମନୁ ବର୍ଜ୍ଜି ସର୍ବ କାମ । ୪ । ପତ୍ନୀ ସହିତରେ ବନବାସୀ ହେଲେ ତପସ୍ୟା ନିମିତ୍ତ । ସୁନନ୍ଦା ନଦୀର କୂଳେ ଉପଗତ ହୋଇଲେ ତୁରିତ । ୫ । ଏକପଦେ ଉଭା ହୋଇ ସାଧେ ତପ ଅତ୍ୟନ୍ତ କଠୋର । ଶତବର୍ଷକାଳ ହରି ଉଦ୍ଦେଶ୍ୟରେ କହେ ଏହି ଗିର ।୬। ଯାହାଠାରୁ

ବିଶ୍ୱ ଚୈତନ୍ୟ ଲଭଇ କିନ୍ତୁ ଯାରେ ବିଶ୍ୱ । ଚୈତନ୍ୟ ଦେବାର ଅସମର୍ଥ ଅଟେ ଯେ ଆଦିପୁରୁଷ । ୭ । ସୁଷୁପ୍ତ ହୋଇଲେ ବିଶ୍ୱ ତଦ୍‌ଗତର ଥାଏ ଯା ଜାଗ୍ରତ । ହାୟ ଜୀବ ତାଙ୍କୁ ଚିହ୍ନି ନ ପାରଇ ଜୀବଙ୍କୁ ସେ ଜ୍ଞାତ । ୮ । ବିଶ୍ୱ ତହିଁ ସ୍ଥିତ ଜୀବଗଣ ଯାର ଚୈତନ୍ୟେ ବ୍ୟାପୃତ । ସମସ୍ତଙ୍କର ସେ ଈଶ୍ୱର ଅଟଇ ସର୍ବେ ଅବସ୍ଥିତ । ୯ । ଏଣୁ ହେ ମାନବ ଯାହା ଦେଇଛନ୍ତି ତାହା ଭୋଗ କର । ଅନ୍ୟ ଧନ ଦେଖି ପ୍ରଲୋଭିତ ନୋହି ଧୈର୍ଯ୍ୟହିଁ ଧର ।୧୦। ଲୋକଙ୍କୁ ଯେ ଦେଖେ ତାଙ୍କୁ ଦେଖିବାର ସାମର୍ଥ୍ୟହିଁ ନାହିଁ । ଯାହାର ଚକ୍ଷୁଷ ଜ୍ଞାନ ନଷ୍ଟ ନୁହେ ଭୂତାଶ୍ରୟ ହୋଇ । ୧୧ । ସଙ୍ଗରହିତ ସେ ସୁରବର ପଦେ ପୂଜା କର ବଳେ । ଆଦ୍ୟନ୍ତ ମଧ୍ୟର ଅଭ୍ୟନ୍ତର ବାହ୍ୟ ନାହିଁ ଯା ଶସ୍ତ୍ରଲେ । ୧୨ । ଆତ୍ମୀୟ ପର ଯାର ନାହିଁ ବିଶ୍ୱର ଆଦି ଯେ କାରଣ । ସତ୍ୟ ସ୍ୱରୂପ ପୂର୍ଣ୍ଣବ୍ରହ୍ମ ଅଟଇ ସକଳ ନିଧାନ । ୧୩ । ସେହି ବିଶ୍ୱମୂର୍ତ୍ତି ଅନନ୍ତନାମା ସେ ଈଶ୍ୱର ଅଟଇ । ନିର୍ବିକାର ଜନ୍ମରହିତ ହୋଇଣ ସ୍ୱପ୍ରକାଶ ସେହି । ୧୪ । ସତ୍ୟ ସ୍ୱରୂପ ହେଲେ ସୁଦ୍ଧା ତା ମାୟା ନିଜଶକ୍ତିବଳେ । ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି କ୍ରିୟା ସକଳ ସମ୍ପାଦେ ପ୍ରବଳେ । ୧୫ । ନିତ୍ୟ ସିଦ୍ଧ ବିଦ୍ୟାଦ୍ୱାରା ମାୟାକୁ ସେ ପରିତ୍ୟାଗ କରି । କ୍ରିୟାହୀନ ଅବସ୍ଥାରେ ଅବସ୍ଥିତ ଅଟଇ ସେ ହରି । ୧୬ । ଏହି ଦୃଷ୍ଟାନ୍ତରେ ମୁକ୍ତି ବାସନାରେ ସର୍ବ ଋଷିଗଣ । ପ୍ରଥମାବସ୍ଥାରେ କରନ୍ତି କୌଶଳେ କର୍ମ ଅନୁଷ୍ଠାନ । ୧୭ । ଆଗେ ଚେଷ୍ଟାକରି ପରେ ନିଶ୍ଚେଷ୍ଟତା ହୁଅନ୍ତି ପ୍ରାପତ । ଭଗବାନ କିନ୍ତୁ ଆତ୍ମଲାଭେ ସଦା ଥାଏ ପରିତୃପ୍ତ । ୧୮ । କାର୍ଯ୍ୟେ ପ୍ରବର୍ତ୍ତିତ ହୋଇ କାର୍ଯ୍ୟେ ଲିପ୍ତ ନୁହଇ କୁଣ୍ଠିତ । ତା ଅନୁକରଣ କରେ ଯେ ଧର୍ମର ନୁହଇ ଆସକ୍ତ । ୧୯ । ସର୍ବ ଧର୍ମ ଦାତା ଭଗବାନ ହୋଇ ମନୁଷ୍ୟାବତାର । ଆତ୍ମପଥେ ରହି ମନୁଷ୍ୟଙ୍କୁ ଶିକ୍ଷା ଦିଅଇ ଅପାର । ୨୦ । ସେ ପରମଜ୍ଞାନୀ ପରିପୂର୍ଣ୍ଣ ସଦା ପ୍ରଭୁ ଏକମାତ୍ର । ଅହଂକାର ଶୁଭକାମନାବିହୀନ ଅଟଇ ନିଶ୍ଚିତ । ୨୧ । ଅନ୍ୟଦ୍ୱାରା କାର୍ଯ୍ୟେ ପ୍ରେରିତ ନୁହଇ ତାହାର ଚରଣେ । ଶରଣାଗତ ମୁଁ ହେଉଅଛି ସଦା ବିହିତ ବିଧାନେ । ୨୨ । ମନୁ ସମାଧିସ୍ଥ ହୋଇ ଏହି ମନ୍ତ୍ର କରେ ଉଚ୍ଚାରଣ । ଦେଖିଣ କ୍ଷୁଧାର୍ତ୍ତ ଅସୁର ରାକ୍ଷସେ ଆସିଲେ ଧାଇଁଣ । ୨୩ । ଅବଶ ଭାବିଣ ଖାଇଦେବା ପାଇଁ ହୁଅନ୍ତେ ଉଦ୍ୟତ । ସର୍ବଗତ ହରି ଯଜ୍ଞ ନାମଧାରୀ ଆସି ଉପଗତ । ୨୪ । ଆପଣାର ପୁତ୍ର ଯାମ ନାମକ ସେ ଦେବଙ୍କ

ସହିତ । ଦୈତ୍ୟବଧ କଲେ ସ୍ୱୟଂ ଇନ୍ଦ୍ର ହେଲେ ସ୍ୱର୍ଗକୁ ପାଳିତ । ୨୫ ।
ସ୍ୱାରୋଚିଷ ନାମେ ଦ୍ୱିତୀୟ ଯେ ମନୁ ଅଗ୍ନିର ସନ୍ତାନ । ସୁଷେଣହିଁ ରୋଚିଷ୍ମନ୍ତ
ଆଦି ଯେତେ ତାଙ୍କର ନନ୍ଦନ । ୨୬ । ସେହି ମନ୍ୱନ୍ତରେ ରୋଚନ ନାମ
ଯେ ଇନ୍ଦ୍ରର ହୁଅଇ । ଊର୍ଜ୍ଜସ୍ତମ୍ଭ ଆଦି ସପ୍ତଋଷି ନାମ ବ୍ରହ୍ମଙ୍କ ଅଟଇ । ୨୭ ।
ତୁଷିତାଦି ନାମେ ଦେବତା ଅଟନ୍ତି ବେଦଶିରା ନାମେ । ଥିଲେ ଋଷିବର ତୁଷିତା
ତା-ପତ୍ନୀ ଉଭୟଙ୍କ କାମେ । ୨୮ । ତାଙ୍କ ପୁତ୍ର ହୋଇ ଜନ୍ମେ ଭଗବାନ
ବିଭୁ ନାମେ ଖ୍ୟାତ । କୌମାର ବ୍ରହ୍ମଚର୍ଯ୍ୟ ଗ୍ରହଣରେ ସେ ଅତ୍ୟନ୍ତ
ମହତ । ୨୯ । ବ୍ରତଧାରୀ ଋଷି କଲେ ବ୍ରତ ଶିକ୍ଷା ବହୁତ ପ୍ରକାର । ସଂଖ୍ୟା
ଅଷ୍ଟାଅଶୀ ସହସ୍ର ଋଷିଏ ମଣେ ଚମତ୍କାର । ୩୦ । ଉତ୍ତମ ନାମରେ ତୃତୀୟ
ଯେ ମନୁ ପ୍ରିୟବ୍ରତସୁତ । ପବନ ସୃଞ୍ଜୟ ଯଜ୍ଞହୋତ୍ର ଆଦି ତାହାଙ୍କର
ପୁତ୍ର । ୩୧ । ବଶିଷ୍ଠ ନନ୍ଦନ ପ୍ରମଦ ପ୍ରଭୃତି ଋଷି ସାତ ଜଣ । ସତ୍ୟ, ବେଦ,
ଶ୍ରୁତ, ଭଦ୍ର ନାମରେ ସେ ଦେବତା କଥନ । ୩୨ । ସତ୍ୟଜିତ ନାମ ଅଟଇ
ଇନ୍ଦ୍ରର ପ୍ରଭୁ ସତ୍ୟସେନ । ଉକ୍ତ ମନ୍ୱନ୍ତରେ ଶ୍ରୀପୁରୁଷୋତ୍ତମ ଭଗବାନ । ୩୩ ।
ଧର୍ମ୍ମର ଭାର୍ଯ୍ୟା ସୁନୃତାଗର୍ଭରେ ସେ ହୋଇଲେ ଜନମ । ସତ୍ୟଜିତ ସଖା
ହେଲେ ଭଗବାନ ସତ୍ୟସେନ ନାମ । ୩୪ । ମିଥ୍ୟାବ୍ରତଧାରୀ, ଦୁଃଶୀଳ, ଅସତ
ଯକ୍ଷ ରାକ୍ଷସାଦି । ପ୍ରାଣୀହିଂସକ ପ୍ରାଣୀଗଣ ସାକ୍ଷାତେ ପକାଇଲେ ବଧି । ୩୫ ।
ଚତୁର୍ଥ ମନୁର ନାମଟି ତାମସ ଭ୍ରାତା ଉତ୍ତମର । ପୃଥୁ, ଖ୍ୟାତିକର, କେତୁ
ପ୍ରଭୃତିଏ ତାମସକୁମର । ୩୬ । ସତ୍ୟକ ହରବୀର ନାମେ ଦେବତା ପୁରନ୍ଦର
ନାମ । ତ୍ରିଶିଖା ଅଟଇ ଋଷି ସପ୍ତ ଜ୍ୟୋତିର୍ଦ୍ଧାମ ଆଦି ଜାଣ । ୩୭ । ଯୁଗଧର୍ମେ
କାଳବଶେ ବେଦ ହୋଇଗଲେ ଲୁପ୍ତ ॥ ବିଧୃତିର ସବୁ ପୁତ୍ର ତେଜେ ଧରେ
ସେ ବେଦ ସମସ୍ତ । ୩୮ । ଏହି ମନ୍ୱନ୍ତରେ ବୈଧୃତ ନାମକ ଦେବବୃନ୍ଦ ସେ
ପ୍ରାପ୍ତ । ହରି, ମେଧାପତ୍ନୀ ହରିଣୀଗର୍ଭରେ ହୋଇଥିଲେ ଜାତ । ୩୯ ।
ହରିନାମେ ପ୍ରଭୁ ହୋଇଲେ ପ୍ରସିଦ୍ଧ କୁମ୍ଭୀରର ଗ୍ରସ୍ତ । ଗଜେନ୍ଦ୍ର ତାରିଲ
ଗ୍ରାହକୁ କୌଶଳେ ଚକ୍ରେ କରି ହତ । ୪୦ । ଗଜେନ୍ଦ୍ରୋପାଖ୍ୟାନ ଶୁଣିବା
ପାଇଁ କି ପୁଚ୍ଛେ ପରୀକ୍ଷିତ । ଶୁକ ଉଲ୍ଲସିତେ କହିଲେ ରାଜାଙ୍କୁ ସକଳ
ବୃତ୍ତାନ୍ତ । ୪୧ । ଅନ୍ୟ ସ୍ଥାନେ ତାହା ଗାଇବା ଯେଷେପେ ହୋଇବ ମଧୁର ।
ଆଜନ୍ମ ବୈକୁଣ୍ଠ ଧରିଅଛି ସେହି ଶ୍ରୀହରି ପଯୂର । ୪୨ ।

୧୦୪/୨୫ ଛାନ୍ଦ ।

ଗଜେନ୍ଦ୍ରମୋକ୍ଷଣ ।

ରାଗ—କୃଷ୍ଣ କାମୋଦୀ ।

ଯୋଗୀଧ୍ୟେୟ ପଦ ଚିନ୍ତିଣ ହୃଦୟେ ଗାଇବା ସଙ୍ଗୀତ । ଗଜେନ୍ଦ୍ର-ମୋକ୍ଷଣ ଚରିତ ସଂକ୍ଷେପେ ହୋଇବା ପବିତ୍ର । ୧ । କ୍ଷୀରାବ୍ଧିତଟରେ ଅତି ମନୋହରେ ପର୍ବତ ତ୍ରିକୂଟ । ସ୍ୱର୍ଣ୍ଣ, ରୌପ୍ୟ, ଲୌହ ତିନଗୋଟି ଶୃଙ୍ଗେ ହୋଇଛି ପ୍ରକଟ । ୨ । ତା ଗିରିପାଶରେ ଦୀର୍ଘ ବ୍ୟାପୀ ବନ ଦିଶଇ ସୁନ୍ଦର । ନାନା ଫଳପୁଷ୍ପେ ପରିପୂର୍ଣ୍ଣ ସଦା ଦିଶେ ମନୋହର । ୩ । ନାନା ପ୍ରକାର ବନ୍ୟଜନ୍ତୁଗଣ ଭ୍ରମନ୍ତି ତହିଁରେ । ନାନାଜାତି ପକ୍ଷୀ ରବେ ଗାନ କରେ ଆନନ୍ଦେ ବିହରେ । ୪ । ଗିରିବରଅଙ୍ଗ ବେଷ୍ଟିତ ହୋଇଛି ନାନାବିଧ ବୃକ୍ଷରେ । ନିର୍ଝରର ସ୍ୱନ କର୍ଣ୍ଣପ୍ରିୟକର ହୋଇଛି ତହିଁରେ । ୫ । ଗିରି-ବରୋପରେ ଅଛଇ ସୁନ୍ଦର ଦିବ୍ୟ ଉପବନ । ତାପସଗଣ ତହିଁରେ ଶତ ଶତ କରନ୍ତି ସାଧନ । ୬ । ଦେବ ଗନ୍ଧର୍ବାଦି ତହିଁରେ କରନ୍ତି ସର୍ବଦା ଭ୍ରମଣ । ଉପବନ ନାମ ଋତୁମତ ଅଟେ ସର୍ଜ୍ଜକ ବରୁଣ । ୭ । ବନ ମଧ୍ୟେ ଅଛି ହ୍ରଦଟି ସୁନ୍ଦର ଅତ୍ୟନ୍ତ ଗମ୍ଭୀର । ଅୟୁତ ଯୋଜନ ବିସ୍ତୃତ ସେ ହ୍ରଦ ଜଳ ତା ନିର୍ମଳ । ୮ । ଅତ୍ୟନ୍ତ ଶୀତଳ ସ୍ୱଚ୍ଛଜଳେ ପୂର୍ଣ୍ଣ ସ୍ଫଟିକ ପରାୟେ । ସ୍ନାନ ପାନେ ଶାନ୍ତି ଲଭନ୍ତି ପ୍ରାଣୀ ଶ୍ରାନ୍ତି ନାଶ ହୁଏ । ୯ । ଦିନେ ଯୂଥପତି ଗଜେନ୍ଦ୍ର ଆସିଲା ଯୂଥ ଧେନ ସଙ୍ଗେ । ଜଳପାନ କରି ଶାନ୍ତିଲଭି ପରେ ଖେଳେ ନାନା ରଙ୍ଗେ । ୧୦ । କରେ ଜଳ ନେଇ କେ କାହା ଉପରେ ଢାଳେ କେ ଘୋପାଡ଼େ । କରେ କର ଧରି ଟଣାଟଣି ହୋନ୍ତି କେ କାକୁ କଣ୍ଟେଡ଼େ ।୧୧। ଏକ ବୃହତ୍ତମ କୁମ୍ଭୀର ହ୍ରଦରେ ବାସ କରୁଥିଲା । ଶବ୍ଦ ଶୁଣି ବେଗେ ଶିକାରଲୋଭରେ ଧାଇଁ ସେ ଆସିଲା ।୧୨। ଗଜେନ୍ଦ୍ରର ପଦଧଇଲା କାମୋଡ଼ି ଟାଣିଲା ଭିତରେ । ଯୂଥଗଣ ଆସି କରେ କର ଭିଡ଼ି ଟାଣିଲେ ଉପରେ ।୧୩। ଗଜ କୁମ୍ଭୀରର ବହୁକାଳ ଯୁଦ୍ଧ ଲାଗିଲା ନିରତେ । ଅତ୍ୟନ୍ତ ବଳରେ ଟାଣଇ କୁମ୍ଭୀର ହଟିଗଲେ ଯୂଥେ । ୧୪ । ଆପଣାକୁ ଆପେ ରକ୍ଷା କରିବାକୁ ଗଜେନ୍ଦ୍ର ଲାଗିଲା । ବହୁକାଳ ଯୁଦ୍ଧ କରିଣ ଗଜେନ୍ଦ୍ର ଦୁର୍ବଳ ହୋଇଲା । ୧୫ ।

ଅତ୍ୟନ୍ତ ଗଭୀର ଜଳକୁ କୁମ୍ଭୀର ଟାଣିନେଲା ବଳେ । ଯେତେ ଯତ୍ନ କଲା ଗଜେନ୍ଦ୍ର ସେଠାରେ ନ ପାରେ କୌଶଳେ । ୧୬ । ଜାଣିଲା ଗଜେନ୍ଦ୍ର ମରଣ ନିଶ୍ଚିତ ହୋଇଲା ହତାଶ । ଆତ୍ମବସ୍ତୁ ତା ଘଟିଲା ଆତଙ୍କେ ହେଲା ସେ ଅବଶ । ୧୭ । ପୂର୍ବଜନ୍ମର ତା ଥିଲା ଯେ ସାଧନ ପଡ଼ିଗଲା ମନେ । ପୂର୍ବଶିକ୍ଷା ବାସୁଦେବମନ୍ତ୍ର ଜପକରିଲା ମଉନେ । ୧୮ । ବ୍ରହ୍ମଜ୍ଞାନ ତାର ଉଦୟ ହୋଇଲା କରିଲା ସ୍ତବନ । ବାରବାର ମନେ ମନେ ଦଣ୍ଡବତ ମହିମା ସ୍ମରଣ । ୧୯ । ବିଶ୍ୱଚରାଚର ଯାଠାରୁ ଉଦ୍ଭବ ଯହିଁ ଅଧିଷ୍ଠିତ । ଯେ ଏ ବିଶ୍ୱରୂପେ ସ୍ୱୟଂ ପ୍ରକାଶିତ ତାରେ ମୁଁ ପ୍ରଣତ । ୨୦ । ଯାହାର ସ୍ୱରୂପ ସକଳେ ଅଗମ୍ୟ ଧରେ ନାନା ମୂର୍ତ୍ତି । ଏ ମୃତ୍ୟୁକାଳେ ସେ ମୋତେ ରକ୍ଷାକରୁ କରୁଛି ପ୍ରଣତି । ୨୧ । ବିଶ୍ୱ ଚରାଚର ପ୍ରକାଶକ ଯେହି ସ୍ୱୟଂ ଯେ ପ୍ରକାଶ । ଅଖିଳ କାରଣ ଚରଣେ ଶରଣ ରଖିବ ଅବଶ୍ୟ । ୨୨ । ଅଭୂତକାରଣ ଅଭୂତ ଶକତି ଅଟଇ ଯାହାର । ଏ ସଂକଟୁ ମୋତେ ତ୍ରାଣ ସେ କରିବ କରେଁ ନମସ୍କାର । ୨୩ । ସୂର୍ଯ୍ୟରୁ କିରଣ ଅଗ୍ନିରୁ ଯେ ଶିଖା ଉଦ୍ଭବ ଯେସନ । ତହିଁ ଲୀନହୋଇ ଏ ଅନନ୍ତ ବିଶ୍ୱ ତାଠାରେ ତେସନ । ୨୪ । ତମାର ସମ ପଶୁପାଶନିବନ୍ଧନ ମୋକ୍ଷଣ କରତା । ମୁକ୍ତ ମୁକ୍ତିପ୍ରଦ ଚରଣେ ନମଇଁ ସକଳର ଧାତା । ୨୫ । ଯାହାର ଚରଣ ସେବ୍ୟ ଭାବ୍ୟ ପୂଜ୍ୟ ତହିଁ ମୋର ଶିର । ଲାଗୁ ଅହର୍ନିଶ ସେ ରଖୁ ଜୀବନ ତହିଁ ନମସ୍କାର । ୨୬ । ପ୍ରପନ୍ନରକ୍ଷଣ ବିପନ୍ନ-ମୋକ୍ଷଣ ଯେ କୃପାନିଧାନ । ତାର ପାଦପଦ୍ମେ ମୋ ଜୀବନଭାର କଲି ମୁଁ ଅର୍ପଣ । ୨୭ । ଯୋଗୀ ଋଷି ମୁନି ଦର୍ଶନ ପାଇଁକି ଯାହାର ଚରଣ । ଧ୍ୟାନ କରୁଛନ୍ତି ସେ ମୋହର ଗତି ହୁଅନ୍ତୁ ଏକ୍ଷଣ । ୨୮ । ଜନ୍ମ, କର୍ମ, ରୂପ, ନାମ ନାହିଁ ଯାର ନିର୍ଦ୍ଦୋଷ ନିର୍ଗୁଣ । ପ୍ରାଣୀ ପ୍ରିୟହିତରୁ ସକଳ ପ୍ରକାଶେ ହୋଇଣ ସଗୁଣ । ୨୯ । ଯେ ବ୍ରହ୍ମ ଅନନ୍ତ ଶକ୍ତିଧର ପୁଣି ବିଚିତ୍ରକର୍ମା ଯେ । ନମସ୍କାର କରେଁ ତାହାର ଚରଣେ ପୁଣି ତାଙ୍କୁ ଭଜେ । ୩୦ । ବାକ୍ୟ ମନରୁ ଯେ ଦୂରବର୍ତ୍ତୀ ଅତି ସକଳ ନିୟନ୍ତା । ମୋକ୍ଷାନନ୍ଦ ଅନୁଭବ ଅଟେ ଯାର ହରତା-କରତା । ୩୧ । ଯେହୁ ଜ୍ଞାନଘନ ଅନାଦି ଆଦି ଯେ ଘୋର ମୂଢ଼ ଶାନ୍ତ । ବିଶେଷ ନାହିଁ ଯାଁ ତା ପାଦେ ମୋହର କୋଟି ଦଣ୍ଡବତ । ୩୨ । ସମସ୍ତ କାରଣ ସ୍ୱୟଂ ନିଷ୍କାରଣ ଅଭୂତ କାରଣ । ସଜ୍ଜନପାଳକ ଦୁର୍ବଳର ବଳ ପ୍ରାଣୀର ପରାଣ । ୩୩ । କୃପା ବିତରଣେ ଅନଳସ ଯେହୁ ତା ପାଦେ ନମଇଁ । ଅଗାଧ

ମହିମା ଜୀବର ଅଗମ୍ୟ କିଏ ବା ଜାଣଇ । ୩୪ । କରନ୍ତୁ ମୋଚନ ସେହି ନାରାୟଣ ଯେ କୃପାସାଗର । ବଞ୍ଚିବାକୁ ମୋର ଅନିଚ୍ଛା ସମ୍ପୂର୍ଣ୍ଣ କରବେ ଉଦ୍ଧାର । ୩୫ । ଧର୍ମପରାୟଣ ଦକ୍ଷକର କର୍ମ ଯେ ପାଦ ଚିନ୍ତଇ । ସେହି ପାଦତଳେ ମୁକ୍ତି କାମନାରେ ଶରଣ ପଶଇ । ୩୬ । ଯାହାର ଦୂର ନିକଟ ଭେଦ ନାହିଁ ଏ ସ୍ଥାନ ତାହାର । ଶରଣ ପଶୁଛି ବିପନ୍ନାବସ୍ଥାରେ କରବ ଉଦ୍ଧାର । ୩୭ । ଏହିମତେ ନାନା ସ୍ତୁତି କଲା ଗଜ କୃପାରେ ପ୍ଳାବିତ । ହୋଇ ତାଡ଼ାତାଡ଼ି ଗରୁଡ଼ ପୃଷ୍ଠରେ ଆସେ ଜଗନ୍ନାଥ । ୩୮ । ଗଜେନ୍ଦ୍ର ଦେଖିଲା ଜ୍ଞାନନୟନରେ ହରି ଆବିର୍ଭାବ । କରରେ କମଳ ଧରି ଉଠାଇଲା ଆନନ୍ଦ ଉଦ୍ଭବ । ୩୯ । କହୁଅଛି ଗିର ହେ ଅଖିଳ ଗୁରୁ ଆହେ ନାରାୟଣ । ଆହେ ଭଗବାନ ତୋର ଚରଣରେ ମୋହର ପ୍ରଣାମ । ୪୦ । ଆତଙ୍କ ଦେଖିଣ ଗରୁଡ଼ ପୃଷ୍ଠରୁ ସହସା ଓହ୍ଲାଇ । କୁମ୍ଭୀର ସହିତ ଗଜେନ୍ଦ୍ର ଈଷିତେ ଶ୍ରୀକରରେ ଧରି । ୪୧ । ଉଠାଇ ଉପରେ ରଖିଲେ ଯତ୍ନରେ ସଙ୍କୋଚେ ଚକ୍ରରେ । ନକ୍ରର ପାଟିକୁ କାଟି ପକାଇଣ ଗଜେନ୍ଦ୍ର ଉଦ୍ଧାରେ । ୪୨ । ବୈକୁଣ୍ଠୁ ଆସିଲା ପୁଷ୍ପକ ବିମାନ ଗଜେନ୍ଦ୍ର ଆଣ୍ଠାସି । ଶ୍ରୀକରେ ଆଉଁସି ଦେଲେ ତା ସର୍ବାଙ୍ଗ ତା କ୍ଳାନ୍ତି ବିନାଶି । ୪୩ । ଗୁରୁପାଦ ତାର ଶ୍ରୀହସ୍ତେ ସ୍ଥାପିଣ ଉଠାଇ ବିମାନେ । ଚତୁର୍ଭୁଜ ମୂର୍ତ୍ତି ଗଜେନ୍ଦ୍ର ହୋଇଲା ଆୟୁଧ ଧାରଣେ । ୪୪ । ବିଷ୍ଣୁ ପାରଷଦ ପରାୟେ ସୁନ୍ଦର ସ୍ୱଭାବେ ଦିଶିଲା । ନାନା ଅଳଙ୍କାରେ ଅଳଂକୃତ ହୋଇ ବିମାନେ ବସିଲା । ୪୫ । ଆକାଶେ ଦୁନ୍ଦୁଭି ବାଜେ ଘନ ଘନ ପୁଷ୍ପ ବୃଷ୍ଟି ହେଲା । ଚଳିଲା ଗଜେନ୍ଦ୍ର ବୈକୁଣ୍ଠପୁରକୁ ପାର୍ଷଦ ହୋଇଲା । ୪୬ । ବିପନ୍ନାବସ୍ଥାରେ ଡାକ ଦେଲେ ପ୍ରାଣୀ ସହି ନ ପାରନ୍ତି । ଦୟାର୍ଦ୍ର ହୋଇଣ ମଙ୍ଗଳଭଣ୍ଡାର ଲୁଟି କରଦିଅନ୍ତି । ୪୭ । ଜୀବର ଯନ୍ତ୍ରଣା ସହି ନ ପାରନ୍ତି ପ୍ରତ୍ୟକ୍ଷ ପ୍ରମାଣ । ଗଜେନ୍ଦ୍ର ହରିଣୀ ଆଦଙ୍କ ଚରିତ କରଲେ ସ୍ମରଣ । ୪୮ । ବରଷୁଅଛନ୍ତି କୃପାର ବରଷା ଜୀବ ନ ବୁଝଇ । ବିଷୟ ସେବା ଲାଗଇ ଆଜ ମିଠା ତହିଁରେ ମଜ୍ଜଇ । ୪୯ । ବାଳକ ଚଟକ ଖେଳରେ ଯେସନ କେବଳ ବ୍ୟସନ । ବିଷୟ ଆସକ୍ତି ସେହିମତ ସିନା ନ ଘେନଇ ମନ । ୫୦ । ଅମୃତ ପାନର ଆସକ୍ତି ଯେସନ ଚଟକ ତେସନ । ପଦାମୃତ ପାନ ଥରେ ଆସ୍ୱାଦଲେ ନୁହଇ ବର୍ଜନ । ୫୧ । ମଙ୍ଗୁ ନାହିଁ ତତ୍ତ୍ୱ କରବାକୁ ଖାଲି ବିଷୟ ଲାଳସା । ଗୁରୁ କୃପାବଳେ ଥରେ

ମିଳିଗଲେ ଛାଡ଼ିବ କି ଆଶା । ୫୨ । ପିଲାଟିଖେଳ ପରି ବିଷୟ ଚାଟିକ ଲେଶ ସୁଖ କାହିଁ । ଖାଲି ପରିଶ୍ରମ ମହାଦୁଃଖଭୋଗ ଭାବିଲେ ଦିଶଇ । ୫୩ । ଛାଡ଼ିହୁଏ ନାହିଁ ଅଭ୍ୟାସବଶରୁ ଗୁରୁସେବା କଲେ । ଛାଡ଼ିବ ଆସକ୍ତି ଲଭିବ ସୁଶାନ୍ତି ଗୁରୁକୃପା ହେଲେ । ୫୪ । କେବେ ନ ଭାବିଣ ବିପଦ କାଳରେ ହେବ ହାଉ ହାଉ । ତେବେ ସୁଦ୍ଧା କେବେ ମନେ ନ ପଡ଼ଇ ମିଳିବ ବା କାହୁଁ । ୫୫ । କୃପା-ଅକୂପାର କ୍ଷମାର ସାଗର ପ୍ରତ୍ୟକ୍ଷ ଦେଖଇ । ବଇକୁଣ୍ଠ ଭୁଞ୍ଜି ନ ମଗିଲା କେବେ ହୁଏ ହାଇଁପାଇଁ । ୫୬ ।

୧୦୫/୨୬ ଛାନ୍ଦ ।

ସମୁଦ୍ରମନ୍ଥନୋଦ୍ୟୋଗ ।

ରାଗ—ଶଙ୍କରାଭରଣ

ଗଜେନ୍ଦ୍ର ମୋଚନ ଚରିତ ଶ୍ରବଣେ ପରୀକ୍ଷିତ କୃତକୃତ୍ୟ । ଅନ୍ୟ ମନ୍ୱନ୍ତର ଚରିତ ଶ୍ରବଣେ ହେଲେ ଅତି ଉଚ୍ଛ୍ୱସିତ । ଶୁକ କହନ୍ତି ହସି । ମନ୍ୱନ୍ତର ଚରିତ ପ୍ରଶଂସି । ୧ । ପଞ୍ଚମ ମନୁର ନାମ ସେ ରୈବତ ତାମସର ସହୋଦର । ବଳି ଅର୍ଜୁନ ବିନ୍ଧ୍ୟାଦି ନାମେ ଖ୍ୟାତ ମନୁ ପୁତ୍ର ଯେ ପ୍ରଚୁର । ଇନ୍ଦ୍ର ବିଭୁ ନାମରେ । ଭୂତରୟାଦି ଦେବତା ହେଲେ । ୨ । ହିରଣ୍ୟରୋମା ବେଦଶିରା ପ୍ରଭୃତି ସପ୍ତର୍ଷି ହେଲେ ବିଖ୍ୟାତ । ସ୍ୱୟଂ ଭଗବାନ ଶୁଭ୍ର ଔରସରେ ବିକୁଣ୍ଠା ଗର୍ଭେ ସମ୍ଭୂତ । ଲକ୍ଷ୍ମୀଦେବୀଙ୍କ ପାଇଁ । ବଇକୁଣ୍ଠ ପୁର ନିର୍ମାଣଇଁ । ୩ । ଲୋକାଲୋକବାସୀ ସର୍ବପ୍ରାଣୀ କରେ ବୈକୁଣ୍ଠଙ୍କୁ ନମସ୍କାର । ବିଷ୍ଣୁର ବିଭୂତି ଗୁଣଗ୍ରାମ ଆଦି ବର୍ଣ୍ଣିପାରିବ କେ ନର । ତେଣୁ ସଂକ୍ଷେପେ କହୁ । ଧୂଳି କଣା କେ ଗଣି ପାରଇ । ୪ । ଷଷ୍ଠ ମନୁ ନାମ ଅଟଇ ଚାକ୍ଷୁଷ ଚକ୍ଷୁର ଅଟଇ ପୁତ୍ର । ପୁରୁ ପୁରୁଷ ସୁଦ୍ୟୁମ୍ନାଦି ହୋଇଥିଲେ ବହୁସୁତ । ଇନ୍ଦ୍ର ନାମନ୍ତ ତହିଁ । ମନ୍ତ୍ରଦ୍ରୁମେ ଥିବେ ଖ୍ୟାତ ହୋଇ । ୫ । ଆପ୍ୟାଦି ଦେବତା ହର୍ଯ୍ୟସ୍ୱତ ବୀର ପ୍ରଭୃତି ସପ୍ତର୍ଷି ହୋଇ । ବୈରାଜର ପତ୍ନୀ ଦେବ ସମ୍ଭୂତିର ଗର୍ଭେ ଶ୍ରୀହରି ଜନ୍ମଇ । ଅଂଶାବତାର ସେହି । ନାମ ଅଜିତ ବୋଲି

ଅଛଇ । ୬ । ଅଚ୍ଛତ ଜଳର ଗର୍ଭେ କୂର୍ମରୂପେ ପୃଷ୍ଠେ ମନ୍ଦର ପର୍ବତ । ଜଳଧି
ମନ୍ଥନେ ଧାରଣ କରନ୍ତେ କର୍ମଅତି ଅଦ୍ଭୁତ । ପଶ୍ଚିଖିତ ପଶ୍ଚରେ । ତାହା
ହୋଇଥିଲା କ ପ୍ରକାରେ । ୭ । ଶୁକ ହରଙ୍କର ପ୍ରଶଂସା କରଣ କହେ
ସମୁଦ୍ର ମନ୍ଥନ । ଅସୁରେ ଶାଣିତ ଅସ୍ତ୍ର ଧାରଣରେ ଦେବଙ୍କୁ କଲେ ଘାତନ ।
ବହୁ ଅମରଗଣ । ପଡ଼ିଗଲେ ହୋଇ ପ୍ରାଣଶୂନ୍ୟ । ୮ । ଅଗରୁ ଦୁର୍ବାସା ଅତି
ପ୍ରୀତମନେ ଇନ୍ଦ୍ରେ ଦେଲେ ଉପହାର । ଦିବ୍ୟମାଲାଟିଏ ହସ୍ତକୁ ବଢ଼ାଇ
ଦିଅନ୍ତେ ସେ ପୁରନ୍ଦର । କିଛିମାନ୍ୟ ନ କରି । ରଖିଦେଲେ ହସ୍ତୀ
ଶିରୋପର । ୯ । ରୁଦ୍ରାବତାର ସେ ଦୁର୍ବାସା ସହସା ହୋଇଗଲେ କୋପା-
ନ୍ୱିତ । ବୋଇଲେ ରେ ମୂଢ଼ ପାଷଣ୍ଡ ହୋଇଛୁ ଧନଗର୍ବରେ ଗର୍ବିତ । ତେଣୁ
ଅବଜ୍ଞା କରି । ତୁଚ୍ଛଭାବ ଦେଖାଉ ଏପରି । ୧୦ । ତ୍ରୈଲୋକ୍ୟ ଲକ୍ଷ୍ମୀ ତୋ
ନଷ୍ଟ ହୋଇଯାଉ ବୋଲି ଅଭିଶାପ ଦେଇ । ସକଳ ସମ୍ପତ୍ତି ନଷ୍ଟ ହୋଇଅଛି
ଇନ୍ଦ୍ର ଅକିଞ୍ଚନ ହୋଇ । ବୁଲୁଛନ୍ତି କମ୍ପିତ ! ଅତି ଦୁଃଖିତରେ ଇତସ୍ତତଃ । ୧୧ ।
ଅସୁର ଦୌରାତ୍ମ୍ୟେ ଇନ୍ଦ୍ରାଦି ଦେବତା ହୋଇଯାଇ ଅତି ଭୀତ । ଇନ୍ଦ୍ର
ବରୁଣାଦି କରଣ ମନ୍ତ୍ରଣା ବ୍ରହ୍ମାପାଶେ ଉପଗତ । ତହିଁ କରି ପ୍ରଣାମ । ସର୍ବ
କଲେ ତାଙ୍କୁ ନିବେଦନ । ୧୨ । ପଦ୍ମଯୋନି ବ୍ରହ୍ମା ଇନ୍ଦ୍ରାଦି ଦେବଙ୍କୁ
ଦେଖି ଅତି ପ୍ରଭାହୀନ । ସ୍ଥିର ଚିତ୍ତେ ବସି ପରମପୁରୁଷ ବିଷ୍ଣୁଙ୍କୁ ଇଚ୍ଛିଲେ
ଧ୍ୟାନ । ପ୍ରଫୁଲ୍ଲିତ ବଦନେ । ଦେବତାଙ୍କୁ କହନ୍ତି ବଚନେ । ୧୩ । ମୁହିଁ
ଭବ ତୁମ୍ଭେ ଦେବତା ସକଳ ମନୁଷ୍ୟ ଅସୁରଗଣ । ପଶୁ ପକ୍ଷୀ ବୃକ୍ଷ ସ୍ୱେଦଜାଦି
ସବୁ ଯା ଅଂଶରେ ଉତ୍ପନ୍ନ । ଆସ ସର୍ବେ ଏକତ୍ର । ତାରେ ହୋଇବା ଶରଣା-
ଗତ । ୧୪ । ନାହିଁ ଯାର ବଧ କିବା ରକ୍ଷଣୀୟ ତଥାପି 'କାଳକ୍ରମରେ । ସୃଷ୍ଟି
ସ୍ଥିତି ଲୟ ନିମିତ୍ତ ତ୍ରିଗୁଣ ସ୍ୱେଚ୍ଛାରେ ଧାରଣ କରେ । ଦେହୀ ମଙ୍ଗଳ ପାଇଁ ।
ସତ୍ତ୍ୱଗୁଣାବଲମ୍ବୀ ହୁଅଇ । ୧୫ । ଏହି ତାର ସ୍ଥିତି ପାଳନ ସମୟ ଆମ୍ଭେ ତ
ତା ଆପଣାର । ଚାଲ ସର୍ବେ ତାର ଶରଣ ପଶିବା କରିବ ଆମ୍ଭ ମଙ୍ଗଳ । ଜଗ-
ଦ୍ଗୁରୁ ଅଟଇ । ଯାହା ବିହିତ କରିବ ସେହି । ୧୬ । ଏମନ୍ତ କହିଣ ସର୍ବ
ଦେବେ ଘେନ କ୍ଷୀରାବ୍ଧି ତଟକୁ ଯାଇ । ବୈଦିକ ବାକ୍ୟରେ ପରମପୁରୁଷ
ବିଷ୍ଣୁଙ୍କୁ ସ୍ତବ କରଇ । ସର୍ବଶ୍ରେଷ୍ଠ ହେ ଦେବ ! ନମସ୍କାର କରୁଁ ଆମ୍ଭେ
ସର୍ବ । ୧୭ । ଆଦ୍ୟ ଅନନ୍ତ ତୁ ବିକାର ରହିତ ସର୍ବାନ୍ତର୍ଯ୍ୟାମୀ ଅଚିନ୍ତ୍ୟ ।
ଉପାଧି ବିହୀନ ବାକ୍ୟ ଅବିଷୟ ମନରୁ ବେଗ ଅତ୍ୟନ୍ତ । ନୋହୁ ତୁ ନିର୍ବା-

ତତ । ବାକ୍ୟଦ୍ୱାରା ତୋତେ ନମସ୍କୃତ୍ୟ । ୧୮ । ପ୍ରାଣ ମନ ବୁଦ୍ଧି ଅହଙ୍କାର-ଜ୍ଞାତା ଇନ୍ଦ୍ରିୟ ବିଷୟ ହୋଇ । ପ୍ରକାଶ ପାଇଣ ସ୍ୱପ୍ନଦ୍ରଷ୍ଟା ସମ ଅଜ୍ଞାନରହିତ ଯେହୁ । ଯାର ନାହିଁ ଶରୀର । ନଭସମ ସର୍ବବ୍ୟାପ୍ୟକ୍ଷର । ୧୯ । ଜୀବ ପକ୍ଷପାତୀ ଅବିଦ୍ୟା ବିଦ୍ୟାର ସହିତ ସମ୍ପୃକ୍ତ ନୋହି । ଭଜନ୍ତଗେ ଯେହୁ ଆବି-ର୍ଭୂତ ହୁଏ ତାରେ ଶରଣ ପଶଇ । ଜୀବ ତନ୍ତ୍ର ଅଟଇ । ମାୟା ଯାକୁ ସର୍ବଦା ଧ୍ୟାଇ । ୨୦ । ମନୋମୟ ଏହି ଦଶେନ୍ଦ୍ରିୟ ପଞ୍ଚପ୍ରାଣ ଏହାରନ୍ତି ଅର । ବେଗ ଏହାର ତ ଅଟେ ଅତି ଦ୍ରୁତ ତ୍ରିଗୁଣ ନାଭି ଏହାର । ବିଦ୍ୟୁତର ସମାନ । ଅତି ଚଞ୍ଚଳ ଗତି ଭୀଷଣ । ୨୧ । ଅଷ୍ଟ ପ୍ରକୃତି ତ ଅଟେ ଏହା ନେମୀ ଯେ ପ୍ରଭୁ ଅକ୍ଷତନ୍ତ୍ରର । ଶରଣାପନ୍ନ ତ ହେଉଅଛୁଁ ଆମ୍ଭେ ସତ୍ୟ ସେ ପରମେଶ୍ୱର । ଜୀବ ପାର୍ଶ୍ୱରେ ଯେହୁ । ଅବସ୍ଥିତ ସର୍ବଦା କରଇ । ୨୨ । ସ୍ୱରୂପ ଯାହାର ଏକମାତ୍ର ଜ୍ଞାନ ପ୍ରକୃତିର ଦୂରବର୍ତ୍ତୀ । ଅବ୍ୟକ୍ତ ଅନନ୍ତ ଅପାର ଅଟଇ ଯାରେ ଚିତନ୍ତି ଧୀରବ୍ୟକ୍ତି । ଯୋଗ ରୂପ ସାଧନେ । ମୁଗ୍ଧହୋଇ ସ୍ୱରୂପ ନ ଜାଣେ । ୨୩ । ଯାର ମାୟାପରପାରେ କେହି ଜୀବ ଗମନ କରି ନ ପାରେ । ମାୟା ଗୁଣେ ମାୟା ଜନ୍ମ ଯେ କରନ୍ତି ସର୍ବତ୍ର ବିହାର କରେ । ସମଭାବେ ସକଳ । ଆମ୍ଭେ କରୁଁ ତାଙ୍କୁ ନମସ୍କାର । ୨୪ । ଏହି ସର୍ବ ଋଷି ଦେବତା ସକଳ ଆମ୍ଭେ-ମାନେନ୍ତି ତାହାର । ପ୍ରିୟତମ ତନୁ ସତ୍ତ୍ୱ ଦ୍ୱାରା ସୃଷ୍ଟ ହୋଇ କରୁ ବ୍ୟବହାର । ସୃଷ୍ଟ ଗତି ତାହାର । ପ୍ରକାଶିତ ବାହ୍ୟ ଅଭ୍ୟନ୍ତର । ୨୫ । ତଥାପି ତ ଅମ୍ଭେ-ମାନେ କିଛି ମାତ୍ର ଜ୍ଞାତ ନୋହୁ ସେହି ଗତି । ଅସୁରାଦି ଅନ୍ୟାନ୍ୟ ଜୀବ ଏହା ବା ଜାଣି ପାରିବେ କମିତ । ରଜ ତମ ଦୁର୍ଗୁଣେ । ସୃଷ୍ଟ ହୋଇଛନ୍ତି ତ ସେମାନେ । ୨୬ । ଚତୁର୍ବିଧ ପ୍ରାଣୀ ଏହି ଭୂମଣ୍ଡଲେ ଯେତେ ବାସ କରୁଛନ୍ତି । ଯେନ୍ତୁ ଏ ପୃଥ୍ୱୀକି କରିଛନ୍ତି ସୃଷ୍ଟି ଯା ପାଦ ଦ୍ୱୟ ଧରିତ୍ରୀ । ସେହି ମହାପୁରୁଷ । ଆମ୍ଭ ପ୍ରତି ପ୍ରୀତ ହେଉ ଲେଶ । ୨୭ । ଲୋକ ଲୋକପାଲ ଯେ ଜନ୍ତୁ ଉତ୍ପନ୍ନ ଜଳଦ୍ୱାରା ବୃଦ୍ଧିପାଇ । ଜଳରେ ଜୀବିତ ସେହି ଜଳ ଯାର ସ୍ୱଭାବେ ରେତଃ ଅଟଇ । ଆମ୍ଭ ପ୍ରତି ପ୍ରସନ୍ନ । ହେଉ ସେହି ମହୈଶ୍ୱର୍ଯ୍ୟପୂର୍ତ୍ତି । ୨୮ । ଯେ ଚନ୍ଦ୍ର ଦେବତାଗଣଙ୍କର ଅନ୍ନ ବଳ ପରମାୟୁ ପୁଣ । ବୃକ୍ଷର ଈଶ୍ୱର ପ୍ରଜା ଜନ୍ମଦାତା ଯେ ଚନ୍ଦ୍ର ଯାହାର ମନ । ଆମ୍ଭ ପ୍ରତି ପ୍ରସନ୍ନ । ମହା ବିଭୂତିଶାଲୀ ସେ ଇନ । ୨୯ । କ୍ରିୟାକାଣ୍ଡ ପାଇଁ ଯେ ଅଗ୍ନି ଉତ୍ପତ୍ତି ଯେନ୍ତୁ ବେଦ ଧନୋ-ତ୍ପନ୍ନ । ଯେ ଅଗ୍ନି ଜୀବର ଉଦର ମଧ୍ୟରେ ଥାଇଁ ପାକ କରେ ଅନ୍ନ । ସେହି

ବହ୍ନି ବଦନ । ଅଟେ ଯାର ସେ ହେଉ ପ୍ରସନ୍ନ । ୩୦ । ଅର୍ଚ୍ଚିରାଦ ଦେବମାର୍ଗ ଅଧିଷ୍ଠାତୃ ଦେବ ଯେ ସୂର୍ଯ୍ୟ ଅଟଇ । ବେଦମୟ ବ୍ରହ୍ମଉପାସନା ସ୍ଥାନ ମୁକ୍ତି ଦ୍ୱାର ଅଛୁ ହୋଇ । ମୃତ୍ୟୁରୂପୀ ଅମୃତ । ସେହି ଭାସ୍କର ଯାହାର ନେତ୍ର ।୩୧। ସେ ମହା ବିଭୂତିଶାଳୀ ପରମାତ୍ମା ପରମେଶ୍ୱର ପ୍ରସନ୍ନ । ହେଉ ଆମ୍ଭମାନଙ୍କର ପ୍ରତି ଅତି ପଶୁଙ୍କୁ ତାରେ ଶରଣ । ଯାର ପ୍ରାଣୁଁ ଉତ୍ପନ୍ନ । ବାୟୁ ପ୍ରାଣୀଙ୍କର ବଳ ପ୍ରାଣ । ୩୨ । ଯେ ବାୟୁ ଉତ୍ସାହ ବିକ୍ରମ ବହଇ ସଚରାଚର ଜଗତ । ବରିଷ୍ଠ ସ୍ୱରୂପ ସର୍ବେ ତାର ଭୃତ୍ୟ ସମାନ ତା ଅନୁଗତ । ଯାହାର ପ୍ରାଣୁ ଉତ୍ପତ୍ତି । ହେଉ ପ୍ରସନ୍ନ ସେ ବିଶ୍ୱପତି । ୩୩ । ଯାହାର ଶ୍ରୋତ୍ରରୁ ଦଶଦଶ ଜାତ ଦଶେନ୍ଦ୍ରିୟ ପ୍ରାଣ ମନ । ଦେହାଶ୍ରୟୀଭୂତ ଆକାଶ ଯାଠାରୁ ହୋଇ ଅଛଇ ଉତ୍ପନ୍ନ । ଆମ୍ଭ ପ୍ରତି ସେ ପୁଣ । ହେଉ ବିଭୂତିଶାଳୀ ପ୍ରସନ୍ନ । ୩୪ । ଯା ବଳୁଁ ମହେନ୍ଦ୍ର ପ୍ରସାଦୁଁ ଦେବତା, କ୍ରୋଧୁଁ ମହେଶ ଉଦ୍ଭୂତ । ବୁଦ୍ଧିରୁ ବିରଞ୍ଚି ରୋମକୂପୁଁ ବେଦ ଋଷିଗଣ ହେଲେ ଜାତ । ମେଢ୍ରରୁ ପ୍ରଜାପତି । ହେଉ ପ୍ରସନ୍ନ ସେ ଆମ୍ଭପ୍ରତି । ୩୫ । ବକ୍ଷସ୍ଥଳୁଁ ଲକ୍ଷ୍ମୀ ଛାୟାରୁ ପିତୃଏ ସ୍ତନରୁ ଧନ ଉତ୍ପନ୍ନ । ପୃଷ୍ଠରୁ ଅଧର୍ମ ହୃଦୟରୁ ଅପ୍ସରା ଶିରରୁ ସ୍ୱର୍ଗ ଜନମ । ସେହି ପ୍ରଭୁ ପ୍ରସନ୍ନ । ହେଉ ମହାବିଭୂତି ସମ୍ପନ୍ନ । ୩୬ । ଯାମୁଖୁଁ ବ୍ରାହ୍ମଣ ମହାଗୁହ୍ୟ ବେଦ ବାହାରୁ କ୍ଷତ୍ରିୟବଳ । ଊରୁରୁ ନୈପୁଣ୍ୟ ବୈଶ୍ୟ ପାଦୁଁ ଶୂଦ୍ର ଶୁଶ୍ରୂଷା ଜନ୍ମ ପ୍ରବଳ । ଆମ୍ଭ ପ୍ରତି ପ୍ରସନ୍ନ । ହେଉ ସେହି ପ୍ରଭୁ ଭଗବାନ । ୩୭ । ଅଧରରୁ ଲୋଭ ଉତ୍ତରୋଷ୍ଠୁଁ ପ୍ରୀତି ନାସିକାରୁ କାନ୍ତି ଜାତ । ସ୍ପର୍ଶୁଁ କାମ ପୁଣ ଭ୍ରୂଦ୍ୱୟୁଁ ଶମନ ପକ୍ଷ୍ମରୁ କାଳ ସମ୍ଭୂତ । ପ୍ରଭୁ ସେ ଭଗବାନ । ଆମ୍ଭ ପ୍ରତି ହେଉନ୍ତୁ ପ୍ରସନ୍ନ । ୩୮ । ପଞ୍ଚଭୂତ କାଳ କର୍ମ ଗୁଣ ଅନିତ୍ୟ ସଂସାର । ଏସବର ନିରାକରଣ କରଣ ପାରେ ଦୁର୍ବିଭାବ୍ୟ ଏ ସକଳ । ମାୟା ଏହୁ ସକଳ । ପ୍ରସନ୍ନ ହେଉ ସେ ଆଦ୍ୟମୂଳ । ୩୯ । ଭଗବାନ ଶକ୍ତିମୟ ସେ ପ୍ରଶାନ୍ତ ସ୍ୱର୍ଗରାଜ୍ୟ ଲାଭ କର । ଆତ୍ମା ଚରିତାର୍ଥ ହୋଇଛୁ ତାହାର ନିର୍ଲିପ୍ତ ଭାବ ସେ ଧର । ମାୟା ଜାତ ଗୁଣରେ । ନୋହେ ଆସକ୍ତ କେଉଁ ପ୍ରକାରେ । ୪୦ । ବାୟୁସମ କ୍ରୀଡ଼ା ଅଟଇ ତା ଲୀଳା ତାଙ୍କୁ ଆମ୍ଭ ନମସ୍କାର । ଅହେ ଭଗବାନ ଯେ ରୂପ ତୁମ୍ଭଙ୍କୁ ଦେଖିପାରୁଁ ତାହା କର । ସେହି ରୂପ ଅର୍ପଣ । ଦେଖା ଆମ୍ଭା ସସ୍ମିତ ବଦନ । ୪୧ । ବିପନ୍ନ ହୋଇଣ ଦର୍ଶନା– ଭିଳାଷୀ ହୋଇଅଛୁଁ ଅମ୍ଭେମାନେ । ଯେ କର୍ମ ସାଧନେ ଅସମର୍ଥ ହେଉଁ

ପ୍ରସିଦ୍ଧ ମୂର୍ତ୍ତି ଧାରଣେ । ତାହା କରୁଁ ସମ୍ବନ୍ଧ । କାଳେ କାଳେ ଅଛ ଏ ବିଧାନ । ୪୨ । ବିଷୟାସକ୍ତ ଯେ ଦେହୀ କର୍ମ କରେ ତହିଁରେ କଷ୍ଟ ଅଧିକ । ସାମାନ୍ୟଫଳ ତ କାହିଁ ମିଳେ ନାହିଁ ଏହିତ ଅଟେ ବିବେକ । ତୋତେ ହେଲେ ଅର୍ପିତ । କର୍ମ ନୁହଇଟି କେବେ ବ୍ୟର୍ଥ । ୪୩ । ଅଳ୍ପ ହେଲେ କର୍ମ ଈଶ୍ୱର ଅର୍ପଣେ ଶ୍ରମ ସଫଳ ହୁଅଇ । କାହିଁକିନା ହରି ପୁରୁଷର ଆତ୍ମା ପ୍ରିୟ ହିତକାରୀ ହୋଇ । ବୃକ୍ଷ ମୂଳରେ ଜଳ । ସେଚନରେ ଯେସନେ ମିଳେ ଫଳ । ୪୪ । ବୃକ୍ଷମୂଳେ ଜଳ କରଲେ ସେଚନ ଶାଖା ପଲ୍ଲବାଦି ପାଇ । ସେହିମତ ବିଷ୍ଣୁ ଆରାଧନାରେ ତ ସର୍ବଭୂତ ତୃପ୍ତ ହୋଇ । ଫଳେ ମହତଫଳ । ଏକା ବିଷ୍ଣୁ ଅଟେ ଆଦିମୂଳ ।୪୫। ତୁ ଅନନ୍ତ ହରେ ତୋହର ସ୍ୱଭାବ କର୍ମାଦିତର୍କ ବଳରେ । ନିର୍ଣ୍ଣୟ ନୁହଇ ନିର୍ଗୁଣ ସଗୁଣ ଈଶ୍ୱର ତୁହି ସଂସାରେ । ସଦ୍-ଗୁଣ ଆଶ୍ରୟେ । ଅଛୁ ନମସ୍କାର ତୋର ପାୟେ ।୪୬। ଏହିମତେ ଦେବେ ନାନା ସ୍ତୁତିକରି କଲେ ଭଗବାନେ ପ୍ରୀତ । ସୂର୍ଯ୍ୟୋଦୟସମ ଦୀପ୍ତିମନ୍ତ ହୋଇ ହୋଇଗଲେ ଆବିର୍ଭୂତ । ଦେବଗଣ ନୟନ । ତେଜେ ଝଲସି ଉଠେ ତତ୍କ୍ଷଣ ।୪୭। ଦେବଗଣେ କିଛି ଦେଖି ନ ପାରଇ ତବବରଣ ଦେଖଇ । ସେ ଶ୍ୟାମଳଶାନ୍ତ ଶରୀରେ ନୟନ ଯୁଗଳ ଅରକ୍ତ ହୋଇ । ତପ୍ତ କାଞ୍ଚନଦ୍ୟୁତି । ପୀତବର୍ଣ୍ଣ କୌଷେୟର ବାସ । ୪୮ । ମୁଖ ମନୋରମ ମସ୍ତକେ କୀରଟ ଅଳଙ୍କୃତ ମଣିମୟ । କର୍ଣ୍ଣରେ କୁଣ୍ଡଳ କେୟୂରେ ଶୋଭିତ ହୋଇଅଛି ଭୁଜଦ୍ୱୟ । କାଞ୍ଚି ବଳୟହାର । ପଦଦ୍ୱୟେ ବିରାଜେ ନୂପୁର । ୪୯ । କୌସ୍ତୁଭ କଣ୍ଠରେ ଦୀପ୍ତିମନ୍ତ ଅତି ଲକ୍ଷ୍ମୀଛନ୍ତି ହୃଦସ୍ଥଳେ । ସୁଦର୍ଶନ ଆଦି ମୂର୍ତ୍ତିମନ୍ତ ହୋଇ ସ୍ତବ କରନ୍ତି ବିହ୍ୱଳେ । ବ୍ରହ୍ମା ଶିବ ଦେଖିଣ । ପ୍ରଣିପାତ କରନ୍ତି ବନ୍ଦନ । ୫୦ । ଦେବାଦି ସକଳେ ଦଣ୍ଡବତ କରେ ହୋଇଣ ଅତି ପ୍ରଣତ । ପରମ ପୁରୁଷେ ସ୍ତବ କରେ ସର୍ବେ ହୋଇଛନ୍ତି ବିହ୍ୱଳିତ । ବ୍ରହ୍ମା କରନ୍ତି ସ୍ତୁତି । ଆବିର୍ଭାବ ମାତ୍ର ଏ ଶ୍ରୀମୂର୍ତ୍ତି ।୫୧। ଜନ୍ମସ୍ଥିତିନାଶ ନାହିଁଟି ତୋହର ତୁହି ଅଚ୍ୟୁତ ନିର୍ଗୁଣ । ମୁକ୍ତି ସୁଖର ତୁ ସାଗର ସ୍ୱରୂପ ବୋଲନ୍ତି ଜେଣୁ ବିଦ୍ୱାନ । ଅନୁ ସୂକ୍ଷ୍ମର ସୂକ୍ଷ୍ମ । ନାହିଁ ଇୟତ୍ତା ମୂର୍ତ୍ତିର ପୂର୍ଣ ।୫୨। ଦୁଃସାଧ ଅଟେ ତୋ ପ୍ରଭାବ ଭାବନା କରୁଁ ତୋତେ ନମସ୍କାର । ତାନ୍ତ୍ରିକ ବୈଦିକ ଯୋଗଦ୍ୱାର ପୂଜା କରି କର୍ତ୍ତବ୍ୟ ତୋହର । ଆହେ ପୁରୁଷ ଶ୍ରେଷ୍ଠ । ମଙ୍ଗଳାଭିଳାଷୀ ପକ୍ଷେ ଶ୍ରେଷ୍ଠ ।୫୩। ଏ ମୂର୍ତ୍ତିରେ ତୋର ବିଶ୍ୱ ତତ୍-ତର ରହିଅଛି ବିଦ୍ୟମାନ । ଅତଏବ ଆମ୍ଭେ ସକଳଙ୍କ ପୁଣି ତ୍ରିଲୋକ କରୁ

ଦଂଶନ । ସ୍ୱାଧୀନ ତୁ ସାକ୍ଷାତ । ତୋରେ ତିକାଳହିଁ ଅଧିଷ୍ଠିତ ।୫୪। ମୃତ୍ତିକା
ଯେସନ ଘଟାଦିର ଅଟେ ଆଦି ମଧ୍ୟ ପୁଣି ଅନ୍ତ । ତେସନ ଈଶ୍ୱର ଆଦି ମଧ୍ୟ
ଅନ୍ତ ତହିଁ ଅଛୁଟି ସାକ୍ଷାତ । ଅଟେ କାରଣ ତାର । ତୁହି ଅଟୁ ଶ୍ରେଷ୍ଠ
ପ୍ରଧାନର । ୫୫ । ମାୟାଦ୍ୱାର ବିଶ୍ୱସୃଷ୍ଟି କରି ନାଥ ପ୍ରବିଷ୍ଟ ତା ଅଭ୍ୟ-
ନ୍ତରେ । ତତ୍ତ୍ୱଜ୍ଞାନୀ ଶାସ୍ତ୍ରଜ୍ଞାତା ଯତିଗଣ ନିର୍ଗୁଣ ସ୍ୱରୂପ ତୋରେ । ମନ
ଦ୍ୱାରା ଦର୍ଶନ । ଗୁଣ ପରିଣାମ ଯେହୁ ମନ । ୫୬ ।ଯେହ୍ନେ କାଷ୍ଠେ ଅଗ୍ନି
ଗାଭୀରେଟି ଘୃତ ଯିତିତଳେ ଜଳଅନ୍ନ । ପୁରୁଷକାରରେ ଜୀବକାନିହିତ ଅଛି
ହୋଇଣ ଗୋପନ । ନାନା ଉପାୟ କରି । ଅଗ୍ନି ଆଦି ଲଭଇ ଯେପରି । ୫୭ ।
ପଣ୍ଡିତେ କହନ୍ତି ସେହିରୂପ ତୁହି ଗୁଣଗର୍ଭେ ବର୍ତ୍ତମାନ । ବୁଦ୍ଧି ଉପାୟରେ
ଗୁଣରୁହିଁ ତୋତେ ଲଭନ୍ତି ମହାଜନ । ପଦ୍ମନାଭ ହେ ନାଥ । ତୁହିଆମ୍ଭ
ବାଞ୍ଛିତ ପଦାର୍ଥ । ୫୮ । ଯୋଗିଙ୍କଗମ୍ୟ ତୁ ହେଲୁ ଆବିର୍ଭୂତ ଯେହ୍ନେ ଗଜ-
ପତି ଗଣ । ଦାବାଗ୍ନି ସନ୍ତପ୍ତ ଗଙ୍ଗାଜଳ ଦେଖି ସୁସ୍ଥ ହୁଅଇ ବଦନ । ଆଜି
ତୋର ଦର୍ଶନ । କରି ତୃପ୍ତ ହୋଇଲୁଁ ତେସନ । ୫୯ । ଲୋକପାଳଗଣସହି
ଆମ୍ଭେମାନେ ଯେ ମାନସରେ ତୋହର । ଚରଣ ତଳରେ ଶରଣ ପଶିଛୁଁ
ଏବେ ତାହା ପୂର୍ଣ୍ଣ କର । ଆତ୍ମା ତୁ ବାହ୍ୟାନ୍ତର । ସାକ୍ଷୀ କି କହିବୁଁ ତୋତେ
ଆର ।୬୦। ଯେରୂପ ଅଗ୍ନିରୁ ସ୍ଫୁଲିଙ୍ଗ ସକଳ ଉଦ୍ଭବ ହୁଏ ନିଶ୍ଚିତ । ତଥା
ମୁହିଁ ଶିବ ଦେବଗଣ ଦକ୍ଷ ଆଦି ପ୍ରଜାପତି ଜାତ । ତୋହଠାରୁ ହୁଅଇ ।
ଭିନ୍ନ ଭିନ୍ନ ରୂପେ ପ୍ରକାଶଇ । ୬୧ । ଅତଏବ ଆମ୍ଭେ ଆପଣା ମଙ୍ଗଳ କିଛି
ଜାଣି ପାରୁନାହିଁ । ଏଣୁ ତୁହି ନିଜେ ଦେବ ଦ୍ୱିଜଗଣ ଉପାୟ କର ଯେ
ହୋଇ । ସ୍ତବ କରି ଏସନ । ସର୍ବେ ଭକ୍ତି ହେଲେ ହୋଇ ଦୀନ । ୬୨ ।
ଅନ୍ତର୍ଯ୍ୟାମୀ ତାଙ୍କ ହୃଦ୍ଗତ ସଙ୍କଳ୍ପ ଯଥାର୍ଥାବଗତ ହୋଇ । ଜଳଦଗମ୍ଭୀର ସ୍ୱରେ
ପ୍ରିୟକର ବଚନ ସୁନ୍ଦର କହି । ଏକାକହିଁ ସମର୍ଥ । ହେଲେ ସୁଦ୍ଧା କହନ୍ତି
କ୍ରୀଡ଼ାର୍ଥ ।୬୩। ଆହେ ବ୍ରହ୍ମା ଶିବ ଦେବଗଣେ ଶୁଣ ତୁମ୍ଭର ମଙ୍ଗଳପାଇଁ ।
ଦାନବେ ଏକ୍ଷଣ ସୁରଗୃର୍ଯ୍ୟବଳେ ହୋଇ ଅଛନ୍ତି ବଳଦୃ । ଯେତେ ଦିନ ସମର୍ଥ ।
ହୋଇନାହିଁ କର ଏହିମତ । ୬୪ । ଅସୁର ମାନଙ୍କ ସଙ୍ଗେ ସନ୍ଧି କର କାର୍ଯ୍ୟ
ସିଦ୍ଧିର ନିମିତ୍ତ । ସର୍ପ ମୂଷିକର ସମ ଶତ୍ରୁ ସଙ୍ଗେ ସନ୍ଧି କରିଇ ବିହିତ । ଅମୃତର
ଉତ୍ପନ୍ନ । ପାଇଁ ଚେଷ୍ଟାକର ଯା ବହନ । ୬୫ । ମୃତ୍ୟୁଗ୍ରସ୍ତପ୍ରାଣୀ ହୁଅଇ ଅମର
ଅମୃତ ପାନ କରିଣ । କ୍ଷୀରୋଦ ସମୁଦ୍ରେ ତୃଣଲତା ଗୁଳ୍ମ ନିକ୍ଷେପକର ବହନ ।

କର ମନ୍ଦରାଚଳ । ଖୁଅ ବାସୁକୀ ରଜ୍ଜୁ ପ୍ରବଳ । ୬୬ । ମୋ ସହାୟେ କର ସମୁଦ୍ର ମନ୍ଥନ ଦୈତ୍ୟେ ଲଭିବେ କଷଣ । ତୁମ୍ଭମାନଙ୍କର ହୋଇବ ନିଶ୍ଚିତ ଶୁଭଫଳର ଉତ୍ପନ୍ନ । ଯାହା ଶୁଣି ଅସୁରେ । ତୁଅ ସମ୍ମତହିଁ ଅକାତରେ । ୬୭ । ସଜ୍ଜହାର ସିଦ୍ଧି ଯଥାପ୍ରୟୋଜନ ବିଗ୍ରହ ହୁହଇ ନାହିଁ । ମନ୍ଥନରୁ କାଳକୂଟ ଉତ୍ପନ୍ନରେ କଦାପି ଭୀତ ନ ହୋଇ । ଅନ୍ୟ ଯା ହେବ ଜାତ । ତହିଁ ନୁହ ଲୋଭି କଦାଚିତ । ୬୮ । ଅଭିଳାଷ ତହିଁ ନକର ଅତ୍ୟନ୍ତ ଅଭିଳାଷ ଅସିଦ୍ଧିରେ । କ୍ରୋଧ ନକରିବ କହି ମହାପ୍ରଭୁ ଅନ୍ତର୍ଦ୍ଧାନ ହୋଇ ଗଲେ । ତାଙ୍କ ଉଦ୍ଦେଶ୍ୟେ ସୁରେ । ଦଣ୍ଡବତ ନମସ୍କାର କରେ । ୬୯ । ବ୍ରହ୍ମାଶିବ ନମସ୍କାର କରି ତହୁଁ ଗଲେ ନିଜ ନିଜ ଧାମେ । ଦେବଗଣ ସର୍ବେ ବଳି ନିକଟକୁ ତତ୍କ୍ଷଣେ ସତ୍ୱରେ ଗମେ । ଯୁଦ୍ଧସଜ୍ଜାବିହୀନ । ତଥାପି ଡରକେ ଯୋଦ୍ଧଗଣ । ୭୦ । ଧାର୍ମିକପ୍ରବର ଅତ୍ୟନ୍ତ ଯଶସ୍ୱୀ ବଳି ନିଃଷେଧ କରଇ । କାହିଁକିନା ସିନ୍ଧି ବିଗ୍ରହର କାଳ ଉତ୍ତମେ ବୁଝି ପାରଇ । ପରେ ଯାହା ଘଟନ । ଅନ୍ୟସ୍ଥଳେ କରିବା ଗାୟନ । ୭୧ । ସମୁଦ୍ରମନ୍ଥନ କ୍ରୀଡ଼ାକଳାପାଦ ସାର କରିବା ଗ୍ରହଣ । ଏକା କୃଷ୍ଣ ସବୁ କରଇ କୌଶଳେ ଉପଲକ୍ଷ କରେ ଜନ । ଲୀଳା ମାତ୍ର ତାହାର । ଲୀଳାପାଇଁ ଏହୁ ଚରାଚର । ୭୨ । ଏହିସାର ଗ୍ରାହୀ ସ୍ୱଜ୍ଞାନୀ ଅଟନ୍ତି ସର୍ବଶକ୍ତିଧର ସେହି । ଜୀବକୁ ନିମିତ୍ତ କରି ଖେଳୁଅଛି ଜୀବ ବୁଝି ନପାରଇ । କରେ ଅଭିମାନ । ସେହି ହେତୁ ବୈକୁଣ୍ଠ ପତନ । ୭୩ ।

$\frac{୧୦୬}{୬୭}$ ଛାନ୍ଦ ।

ସମୁଦ୍ର ମନ୍ଥନ ।

ରାଗ—କଳହଂସ କେଦାର ।

ଅସୁର ରାଜା ବିରୋଚନ ନନ୍ଦନ । ତାଙ୍କର ପାଶେଛନ୍ତି ଅସୁର ଗଣ ହେ ।
ସୁନ୍ଦରୀ ନାରୀ ଗଣ ସେବା କରନ୍ତି । ଆମୋଦ ପ୍ରମୋଦରେ ବସି ଅଛନ୍ତି ହେ । ୧

ଦେବଗଣ କ୍ରମରେ ନିକଟେ ଯାଇ । ଯେ ଉପଦେଶ ଦେଲେ ତ୍ରୈଲୋକ୍ୟ
ସାଇଁ ହେ । ସୁମିଷ୍ଟ ବାକ୍ୟେ ଇନ୍ଦ୍ର ସାନ୍ତ୍ୱନା କରି । ଅଦ୍ୟୋପାନ୍ତ ସମସ୍ତ
କହେ ବିବରି ହେ । ୨ । ବଳି ସମ୍ବର ଆଦି ଅସୁରଗଣ । ବଡ଼ ମନରେ
ଲାଗିଗଲା ତୃଷ୍ଣା ହେ । ବିଷ୍ଣୁ ମାୟାରୁ କେବା ପାରେ ଉଭୁରି । ମାୟା
ଆକର୍ଷି ଅଛୁ ମନ ସବୁରି ହେ । ୩ । ପରିଘ ସମ ବାହୁ ସୁଦୀର୍ଘ ଅଛି । ଦେବ
ଦାନବେ ବଳ-ଦର୍ପିତ ମତ୍ତ ହେ । କୋଳାହଳ କରିଣ ଗଲେ ସକଳ ।
ମିଳିଲେ ଯାଇ ଯହିଁ ମନ୍ଦରାଚଳ ହେ । ୪ । ବଳେ ମନ୍ଦର ଉତ୍ପାଟନ କରିଣ ।
ସମୁଦ୍ର ଅଭିମୁଖେ କଲେ ଗମନ ହେ । ସିଂହନାଦ କରନ୍ତି କରି ଧାରଣ ।
ବହୁଦୂର ବହନେ ଶ୍ରାନ୍ତ ମଳିଣ ହେ । ୫ । ବଳି ଇନ୍ଦ୍ର ଛାଡିଣ ଦେଲେ
ପର୍ବତ । କନକାଚଳ ତହିଁ ହେଲା ପତିତ ହେ । ପଡ଼ି ଭାଙ୍ଗିଲା କାର ବାହୁ
କନ୍ଧର । ଭଗ୍ନଚିତ୍ତ ହୋଇଲେ ଦେବ ଅସୁର ଯେ । ୬ । ଅନ୍ତର୍ଯ୍ୟାମୀ ଜାଣିଣ
ଦଶା ଏମନ୍ତ । ସେକ୍ଷଣ ସେ ସ୍ଥାନରେ ସେ ଆବିର୍ଭୂତ ହେ । ଗିରିପତନ ଦ୍ୱାରା
ଦେବ ଦାନବ । ପିଷ୍ଟ ହୋଇ ଅଛନ୍ତି ଦେଖିଣ ସର୍ବ ହେ । ୭ । ପୁନର୍ଜୀବିତ
କଲେ କଟାକ୍ଷପାତେଁ । ବ୍ରଣହୀନେ ଉତ୍ଥିତ ହେଲେ ସମସ୍ତେ ହେ । ଅବଲୀଳା
କ୍ରମରେ ଗରୁଡ଼ୋପରି । ସ୍ଥାପିଲେ ଏକହସ୍ତେ ପର୍ବତ ଧରି ହେ । ୮ ।
ଦେବଗଣ ସହିତ କଲେ ପ୍ରସ୍ଥାନ । ସକଳେ ଗଲେ କରି ପରିବେଷ୍ଟନ ହେ ।
ଜଳନିଧି ସମୀପେ କରି ସ୍ଥାପନ । କୃଷ୍ଣଆଜ୍ଞାରେ ତାର୍କ୍ଷ୍ୟ କଲା ପ୍ରସ୍ଥାନ
ହେ । ୯ । ଦେବ ଦାନବଗଣ ଅମୃତଲୋଭେ । ସିନ୍ଧୁମନ୍ଥନେ ମନବଳାଇ
ଭାବେ ହେ । ବାସୁକିଙ୍କୁ କରିଲେ ଗିରିବେଷ୍ଟନ । କହିଣ ତାଙ୍କୁ ଆଶ୍ୱାସିତ
ବଚନ ହେ । ୧୦ । ହରି ଅଗ୍ରେ ତତ୍ପରେ .ଦେବତାଗଣ । ସର୍ପମୁଣ୍ଡ ପାଶରେ
କଲେ ଧାରଣ ହେ । ଲାଞ୍ଜ ପାଶରେ ଧରିବାକୁ ଅସୁରେ । ଅସମ୍ମତ ହୋଇଣ
କହନ୍ତି ଧୀରେ ହେ । ୧୧ । ଶାସ୍ତ୍ରଶିକ୍ଷା କରିଛୁଁ ବେଦାଧ୍ୟୟନ । ଜନ୍ମ କର୍ମରେ
ସଦା ପ୍ରସିଦ୍ଧ ପୁନଃ ହେ । ସର୍ପ ଲାଙ୍ଗୁଳ ନକରିବୁଁ ଧାରଣ । ଜାଣିଛୁଁ
ଅମଙ୍ଗଳ ଅଟେ ସେ ପୁଣ ହେ । ୧୨ । ଏହା କହି ଅସୁରେ ତୁଷ୍ଣି ରେ ରହି ।
ଦେଖିଣ ନାରାୟଣ ହାସ୍ୟ କରଇ ହେ । ଲାଙ୍ଗୁଳ ପାଶେ ଦେବଗଣଙ୍କୁ ନେଇ ।
ଆଶ୍ୱାସେ ଦେବଗଣେ ତହିଁ ଧରାଇ ହେ । ୧୩ । ଯତନ ସହକାରେ ଦାନବ
ଗଣ । ଅମୃତଲୋଭେ ଆରମ୍ଭିଲେ ମନ୍ଥନ ହେ । ନ ଥିଲା କିଛି ପର୍ବତର
ଆଧାର । ବସି ବୁଡ଼ିଲା ସେହୁ ଜଳଧି ତଳ ହେ ।୧୪। ଦେବାସୁର ପୌରୁଷ

ହୋଇଲା ନାଶ । କ୍ଷୁନ୍ନମନା ହୋଇଲେ ଗଲା ସାହସ ହେ । ମୁଖ କାନ୍ତି
ବିଶେଷେ ହୋଇଲା ମ୍ଳାନ । ବୁଦ୍ଧି ବିବେକ ହୋଇଗଲାଛି ଶୂନ୍ୟ ହେ । ୧୫ ।
ଈଶ୍ୱର ବୀର୍ଯ୍ୟ ସଦା ଅଟେ ଅନନ୍ତ । ଅଭିସନ୍ଧି ତାହାର ଅଟେ ଅବ୍ୟର୍ଥ ହେ ।
ବିଘ୍ନେଶ ବିରଚିତ ବିଘ୍ନ ଦର୍ଶନେ । ମହା କଚ୍ଛପ ରୂପ ଧରେ ବହନେ ହେ । ୧୬ ।
ଜଳଗର୍ଭେ ପ୍ରବେଶି ଗିରି ଉଦ୍ଧାର । ଅବଲୀଳା କ୍ରମରେ କଲେ ଈଶ୍ୱର ହେ ।
କୁଳାଚଳ ଉତ୍ଥିତ ଦେଖି ସମସ୍ତ । ମନ୍ଥନ କରିବାକୁ ହେଲେ ଉଦ୍ୟତ । ୧୭ ।
କୂର୍ମରୂପୀ ଶ୍ରୀହରି ଦ୍ୱୀପ ସମାନ । ବିସ୍ତୃତ ପୃଷ୍ଠଦେଶ ଲକ୍ଷଯୋଜନ ହେ ।
ସୁରାସୁରଗଣଙ୍କଦ୍ୱାରା ଶୈଳତ । ଭ୍ରାମ୍ୟମାଣ ପର୍ବତ ପୃଷ୍ଠେ ଘର୍ଷିତ ହେ । ୧୮ ।
ତାହାର କଣ୍ଡୂୟନ ସୁଖାନୁଭବ । ଅର୍ଦ୍ଧମୁଦ୍ରିତଚକ୍ଷୁ ଜୀବସ୍ୱଭାବ ହେ ।
ଅସୁରାକାରେ ଅସୁରରେ ପ୍ରବିଷ୍ଟ । ବଳ ବୀର୍ଯ୍ୟ ସମୃଦ୍ଧି କରଇ ସ୍ପଷ୍ଟ ହେ । ୧୯ ।
ଦେବତାକାରେ ଦେବଦେହେ ପ୍ରବେଶ । କରି ତାହାଙ୍କୁ ଉଦ୍ଦୀପ୍ତ କରେ
ବିଶେଷ ହେ । ଅବୋଧରୂପରେ ଅନ୍ତରିନ୍ଦ୍ରିୟରେ । ଆବିଷ୍ଟହୋଇ ବଳ ତା
ବୃଦ୍ଧି କରେ ହେ । ୨୦ । ସହସ୍ର ବାହୁଦ୍ୱାରା ମନ୍ଦରଗିରି । ଉପରଭାଗ ବଡ଼
କୌଶଳେ ଧରି ହେ । ଗଗନ ମଣ୍ଡଳରେ ଦ୍ୱିତୀୟ ଗିରି । ସମାନ ବିରାଜନ୍ତେ
ରହେ ଶ୍ରୀହରି ହେ । ୨୧ । ଭବ ବିରିଞ୍ଚି ଇନ୍ଦ୍ର ସ୍ତବ ଗାଇଣ । ପ୍ରଭୁ ଉପରେ
କରେ ପୁଷ୍ପ ବର୍ଷଣ ହେ । ଊର୍ଦ୍ଧ୍ୱେ ନିମ୍ନେ ପର୍ବତେ ବାସୁକିଠାରେ । ଦେବେ
ଦାନବେ ବିଷ୍ଣୁ ପ୍ରବେଶ କରେ ହେ । ୨୨ । ମଦୋନ୍ମତ୍ତ ଦେବତା ଅସୁର-
ଗଣ । ହୋଇ ଅଧିକତର ବଳ ସମ୍ପନ୍ନ ହେ । ଅତିବେ ଯେ ସମୁଦ୍ର କଲେ
ମନ୍ଥନ । ଜଳବିହାରୀ ଜନ୍ତୁ ପାଏ କଷଣ ହେ । ୨୩ । ନାଗରାଜ ସହସ୍ର ମୁଖ
ନୟନୁଁ । ଶ୍ୱାସରୁ ଜାତ ହେଲା ବୃହତ୍ଭାନୁ ହେ । ଦେବାସୁରେ ଅନଳତାପେ
ତାପିତ । ହତପ୍ରଭା ହୋଇଣ ଗଲେ ହରତ ହେ । ୨୪ । ଶ୍ୱାସଶିଖାରେ
ଦେବେ ପ୍ରଭାମଳିନ । ବସ୍ତ୍ର ମାଲ୍ୟ କଞ୍ଚୁକ ପୁଣି ଲପନ ହେ । ଧୂମ୍ରବର୍ଣ୍ଣ
ହୋଇଣ ଗଲା ସେ କ୍ଷଣ । ହରି ଆଜ୍ଞାରେ ମେଘ କଲେ ବର୍ଷଣ ହେ । ୨୫ ।
ବାୟୁ ସାଗର ଜଳେ ସ୍ପର୍ଶ ହୋଇ । ସୁଶୀତଳେ ତାଙ୍କର ଉପରେ ବହି
ହେ । ଅସୁରସମ୍ପ ଦେବେ ନୋହେ କାତର । ଅଥିରେ ହୋଇଗଲେ ଅତି
ବ୍ୟାକୁଳ ହେ । ୨୬ । ସମୁଦ୍ର ମନ୍ଥନରେ ମୀନ ମକର । ସର୍ପ, କଚ୍ଛପ, ତିମି,
ହସ୍ତୀ, କୁମ୍ଭୀର ହେ । ତିମିଙ୍ଗିଳ ପ୍ରଭୃତି ଜଳ ଜନ୍ତୁଏ । ଅତି ଚଞ୍ଚଳ ହୋଇ
ବ୍ୟାକୁଳ ହୁଏ ହେ । ୨୭ । ସମୁଦ୍ରରୁ ସର୍ବାଗ୍ରେ ଯେ ହଳାହଳ । ଅତ୍ୟନ୍ତ

ତୀବ୍ର ବିଷ ଉଠେ ପ୍ରବଳ ହେ । ସେହି ବିଷ ସର୍ବତ୍ର ହେଲା ବିସ୍ତୃତ । ଦାରୁଣ
ଅସହ୍ୟ ତ ହେଲା ଅତ୍ୟନ୍ତ ହେ । ୨୮। ପ୍ରଜା ସକଳେ ଦେଖି ଭୀତ ହୋଇଣ ।
ଧାଇଁ ଶିବଙ୍କଠାରେ ପଶେ ଶରଣ ହେ । ତାଙ୍କ ଭିନ୍ନ ଅନ୍ୟ କେ ରକ୍ଷା କରିବ ।
ଏମନ୍ତ ମନେ ନୋହିଲା ତ ସମ୍ଭବ ହେ । ୨୯ । ଶିବ ନିକଟେ ଯାଇ କଲେ
ପ୍ରଣତି । ନାନାପ୍ରକାର ତାଙ୍କୁ କରିଲେ ସ୍ତୁତି ହେ । ହେ ଦେବଦେବ ମହା-
ଦେବ ଈଶାନ । ଅହେ ଭୂତାତ୍ମା ହର ଭୂତଭାବନ ହେ । ୩୦ । ଆମ୍ଭେ
ସକଳେ ତୋର ଶରଣାପନ୍ନ । ଗରଳତାପୁଁ ବିଶ୍ୱ କର ରକ୍ଷଣ ହେ । ବନ୍ଧନ
ମୁକ୍ତିକର୍ତ୍ତା ଏ ଜଗତର । ପୀଡ଼ିତ ଦୁଃଖହାରୀ ତୁହି ଶଙ୍କର ହେ । ୩୧ ।
ଏହି କାରଣେ ଜ୍ଞାନୀ ତୋର ଅର୍ଚ୍ଚନ । ସ୍ୱତଃସିଦ୍ଧ ଅଟଇ ତୋହର ଜ୍ଞାନ
ହେ । ସ୍ୱକୀୟ ଗୁଣଶକ୍ତି ଦ୍ୱାରା ଜଗତ । ସୃଷ୍ଟି ସ୍ଥିତି ସଂହାର ଇଚ୍ଛା କରତ
ହେ । ୩୨ । ବ୍ରହ୍ମା ବିଷ୍ଣୁ ଏଂ ଶିବ ନାମ ଧାରଣ । ପରମ ଗୋପନୀୟ ବ୍ରହ୍ମ ତୁ
ପୁନଃ ହେ । ତୋଠାରୁ ଦେବ ପଶୁ ପକ୍ଷୀ ପ୍ରଭୃତି । ଯାବତୀୟ ପଦାର୍ଥ ପ୍ରକାଶ
ପାନ୍ତି ହେ । ୩୩ । ଜଗଦୀଶ୍ୱର, ଆତ୍ମା ତୁହି ସାକ୍ଷାତ । ଶକ୍ତିରେ ଜଗଦ୍‌ରୂପେ
ତୁ ପରିଣତ ହେ । ଜଗତ ଆଦି ଆତ୍ମା ବେଦ ପ୍ରଭବ । ତୁ କାଳ ସଂକଳ୍ପ ତୁ
ତୁହି ସ୍ୱଭାବ ହେ । ୩୪ । ତୁ ସତ୍ୟରୂପ କାମେ ଧର୍ମ୍ମ ପ୍ରବଳ । ରାଜସାଦି
ତ୍ରିବିଧ ତୁ ଅହଙ୍କାର ହେ । ଦ୍ରବ୍ୟକାରଣୀଭୂତ ତୁହି ତ ପ୍ରାଣ । ଇନ୍ଦ୍ରିୟାଦି
ସକଳ ତୁହି ତ ଗୁଣ ହେ । ୩୫ । ତ୍ରିଗୁଣାତ୍ମକ ଦ୍ରବ୍ୟ ଯେତୁ ପ୍ରଧାନ । ତାର
ଆଶ୍ରୟ ତୁହି ଲୋକଭାବନ ହେ । ସର୍ବ ଦେବମୟ ତୁ ଲୋକପ୍ରଭବ ।
ଲୋକମଙ୍ଗଳଦାତା ହେ ପ୍ରଭୋ ଭବ ହେ । ୩୬ । ବହ୍ନି ତୋହର ମୁଖ,
ପୃଥ୍ୱୀଚରଣ । କାଳ ତୋହର ଗତି ଦିଶ ତୋ କର୍ଣ୍ଣ ହେ । ବରୁଣ ରସନା
ତୋ ନାଭି ଆକାଶ । ଭାସ୍କର ନୟନ ତୋ ବାୟୁ ନିଃଶ୍ୱାସ ହେ ।୩୭। ସଲିଳ
ଶୁକ୍ର ତୋର ହୁଏ କଥିତ । ଜୀବାତ୍ମା ଆଶ୍ରୟ ତୋ ଆତ୍ମାହିଁ ଖ୍ୟାତ ହେ ।
ସ୍ୱର୍ଗ ତୋର ମସ୍ତକ ଚନ୍ଦ୍ର ତୋ ମନ । ବେଦ ଶ୍ରୟ ତୋ ମୂର୍ତ୍ତି ହୁଏ କଥନ
ହେ । ୩୮ । ସମୁଦ୍ର କୁକ୍ଷି ତୋର ଅସ୍ଥି ପର୍ବତ । ବୃକ୍ଷ ଲତା ତୋ ରୋମରାଜି
ନିର୍ମିତ ହେ । ବେଦ ସକଳ ସପ୍ତଧାତୁ ତୋହର । ଧର୍ମ୍ମ ହୃଦୟ ତୋର ଅହେ
ଈଶ୍ୱର ହେ । ୩୯ । ତୋର ଲପନ ପଞ୍ଚ ଉପନିଷଦ । ଅଷ୍ଟାତ୍ରିଂଶତ ମନ୍ତ୍ର
ତହୁଁ ଉଭବ ହେ । ଦମ୍ଭ ଲୋଭାଦି ଅଧର୍ମର ତରଙ୍ଗ । ଜଗଦ୍ଧ୍ୱଂସକାରୀ
ତୋ ଛାୟା ଭଙ୍ଗ ହେ । ୪୦ । ତ୍ରିଗୁଣ ସତ୍ତ୍ୱରଜସ୍ତମ ତୋ ନେତ୍ର । ଶାସ୍ତ୍ର

କର୍ତ୍ତା ତୁ ସାଙ୍ଖ୍ୟ ଆତ୍ମା ତୋ ଖ୍ୟାତ ହେ । ବେଦ ତୋ ଦୃଷ୍ଟି ମହାଜ୍ୟୋତିଃ
ତୋହର । ଅଜ୍ଞେୟ ଅଟେ ସେହୁ ସଚରାଚର ହେ । ୪୧ । ତହିଁରେ ସତ୍ତ୍ୱ-
ରଜସ୍ତମ ସ୍ୱଭାବ । ନାହିଁ ଅଟଇ ଦେହ ହୀନ ସେ ବ୍ରହ୍ମ ହେ । ତୁ କାମ
ଯଜ୍ଞ କାଳକୂଟ ତ୍ରିପୁର । ଅନେକ ହିଂସ୍ର ବସ୍ତୁ କରୁ ସଂହାର ରେ ।୪୨। ବର୍ଣ୍ଣ-
ମଙ୍ଗଳ ଉପଦେଶକଗଣ । ଚିନ୍ତା କରନ୍ତି ବସି ତୋର ଚରଣ ହେ । ତଥାପି
ତପଦ୍ୱାରା ତାପିତ ତୁହି । ସଦସତରୂପୀ ତୁ ମହତ ହୋଇ ହେ । ୪୩ ।
ତୋର ସ୍ୱରୂପ ବ୍ରହ୍ମାଦିର ଅଗମ୍ୟ । ସ୍ତୁତି କରିବେ କାହୁଁ ହୁଅନ୍ତି ସାମ୍ୟ
ହେ । ଆମ୍ଭେମାନେ ତ ତାର ସୃଷ୍ଟି ମଧ୍ୟରେ । କାହୁଁ କ୍ଷମ ହୋଇବୁଁ ତୋର
ସ୍ତବରେ ହେ । ୪୪ । ତଥାପି ଯଥାସାଧ୍ୟ କହିତ ମାତ୍ର । ସ୍ତବ କରଣ ହୋଇ
ଗଲୁଁ କୃତାର୍ଥ ହେ । ତୋର ସକଳ କର୍ମ ଅଟେ ଅବ୍ୟକ୍ତ । ତୋହର ଏହିରୂପ
ଲୋକରକ୍ଷାର୍ଥ ହେ । ୪୫ । ସର୍ବପ୍ରାଣୀ ସୁହୃଦ ପ୍ରଭୁ ଶଙ୍କର । ପ୍ରଜାଗଣ ବିପଦ
ଭାବି ଅନ୍ତର ହେ । କରୁଣା ବଳେ ସମଧିକ ବ୍ୟଥିତ । ପ୍ରିୟତମା ସତୀଙ୍କୁ କହେ
ଭାଷିତ ହେ ।୪୬। ଆହେ ଭବାନି ଦେଖ ପ୍ରଜାକଷଣ । କାଳକୂଟ ଉଦ୍ଭବେ
ବ୍ୟଥିତ ପୁଣ ଗୋ । ପ୍ରାଣରକ୍ଷାର୍ଥ ହୋଇଛନ୍ତି ବ୍ୟାକୁଳ । ମୋର ଉଚିତ କର୍ତ୍ତା
ତା ପ୍ରତିକାର ଗୋ ।୪୭। ସକ୍ଷମର କରମ ପୀଡ଼ିତ ଗଣେ । ଦେହ ପଶିବା ଏକା
ତାଙ୍କ ପାଳନେ ଗୋ । ଜୀବନମାତ୍ର ଅଟେ କ୍ଷଣଭଙ୍ଗୁର । ପ୍ରାଣୀ ରକ୍ଷାକରିବା କର୍ମ
ସାଧୁର ଗୋ । ୪୮ । ଦୈବୀମାୟାମୁଗ୍ଧ ପ୍ରାଣୀସକଳ । ପରସ୍ପରରେ ହିଂସା କରେ
ପ୍ରବଳ ଗୋ ।' ଜୀବପ୍ରତି କରୁଣା କଲେ କାଯ୍ୟତ । ସର୍ବାନ୍ତରାତ୍ମା ହରି ହୁଅଇ ପ୍ରୀତ
ଗୋ ।୪୯। ହରି ସନ୍ତୁଷ୍ଟେ ମୁହିଁ ଏ ଚରାଚର । ସନ୍ତୁଷ୍ଟ ହୁଏ ମୁହିଁନାହିଁ ବିସ୍ତର
ଗୋ । ଏଣୁ ପ୍ରଜାବର୍ଗାର୍ଥ ଗରଳ ପାନ । କରିବି ପ୍ରଜାବର୍ଗ ହେବେ ରକ୍ଷଣ
ଗୋ । ୫୦ । ବିଶ୍ୱଭାବନ ହର କହି ଏସନ । ଆରମ୍ଭ କଲେ ଯାଇ
ଗରଳପାନ ହେ । ତାଙ୍କ ପ୍ରଭାବ ଜାଣେ ପାର୍ବତୀସତୀ । ଅନୁମୋଦନ ତେଣୁ
ତହିଁ କରନ୍ତି ହେ । ୫୧ । କରୁଣାବଳେ ହର ଭୂତଭାବନ । କରତଳେ
ବିଷକୁ କଲେ ଗ୍ରହଣ ହେ । ଜଳ ସମାନ ସର୍ବ କରିଲେ ପାନ । ସ୍ୱବୀର୍ଯ୍ୟ
ପ୍ରକାଶିଲ ବିଷ ଧ୍ୱଂସ କ୍ଷଣ ହେ । ୫୨ । ଶିବଙ୍କ ଗଳଦେଶ ନୀଳ ବରନ ।
ହୋଇଗଲା ଅଧିକେ ହେଲା ଶୋଭନ ହେ । କଣ୍ଠଭୂଷଣ ଭୁଲି ସେ ନୀଳ
ବର୍ଣ୍ଣ । ଶ୍ରୀକଣ୍ଠ ନାମେ ଶିବ ହେଲେ ଆଖ୍ୟାନ ହେ । ୫୩ । ପରଦୁଃଖରେ
ଦୁଃଖୀ ଯେ ସାଧୁଜନ । ସେହି ଅଟଇ ହରିର ଆରାଧନ ହେ । ଶମ୍ଭୁର

ଏହି କାର୍ଯ୍ୟେ ସକଳେ ପ୍ରୀତ । ସର୍ବେ ପ୍ରଶଂସାବାଦ କଲେ ବହୁତ ହେ ।
। ୫୪ । ବିଷପାନ ସମୟେ ହସ୍ତ ବିଚ୍ୟୁତ । ବିଷଗ୍ରହଣେ କେତେ ହେଲେ
ବିଷାକ୍ତ ହେ । ସର୍ପ ବୃଶ୍ଚିକ ଆଦି ବୃକ୍ଷ କେତେକ । ବିଷେ ଶକ୍ତି ପ୍ରାପ୍ତ
ହେଲେ ଅନେକ ହେ । ୫୫ । ଗିରିଶ ଗରଳପାନ କରିଲା ପର । ଦେବ
ଦାନବ ଖୁସି ହୋଇ ଅପାର ହେ । ସାଗରମନ୍ଥନରେ ହେଲେ ପ୍ରବର୍ତ୍ତି ।
ପ୍ରଥମେ ସୁରଭି ତ ହେଲେ ଉଦ୍ଭୂତ ହେ । ୫୬ । ବ୍ରହ୍ମବାଦୀ ଯେ
ଋଷିଗଣ ସକଳ । ବ୍ରହ୍ମଲୋକରୁ ଆସିଥିଲେ ସେ ସ୍ଥଳ ହେ । ଯଜ୍ଞୀୟ
ସୁପବିତ୍ର ଘୃତ ନିମିତ୍ତ । ସେମାନେ ସୁରଭିଙ୍କୁ ନେଲେ ତ୍ୱରିତ ହେ । ୫୭ ।
ଅନନ୍ତର ଶଶାଙ୍କ ଧବଳ ବର୍ଣ୍ଣ । ଉଚ୍ଚୈଃଶ୍ରବା ଘୋଟକ ହେଲା ଉତ୍ପନ୍ନ
ହେ । ବଳି କରିଲେ ଅଭିଲାଷ ତହିଁରେ । ନାରାୟଣବାକ୍ୟରେ
ଗ୍ରହଣ କରେ ହେ । ୫୮ । ତତ୍ପରେ ବାରଣେନ୍ଦ୍ର ଯେ ଐରାବତ । ମନ୍ଥନେ
ସମୁଦ୍ରରୁ ହେଲେ ଉଦ୍ଭୂତ ହେ । ଶଶାଙ୍କ ତୁଲ୍ୟ ଶ୍ୱେତବର୍ଣ୍ଣ ଧରଇ ।
ଶୃଙ୍ଗତୁଲ୍ୟ ଚତୁର ଦନ୍ତ ଶୋଭଇ ହେ । ୫୯ । ଅଷ୍ଟଦିଗ୍ଗଜ ପୁଣି ହେଲେ
ସମ୍ଭୂତ । ଅଭ୍ରମୁ ଆଦି ଅଷ୍ଟକାମିଣୀ ଜାତ ହେ । ପଦ୍ମରାଗ କୌସ୍ତୁଭ ନାମକ
ମଣି । ସମୁତ୍ପନ୍ନ ହୋଇଲା ତତ୍ପରେ ପୁଣି ହେ । ୬୦ । ନାରାୟଣ ସେ ମଣି
କଲେ ଗ୍ରହଣ । ବକ୍ଷସ୍ଥଳେ ଲମ୍ବିଣ ହେଲା ଶୋଭନ ହେ । ତତ୍ପରେ
ପାରିଜାତ ହେଲା ଉଦ୍ଭୂତ । ତତ୍ପରେ ଅପସରା ହୋଇଲେ ଜାତ ହେ । ୬୧ ।
ସାକ୍ଷାତ୍ କମଳା ଦେବୀ ହେଲେ ଉଦ୍ଭୂତ । ବିଦ୍ୟୁନ୍ମାଳାରେ ଦିଗ କି ଆଲୋକିତ
ହେ । ତାର ଔଦାର୍ଯ୍ୟ ରୂପ ଯୌବନ ବର୍ଣ୍ଣ । ଆକୃଷ୍ଟ ହୋଇଗଲା ସମସ୍ତ
ମନ ଯେ । ୬୨ । ସ୍ପୃହା କରିଲେ ସୁରାସୁର ମାନବ । ଦୃଶ୍ୟ ନ ଥିବ ନାହିଁ କେବେ
ନୋହିବ ହେ । ଦେବରାଜ ତତ୍କ୍ଷଣ ଦିବ୍ୟ ଆସନ । ଆଣି ତତ୍ପର ହୋଇ
କଲେ ପ୍ରଦାନ ହେ । ୬୩ । ଉତ୍କୃଷ୍ଟ ତରଙ୍ଗିଣୀ ସକଳେ ମାତ ।
ହୋଇଣ ଯାଇ ଦିବ୍ୟ ମୂରତି ମତ ହେ । କନକକୁମ୍ଭେ ଆଣେ
ପବିତ୍ରଜଳ । ସମର୍ପଣ କରିଲେ ହୋଇ ବିହ୍ୱଳ ହେ । ୬୪ ।
ପୃଥିବୀ ଅଭିଷେଚନାର୍ଥେ ସାଧନ । ଯାବତୀୟ ଔଷଧ କଲେ ଅର୍ପଣ ହେ ।
ଗୋଗଣ ପଞ୍ଚଗବ୍ୟ ବସନ୍ତ ପୁଣ । ଚୈତ୍ର ବୈଶାଖ ଫଳ ପୁଷ୍ପ ଅର୍ପଣ
ହେ । ୬୫ । ତଦନ୍ତେ ଋଷିଗଣ ଯଥାବିଧାନେ । ଅଭିଷେକ କରିଲେ
ପ୍ରହୃଷ୍ଟ ମନେ ହେ । ମଙ୍ଗଳ ପାଠକଲେ ଗନ୍ଧର୍ବଗଣ । ନଟୀଏ ନୃତ୍ୟଗୀତ

କରିଲେ ପୁନଃ ହେ । ୬୬ । ଦିଗ୍ଗଜେ ସ୍ୱର୍ଣ୍ଣକୁମ୍ଭରେ ଅଭିଷେକ । ବେଦମନ୍ତ୍ର
ପଢିଲେ ବିପ୍ର ଅନେକ ହେ । ଅଭିଷେକ ଶେଷରେ ଦେବୀ କମଳା ।
ଶ୍ରୀକରେ ଧରି ଭ୍ରମେ କମଳମାଳା ହେ । ୬୭ । ଶ୍ରୀଅଙ୍ଗ ଶୋଭି ପାଉଅଛି
ଭୂଷଣେ । ନାରାୟଣେ ଲୋଡ଼ନ୍ତି ସ୍ୱ ମନେ ମନେ ହେ । ଲକ୍ଷ୍ମୀ ଦେଖିଲେ
ଯହିଁ ଶ୍ରୀନାରାୟଣ । ସ୍କନ୍ଧେ କମଳମାଳା କଲେ ଅର୍ପଣ ହେ । ୬୮ । ସଲଜ୍ଜ
ସ୍ମିତ ବିଭ୍ରମିତ ଲୋଚନ । କରି ରହିଲେ କିଛିକ୍ଷଣ ମଉନ ହେ । ଶ୍ରୀହରି
ବକ୍ଷସ୍ଥଳେ ପାଇଲେ ସ୍ଥାନ । ସକଳେ ମିଳି କଲେ ମଙ୍ଗଳ ଗାନ ହେ । ୬୯ ।
ପରେ ବାରୁଣୀ ଦେବୀ ହେଲେ ଉତ୍ପନ୍ନ । ହରି ଆଦେଶେ ଦୈତ୍ୟେ କଲେ
ଗ୍ରହଣ ହେ । ଅମୃତ ଲୋଭେ ପୁଣି କଲେ ମନ୍ଥନ । ଦିବ୍ୟପୁରୁଷେ ତହିଁ
ଦେଲେ ଦର୍ଶନ ହେ । ୭୦ । ଅମୃତପୂର୍ଣ୍ଣ କୁମ୍ଭ ଶିରେ ଘେନିଣ । ଶ୍ରୀକୃଷ୍ଣସମ
ରୂପ ଅତି ଶୋଭନ ହେ । ପୀତ କୌଷେୟ ବାସ ନାନା ଭୂଷଣ । ବିକ୍ରମଶାଳୀ
ଅତି ସିଂହ ସମାନ ହେ । ୭୧ । ବିଷ୍ଣୁ ଅଂଶ ଅଂଶରେ ହୋଇ ସମ୍ଭୂତ ।
ଧନ୍ୱନ୍ତରି ନାମରେ ସେହୁ ବିଖ୍ୟାତ ହେ । ଅମୃତକୁମ୍ଭ ହସ୍ତେ ଦେଖି ଧାରଣ ।
ଅସୁରେ ବଳକ୍ରମେ କଲେ ହରଣ ହେ । ୭୨ । ଦେଖି ଏ ସ୍ଥିତି ଦେବଗଣେ
ଭୟାର୍ତ୍ତ । ହୋଇ ହୋଇଲେ ପ୍ରଭୁ ଶରଣାଗତ ହେ । ନାନାପ୍ରକାର ସ୍ତବ
କଲେ ବିସ୍ତର । ଉପାୟ ବିହୀନରେ ହେଲେ କାତର ହେ । ୭୩ । ନାନା
ପ୍ରକାର ଚିନ୍ତା ମନେ ଉଦ୍ଭବ । ଭୁଞ୍ଜିଲୁ ଦୈତ୍ୟଗଣ ମହାପ୍ରଭବ ହେ ।
ତହିଁରେ କଲେ ପୁଣି ଅମୃତପାନ । ଆଉ କି ରକ୍ଷିବେ ସେ ଏ ତ୍ରିଭୁବନ
ହେ । ୭୪ । ଭକ୍ତର ବାଞ୍ଛାପୂର୍ଣ୍ଣକାରୀ ଶ୍ରୀହରି । ଦେବତାଙ୍କ କାତର ଜାଣିଣ
ପାରି ହେ । ଅଭୟ ଦେଲେ ତାଙ୍କୁ କହି ବଚନ । ପ୍ରତିକାର ତାହାର ହେବ
ଏକ୍ଷଣ ହେ । ୭୫ । ତୁମ୍ଭେମାନେ କଦାପି ନୁହ କାତର । କରୁଅଛଇ ମୁହିଁ
ତା ପ୍ରତିକାର ହେ । ସ୍ୱୟଂ ନିଜ ମାୟାର ବଳେ ଶ୍ରୀହରି । ସେମାନଙ୍କ ଅନ୍ତରେ
ପ୍ରବେଶ କରି ହେ । ୭୬ । ବିବାଦ ଘଟାଇଲେ ତାଙ୍କ ମଧ୍ୟରେ । ପରସ୍ପରରେ
ସର୍ବେ କଳହ କରେ ହେ । ଛଡ଼ାଛଡ଼ି ହୁଅନ୍ତି ସୁଧାକଳଶ । ମୁଁ ଆଗେ ନେବି
ବୋଲି କହିଣ ଭିଷ ହେ । ୭୭ । ଦୁର୍ବଳ ଥିଲେ ତାଙ୍କ ମଧ୍ୟରେ ଯେହି ।
ସାଧୁ ସମାନ ସେହୁ କଚନ କହି ହେ । ଦେବତା ମାନେ କଲେ ଶ୍ରମ ସମାନ ।
ବାଣ୍ଟ ପାଇବା ତାଙ୍କ ଉଚିତ ଘେନ ହେ । ୭୮ । ତାଙ୍କୁ ଅଂଶ
ନ ଦେଇ କଲେ ଭକ୍ଷଣ । ଅନ୍ୟାୟ୍ୟ ଅଧର୍ମ ହିଁ ହେବ

ପ୍ରଧାନ ହେ । ନାନାମତେ ଏମାନ କହି ବଚନ । ବାରମ୍ବାର କରନ୍ତି ସେ ନିବାରଣ ହେ । ୭୯ । କନ୍ଦଳେ ବହିଗଲା ଅନେକ କାଳ । ସର୍ବୋପାୟ ପଣ୍ଡିତ କଲେ କୌଶଳ ହେ । ମାୟାବଳେ ଧରଣ ମୋହିନୀ-ମୂର୍ତ୍ତି । ଦୈତ୍ୟଗଣ ସମୀପେ ଛିଡ଼ା ହୋଇଲେ ହେ । ୮୦ । ଅନ୍ୟ ଛନ୍ଦେ ଗାଇବା ସେ ମୂର୍ତ୍ତିଗୁଣ । ସୁଧା ଯେମନ୍ତ କଲେ ପରିବେଷଣ ହେ । ବୈକୁଣ୍ଠ ଦେବ ହିକେ ହାତ ପତାଇ । ଛିଡ଼ାଛନ୍ତି କ ହିକେ ପାଇବ ନାହିଁ ହେ । ୮୧ ।

$\frac{୧୦୭}{୨}$ ଛାନ୍ଦ ।

ଅମୃତ ପରିବେଷଣ ।

ରାଗ—ଇମନ୍‌କୋଇଲି ।

ଦେବତାଙ୍କ ଠାରେ କୃପା ବହିଣ । ତ୍ରୈଲୋକ୍ୟମୋହିନୀ ରୂପ ଧାରଣ । ଉତ୍ପଳର ନ୍ୟାୟ ଶ୍ୟାମ ବରଣ । ସର୍ବ ଅବୟବ ଗୁରୁ ଗଠନ ସେ । ନାନା ଆଭରଣେ ଯୁକ୍ତ ସେ । କପୋଳ ଯୁଗଳ ମନୋହର ଅତି ନାସିକା ଦିବ୍ୟ ଉନ୍ନତ ସେ । ୧ । ନବଯୌବନରେ ସ୍ତନ ଯୁଗଳ । ବୃତ୍ତନଃଶେଷେ ଉନ୍ନତ ପ୍ରବଳ । ସେହି ସ୍ତନଭରେ କୃଶ ଉଦର । ଆନନ ସୌରଭରେ ଅଳିକୁଳ ସେ । ଝଙ୍କାର କରି ଉଡ଼ନ୍ତି ସେ । ଚକ୍ଷନ୍ୟ ଚଞ୍ଚଳ ନୟନ ଯୁଗଳ ଚତୁର୍ଦ୍ଦିଗେ ନାଚୁଛନ୍ତି ସେ । ୨ । ମନୋହର କେଶପାଶ ବନ୍ଧିତ । ପ୍ରଫୁଲ୍ଲ ମଲ୍ଲିକାମାଳା ବେଷ୍ଟିତ । କମନୀୟ କଣ୍ଠେ ତ୍ରୟ ଆଭରଣ । ହେଉଅଛଇ ସେ ଦୋଦୁଲ୍ୟମାନ ସେ । ବାହୁ ବଳୟେ ଶୋଭିତ ହେ । ନିର୍ମଳବସନେ ବେଷ୍ଟିତ ନିତମ୍ବ କାଞ୍ଚିଦାମେ ବିଭୂଷିତ ସେ । ୩ । ଗୁରୁ ଚରଣ ଯୁଗଳେ ନୂପୁର । ଧ୍ୱନି ମୁଖରିତ ହୁଏ ମଧୁର । ସଲଜ୍ଜ ମଧୁର ହାସ୍ୟେ ନୟନ । ମୋହନ ଦୃଷ୍ଟିରେ ହୁଏ ପତନ ସେ । ଦୈତ୍ୟଙ୍କ ଅନ୍ତଃକରଣ ଯେ । କାମବାଣେ ବଦ୍ଧ ହୋଇ-ଗଲେ ସର୍ବେ ହେଲେ ପଲକ ବିହୀନ ଯେ । ୪ । ଦୈତ୍ୟଗଣ ସୌହୃଦ୍ୟ ପରିହରି । ଦସ୍ୟୁ ଧର୍ମ ଅବଲମ୍ବନ କରି । ଅମୃତପାତ୍ର ହରଣ କ୍ଷେପଣେ । କରୁଛନ୍ତି ପରସ୍ପରରେ ପୁଣ ସେ । ଜଗନ୍ମୋହିନୀ ଲୋକନେ ସେ । ମୋହ ମୁଗ୍ଧ ହୋଇ

କହନ୍ତି ସରସେ ଭାବି ନିଜ ମନେ ମନ ସେ । ୫ । ଆହା କି ରୂପ ଏହାର ଅଛଇ । କି ନବ ବୟସ ଛବି କି ହୋଇ । କହି କହି ଗଲେ ନିକଟେ ତାର । ଅତି ସ୍ନେହଧୂରେ କହନ୍ତି ଗିର ସେ । ଅୟି କମଳନୟନେ ଗୋ । କିଏ ତୁ କେଉଁଠୁ ଆସିଛୁ ଏଠାକୁ କି ଉଦ୍ଦେଶ୍ୟ ଭାବି ମନେ ଗୋ । ୬ । କାହାର ପତ୍ନୀ ତୁ କହ ସୁନ୍ଦରି । କହ କହ ମନେ ଚିନ୍ତା ନ କରି । ଆମ୍ଭକୁ ଆଉ ନ କର ଆକୁଳ । ପ୍ଲାବିତ ହେଉଅଛି ହୃଦସ୍ଥଳ ସେ । ମନୁଷ୍ୟ କେବେ ମାତର ଗୋ । ଦେବ ଦାନବ ଗନ୍ଧର୍ବ ଲୋକପାଳ କରି ନାହାନ୍ତି ସ୍ପର୍ଶନ ଗୋ । ୭ । କରୁଣାମୟୀ ବିଧାତା କି ତୋତେ । ଦେବତାଗଣଙ୍କର ଇନ୍ଦ୍ରିୟ ଚିତ୍ତେ । ପ୍ରୀତି ଉତ୍ପାଦନ କରିବା ପାଇଁ । ତୋତେ ଏଠାକୁ ଦେଲେ ପଠାଇଁ କି । କିବା ତୋ ଇଚ୍ଛାକ୍ରମରେ ଗୋ । ପୁରୁଷମାନଙ୍କ ଚିତ୍ତହରଣାର୍ଥ ଭ୍ରମୁ ଦେଶଦେଶାନ୍ତର ଗୋ । ୮ । ଆମ୍ଭମାନଙ୍କୁ ତ ବୋଧ ହେଉଛି । ବିଧାତା ତୋତେ ତ ପଠାଇଅଛି । ଆମ୍ଭମାନଙ୍କର କରି ମଙ୍ଗଳ । ଏକ ଦ୍ରବ୍ୟ ପାଇଁ କରୁଛୁ ଗୋଳ ଗୋ । ସର୍ବେ କଶ୍ୟପ ନନ୍ଦନ ଗୋ । ପରସ୍ପର ଭ୍ରାତା ଅଟୁଁ ଆମ୍ଭେମାନେ ବିବାଦ କରୁ ଏକ୍ଷଣେ ଗୋ । ୯ । ଯେମନ୍ତେ ବିବାଦ ଆମ୍ଭ ମଧ୍ୟରେ । ନ ହେଉ ତେମନ୍ତ କର ବିଧିରେ । ନ୍ୟାୟମତେ କରିଦିଅ ବିଭାଗ । କେହି ଯେମନ୍ତ ନୋହିବେ ବିରାଗ ସେ । ଶୁଣିଣ ମାୟାମୋହିନୀ ସେ । ସହାସ୍ୟ କଟାକ୍ଷ ନିକ୍ଷେପ କରିଣ ମଧୁରେ କହନ୍ତି ବାଣୀ ସେ । ୧୦ । ଅହେ କଶ୍ୟପର ନନ୍ଦନଗଣ । କିପାଁ କର ମୋତେ ଅନୁସରଣ । ନାରୀକୁ ବିଶ୍ୱାସ କରେ ନା କେହି । ବିଶେଷତଃ ପୁଂଶ୍ଚଲୀ ଯେହୁ ହୋଇ ସେ । ବ୍ୟଭିଚାରିଣୀ କୁଳର ହେ । ନିତ୍ୟ ନିତ୍ୟ ନୂଆ ଅନ୍ୱେଷଣ କରେ ସଖ୍ୟ ଅନିତ୍ୟ ତାହାର ହେ । ୧୧ । ମୋହିନୀର ଶ୍ଳେଷ-ବାକ୍ୟ ଶ୍ରବଣେ । ଆଶ୍ୱାସିତ ହେଲେ ଅସୁରଗଣେ । ହୃଷ୍ଟଚିତ୍ତଭାବରେ ହୋଇ ଆବେଶ । ଗମ୍ଭୀର ଭାବରେ ପ୍ରକାଶି ହାସ୍ୟ ସେ । ଅମୃତପାତ୍ର ଅର୍ପଣ ସେ । କରିଲେ ସରାଗେ ବିହ୍ୱଳଭାବରେ ହରି କରିଲେ ଗ୍ରହଣ ସେ । ୧୨ । ହାସ୍ୟ ମିଶ୍ରିତ ବାକ୍ୟ ହରି କହି ; ଯାହା କରିବି ମୁଁ ଯା ହେବ ତହିଁ । ଭଲ ମନ୍ଦ ଯାହା ହେବ ଯାହାର ; ସକଳେ ତାହା ଅଙ୍ଗୀକାର କର ହେ । ତେବେ ବାଣ୍ଟିଦେବି ମୁହିଁ ହେ । ପ୍ରଧାନ ପ୍ରଧାନ ଅସୁରେ ମୋହିନୀବାକ୍ୟେ ସମ୍ମତ ହୁଅଇ ସେ । ୧୩ । ତାହା ହେଉ ବୋଲି ସକଳେ କହି । ତରତରେ

ସ୍ନାନ କରିଲେ ଯାଇଁ । ସ୍ନାନାନ୍ତେ ଅଗ୍ନିରେ ଆହୁତି ଦାନ । ବ୍ରାହ୍ମଣେ ସାରିଦେଲେ ସ୍ୱସ୍ତ୍ୟୟନ ସେ । ସମସ୍ତ ଦାନବଗଣ ଯେ । ଗୋରୁ ବ୍ରାହ୍ମଣଙ୍କୁ ନମସ୍କାର କରି ପିନ୍ଧିଲେ ସ୍ୱ ସ୍ୱ ବସନ ଯେ ।୧୪। ପୂର୍ବାଗ୍ର ବିସ୍ତୃତ କୁଶ ଉପର । ଉପବେଶନ କଲେ ତତପର । ଧୂପଗନ୍ଧରେ ଅତି ଆମୋଦିତ । ମାଲ୍ୟଦୀପେ ସୁଶୋଭିତ ଅତ୍ୟନ୍ତ ସେ । ଗୃହରେ ଦେବ ଦାନବ ଯେ । ପୂର୍ବାସ୍ୟ ହୋଇଣ ଉପବିଷ୍ଟ ହେଲେ ହୋଇଣ ଅତିପ୍ରଭବ ସେ ।୧୫। ମଦବିହ୍ୱଳାକ୍ଷୀ ସେ କୁମ୍ଭସ୍ତନୀ । ଅମୃତକଳଶ ନେଇ ମୋହିନୀ । ଅତିମନୋହରବାସ ବେଷ୍ଟିତ । ଶ୍ରୋଣୀତଟଭାରେ ଧୀରେ ଗମିତ ସେ । ଗୃହେ ପ୍ରବେଶନ୍ତି ଯାଇଁ ସେ । ଲକ୍ଷ୍ମୀ ସହଚରୀ ପରଦେବତା ସେ ନାମେ ବିଖ୍ୟାତ ଅଟଇ ସେ ।୧୬। କନକ ନିର୍ମିତ କୁଣ୍ଡଳଦ୍ୱୟ । ଶ୍ରବଣେ ସୁଶୋଭିତ ଅତିଶୟ । ନାସିକା କପୋଳ ମୁଖ ସୁନ୍ଦର । ସ୍ତନପଟ୍ଟିକା ପ୍ରାନ୍ତଭାଗ ତାର ସେ । ଫିଟି ଯାଉଥିଲା ଖସି ସେ । ସୁରାସୁର ଗଣ ଅପଲକ ହେଲେ ଚାହିଁ ଚାହିଁ ଗଲେ ରସି ସେ ।୧୭। ମୋହିନୀ-ରୂପଧାରୀ ଭଗବାନ । ମନେ ମନେ ନିଜେ କରେ ଚିନ୍ତନ । ସର୍ପଗଣେ କ୍ଷୀର ଦାନ ସମାନ । ଅସୁରଗଣଙ୍କୁ ଅମୃତଦାନ ସେ । ଅତିଶୟ ଅକର୍ତ୍ତବ୍ୟ ସେ । ସ୍ୱଭାବତଃ ଦୈତ୍ୟ ଅଟନ୍ତି ନିଷ୍ଠୁର କଦାପି ନୁହନ୍ତି ଭବ୍ୟ ସେ ।୧୮। ଏହି ବିବେଚନା କରିଣ ସେହି । ତାହାଙ୍କୁ ଅମୃତ ପରଷେ ନାହିଁ । ସୁର ଅସୁରଙ୍କୁ ଦ୍ୱିଭାଗ କରି । ଦୁଇଟି ପଂକ୍ତିରେ ବସାଏ ଧରି ସେ । ବସେ ନିଜ ନିଜ ଦଳେ ସେ । କଳଶହସ୍ତରେ ବହୁମାନ୍ୟ ବାକ୍ୟେ ଦୈତ୍ୟଙ୍କୁ ବଞ୍ଚନା କରେ ସେ ।୧୯। ଦୂରୋପବିଷ୍ଟ ଯେ ଦେବତାଗଣ । ଜରା ମୃତ୍ୟୁହାରୀ ସୁଧାପ୍ରଦାନ । ଅସୁରେ ନିଜ ପ୍ରତିଜ୍ଞା ପାଳନ । କରି ସ୍ଥିତିରେ କଲେ ଉପବେଶନ ସେ । ରମଣୀ ସଙ୍ଗେ ବିବାଦ ସେ । କରିବାର ଇଚ୍ଛା ନ ଥିଲା ଯେହେତୁ ପ୍ରଣୟେ ଥିଲେ ଆବଦ୍ଧ ସେ ।୨୦। କାଳେ ପ୍ରଣୟ ଭଗ୍ନ ହୋଇ ଯାଇ । ଏହି ଭୟେ ଭୀତ ହୋଇ ରହଇ । ମୋହିନୀଙ୍କୁ ରୂଢ଼ କଥା ନ କହି । ମୋହିନୀ ରୂପରେ ହୋଇଣ ମୋହୀ ଯେ । ଶାନ୍ତ ବସିଛନ୍ତି ଅନାଇଁ ସେ । ମୋହିନୀ କାର୍ଯ୍ୟକଳାପ ଦେଖେ ବସି ଅମୃତେ ତୁଚ୍ଛ ମଣଇ ସେ ।୨୧। ରାହୁ ଦେବଚିହ୍ନ କରି ଧାରଣ । ପ୍ରଚ୍ଛନ୍ନଭାବେ ଦେବସଭା ସ୍ଥାନ । ପ୍ରବେଶି ଅମୃତ କରଇ ପାନ । ଚନ୍ଦ୍ର ସୂର୍ଯ୍ୟ ତାଙ୍କୁ ଦେଖାଏ ପୁଣ ସେ । ହରି ତା ଶିରଚ୍ଛେଦନ ଯେ । ଚକ୍ର-ଦ୍ୱାରା କରିଦେଲେ ସେହିକ୍ଷଣ ଦ୍ୱିଖଣ୍ଡେ ହେଲା ପତନ ସେ ।୨୨। ଅମୃତ

ସ୍ୱର୍ଗ ପ୍ରଯୁକ୍ତ ଅସୁର । ବ୍ରହ୍ମା ତାଙ୍କୁ ଗ୍ରହ କଲେ ନକର । ବୈରବୁଦ୍ଧିରେ ଅଦ୍ୟାପି ଗ୍ରାସଇ । ଚନ୍ଦ୍ର ସୂର୍ଯ୍ୟ ପ୍ରତି ଧାବିତ ହୋଇ ସେ । ଦେବତା ଅମୃତ ପାନ ସେ । ନିଃଶେଷ କରଲେ ଭଗବାନ ହରି ସ୍ୱରୂପ କଲେ ଗ୍ରହଣ ସେ । ୨୩ । ଅସୁରେ ଦେଖିଣ ମଣେ ଅଭୂତ । ଫଳଟି ଲଭିଲେ ସେ ବିପରୀତ । ଦେବତାଙ୍କ ସଙ୍ଗେ ଶ୍ରମ ସମାନ । ଦେଶକାଳ ହେତୁ ଅର୍ଥାଦି ପୁଣ ସେ । ଫଳ ହୋଇଗଲା ଭିନ୍ନ ସେ । ଦେବେ ଭଗବାନ ପଦାଶ୍ରୟ ହେତୁ ଫଳ ପାଇଲେ ପ୍ରଧାନ ସେ । ୨୪ । ମନୁଷ୍ୟ ଈଶ୍ୱର ଭିନ୍ନ ଭାବଣ । ପ୍ରାଣ ଧନ କର୍ମ ମନ ବଚନ । କର୍ମ୍ମ କରଇ ଦେହାଦି ନିମିତ୍ତ । ଭେଦାଶ୍ରୟ ହେତୁ ହୁଅଇ ବ୍ୟର୍ଥ ସେ । ହରି ଉଦ୍ଦେଶ୍ୟାନୁଷ୍ଠାନ ସେ । ମଙ୍ଗଳ ଫଳ ତ ନିଶ୍ଚୟ ମିଳଇ କଦାପି ନୁହଇ ଆନ ସେ । ୨୫ । ବୃକ୍ଷର ମୂଳରେ ଜଳସେଚନ । ଶାଖା ପଲ୍ଲବାଦି କରେ ଗ୍ରହଣ । ଅନନ୍ତ ବିଶ୍ୱର ଯେ ଆଦିମୂଳ । ତାଙ୍କୁ ଯାହା ଦେବ ପାଏ ସକଳ ସେ । ଏହି ବିଶ୍ୱ ଚରାଚର ହେ । ନ ବୁଝି ଏ ତତ୍ତ୍ୱ ବଇକୁଣ୍ଠ ସ୍ଥାନ ହୋଇଗଲା ନାରଖାର ସେ । ୨୬ ।

$\frac{୧୦୮}{୨୯}$ ଛାନ୍ଦ

ମୋହିନୀ ଦର୍ଶନେ ଶିବ ମୋହପ୍ରାପ୍ତି ।

ରାଗ—ବଙ୍ଗଳାଶ୍ରୀ ।

ସାଧୁ ସଂରକ୍ଷଣ ବ୍ରତଧାରୀ ହରି ସାଧୁମଙ୍ଗଳସାଧକ । ସାଧୁପ୍ରତି ଅତ୍ୟାଗ୍ରହୀ ଅସାଧୁଙ୍କୁ କରି ଦିଅଇ ବିମୁଖ । ୧ । ସେହି କୃଷ୍ଣପାଦେ ଦଣ୍ଡବତ ସେବା କରୁଥିବା ନିରନ୍ତର । ତାହାର ସମ୍ପର୍କ ଅଛଇ ଯହିଁରେ ଗାଉଥିବା ବାରମ୍ବାର । ୨ । ମୋହିନୀ ଦର୍ଶନେ ଶିବ ମୋହପ୍ରାପ୍ତି କହିବା ଏବେ ଗାୟନ । ଦୈତ୍ୟଙ୍କୁ ବିମୁଖ କରାଇ କୌଶଳେ ଦେବେ କଲେ ସୁଧାପାନ । ୩ । ଦେବଙ୍କ ସୌଭାଗ୍ୟ ଦେଖି ନ ପାରିଣ ଦୈତ୍ୟେ ହେଲେ କ୍ରୋଧାନ୍ୱିତ । ନିଜେ ନିଜେ ଅସ୍ତ୍ର ଶସ୍ତ୍ର ଧାରଣରେ ସଂଗ୍ରାମେ ହେଲେ ଉଦ୍ୟତ । ୪ । ଦେବାସୁର ଯୁଦ୍ଧ ହୋଇଲା ପ୍ରବଳ ରୋମହର୍ଷଣ ବ୍ୟାପାର । ଅମୃତପାନରେ ଅତି ବଳବାନ

ହୋଇ ଯାଇଛନ୍ତି ସୁର । ୫ । ଅସୁରେ ପ୍ରବଳେ କଲେ ମହାଯୁଦ୍ଧ ପରାକ୍ରମ
ବାରବାର । ତଥାପି ଯୁଦ୍ଧରୁ ନିବର୍ତ୍ତି ନୁହନ୍ତି ଦେବେ କଲେ ହରବର । ୬ ।
ଦେବଙ୍କ ସହାୟ ସ୍ୱୟଂ ନାରାୟଣ ଗରୁଡ଼ବାହନେ ଆସି । ଦେବଙ୍କୁ ସାହାଯ୍ୟ
କରନ୍ତି ଅଧିକେ ଦେବେ ହୋଇଲେ ସାହସୀ । ୭ । ଅନେକ ଅସୁରେ
ହସ୍ତପଦ ଉରୁ ଶିର ସ୍କନ୍ଧ ଆଦି ଭଗ୍ନ । ହୋଇ ପଡ଼ିଗଲେ କେତେ ପଳାଇଲେ
ଭୟେ ହୋଇଥାଇ ମଗ୍ନ । ୮ । ନମୁଚି ନାମରେ ମହାସୁର ଥିଲା କରିଲା ମହା
ସମର । ଇନ୍ଦ୍ରପ୍ରତି ମହା କୋପାନ୍ୱିତ ହୋଇ କ୍ଷେପେ ନାନା ତୀକ୍ଷ୍ଣଶର । ୯ ।
ବଜ୍ରଧର ବଜ୍ର ପ୍ରହାର କରନ୍ତେ କିଛି ନୋହିଲା ତାହାର । ଅତି ଚିନ୍ତାନ୍ୱିତ
ହୋଇଣ ଭାବନ୍ତି ମନେ ମନେ ସୁନାଶିର । ୧୦ । ଏହି ସମୟରେ ଅଶରୀରୀ
ବାଣୀ ଇନ୍ଦ୍ରେ ସମ୍ବୋଧି କହିଲ । ଶୁଷ୍କ ଆର୍ଦ୍ରବସ୍ତୁ ଦ୍ୱାରା ଏ ଦାନବ କଦାଚିତ
ନ ମରଇ । ୧୧ । ମୁଁ ଦେଇଛି ବର ଶୁଷ୍କ ଆର୍ଦ୍ରଦ୍ରବ୍ୟେ କଦାପି ମରିବ ନାହିଁ ।
ଏହା ସହାରଣେ ଅନ୍ୟୋପାୟ ଇନ୍ଦ୍ର ଉଦ୍ଭାବନ କର ତୁହି । ୧୨ । ଏହି
ବାଣୀ ଶୁଣି ସଯତ୍ନ ଚିତ୍ତରେ ଇନ୍ଦ୍ର କରଇ ଚିନ୍ତନ । ବୁଦ୍ଧି କୌଶଳରେ ଭାବି
ସ୍ଥିରକଲେ ଉଭୟ ନୁହଇ ଫେନ । ୧୩ । ଫେନ ଆଣି ଇନ୍ଦ୍ର ନମୁଚିର ଶିର
ବେଗେ କଲେ ଛେଦନ । ଅନ୍ୟାନ୍ୟ ଦାନବେ ବେଢ଼ିଗଲେ ଦେବେ ବାଣ
କଲେ ବରଷଣ । ୧୪ । ବ୍ରହ୍ମା ନାରଦଙ୍କୁ ଦେବତାଙ୍କ ପାଶେ ଶୀଘ୍ର କଲେ
ପ୍ରେରଣ । ନାରଦ ଦାନବ ବିନାଶ ଦର୍ଶନେ ଦେବଙ୍କୁ କହେ ବଚନ । ୧୫ ।
ନାରାୟଣଙ୍କର ଭୁଜବଳାଶ୍ରୟେ କରିଲ ଅମୃତପାନ । କମଳାରଂ କୃପାକଟାକ୍ଷେ
ସକଳେ ବୃଦ୍ଧି ପାଇଲ ଏକ୍ଷଣ । ୧୬ । ଯୁଦ୍ଧରୁ ବିରତ ହୁଅ କହିବାରୁ
ରୁଷିବାକ୍ୟେ ଦେବଗଣ । କ୍ରୋଧବେଗ ସର୍ବେ କରି ସମ୍ବରଣ ସ୍ୱର୍ଗକୁ କଲେ
ଗମନ । ୧୭ । ଅନୁଚରବର୍ଗ ଗୁଣ ଗାନକରି କରିଲେ ଅନୁଗମନ । ନାରଦ
ବାକ୍ୟରେ ଅବଶିଷ୍ଟ ଦୈତ୍ୟେ ତକ୍ଷଣେ କଲେ ପ୍ରସ୍ଥାନ । ୧୮ । ଶୁକ୍ରାଚାର୍ଯ୍ୟ
ଆସି ସଞ୍ଜୀବନୀ ବିଦ୍ୟାବଳେ କରିଲେ ଜୀବିତ । ଶୁକ୍ର କରିଲାଗି ବଳ ଆଦି
ଦୈତ୍ୟେ ହେଲେ ବଳାଦି ବର୍ଦ୍ଧିତ । ୧୯ । ମୋହିନୀ ରୂପରେ ଅବତାର
ହୋଇଥିଲେ ହରି ହର ଶୁଣି । ସେହିରୂପ ସନ୍ଦର୍ଶନାର୍ଥି ଉଦ୍‌ବିଗ୍ନ ହୋଇ
ଆସେ ତତକ୍ଷଣି । ୨୦ । ହର ପାର୍ବତୀଙ୍କୁ ଦେଖିଣ ଶ୍ରୀହରି କଲେ ଅଭ୍ୟର୍ଥନା
ଅତି । ହର ପ୍ରତିପୂଜା କରିଣ କୃଷ୍ଣଙ୍କୁ କହେ ଦୂରକରି ଭ୍ରାନ୍ତି । ୨୧ । ଆହେ
ଦେବଦେବ ଜଗଦ୍‌ବ୍ୟାପୀ ହରି ଜଗନ୍ମୟ ଜଗଦୀଶ । ତୁହି ସର୍ବ ଆତ୍ମା କାରଣ

ଈଶ୍ୱର ବ୍ରହ୍ମସ୍ୱରୂପ ସଦୃଶ । ୨୨ । ଏ ବିଶ୍ୱର ଆଦି ମଧ୍ୟ ଅନ୍ତଃ ହେଉ ଯୋଗ୍ୟ ଭୋକ୍ତା ଦ୍ରଷ୍ଟା ଦୃଶ୍ୟ । ନାହିଁ ତୋର ଆଦି ମଧ୍ୟ ଅନ୍ତଃ ସତ୍ୟସ୍ୱରୂପ ବ୍ରହ୍ମ ପ୍ରକାଶ । ୨୩ । ସୁଖବିରାଗୀ ଯେ ମଙ୍ଗଳକାମୀଏ ମୁନିଗଣ ଇହକାଳେ । ଆସକ୍ତି ଛାଡ଼ିଣ ତୋ ପାଦକମଳ ପୂଜା କରୁଥାନ୍ତି ବଳେ । ୨୪ । ତୁହି ପୂର୍ଣ୍ଣ ସୁଖସ୍ୱରୂପ ତୁ ନିତ୍ୟ ଆନନ୍ଦମୟ ନିର୍ଗୁଣ । ନିର୍ବିକାର ଶୋକବିହୀନ ବ୍ରହ୍ମ ତୁ ନାହିଁ ତୋଠାରୁ ପ୍ରଧାନ । ୨୫ । ଅଥଚ ସର୍ବାତିରିକ୍ତ ବିଶ୍ୱ ସୃଷ୍ଟି ସ୍ଥିତି ଲୟର କାରଣ । ଆତ୍ମାର ଈଶ୍ୱର ବିଶ୍ୱ ମୁଖାପେକ୍ଷୀ ନିରପେକ୍ଷ ତୁହି ପୁଣ । ୨୬ । ଏକମାତ୍ର ସ୍ୱର୍ଣ୍ଣ ଅଲଙ୍କାର ହୋଇ ନାନାରୂପ ନାମେ ଖ୍ୟାତ । ଏକମାତ୍ର ତୁହି କାର୍ଯ୍ୟ କାରଣର ପରଣତେ ଭିନ୍ନ ମତ । ୨୭ । ପ୍ରକୃତରେ ତୋର ନାହିଁ ଭେଦ କିଛି ଉପାଧିଶୂନ୍ୟ ତୁ ହୋଇ । କିନ୍ତୁ ଗୁଣସଙ୍ଗେ ସମ୍ବନ୍ଧ ଥିବାରୁ ଭେଦକଳ୍ପିତ ହୁଅଇ । ୨୮ । ବୈଦାନ୍ତିକ ତୋତେ ବ୍ରହ୍ମ ବୋଲି କହେ ମୀମାଂସକ କର୍ମ କହି । ସାଂଖ୍ୟ ଯେ ପୁରୁଷ ପ୍ରକୃତିରୁ ଭିନ୍ନ ପରମ ପୁରୁଷ ଧ୍ୟାୟି । ୨୯ । ପଞ୍ଚରାତ୍ର କହେ ନବଶକ୍ତିଯୁକ୍ତ ପରପୁରୁଷ ସାକ୍ଷାତ । ପାତଞ୍ଜଳ ଅବିନଶ୍ୱର ସ୍ୱାଧୀନ ମହାପୁରୁଷ ତୁହି ତ । ୩୦ । ବ୍ରହ୍ମା ମରୀଚ୍ୟାଦି ଋଷିଗଣ ମୁହିଁ ସତ୍ତ୍ୱଗୁଣଦ୍ୱାରା ସୃଷ୍ଟ । ତୋ ମାୟାମୋହିତ ତେଣୁ ହେଉ ସୃଷ୍ଟି ବୁଝିପାରୁନାହିଁ ସ୍ପଷ୍ଟ । ୩୧ । ଦୈତ୍ୟ ମନୁଷ୍ୟାଦି ଜୀବଗଣ କାହିଁ ବୁଝିବାକୁ ହେବେ କ୍ଷମ । ସେମାନଙ୍କ ବୃତ୍ତି ଉତ୍ପତ୍ତି ହୋଇଛି ଗୁଣଦ୍ୱୟ ରଜସ୍ତମ । ୩୨ । ପ୍ରାଣୀଗଣଚେଷ୍ଟା ଅଟୁ ନାଥ ତୁହି ବିଶ୍ୱ ସୃଷ୍ଟି ସ୍ଥିତି ନାଶ । ସଂସାର ବନ୍ଧନ ମୋକ୍ଷ ଆଦି ସର୍ବ ଜାଣୁ ତୁ ମହାପୁରୁଷ । ୩୩ । ପବନ ଯେସନ ଚରାଚର ଦେହସମୂହ ଆକାଶ ପୁଣ । ବ୍ୟାପି ରହିଅଛି ତୁ ଆତ୍ମାସ୍ୱରୂପ ସର୍ବ ବ୍ୟାପିଛୁ ତେସନ । ୩୪ । ତୁ ଜ୍ଞାନସ୍ୱରୂପ ତେଣୁ ସମସ୍ତଙ୍କ ଆତ୍ମା ଅଟୁ ମହେଶ୍ୱର । ଗୁଣ ଗ୍ରାମ ସଙ୍ଗେ କ୍ରୀଡ଼ା କରିବାକୁ ହେଉ ନାନା ଅବତାର । ୩୫ । ସମୁଦ୍ରାୟ ମୁହିଁ ଦର୍ଶନ କରଇ ରମଣୀ ରୂପ ଧାରଣ । ଦେଖି ନ ଥିବାରୁ ଇଚ୍ଛା କରୁଅଛି କର ନାଥ ତା ପୂରଣ । ୩୬ । ଯେ ରୂପର ଦ୍ୱାରା ଦୈତ୍ୟେ ମୋହ କରି ଦେବଙ୍କୁ ଅମୃତପାନ । କରାଇଲୁ ନାଥ ସେ ରୂପ ଦର୍ଶନ ପାଇଁ ଆସିଛୁଁ ଏ ସ୍ଥାନ । ୩୭ । ଦେଖିବାକୁ ଅତିଶୟ କୌତୁହଳ ଜନ୍ମିଛି ହୃଦେ ଆମ୍ଭର । ମୋ ଦର୍ଶନ ପାଇଁ ଆଉ ଥରେ ମାତ୍ର ସେ ରୂପ ଧାରଣ କର । ୩୮ । ଶୂଳପାଣୀ ଏହିରୂପରେ ପ୍ରାର୍ଥନା କରିବାରୁ ଭଗବାନ । ହୃଦଭିବାବେଗେ ଗମ୍ଭୀର

ହାସ୍ୟରେ ଗିରିଶେ କହେ ବଚନ ।୩୯। ଅମୃତର ପାତ୍ର ଅପହୃତ ହେଲା ଦେବକାର୍ଯ୍ୟ ସିଦ୍ଧି ପାଇଁ । ସ୍ତ୍ରୀ ମୂର୍ତ୍ତିଧାରଣ ଆବଶ୍ୟକ ବୋଧେ ହୋଇଥିଲି ଦିନା ମୁହିଁ ।୪୦। ଦୈତ୍ୟଙ୍କର କୌତୂହଳ ଉତ୍ପାଦନେ ସେରୂପ କଲି ଧାରଣ । ଆହେ ଦେବ ଦେବ ତୋହର ବାସନା ହୋଇବ ନିଶ୍ଚେ ପୂରଣ । ୪୧ । ସେ ମୂର୍ତ୍ତି ମୋହର କାମ ଉଦ୍ଦୀପକ କାମୁକ କରେ ଆଦର । ଏହିକଥା କହି ତକ୍ଷଣ ସେଠାରୁ ଅନ୍ତର୍ଦ୍ଧାନ ପରାତ୍ପର । ୪୨ । ମହେଶ ପାର୍ବତୀସନ୍ନିଧାନେ ଥାଇଁ ଗୃହଦିଗକୁ ଅନାଇଁ । କିଞ୍ଚିତ୍‌କ୍ଷଣପରେ ଏକ ଉପବନେ କାମିନୀଟିଏ ଦେଖଇ । ୪୩ । ପରମାସୁନ୍ଦରୀ ଅଟେ ସେ କାମିନୀ ହସ୍ତେ କନ୍ଦୁକ ଧାରଣ । କରିଣ କୌତୁକେ ଖେଳେ ଉପବନେ ଶିବ କରିଲେ ଦର୍ଶନ । ୪୪ । ତାହାର ନିତମ୍ବ ଦୁକୂଳ ଆବୃତ ମେଖଳାବେଷ୍ଟିତ ହୋଇ । ହୁଏ କନ୍ଦୁକର ଉତ୍‌କ୍ଷେପଧାରଣେ ଅଙ୍ଗ ଆନ୍ଦୋଳିତ ତହିଁ । ୪୫ । ତହିଁରେ ତାହାର ଉଚ୍ଚକୁଚଦ୍ୱୟ କମ୍ପିତ ହୁଅଇ ଅତି । ସେହି ସ୍ତନଦ୍ୱୟ ଉଲ୍ଲଷ୍ଟ-ମାଳାରେ ଉର ଦେଶରେ ଶୋଭନ୍ତି । ୪୬ । ପ୍ରତି ପଦକ୍ଷେପେ ଅତିକ୍ଷୀଣକଟୀ ଯେସନ ଭାଙ୍ଗିକି ପଡ଼େ । କୋମଳ ଲତାଟି ସ୍ତନ ଫଳଭରେ ଦୋହଲି ପଡ଼େକି ତଳେ । ୪୭ । ଏହିଭାବେ ସେହି ତ୍ରିପୁରମୋହିନୀ ଏକସ୍ଥାନୁଁ ଅନ୍ୟସ୍ଥାନ । ଚରଣକମଳ ଚାଳନ କରିଣ ତହିଁ କରଇ ଭ୍ରମଣ । ୪୮ । କନ୍ଦୁକଟି ନାନା ଦିଗକୁ ଭ୍ରମଣ କରଇ ସେହି ହେତୁରେ । ତାହାର ସୁଦୀର୍ଘନୟନତାରକା ଚଞ୍ଚଳ ହୋଇଣ ଖେଳେ । ୪୯ । ସୁନ୍ଦର ଶ୍ରବଣଯୁଗଳେ କନକକୁଣ୍ଡଳ ହୋଇ ଶୋଭନ । ତଦ୍ଦ୍ୱାରା କପୋଳଦ୍ୱୟର ଯେ କାନ୍ତି ହୁଅଇ ଅତି ବର୍ଦ୍ଧନ । ୫୦ । ସେହି କମନୀୟ କପୋଳ ଦ୍ୱୟରେ ପୁନଶ୍ଚ କୃଷ୍ଣବରନ । ଅଳକ ଦାମରେ ତା ମୁଖମଣ୍ଡଳ ମଣ୍ଡିତେ ଅତି ଶୋଭନ । ୫୧ । ଦୁକୂଳ କବରୀ ଶ୍ଳଥ ହୋଇ ପଡ଼େ ମୋହିନୀ ବାମହସ୍ତରେ । ଦୁକୂଳ କବରୀ ଧରି ଅନ୍ୟ ହସ୍ତେ କନ୍ଦୁକ ତାଡ଼ନ କରେ । ୫୧ । ନିଜମାୟାଦ୍ୱାରା ବିଶ୍ୱ ବିମୋହିତ କରୁଅଛଇ ମୋହିନୀ । ଲଜ୍ଜାଜନିତ ମୃଦୁହାସ୍ୟେ କଟାକ୍ଷ ନିକ୍ଷେପ କରିଣ ପୁଣି । ୫୨ । ମହାଦେବ ସେହି କଟାକ୍ଷ ପାତରେ ହୋଇଣ ଗଲେ ମୋହିତ । ହତବୁଦ୍ଧି ହୋଇ ଅନିମେଷନେତ୍ରେ ଗୃହିଁ ହୋଇ ସ୍ତମ୍ଭୀଭୂତ । ୫୩ । କାମିନୀ ତାହାଙ୍କୁ କଟାକ୍ଷ ନିକ୍ଷେପି ମୋହ ବର୍ଦ୍ଧନ କରଇ । ତହିଁରେ ପାର୍ଶ୍ୱସ୍ଥ ଉମାଙ୍କୁ ଶିବ ଏକାବେଳେ ଭୁଲିଯାଇ । ୫୪ ।

ଥରେ ; ସେ କନ୍ଦୁକ କାମିନୀର ହସ୍ତୁଁ ଦୂରକୁ କଲା ଗମନ । କାମିନୀ କନ୍ଦୁକ ଧାରଣ ପାଇଁକି ପଛେ କରଇ ଧାବନ । ୫୫ । ସମୀରଣ ତାର କାଞ୍ଚିଦାମବାସ ତତ୍କ୍ଷଣେ କଲା ହରଣ । ମହେଶ୍ୱର ଏକଦୃଷ୍ଟେ ଗୃହିଁ ରହି ବ୍ୟାପାର କଲେ ଦର୍ଶନ । ୫୬ । ରୁଚିର ଅପାଙ୍ଗୀ ମନୋରମାନାସୀ ବଙ୍କିମ ନେତ୍ର ଦର୍ଶନ । କରଣେ ମହେଶ ଯୋଗୀପ୍ରବରଙ୍କ ବିଜ୍ଞାନ କଲେ ହରଣ । ୫୭ । ଶିବଙ୍କର ମନ ତତ୍ ପ୍ରତି ଏକାନ୍ତ ଆସକ୍ତ ହୋଇ ପଡ଼ଇ । ଦାରୁଣମଦନଶରେ ନିପୀଡ଼ିତ ହୋଇଗଲେ ଉମାସାଇଁ । ୫୮ । ଉମାସମକ୍ଷରେ ଲଜ୍ଜ୍ୟାତ୍ୟାଗ କରି ମୋହିନୀ ନିକଟେ ଯାଇଁ । କାମିନୀ ଉଲଙ୍ଗ ହୋଇପଡିଛନ୍ତି ମହାଦେବଙ୍କୁ ଅନାଇଁ । ୫୯ । ଅତ୍ୟନ୍ତ ଲଜ୍ଜିତା ହୋଇଣ ତଥାପି ହସି ହସିଣ ପଳାଇ । ଭବଙ୍କ ଇନ୍ଦ୍ରିୟବର୍ଗ ଉନ୍ମତ୍ତ କାମେ ବଶୀଭୂତ ହୋଇ । ୬୦ । ଯୂଥପତି ଯେସନେ କରଣୀ ପଶ୍ଚାତେ ଉନ୍ମତ୍ତେ ହୁଏ ଧାବିତ । ସେହିମତ ସେହି ବରଲଲନାର ପଛରେ ହେଲେ ଗମିତ । ୬୧ । ଅତିବେଗେ ଅନୁଗମନ କରଲେ ନିକଟବର୍ତ୍ତୀ ହୋଇଣ । ରମଣୀର ଇଚ୍ଛା ନଥିଲେହେଁ ତାର କବରୀ କରି ଧାରଣ । ୬୨ । ନିଜ ନିକଟକୁ ଆକର୍ଷଣ କରି ସ୍ୱକୀୟ ଭୁଜ ଯୁଗଳେ । ଆଲିଙ୍ଗନ କରି ପକାନ୍ତି ଭୂଷିତ ଅତ୍ୟନ୍ତ କାମ ବହ୍ନିଲେ ।୬୩। ହସ୍ତିନୀକୁ ହସ୍ତୀ ଆଲିଙ୍ଗନ ଯେସନେ କରଇ ଶିବ ତେସନ । ଆଲିଙ୍ଗନ କଲେ କରଣେ ଛାଡ଼ନ୍ତି ନ ଛାଡ଼ନ୍ତି କଦାଚନ ।୬୪। ବାମା ଇତସ୍ତତଃ ବିଚଳିତ ହୋଇ ଅତି ଘୃଷ୍ଟ ପିଷ୍ଟ ହୋଇ । ତହିଁରେ ତାହାର କେଶ-ପାଶ ସର୍ବ ଆଲୁଲାୟିତ ହୁଅଇ ।୬୫। ତଦନ୍ତେ ଶିବଙ୍କ ବାହୁଦ୍ୱୟରୁ ସେ ଆପଣାକୁ କରି ମୁକ୍ତ । ନାରାୟଣୀ ବନିତା ନିତମ୍ବିନୀ ମାୟାଂରେ ହେଲେ ଧାବିତ । ୬୬ । ବୈରନିର୍ଯ୍ୟାତନବାସନାରେ ସ୍ମର କରଲାବ ପରାଜିତ । ଊର୍ଦ୍ଧ୍ୱରେତ ମହାଦେବଙ୍କ ଅମୋଘବୀର୍ଯ୍ୟ ହୋଇଲା ସ୍ଖଳିତ । ୬୭ । ଯେଉଁ ଯେଉଁ ସ୍ଥାନେ ସେ ବୀର୍ଯ୍ୟ ପଡ଼ିଲା ହୋଇଗଲା ସେହିସ୍ଥାନ । ସ୍ୱର୍ଣ୍ଣ ରୌପ୍ୟମୟ ଭୂମି ସ୍ୱଭା-ବତଃ ଅଦ୍ୟାପି ପ୍ରକାଶବାନ ।୬୮। ନଦୀ ସରୋବର ପର୍ବତ କାନନ ଉପବନ ଆଦି ସ୍ଥାନ । ଋଷିସ୍ଥାନ ଯହିଁ ମହାଦେବ ତହିଁ ମୋହିନୀ ପଛେ ଧାବନ । ୬୯ । ରେତର ସ୍ଖଳନ ହୁଅନ୍ତେ ସେ ଶିବ ବୁଝି ପାରଲେ ସେକ୍ଷଣ । ଜଡ଼ୀଭୂତ ତାଙ୍କୁ କଲା ଦୈବୀମାୟା ତେଣୁ ସେ ହେଲେ ଅଜ୍ଞାନ । ୭୦ । ମୋହରୁ ନିବୃତ୍ତ ହୋଇଲେ ଜାଣନ୍ତି ମହାତ୍ମ୍ୟ ନାରାୟଣର । ମାୟାରେ

ମୋହିତ ହେବାର ସେ ଶିବ ନ ମଣିଲେ ଚମତ୍କାର । ୭୧ । ଅପ୍ରସ୍ତୁତ କମ୍ପା ଲଜ୍ଜିତ ନୋହିଲେ ଦେଖିଣ ମଧୁସୂଦନ । ସାତିଶଯ୍ୟ ପ୍ରୀତ ହୋଇଣ ପୁରୁଷ ରୂପ କରଲେ ଧାରଣ । ୭୨ । କହିଲେ ହେ ଦେବଶ୍ରେଷ୍ଠ ତୁ ମୋହର ନାରୀରୂପିଣୀ ମାୟାରେ । ମୋହିତ ହୋଇଣ ଯାହା ଯାହା କଲୁ ତାହା ତୋ ନିଜ ଇଚ୍ଛାରେ । ୭୩ । ଏକ୍ଷଣ ଆପଣା ପ୍ରକୃତି ଭାବରେ ସୁସ୍ଥିର ଚିତ୍ତ ଯା ହୋଇ । ଅତିଶଯ୍ୟ ସୌଭାଗ୍ୟର ସେ କ୍ଷିପ୍ର ଅନ୍ୟକେ କରି ପାରଇ । ୭୪ । ମୋ ମାୟାରେ ବଶୀଭୂତ ହେଲେ ପ୍ରାଣୀ ଏକବାରେ ନଷ୍ଟ ହୋଇ । ଦୁରତ୍ୟୟା ମାୟା ଜିଣିବାକୁ କେହି ତୋର ବିନା ଆନ ନାହିଁ । ୭୫ । ନାନାମତେ ହରି ଶିବଙ୍କୁ ପ୍ରଶଂସା କରି କରଲେ ସମ୍ମାନ । ଶିବ ଶିବପତି ସହିତ ପ୍ରଭୁଙ୍କୁ କରିଲେକ୍ଟି ପ୍ରଦକ୍ଷିଣ । ୭୬ । ପ୍ରମଥଗଣଙ୍କ ସହିତରେ ଶିବ ଉମାଙ୍କୁ ଘେନି ସଦନ । ଗଲେ ଗଲେ ତହୁଁ ସେ ମାୟାରୂପିଣୀ ଉମାଙ୍କୁ କହେ ବଚନ । ୭୭ । ଦେଖିଲତ ପ୍ରିୟେ ! ପରମ ଦେବତା ମାୟାର ଗୁଣ କେସନ । ସମସ୍ତ ମାୟାର ଅଧୀଶ୍ୱର ମୁହିଁ ମୋତେ କରିଲା ମୋହନ । ୭୮ । ଯାହାଙ୍କର ଚିତ୍ତ ଅବଶ ଅଟଇ କେବେହେଁ ନୋହିବେ ମୋହିତ । ଯାହାଙ୍କର କଥା ପ୍ରଶ୍ନ କରିଥିଲୁ ସେ ପୁରୁଷ ଏ ସାକ୍ଷାତ । ୭୯ । କାଳଦେବ ଯାର ମହିମା ନିର୍ଣ୍ଣୟ କେବେ କରି ନ ପାରନ୍ତି । ସମୁଦ୍ରମନ୍ଥନେ କୂର୍ମ୍ମରୂପୀ ପୃଷ୍ଠେ ମହାମେରୁ ଧରିଛନ୍ତି । ୮୦ । ବଳ ବିକ୍ରମାଦି କେ ବର୍ଣ୍ଣିବ ତାର ଅଟେ ଅପାର ଅଗମ୍ୟ । କୀର୍ତ୍ତନ ଶ୍ରବଣେ ଏକଥା ତାହାର ଭଗ୍ନ ନୁହଇ ଉଦ୍ୟମ । ୮୧ । ସକଳ କ୍ଲେଶର ନାଶକାରୀ ଏକା ତାର ଗୁଣାନୁକୀର୍ତ୍ତନ । ତା ପଦ ଆଶ୍ରୟେ ସମୁଦ୍ରମନ୍ଥନେ ଦେବେ କଲେ ସୁଧାପାନ । ୮୨ । ସେହି ଭଗବାନେ ଭକ୍ତି ପୁରଃସର କରଇ ମୁଁ ନମସ୍କାର । ଆଶ୍ରିତଜନର ଅଭିଳାଷ ପୂର୍ଣ୍ଣ କରେ ସେହୁ ସର୍ବେଶ୍ୱର । ୮୩ । ଅନ୍ୟ ମନ୍ୱନ୍ତର କଥାର ଗାୟନ କରିବା ଅନ୍ୟ ଛନ୍ଦରେ । ଦୀନ ବଇକୁଣ୍ଠ ପ୍ରଭୁର ଚରଣେ ନିତ୍ୟ ନମସ୍କାର କରେ । ୮୪ ।

$\frac{୧୦୯}{୩୦}$ ଛାନ୍ଦ ।

ବୈବସ୍ୱତାଦ ମନ୍ୱନ୍ତର ।

ରାଗ—ମଙ୍ଗଳ ଗୁର୍ଜ୍ଜରୀ ।

ସୂର୍ଯ୍ୟର ତନୟ ମନୁ ଶ୍ରାଦ୍ଧଦେବ ନାମ । ବର୍ତ୍ତମାନ ଛନ୍ତି ମନୁ ଅଟନ୍ତି ସପ୍ତମ । ୧ । ତାହାଙ୍କର ଦଶଗୋଟି ଅଟନ୍ତି ସନ୍ତାନ । ଇକ୍ଷ୍ୱାକୁ ଯେ ଜଗ ଧୃଷ୍ଟ ଶର୍ଯ୍ୟାତି ଯେ ପୁନ । ୨ । ନଭଷ୍ୟନ୍ତି, ନାଭାଗ, ଯେ ଦିଷ୍ଟହିଁ କରୁଷ । ପୃଷଧ୍ର ବର୍ତ୍ତମାନ ନାମ ଅଟନ୍ତି ଦଶ । ୩ । ବୈବସ୍ୱତ ମନ୍ୱନ୍ତରେ ଦେବତାହିଁ ଏହି । ଆଦିତ୍ୟ ବସୁହିଁ ରୁଦ୍ର ବିଶ୍ୱଦେବ ହୋଇ । ୪ । ମରୁଦ୍ଗଣ ଅଶ୍ୱିନୀ କୁମାରଦ୍ୱୟ ପୁଣ । ଋଭୁଗଣ ଦେବତାଏ ଏହାଙ୍କର ଜନ । ୫ । ପୁରନ୍ଦର ନାମେ ଇନ୍ଦ୍ର ଅଟଇ ବିଖ୍ୟାତ । କଶ୍ୟପ, ଅତ୍ରି, ବଶିଷ୍ଠ ପୁଣ ବିଶ୍ୱାମିତ୍ର । ୬ । ଗୌତମ, ଜମଦଗ୍ନି, ଭରଦ୍ୱାଜ ସପ୍ତର୍ଷି । କଶ୍ୟପ ଔରସେ ଅଦିତିର ଗର୍ଭେ ପଶି । ୭ । ବାମନାବତାର ହେଲେ ତ୍ରିପୁର ମୋହନ । ଆଦିତ୍ୟଗଣ କନିଷ୍ଠ ଅଟନ୍ତି ବାମନ । ୮ । ମନ୍ୱନ୍ତର ପରେ ଭବିଷ୍ୟତ ମନ୍ୱନ୍ତର । ସଞ୍ଜ୍ଞା ଛାୟା ଦୁଇ ପତ୍ନୀ ଅଟେ ସୂର୍ଯ୍ୟଙ୍କର । ୯ । ବିଶ୍ୱକର୍ମାର ଉରସ୍ଥ କନ୍ୟା ସେ ଅଟନ୍ତି । ସଞ୍ଜ୍ଞାଙ୍କୁ ବଡ଼ବା ନାମେ କେ ଅବା ଡାକନ୍ତି । ୧୦ । ସଞ୍ଜ୍ଞାର ସନ୍ତାନ ଯମ, ଯମୁନାହିଁ ପୁଣ । ଶ୍ରାଦ୍ଧଦେବ ନାମେ ଏହିପୁତ୍ର ତିନିଜଣ । ୧୧ । ଛାୟାର ସାବର୍ଣ୍ଣି ନାମେ ଏକପୁତ୍ର ହୋଇ । ତପତୀ ନାମରେ କନ୍ୟା ବିଖ୍ୟାତ ଅଟଇ । ୧୨ । ସଂବରଣ ରାଜାର ତପତୀ ଭାର୍ଯ୍ୟା ହୋଇ । ଛାୟାର ସନ୍ତାନ ଅନ୍ୟ ଶନି ସେ ଅଟଇ । ୧୩ । ଅଶ୍ୱିନୀକୁମାରଦ୍ୱୟ ସଞ୍ଜ୍ଞାର ସନ୍ତାନ । ସାବର୍ଣ୍ଣି ହୋଇବେ ଅଷ୍ଟମରେ ମନୁ ଜାଣ । ୧୪ । ନିର୍ମ୍ମୋକ ଯେ ବିରୋଜସ୍ମ ଆଦି ମନୁପୁତ୍ର । ଦେବତା ସୁତପା ବିରଜାଦି ନାମେ ଖ୍ୟାତ । ୧୫ । ଇନ୍ଦ୍ର ହେବେ ବଳି ବିରୋଚନର ନନ୍ଦନ । ହରିଙ୍କୁ ସର୍ବ ପୃଥିବୀ କରିବେ ପ୍ରଦାନ । ୧୬ । ଅତି ପ୍ରୀତ ହୋଇ ବଳଠାରେ ଭଗବାନ । ରଖିଛନ୍ତି ପାତାଳରେ କରିଣ ବନ୍ଧନ । ୧୭ । ସ୍ୱର୍ଗ ଅପେକ୍ଷା ଉତ୍କୃଷ୍ଟତର ଭୋଗ କରି । ନିଷ୍ଠିନ୍ତେ ଅଛଇ ବଳି ସେଠି ଇନ୍ଦ୍ର ପରି । ୧୮ । ଗାଲବ, ପରଶୁରାମ, କୃପ, ଦୀପ୍ତିମାନ । ଅଶ୍ୱତ୍ଥାମା, ଋଷ୍ୟଶୃଙ୍ଗ, ବେଦବ୍ୟାସ ପୁଣ । ୧୯ । ଅଷ୍ଟମ ମନ୍ୱନ୍ତରରେ ସପ୍ତର୍ଷି ହୋଇବେ ।

ତକାଶ୍ରମେ ଯୋଗାବଲମ୍ବନେ ଛନ୍ତି ଭବେ । ୨୦ । ସାବର୍ଣ୍ଣି ଏ ମନ୍ୱନ୍ତରେ ପ୍ରଭୁ ଭଗବାନ । ସାର୍ବଭୌମ ନାମରେ ସେ ହେବେ ଅବତୀର୍ଣ୍ଣ । ୨୧ । ସରସ୍ୱତୀ ଗର୍ଭେ ଦେବଗୁହ୍ୟର ଔରସେ । ସାର୍ବଭୌମ ଜାତ ହେବେ ଯିବେ ଇନ୍ଦ୍ରପାଶେ । ୨୨ । କ୍ଷମତାବଳେ ଇନ୍ଦ୍ରଙ୍କୁ ଆଣିବେ ଛଡ଼ାଇ । ବଳିଙ୍କୁ ଦେବେ ଇନ୍ଦ୍ରଙ୍କୁ ତ୍ରୈଲୋକ୍ୟରସାଇଁ । ୨୩ । ଦକ୍ଷସାବର୍ଣ୍ଣି ନାମକ ମନୁ ଏ ନବମ । ବରୁଣଠାରୁ ତାହାର ହୋଇବ ଉତ୍ପତ୍ତି । ୨୪ । ଭୂତକେତୁ, ଦୀପ୍ତିକେତୁ ଆଦି ତାର ପୁତ୍ର । ଏହି ମନ୍ୱନ୍ତରେ ଇନ୍ଦ୍ର ନାମଟି ଅଦ୍ଭୁତ । ୨୫ । ପାର ମରୀଚି-ଗର୍ଭ ମନୁ ସୁତ ଅଟନ୍ତି । ଦ୍ୟୁତିମାନ ଆଦି ସପ୍ତର୍ଷି ହେବେ ଖ୍ୟାତ ।୨୬। ଆୟୁଷ୍ମାନ ଔରସରେ ଅମ୍ବୁଧାରା ଗର୍ଭେ । ଋଷଭ ନାମେ ଶ୍ରୀହରି ଅବତୀର୍ଣ୍ଣ ଶୁଭେ । ୨୭ । ଋଷଭ ଅଦ୍ଭୁତନାମା ଇନ୍ଦ୍ରେ ତ୍ରିଭୁବନ । ଭୋଗ କରାଇବେ ପ୍ରଭୁ ହୋଇ ସୁପ୍ରସନ୍ନ ।୨୮। ଦଶମେ ବ୍ରହ୍ମ ସାବର୍ଣ୍ଣି ମନୁ ନାମ ହେବ । ଉପଶ୍ଳୋକଙ୍କର ସନ୍ତାନ ଅଟଇଟି ଧ୍ରୁବ । ୨୯ । ଉପଶ୍ଳୋକଙ୍କର ସନ୍ତାନ ହୋଇବେ ବିଷ୍ଣୁ । ଭୂରିଷେଣ ପ୍ରଭୃତି ହୋଇବେ ମନୁପୁତ୍ର । ୩୦ । ହବିଷ୍ମାନ ସୁକୃତହିଁ ସତ୍ୟ ଜୟ ମୂର୍ତ୍ତି । ପ୍ରଭୃତି ବ୍ରାହ୍ମଣଗଣ ଋଷିନାମେ ଖ୍ୟାତ । ୩୧ । ସୁବାସନ ଅବିରୁଦ୍ଧ ଦେବତାଏ ହେବେ । ସେମାନଙ୍କ ଇନ୍ଦ୍ର ଶମ୍ଭୁ ନିଶ୍ଚୟ ହୋଇବେ । ୩୨ । ବିଶ୍ୱସୃଷ୍ଟା ଗୃହେ ବିସୂଚୀର ଗର୍ଭେ ହରି । ଅଂଶାଂଶରେ ବିଷ୍ୱକ୍ସେନ ନାମେ ଅବତରି ହେ । ୩୩ । ଶମ୍ଭୁସଙ୍ଗେ ସଖ୍ୟ ବଡ଼ କରିବେ ଗୋସାଇଁ । ଏକାଦଶ ମନୁ ଧର୍ମସାବର୍ଣ୍ଣି ଅଟଇ । ୩୪ । ସତ୍ୟ, ଧର୍ମ ପ୍ରଭୃତି ତା ଦଶଟି ସନ୍ତାନ । ସେହି ମନ୍ୱନ୍ତରେ ହେବ ଦେବତାଙ୍କ ନାମ । ୩୫ । ବିହଙ୍ଗମ, କାଳଗମ, ନିର୍ବାଣ, ରୁଚହିଁ । ବୈଧୃତ ତାଙ୍କର ଇନ୍ଦ୍ର ହୋଇବେଟି ତହିଁ ହେ । ୩୬ । ଅରୁଣୋଦ୍ଧ ଋଷି ହେବେ ଆର୍ଯ୍ୟକ ଔରସେ । ବୈଧୃତାର ଗର୍ଭେ ହରି ଜନ୍ମ ହେବେ ଅଂଶେ ହେ ।୩୭। ରୁଦ୍ରସାବର୍ଣ୍ଣି ଦ୍ୱାଦଶ ମନୁ ତାଙ୍କ ପୁତ୍ର । ଦେବବାନ ଉପଦେବ ଦେବଶ୍ରେଷ୍ଠାଦିତ ହେ । ୩୮ । ଋତଧାମା ଇନ୍ଦ୍ର, ଦେବତା ଯେ ହରିତାଦି । ତପସ୍ୱୀ ତମୋ ମୂର୍ତ୍ତ୍ୟାଦି ଋଷିଏ ପ୍ରସିଦ୍ଧି ହେ । ୩୯ । ସତ୍ୟସହା ନାମେ ବିପ୍ରଗୃହେ ହରି ଜାତ । ସୁନୃତାର ଗର୍ଭେ ସ୍ୱଧା ନାମେ ହେବେ ଖ୍ୟାତ । ୪୦ । ଦେବସାବର୍ଣ୍ଣି ଏ ମନୁ ତ୍ରୟୋଦଶେ ଜାଣ ; ଚିତ୍ରସେନ ବିଚିତ୍ରାଦି ତାଙ୍କର ସନ୍ତାନ ହେ । ୪୧ । ସୁକର୍ମା ସତ୍ୟମା ନାମେ ହେବେ ଦେବଗଣ । ଦିବସ୍ପତି ନାମେ ଇନ୍ଦ୍ର ହୋଇବ ପ୍ରମାଣ । ୪୨ ।

ନର୍ମୈକାଦ ଋଷି ହେବେ ହର ଏକ ଅ ଶେ । ଶୂଦ୍ରଭାର ଗର୍ଭେ ଦେବହୋତ୍ରର ଔରସେ ହେ । ୪୩ । ଜନ୍ମ ହୋଇ ଇନ୍ଦ୍ରର ହୋଇବେ ସହକାରୀ । ଚତୁର୍ଦ୍ଦଶ ମନୁ ଇନ୍ଦ୍ରସାବର୍ଣ୍ଣି ବର୍ଣ୍ଣର ହେ । ୪୪ । ଉରୁଗମ୍ଭୀର ପ୍ରଭୃତି ତାହାଙ୍କର ପୁତ୍ର । ଇନ୍ଦ୍ର ଶୁଚି ଦେବତା ଯେ ଚାକ୍ଷୁଷ ପବିତ୍ର ହେ । ୪୫ । ଅଗ୍ନିବାହୁ, ଶୁଚି, ଶୁଦ୍ଧ, ମଗଧାଦ ଋଷି । ହର ଅବତୀର୍ଣ୍ଣ ବୃହଦ୍ଭାନୁ ନାମେ ଅଂଶୀ ହେ । ୪୬ । ବିନତାର ଗର୍ଭେ ସତ୍ରାୟଣର ଔରସେ । ମହାରାଜା କ୍ରିୟାକର୍ମ୍ମ ବିସ୍ତାରବେ ଶେଷେ ହେ । ୪୭ । ଚତୁର୍ଦ୍ଦଶ ମନ୍ୱନ୍ତରେ ଏକ କଳ୍ପ ହୋଇ । ସହସ୍ର ଯୁଗ ଏଥିରେ ଗଲଯାଏ ବହି । ୪୮ । ଚାରିଯୁଗ ଅବସାନେ ଶ୍ରୁତି ଲୁପ୍ତ ହୋଇ । ତପୋବଳେ ଋଷିଗଣ ଉଦ୍ଧାର କରଇ । ୪୯ । ପୁନଶ୍ଚ ସନାତନ ଧର୍ମ୍ମ ପ୍ରବର୍ତ୍ତିଇ । ମନୁଗଣ ନିଜକାଳେ ଧର୍ମ୍ମ ପ୍ରଚାରଇ । ୫୦ । ମନୁ ପୁତ୍ରଗଣ କରେ ଯୁଗାନ୍ତ ପାଳନ । ଇନ୍ଦ୍ର ତ୍ରିଲୋକ ପାଳଇ କରଣ ବର୍ଷଣ ହେ । ୫୧ । ହର ଯୁଗେ ଯୁଗେ କରେ ଧର୍ମ୍ମସଂସ୍ଥାପନ । ଜ୍ଞାନ ବିଜ୍ଞାନାଦ ଉପଦେଶ ଦିଏ ପୁନ । ୫୨ । ମରୀଚ୍ୟାଦିରୂପେ ସୃଷ୍ଟି କରଇ ସର୍ଜ୍ଜନ । ରାଜରୂପେ ଦସ୍ୟୁବଧ କରେ ଭଗବାନ ହେ । ୫୩ । କାଳରୂପୀ ହି ସମସ୍ତ କରଇ ସଂହାର । ସ୍ତବ କରନ୍ତି ତାହାଙ୍କୁ ନାନାମତେ ନର ହେ । ୫୪ । ବାମନ ଅବତାରର କଥା ମନୋରମ । ଅନ୍ୟ ଛନ୍ଦେ ଗାଇବା ତା ପୂର୍ଣ୍ଣ ହେବ କାମ ହେ । ୫୫ । ଦୀନ ବୈଷ୍ଣବ ବୈକୁଣ୍ଠ ଗତି ନ କରେ ବାସନା । ଖାଲି ବୈକୁଣ୍ଠ ଚରଣ କରୁଁ ଉପାସନା । ୫୬ ।

୧୧୦/୩୧ ଛାନ୍ଦ ।

ବାମନାବତାର ।

ରାଗ—ରସକୋଇଲି ।

କୃଷ୍ଣ ସର୍ବ୍ବ ଅବତାରର ମୂଳ । ସେ ପୁଣି ଅଟନ୍ତି ସର୍ବ୍ବାବତାର । ସେହି ଏକ ବସ୍ତୁ ହୋଇଛି ନାନା । ଆଉ କିଛି ନାହିଁ ତାଙ୍କର ବିନା ସେ । ମୂଢ଼ ଦେଖଇ

ବନ୍ଦିତ ହେ । ତତ୍ତ୍ୱଜ୍ଞାନୀଗଣ ଦେଖନ୍ତି ସ୍ୱଜ୍ଞାନେ ଏକବସ୍ତୁଟି ନିଶ୍ଚିତ ହେ ।୧। ତାର ପାଦପଦ୍ମେ ମୋ ନମସ୍କାର । ଗାଇବା ତାର ବାମନାବତାର । ଶୁଣ ବିନାମାଦି ଧର୍ମର ତ୍ରାଣ । ଚମତ୍କୃତ ହେବା କରି ସ୍ମରଣ ସେ । ଜୀବନ ହେବ ପବିତ୍ର ହେ । ତାର ଚରଣରେ ଭକ୍ତି ଜାତ ହେବ ଶିଖିବା ପ୍ରଭୁର ସ୍ତୁତି ହେ ।୨। ଦେବାସୁର ଯୁଦ୍ଧେ ଅସୁର ଜାତ । ଦେବେ ଅସ୍ତବ୍ୟସ୍ତ କଲେ ବିପତ୍ତି । ଅଦିତି ହୋଇଲେ ଅତି ଦୁଃଖିତା । ପ୍ରଭୁଙ୍କର ଦେଖି ଦୁଃଖ ଅବସ୍ଥା ସେ । ପତି କଶ୍ୟପ ସମ୍ମୁଖେ ସେ । ପଡ଼ୁଛି ଚରଣଧରି ଜଣାଇଲେ କ୍ରନ୍ଦନ କରଣ ଶୋକେ ସେ ।୩। ହେ ପ୍ରଭୁ ହେ ଦେବ ହେ ପ୍ରାଣେଶ୍ୱର । ଉଭୟ ସୁରାସୁର ତୋ କୁମର । ତୋହର ସମାନ ଦୃଷ୍ଟି ସକଳେ । ମୁଁ ହିନା ପଡ଼ିଛି ମହାବ୍ୟାକୁଳେ ହେ । ମୋ ପୁତ୍ରଙ୍କୁ ରକ୍ଷା କର ହେ । କହ ନାଥ ତାର ପ୍ରତିକାର ବେଗେ ହେଲୁଣି ସର୍ବେ ଅସ୍ଥିର ହେ ।୪। ଦୟାର୍ଦ୍ର ହୋଇଣ କଶ୍ୟପମୁନି । ଗମ୍ଭୀରସ୍ୱରେ କହନ୍ତି ସଜନି । ମୁଁ ତୋତେ କହିବି କି ପ୍ରତିକାର । ବିପନ୍ନତ୍ରାଣଙ୍କୁ ଭାବ ଅନ୍ତର ଗୋ । କରିବେ ସେ ପ୍ରତିକାର ଗୋ । ପୟୋବ୍ରତ ନାମେ ବ୍ରତ ଅଛି କର ହେବେ ସେ ତୋର କୁମର ଗୋ ।୫। ପ୍ରଭୁ ତୋ ଗର୍ଭରୁ ହେଲେ ଜନମ । କରିବୁ ତାଙ୍କ ପାଦେ ନିବେଦନ । ତୋ ପୁତ୍ରଙ୍କୁ ସେହି କରିବେ ତ୍ରାଣ । ତାଙ୍କ ବିନା ଆଉ ନାହିଁ ବିଧାନ ଗୋ । ବ୍ରତବିଧି ସବୁ ଶୁଣ ଗୋ । ବ୍ରତର ନିୟମ କହିଦେଲେ ତାଙ୍କୁ ଅଦିତି କଲେ ସାଧନ ହେ ।୬। ପୟୋବ୍ରତରତ ଅଛଇ ଶୁଣ । ନିଶ୍ଚୟ ପୁତ୍ର ହେବ ନାରାୟଣ । ବ୍ରତନିଷ୍ଠାରେ ପ୍ରଭୁ ହେଲେ ତୃପ୍ତ । କଶ୍ୟପ ଅଙ୍ଗେ ହୋଇଗଲେ ଯୁକ୍ତ ହେ । ପତି ପତ୍ନୀର ମିଳନେ ସେ । ଶୁଭକ୍ଷଣେ ପ୍ରଭୁ ଜ୍ୟୋତିରୂପେ ପଶେ ଅଦିତିଗର୍ଭେ ପ୍ରସନ୍ନେ ହେ ।୭। କଶ୍ୟପ ସର୍ବଜ୍ଞ ଜାଣନ୍ତି ସବୁ । ଉଦରମଧ୍ୟରେ ଦେଖନ୍ତି ପ୍ରଭୁ । ବାରମ୍ବାର ସ୍ତବ କରନ୍ତି ନିତ୍ୟ । ପୁନଃ ପୁନଃ କରନ୍ତି ଦଣ୍ଡବତ ସେ । ଗର୍ଭ ଦେଖନ୍ତି ନିୟତ ସେ । ଦେବ ଗନ୍ଧର୍ବାଦି କରନ୍ତି ସ୍ତୁତି ସର୍ବେ ହୋଇ ଆନନ୍ଦିତ ହେ ।୮। ଶିବ ବ୍ରହ୍ମା ଆସି କରେ ପ୍ରଣତି । ଅଦିତିଙ୍କୁ ଧନ୍ୟବାଦ ଦିଅନ୍ତି । ନିଅନ୍ତି ଅଦିତି ପାଦର ଧୂଳି । ସକଳେ ସର୍ବାଙ୍ଗେ ଛୁଅନ୍ତି ବୋଲି ସେ । ନାଚେ ଉନ୍ମତ୍ତ ଆଦର କେ । ଜନ୍ମକୁ ଅପେକ୍ଷା କରୁଛନ୍ତି ସର୍ବେ ଦିବସ ଗଣନା କରି ସେ ।୯। ହେଲା ଦଶମାସ ଦଶ ଦିବସ । ଦ୍ୱାଦଶୀ ଶୁକ୍ଳପକ୍ଷ ସିଂହମାସ । ବେଳ ହୋଇଅଛି

ଦୁଇପ୍ରହର । ପ୍ରଭୁ ହୋଇଲେ ଉଦରୁ ବାହାର ସେ । ସୁନ୍ଦର ବାମନ ମୂର୍ତ୍ତି ଯେ ।
ନାନା ଅଲଙ୍କାରେ ମଣ୍ଡିତ ଶ୍ରୀଅଙ୍ଗ ଦିବ୍ୟ ଶୋଭା ପାଉଛନ୍ତି ସେ । ୧୦ ।
ଶୃର ଆୟୁଧ ଶୃରକରେ ଶୋଭା । ଆଦିତ୍ୟ ସମାନ ଶରୀର ଆଭା । ଅଦିତୀ
ଜାଣିଲେ ଏ ବିଶ୍ୱପତି । ପାଦପଦ୍ମେ ପଡ଼ି କରିଲେ ସ୍ତୁତି ସେ । ହେ
ପ୍ରଭୋ ବିଶ୍ୱପାବନ ହେ । ରକ୍ଷାକର ନାଥ ଏ ସଙ୍କଟୁ ମୋତେ ହୋଇଅଛି ମୁଁ
ବିପନ୍ନ ହେ । ୧୧ । ବାମନ କହନ୍ତି ହେ ମାତଃ ଶୁଣ । ମୋ'ର
ଭକ୍ତଙ୍କୁ ନ ଲାଗେ କଷଣ । ସଙ୍କଟେ ପଡ଼ିଲେ ତାରଇ ମୁହିଁ । ଭକ୍ତ
ମୋହର ଅତି ପ୍ରିୟ ହୋଇ ମା । ନ ତାରିବି ବା କେସନ ଗୋ । ନ
ତାରିଲେ ମୋହଠାରୁ କେ ଜଗତେ ଅଛି ବଳ କୃତଘନ ଗୋ । ୧୨ ।
ବାମନ ତତ୍‌କ୍ଷଣେ ପାଲଟି ଗଲେ । ସାଧାରଣଜନ ଆକାର ହେଲେ ।
କଶ୍ୟପ କରିଲେ ତାଙ୍କୁ ସଂସ୍କାର । ବିଧିମତେ ଅଛି ଯେ ବ୍ୟବହାର ହେ ।
କରିଲେ ଉପନୟନ ସେ । ବ୍ରହ୍ମଚାରୀ ବେଶେ ଶୋଭାପାଇ କଲେ ବଳି ପୁରକୁ
ଗମନ ସେ । ୧୩ । ବଳିଦ୍ୱାରେ କଲେ ଶାମଗାୟନ । ବଳିଙ୍କୁ ଲାଗିଗଲା
ଉଚାଟନ । ବଳି ଅନ୍ତଃପୁରେ ମଧ୍ୟାହ୍ନେ ଥିଲା । ଛନ ଛନ ହୋଇ ଧାଇଁଆସିଲା
ସେ । ବାମନ ରୂପ ଦର୍ଶନେ ସେ । ମୁଗ୍ଧ ହୋଇଯାଇ ବିନୀତେ କହଇ
ଆସିଛ କେଉଁ କାରଣେ ହେ । ୧୪ । ହେ ବଟୋ ! ତୁମ୍ଭଙ୍କୁ ଦେବି ମୁଁ
ଦାନ । କେଉଁ ଦ୍ରବ୍ୟକୁ ତୋ ହେଉଛି ମନ । ଯାହା ମାଗିବୁ ମୁଁ ତାହା
ଦେବଇଁ । ଖାଦ୍ୟ ଧନ ରତ୍ନ ଯା ମନ ହୋଇ ହେ । ମାଗ ନ ହୋଇ
କୁଣ୍ଠିତ ହେ । ସର୍ବସ୍ୱ ମାଗିଲେ ଦେବି ମୁଁ ନିଶ୍ଚୟ ଏ ମୋହର ସତ୍ୟ
ସତ୍ୟ ହେ । ୧୫ । ମୋତେ ମାଗିଲେ ମୁଁ ହେବି ତୋ ଦାସ । ପତ୍ନୀକୁ
ମାଗିଲେ ଦେବି ଅବଶ୍ୟ । ତୋ ସମ ବ୍ରାହ୍ମଣ ପାଇବି କାହିଁ । ଦାନ
ଦେବାକୁ ମୋ ମନ ବଳଇ ହେ । କୃପା କରି ନିଅ ଦାନ ହେ । ଯାହା
ମାଗିବୁ ତୁ ଦେବଇଁ ନିଶ୍ଚୟ ଏ ମୋର ସତ୍ୟ ବଚନହେ । ୧୬ । ବାମନ
ଶୁଣିଣ ହେଲେ ହରଷ । ବୋଇଲେ ବଳି ତୁ ଅତି ପ୍ରଶଂସ୍ୟ । ନୋହିବୁ
କାହିଁକି ପ୍ରହ୍ଲାଦନାତି । ଦାନଶୌଣ୍ଡ ବୋଲି ଲଭିଛୁ ଖ୍ୟାତି ରେ । ନେବି
ତୋହଠାରୁ ଦାନ ରେ । ମୋହର ପାଦରେ ତିନିପାଦ ଭୂମି ଦିଅ ହୋଇ
ସୁପ୍ରସନ୍ନ ରେ । ୧୭ । ବଳି କହୁଅଛି ଶୁଣ ବ୍ରାହ୍ମଣ । ପିଲାବୁଦ୍ଧି ତୋର ଅଟୁ
ଅଜ୍ଞାନ । ନିଜର ଲାଭାଲାଭ ଜ୍ଞାନ ନାହିଁ । ସେହି ହେତୁ ତୁ ତ ଏମନ୍ତ କହି

ହେ । ମାଗ ଯାହା ନେବୁ ଯେତେ ହେ । ଏ ହୀନ ଦାନ ମୁଁ କେମନ୍ତେ
ଦେବଇଁ ଅଯଶଃ ହେବ ଜଗତେ ହେ ।୧୮। ବାମନ କହେ ମୁଁ ଲୋଭୀ ନୁହଇ ।
ବହୁତ ମୋର ପ୍ରୟୋଜନ ନାହିଁ । ତାହିଁକି ମାଗିବି ତୋତେ ଅଧିକ ।
ନୁହଇ ମୁହିଁ ତେଡ଼େ ଅବିବେକ ରେ । ମାଗିଲି ଯାହା ତା ଦିଅ ହେ ।
ଯଶ ବାଞ୍ଛା କଲେ ନାହିଁ କରିଦିଅ ଫେରିଯିବି ବେଗେଁ କହ ହେ ।୧୯।
ବଳି କହୁଅଛି ମାଗିଲୁ ଯାହା । ଅବଶ୍ୟ ଅବଶ୍ୟ ଦେବି ମୁଁ ତାହା । କର-
ବାକ୍ୟ ମୁହିଁ ଦେବଇଁ ଦାନ । କହୁଅଛି ମୋର ସତ୍ୟ ବଚନ ସେ । କଲ୍ପ ଦାନ-
ଆୟୋଜନ ସେ । କୁଶ ଉଦକାଦି ଆଣି ଶୁଚି ହୋଇ ଉଭା ହେଲେ ଯଜମାନ
ସେ । ୨୦ । ସ୍ୱସ୍ତ୍ୟୟନ ବାକ୍ୟ ପଢ଼େ ବାମନ । ଯଜମାନ ବଳି ପଢ଼େ
ତେସନ । ଶୁକ୍ରାଚାର୍ଯ୍ୟ ଆସି ପହଞ୍ଚି ଗଲେ । ଘଟଣା ଜାଣିଣ ସନ୍ଦେହ କଲେ
ସେ । ବଳିଙ୍କୁ କହେ ବଚନ ସେ । ଆରେ ବଳି ଏକି କରୁଛୁ ନ ଜାଣି
ମଣିଛୁ କି ସେ ବ୍ରାହ୍ମଣ ରେ । ୨୧ । ଅନାଇଁ ଦେଖ ସେ ନୋହେ
ବ୍ରାହ୍ମଣ । କପଟେ ବାମନ ସେ ନାରାୟଣ । ଏହି ମୋହର ହୁଏ ଅନୁମାନ ।
କେବେ ତା କଥାରେ ନ ଦିଅ ଦାନ ତୁ । ସର୍ବସ୍ୱ ନେବ ତୋହର
ରେ ଦେବତାପକ୍ଷ ସେ ଅଟଇ ଶ୍ରୀହରି ଛଦ୍ମେ ଅସିଛି ତୋ ପୁର
ରେ । ୨୨ । ଶୁଣି ଭଣେ ବଳି କହେ ବଚନ । ସତ୍ୟ ମୁଁ କରିଛି ଦେବଇଁ
ଦାନ । ହରି ହେଲେ ସେ ମୋ ଭାଗ୍ୟ ଉଦିତ । ଶ୍ରୀକରକମଳେ କରିବି
ଦତ୍ତ ହେ । ଯା କେବେ କେ କରି ନାହିଁ ହେ । ସର୍ବସ୍ୱ ନେଲେ ସେ ମୋର
ଚିନ୍ତା ନାହିଁ ସତ୍ୟ ହାରିବି କପାଇଁ ହେ । ୨୩ । ନିନ୍ଦିତ ନୁହେଁ ମିଥ୍ୟା
କେତେ ସ୍ଥାନ । ଶୁଣ ରେ ମୂଢ଼ ଦେଇ ମନ କର୍ଣ୍ଣ । ବରକନ୍ୟାଙ୍କର
ପ୍ରଶଂସାକାଳେ । ସ୍ତ୍ରୀବଶୀକରଣେ ସଙ୍କଟେ ବେଳେ ସେ । ଗୋରୁ ବ୍ରାହ୍ମଣ
ରକ୍ଷାର୍ଥେ । ଜୀବିକାବୃତ୍ତି ବା ପରିହାସ କାଳେ କଳହବେଳେ ନୃପତିରେ ।୨୪।
ଯେତେ ବୁଝାଇଲେ ନ ବୁଝେ ବଳି । କହେ ଗୁରୁଦେବ ନ ହୁଅ ଚଳି । କରିଛି
ସତ୍ୟ ମୁଁ ଦେବଇଁ ଦାନ । କେବେ ମୋହ କଥା ନୋହିବ ଆନ ହେ । ନେଲେ
ନେଉ ମୋ ସର୍ବସ୍ୱ ହେ । ଯାହା କରିବାର କରୁ ପଛେ ମୋତେ ତହିଁ ଚିନ୍ତା ନାହିଁ
ଲେଶ ହେ । ୨୫ । କାହୁଁ ପାଇବି ଏମନ୍ତ ବ୍ରାହ୍ମଣ । ସର୍ବାଙ୍ଗସୁନ୍ଦର ତ
ସୁଲକ୍ଷଣ । କିଏ ପାଖରୁ ବା କି ନେଇଯିବ । ଅବଶ୍ୟ ତ ଥରେ ମରଣ ହେବ
ହେ । କାହିଁକେ ନାହିଁ ଶୋଚନା ହେ । ବ୍ରାହ୍ମଣ ହେଉ ବା ହରି ହେଉନ୍ତୁ

ସେ ଦାନ ଦେବ ମୁଁ ଅଧୂନା ହେ । ୨୬ । ଶୁକ୍ରାଚାର୍ଯ୍ୟ କୋପେ ଦେଲେଟି ଶାପ । ସର୍ବସ୍ୱ ତୋର ହୋଇଯାଉ ଲୋପ । ବାମନ କରେ ବଳ କୁଶୋଦକ । ଢାଳନ୍ତେ ନ ପଡ଼େ ବନ୍ଦ ମାତ୍ରକ ସେ । ଅନ୍ତର୍ଯ୍ୟାମୀ ତା ଜାଣିଲେ ଯେ । ଶୁକ୍ର ପଶି ଝରି ମୁଖ ବନ୍ଦ କରେ କୁଶଟି ଗଳାଇ ଦେଲେ ସେ । ୨୭ । କଣା ହେଲେ ଶୁକ୍ର ଚକ୍ଷୁ ଫୁଟିଲା । ସଭୟେ ତହୁଁ ପଳାଇ ଗଲା । ଜଳ ପଡ଼ିଗଲା ବାମନଙ୍କର । ବିଶ୍ୱରୂପ ହୋଇଗଲେ ତତ୍କାଳ ସେ । ପାଦେ ପୃଥ୍ୱୀ ଆଚ୍ଛାଦିଲେ ସେ । ଅନ୍ୟପାଦେ ଆକାଶକୁ ଆଚ୍ଛାଦନ ବଳକୁ ଧୀରେ କହିଲେ ସେ । ୨୮ । ତୃତୀୟପାଦକୁ ଭୂମି ତୋ ନାହିଁ । ଗରୁଡ଼େ ସ୍ମରିଲେ ତ୍ରୈଲୋକ୍ୟ ସାଇଁ । ଆଜ୍ଞାଦେଲେ କଲା ବଳବନ୍ଧନ । ବିନ୍ଧ୍ୟାବାଳୀ ବଳପତ୍ନୀ ସେ ସ୍ଥାନ ସେ । ଆସି କଲା ବହୁ ସ୍ତୁତି ସେ । ଦଣ୍ଡବତ ହୋଇଗଲା ଚରଣରେ ବନ୍ଦନ କରିଣ ସତ୍ୟ ସେ । ୨୯ । ଅସୁରେ ହୋଇଲେ ରଣେ ଉଦ୍ୟତ । ବଳ ତାଙ୍କୁ କରାଇଲେ ନିବର୍ତ୍ତି । ଆମ୍ଭର ନୁହଇ ଏ ଜୟ କାଳ । ଈଶ୍ୱରମାୟା ଅଟେ ଅଲଙ୍ଘ୍ୟ ରେ । କାଳ ଦୈବର ପ୍ରେରିତ ରେ । ହୋଇ ଯାହା କରିବାର କରେ ନିତ୍ୟ ନୁହଇ କେବେ ବାରିତ ରେ । ୩୦ । ରଣରୁ ଅସୁରେ ହେଲେ ନିବର୍ତ୍ତି । ବିନ୍ଧ୍ୟାବାଳୀ କହେ ଯଥୋପଯୁକ୍ତ । କ୍ଷମାର୍ଣ୍ଣବ ପ୍ରଭୋ ଦୟାସାଗର । ଏ କାର୍ଯ୍ୟ ତୋତେ ଅଟେ ଅସୁନ୍ଦର ହେ । ନଥ ପଛେ ତା ସମ୍ପତ୍ତି ହେ । ଦୋଷ କ୍ଷମା ଦେଇ କୃପା କର ନାଥ ବନ୍ଧନୁଁ ହଅ ମୁକତ ହେ । ୩୧ । ବିପନ୍ନରକ୍ଷଣ ଆର୍ତ୍ତିନାଶନ । କର ଆର୍ତ୍ତିନାଶ ବିପନ୍ନତ୍ରାଣ । ପ୍ରହ୍ଲାଦ ଆସି କଲେ ବହୁସ୍ତୁତି । ପ୍ରଭୁ ହୋଇଛନ୍ତି ଭୀଷଣମୂର୍ତ୍ତି ସେ । ବ୍ରହ୍ମା କଲେ ବହୁ ସ୍ତବ ହେ । ସବୁ ତା ନେଇ ବନ୍ଧନ କଲୁ ତାଙ୍କୁ ତୋ ପକ୍ଷେ ନୁହେ ସମ୍ଭବ ହେ । ୩୨ । ଜୀବବନ୍ଧୁ ତୁହି କୃପାନିଧାନ । ତୋ ପକ୍ଷେ ଏହାତ ନୁହେ ବିଧାନ । ଦେଖି ନାହିଁ କେଉଁ ଏମନ୍ତ ରୀତି । କାହିଁକି ଆଉ ଏ ଭୀଷଣ ମୂର୍ତ୍ତି ହେ । ରକ୍ଷାକର ତୋ ଜଗତ ହେ । ସକଳପ୍ରାଣୀ ହୋଇଛନ୍ତି କାତର ବହି କରୁଣା କରୁତ ହେ । ୩୩ । ପ୍ରଭୁ କହନ୍ତି ଶୁଣ ହେ ବିଧାତା । ବଳର ଦେଖିଣ ଅତି ଦୃଢ଼ତା । ପ୍ରସନ୍ନତା ମୋର ହୋଇଛି ଅତି । ତେଣୁ ତାକୁ ପଡ଼ିଅଛି ବିପତ୍ତି ସେ । ପ୍ରସନ୍ନତାର ଏ ଚିହ୍ନ ହେ । ମୁଁ ପ୍ରସନ୍ନହେଲେ କରେ ଏହି ରୂପ ପ୍ରାଣୀ ଲକ୍ଷ୍ମୀର କର୍ଷଣ ହେ । ୩୪ । ବଳକୁ ବନ୍ଧନୁଁ କଲେ ମୁକତ । ପ୍ରଭୁଙ୍କୁ ବଳ କଲା ଦଣ୍ଡବତ । କହିଲା ନାଥ ହେ, ତୁ ଅନ୍ତର୍ଯ୍ୟାମୀ । ବୁଦ୍ଧି ଶୁଦ୍ଧି ମୋର ଯାଉଛି

ଭ୍ରମି ହେ । ହେଉଛି ମୁଁ ସତ୍ୟ ନଷ୍ଟ ହେ । ନାହିଁ ତୋ ତୃତୀୟ ପାଦ ମୋର ନାହିଁ କଛି କେହେ ହେବୁ ଭ୍ରଷ୍ଟ ହେ । ୩୫ । ଏଥିରେ ନାହିଁ ମୋର ଚନ୍ତାଲେଶ । ସତ୍ୟରୁ ରକ୍ଷା କର ପୀତବାସ । ସେହି କାରଣୁଁ ମୋ ଦହେ ଅନ୍ତର । ଏଥିର ପ୍ରତିକାର ବେଗେଁ କର ହେ । ସତ୍ୟଭ୍ରଷ୍ଟ ମୁଁ ନ ହୁଏ ହେ । ପ୍ରଭୁନାଭିରୁ ପାଦେକ ବାହାରଣ କାହିଁ ଅଛି କ ତୋ ଦଏ ରେ ।୩୬। ବଳ ପତାଇ ଦେଲ୍ଲ ନିଜ ଶିର । ଆହା ପ୍ରଭୁ ତହିଁ ଅର୍ପି ପୟର । କହିଲେ ହେ ବସ୍ତ ବଳ ରାଜନ । ତୋତେ ଦେଖିଲି ସତ୍ୟପରାୟଣ ହେ । ସପତବାରେ ସୁତଳ ହେ । ଯାଅ ଏବେ ରହ ପରେ ଇନ୍ଦ୍ର ହେବୁ ଶୋଚନା ଆଉ ନ କର ହେ । ୩୭ । ତୋର ସମ୍ମୁଖେ ସଦା ଥିବି ରହି । ବାସୁଦେବ ମୂର୍ତ୍ତି ଦେଖିବୁ ତୁହି । ଦୀର୍ଘଜୀବୀ ହୁଅ କଲେ କଲ୍ୟାଣ । ସୁତଳେ ଗୃପି ଦେଲେ ତତକ୍ଷଣ ସେ । ବଳ ସୁତଳେ ଚଳଲେ ହେ । ସପତବାରରେ ମହାସୁଖେ ତହିଁ ବାସ କରଛନ୍ତି ଭଲେ ସେ । ୩୮ । ସତ୍ୟବ୍ରତ ହର ସତ୍ୟର ପ୍ରିୟ । ସତ୍ୟବାଦୀକୁ ଦଥଇ ଅଭୟ । ସତ୍ୟରେ ହୁଅଇ ସେ ବଶୀଭୂତ । ଉଦାହରଣ ତା ବଳ ସାକ୍ଷାତ ହେ । ସତ୍ୟର ରଖେ ଯେ ତ୍ରାଣ ହେ । ତାହାର ଏକା ସେ ଅଟନ୍ତି ଟି ପ୍ରଭୁ ଅସତ୍ୟପକ୍ଷେ ଭୀଷଣ ହେ । ୩୯ । ସତ୍ୟରେ ସକଳ ହୁଏ ଆୟତ୍ତ । ସତ୍ୟରେ ଏ ବିଶ୍ୱ ଆତଯାତ । ସତ୍ୟରେ ସକଳ ସାଧନ । ନାହିଁ ଆଉ ଗୁଣ ସତ୍ୟ ସମାନ ହେ । ଆଗେ ଦିଏ ସିନା କ୍ଲେଶ ହେ । ଚରମ ଫଳ ତା ଭବିଣ ଅନ୍ତରେ ବଇକୁଣ୍ଠ ହେଉ ବଶ ହେ ।୪୦।

୧୧୧
୩୨ ଛାନ୍ଦ ।

ମତ୍ସ୍ୟାବତାର ।

ରାଗ—ଚକ୍ରକେଳି ।

ଗୋ, ବେଦ, ଦ୍ୱିଜ, ସାଧୁ, ଧର୍ମ, ଅର୍ଥ । ରକ୍ଷାପାଇଁ କି ଯେ କୃଷ୍ଣ ଯଥାର୍ଥ ।୧।
କାଳେ କାଳେ ଅବତାର ଗ୍ରହଣ । ବୃଦ୍ଧି ଗୁଣଯୋଗେ ବାୟୁ ସମାନ । ୨ ।

ଉତ୍କୃଷ୍ଟ ନିକୃଷ୍ଟ ଭୂତେ ଭ୍ରମଣ । କରଇ ତଥାପି ନୁହେ ତେସନ । ୩ ।
ନିଜେ ଅଟଇ ନିର୍ଲିପ୍ତ ନିର୍ଗୁଣ । ନମସ୍କାର ମୋର ତାର ଚରଣ । ୪ । ଘୃଣ୍ୟ
ଦେହ ମତ୍ସ୍ୟ ସ୍ୱରୂପ ବହି । ଯେ ଲୀଳା କଲେ ପ୍ରଭୁ ଭାବଗ୍ରାହୀ । ୫ । ତାହା
ଗାଇବା ହୋଇ ତନମନ । ଗତ କଳ୍ପର ହେଲା ଅବସାନ । ୬ । ବ୍ରହ୍ମାର
ଯହୁଁ ହେଲା ନିଦ୍ରୋପ୍ପନ୍ନ । ନୈମିତ୍ତିକଲୟ ହେଲା ତକ୍ଷଣ । ୭ । ଭୂରାଦ
ଯାବତୀୟ ଦ୍ରବ୍ୟମାନ । ସମୁଦ୍ରଜଳ କରଲା ପ୍ଲାବନ । ୮ । ବ୍ରହ୍ମା ନିଦ୍ରାରେ
ହୋଇଲେ ମୋହିତ । ବେଦ ତା ମୁଖରୁ ହେଲା ସ୍ଖଳିତ । ୯ । ସେହି ନିକଟେ
ହୋଇଲା ପତନ । ହୟଗ୍ରୀବ ତା କରଲା ହରଣ । ୧୦ । ରାଜର୍ଷି ଏକ ସତ୍ୟ-
ବ୍ରତ ନାମ । ଅତ୍ୟନ୍ତ ନାରାୟଣପରାୟଣ । ୧୧ । ଜଳମଧ୍ୟେ କରି ଉପ-
ବେଶନ । କରୁଥିଲେ ଘୋର ତପଃ ସାଧନ । ୧୨ । ଯେ ସତ୍ୟବ୍ରତ ହେବେ
ସୂର୍ଯ୍ୟପୁତ୍ର । ଶ୍ରାଦ୍ଧଦେବ ନାମେ ହେବେ ବିଖ୍ୟାତ । ୧୩ । ମନୁ ପଦେ
ହୋଇବେ ଅଭିଷିକ୍ତ । ହରିଠାରେ ସେ ଅତି ଅନୁରକ୍ତ । ୧୪ । କୃତମାଲା
ନଦୀରେ ଏକଦିନ । ସତ୍ୟବ୍ରତ କରୁଛନ୍ତି ତର୍ପଣ । ୧୫ । ଅଞ୍ଜଳି ମଧ୍ୟେ ଯେ
ଜଳ ଉଦ୍ଧୃତ । ଶଫରୀଟିଏ ଦେଖେ ସତ୍ୟବ୍ରତ ।୧୬। ଦ୍ରାବିଡ଼େଶ୍ୱର ସେହି ସତ୍ୟ-
ବ୍ରତ । ଅଞ୍ଜଳିସ୍ଥିତ ଜଳର ସହିତ । ୧୭ । ନଦୀ ଜଳରେ ପିଙ୍ଗିଲେ ଭ୍ୱରିତ ।
ଶଫରୀ ରାଜାଙ୍କୁ କହେ ଭାଷିତ । ୧୮ । ଅତି କାତରେ କରେ ନିବେଦନ ।
ହେ ଦୀନବତ୍ସଲ କୃପା ନିଧାନ ।୧୯। ମୁହିଁ ଅଟଇ ଅତ୍ୟନ୍ତ ଦୁର୍ବଳ । ଏଠି ଜଳଜନ୍ତୁ
ଅତି ପ୍ରବଳ ।୨୦। ଅତ୍ୟନ୍ତ ଭୟାକୁଳ ହୋଇ ମୁହିଁ । ତୋଠାରେ ଆସି
ଶରଣ ପଶଇ । ୨୧ । ନେଉଅଛଇ ତୋହର ଶରଣ । ନଦୀଜଲେ କ୍ଷେପୁ
ଭୁ କ କାରଣ ।୨୨। ସତ୍ୟବ୍ରତ କିଛି ବୁଝି ନ ପାରି । ହୃଦରେ ଦୟା ଜନ୍ମିଗଲା
ଭାରି । ୨୩ । ମନୋଯୋଗୀ ହେଲେ ତା ରକ୍ଷା ପାଇଁ । କମଣ୍ଡଳୁ ମଧ୍ୟେ
ଭରିଲେ ନେଇଁ । ୨୪। ରଖିଲେ ନେଇ ଗୃହର ମଧ୍ୟରେ । ରାତ୍ରେ ଶଫରୀ ହୁଙ୍କାର
କରେ । ୨୫ । କମଣ୍ଡଳୁରେ ନୋହେ ମୋତେ ସ୍ଥାନ । ଉପଯୁକ୍ତ ସ୍ଥାନେ କର
ସ୍ଥାପନ । ୨୬ । ଏଥିରେ ମୋତେ ଯାଗା ହେଉ ନାହିଁ । ସ୍ୱଚ୍ଛନ୍ଦେ ଏଠି ରହି
ନ ପାରଇ ।୨୭। ରାଜା ଶୁଣି ତାଙ୍କୁ ନେଇ ତକ୍ଷଣ । ଜାହାଲା ଜଲେ କଲେ
ସ୍ଥାପନ । ୨୮ । ଏକ ମୁହୂର୍ତ୍ତି ମଧ୍ୟେ ତା ଶରୀର । ବୃଦ୍ଧି କରଣ ଗଢ଼ଲା
ତହାର । ୨୯ । ହେ ରାଜା ଏହୁ ନୁହଇ ପର୍ଯ୍ୟାପ୍ତ । ବିସ୍ତୃତ ସ୍ଥାନ କର
ମୋରେ ଦତ୍ତ ।୩୦। ମୁହିଁ ହୋଇଛି ତୋ ଶରଣାଗତ । କୃପା କରଛି ଅହେ

ନରନାଥ । ୩୧ । ରାଜା ଶୁଣି ନେଇ ସରୋବରରେ । ଯତ୍ନରେ ସଧୀରେ
ସ୍ଥାପନ କରେ । ୩୨ । ମହାମତ୍ସ୍ୟାକାର ହେଲା ବର୍ଦ୍ଧିତ । ପୁଣି କହିଲା ଶୁଣ
ନରନାଥ । ୩୩ । ସଲିଲବାସୀ ମୁଁ ଅଟେ ପ୍ରତ୍ୟକ୍ଷ । ସରୋବର ଜଳ ହେଲା
ଅସୁଖ । ୩୪ । ନେଇଛ ମୋର ରକ୍ଷଣର ଭାର । ଅଶୁଖାହ୍ରଦରେ ସ୍ଥାପନ
କର । ୩୫ । ରାଜା ଶୁଣିଣ ଶଫରବଚନ । ଅକ୍ଷୟ ହ୍ରଦେ କରଲେ
ସ୍ଥାପନ । ୩୬ । ତହୁଁ ପୁଣି ବଡ଼ହ୍ରଦେ ସ୍ଥାପଇ । କ୍ରମେ କ୍ରମେ ରାଜା ଥକ
ପଡ଼ଇ । ୩୭ । କର ଶେଷରେ ସାଗରକୁ ନେଇ । ନିକ୍ଷେପକୁ ଯହୁଁ ଉଦ୍ୟତ
ହୋଇ । ୩୮ । ଶଫର କହେ ଶୁଣ ମୋ ବଚନ । ଜଳଜନ୍ତୁ ହାସ୍ତୁଁ କଲ
ରକ୍ଷଣ । ୩୯ । ଅତି ବଳଶାଳୀ ଜନ୍ତୁ ସକଳ । ଏଠାରେ ଅଛନ୍ତି ଅତି
ପ୍ରବଳ । ୪୦ । ଏଠି ଛାଡ଼ିବା ନୁହଇ ଉଚିତ । ହୋଇଅଛି ମୁହିଁ ଶରଣା-
ଗତ ।୪୧। ମଧୁରଭାଷୀ ମତ୍ସ୍ୟର ବଚନ । ଶୁଣି ବିନମ୍ରେ କହଇ ରାଜନ । ୪୨ ।
କଏ ତୁମ୍ଭେ ମୋତେ କହ ଉଚିତ । ମତ୍ସ୍ୟରୂପେ …ଲ ମୋତେ
ମୋହିତ ।୪୩। ଜଳଚର ଏରୂପ ବଳବାନ । ପୁଣି ଏରୂପ ସୁନ୍ଦର କଥନ ।୪୪।
ଦେଖା ଶୁଣା ନାହିଁ କେବେ ଏପର । ଶତଯୋଜନ ଶରୀର ବିସ୍ତାର । ୪୫ ।
ମୋତେ ଯେରୂପ କହିଲୁ ବଚନ । ନିଶ୍ଚେ ଅଟୁ ତୁ ପ୍ରଭୁ ଭଗବାନ ।୪୬। ଭୂତ
ଗଣଙ୍କ ମଙ୍ଗଳସାଧନ । କରିବାକୁ ମତ୍ସ୍ୟରୂପ ଧାରଣ । ୪୭ । ପୁରୁଷଶ୍ରେଷ୍ଠ
ତୋତେ ନମସ୍କାର । କେମନ୍ତେ ଚିହ୍ନିବ ମୁହିଁ ପାମର ।୪୮। ସୃଷ୍ଟି ସ୍ଥିତି ଲୟ
କରତା ତୁହି । ଭକ୍ତ ମୁଖ୍ୟ ଆତ୍ମା ଅବ୍ୟୟ ହୋଇ । ୪୯ । ଲୀଳାଛଳେ ଯେ
ଯେରୂପ ଧାରଣ । ପ୍ରାଣୀଗଣଙ୍କ ମଙ୍ଗଳକାରଣ । ୫୦ । ଯେ କାରଣେ
ମତ୍ସ୍ୟରୂପ ଧାରଣ । ଜାଣିବାକୁ ମୋର ହୁଅଇ ମନ ।୫୧। ସମସ୍ତଙ୍କ ଆତ୍ମା ବନ୍ଧୁ
ଆଶ୍ରୟ । ସମସ୍ତପ୍ରାଣୀର ଅଟୁ ତୁ ପ୍ରିୟ । ୫୨ । ହେ ପ୍ରଭୋ ପଦ୍ମପଳାଶ
ଲୋଚନ । ସଫଳ ଅଟେ ତୋ' ପାଦସେବନ । ୫୩ । ସକଳଙ୍କ ସେବା ହୁଏ
ବିଫଳ । ସମସ୍ତଙ୍କର ତୁ ଅଟୁ ମୂଳ । ୫୪ । ଅଦ୍ଭୁତ ଦେହ କରଣ ଧାରଣ ।
ମୋତେ ବିସ୍ମିତ କଲୁ ନାରାୟଣ । ୫୫ । ରାଜାର ଏସନ ଶୁଣି ବଚନ ।
ଉଦ୍ଦେଶ୍ୟ ସର୍ବ କହେ ଭଗବାନ । ୫୬ । ଶୁଣ ଆହେ ରାଜା ଶତ୍ରୁତାପନ ।
ଆଜଠାରୁ ଜାଣ ସପ୍ତମଦନ । ୫୭ । ତ୍ରୈଲୋକ୍ୟ ପ୍ରଳୟ ଜଳେ ନିମଗ୍ନ ।
ହୋଇଯିବ କେବେ ନୋହିବ ଆନ । ୫୮ । ସେହି ସମୟେ ମୁଁ ନୌକା
ପ୍ରେରଣ । କରି ଦେବି ତୋ ସମୀପେ ବହନ । ୫୯ । ସର୍ବ ବୀଜ ଔଷଧି ଅବ

ନେଇ । ତହୁଁ ଅନ୍ୱେଷଣ କରିବୁ ତୁହି । ୬୦ । ଋଷିଗଣଙ୍କ ବହ୍ନି ତେଜଃ
ବଳେ । ଏକାର୍ଣ୍ଣବ ଅନ୍ଧକାର ପ୍ରବଳେ । ୬୧ । ସାଗର ଭ୍ରମଣ ସୃଷ୍ଟି ର ଚିତ୍ରେ ।
କରୁଥିବ ମନେ ଭାବଣ ତୋମାତେ । ୬୨ । ପ୍ରଚଣ୍ଡବାତ୍ୟା ହେବ ଯେତେ-
ବେଳେ । ଆନ୍ଦୋଳିତ ନୌକା ହେବ ପ୍ରବଳେ । ୬୩ । ମୁହିଁ ଆସି ହୋଇବି
ଉପସ୍ଥିତ । ମୋ ଶୃଙ୍ଗେ ନୌକା ବାନ୍ଧିବ ତ୍ୱରିତ ।୬୪। ବାସୁକିଙ୍କୁ ରଜ୍ଜୁ କରି
ବନ୍ଧନେ । ନିଶ୍ଚିନ୍ତ ହୋଇ ବସି ମୋ ଚିନ୍ତନେ । ୬୫ । ବ୍ରହ୍ମନିଶାନ୍ତ କାଳ
ପର୍ଯ୍ୟନ୍ତ । ତହିଁଥିବ ତୁମ୍ଭେ ହୋଇ ନିଶ୍ଚିନ୍ତ । ୬୬ । ନାବ ସହିତ କରି ଆକ-
ର୍ଷଣ । ସମୁଦ୍ରରେ ମୁଁ କରିବି ଭ୍ରମଣ । ୬୭ । ପରବ୍ରହ୍ମ ନାମେ ଯେ ମୋ
ମହିମା । ଯାହାର କେହି ନ ଜାଣନ୍ତି ସୀମା । ୬୮ । ତାହା ତୁହି ମୋତେ ପ୍ରଶ୍ନ
କରିଲେ । ତୋର ହୃଦୟେ ବ୍ୟକ୍ତ ହେବ ଭଲେ । ୬୯ । ଅକ୍ଳେଶରେ ତୁହି
ପାରିବୁ ଜାଣି । କହି ଅନ୍ତର୍ଦ୍ଧାନ ହେଲେ ସେକ୍ଷଣି ! ୭୦ । ହରି ଆଦେଶମତ
ସମ୍ପାଦନ । ପ୍ରତୀକ୍ଷା କରି ବସିଲେ ରାଜନ । ୭୧ । କୁଶ ପୂର୍ବାଗ୍ର
କରିଣ ବିସ୍ତାର । ପୂର୍ବୋତ୍ତର ମୁଖରେ ନରେଶ୍ୱର । ୭୨ ।
ମତ୍ସ୍ୟରୂପୀ ହରି ଚରଣ ଧ୍ୟାନେ । ସତ୍ୟବ୍ରତ ରାଜା ବସେ ମଉନେ । ୭୩ ।
ସପ୍ତମ ଦିନ ଦେଖିଲେ ରାଜନ । ନବଡ଼ ମେଘ ଛାଡ଼ିଲା ଗର୍ଜନ । ୭୪ ।
ବାରିବର୍ଷଣ ହେଲା ଘନ ଘନ । ସମୁଦ୍ର ଜଳ ହୋଇଲା ବର୍ଦ୍ଧନ । ୭୫ ।
ତୀର ଅତିକ୍ରମ କଲା ସେ କ୍ଷଣ । ସକଳ ପୃଥ୍ୱୀ ହୋଇଲା ପ୍ଳାବନ । ୭୬ । ହରି
ଆଜ୍ଞାମତ ସେ ସତ୍ୟବ୍ରତ । ଚିନ୍ତା କରୁଛନ୍ତି ହୋଇଣ ଭୀତ । ୭୭ । ଏକ
ନୌକା ତାର ସମୀପେ ଆସି । ପ୍ରବେଶ ହେଲା ଦେଖି ହେଲେ ଖୁସି । ୭୮ ।
ରାଜା ଯାବତୀୟ ଔଷଧିଗଣ । ଲତା ବୀଜାଦି କରି ସଂଗ୍ରହଣ । ୭୯ । ଋଷିଗଣ
ସହିତ ଅନ୍ୱେଷଣ । କଲେ ନୌକାରେ ହୋଇ ହର୍ଷମନ । ୮୦ । ଋଷିଗଣ
କହୁଛନ୍ତି ବଚନ । ହେ ରାଜା ହରିଙ୍କୁ କର ଚିନ୍ତନ ।୮୧। ଏହି ବିପଦୁଁ କରିବେ
ଉଦ୍ଧାର । ଆମ୍ଭମାନଙ୍କୁ ଦେବେ ସେ ମଙ୍ଗଳ । ୮୨ । ରାଜା ତଦ୍ରୂପ କରନ୍ତେ
ଚିନ୍ତନ । କିଛିକ୍ଷଣପରେ କଲେ ଦର୍ଶନ । ୮୩ । ମହାସାଗରମଧ୍ୟରେ
ଅଦ୍ଭୁତ । ଶୃଙ୍ଗଧାରୀ ଏକ ଅତିବୃହତ । ୮୪ । ଅୟୁତଯୋଜନ ହୋଇ
ବିସ୍ତୃତ । ସୁବର୍ଣ୍ଣ ମତ୍ସ୍ୟ ହେଲେ ଆବିର୍ଭୂତ । ୮୫ । ନୃପ ସନ୍ତୁଷ୍ଟ ହୋଇ
ତତକ୍ଷଣ । ହରି ଆଜ୍ଞାମତ କଲେ ସାଧନ । ୮୬ । ବାସୁକି ରଜ୍ଜୁ କରିଣ
ବନ୍ଧନ । କଲେ ନୌକାକୁ ଶୃଙ୍ଗେ ତତକ୍ଷଣ । ୮୭ । ନାବରେ ବସି କୃଷ୍ଣ

ଗୁଣ ଗାଇ । ନାନାମତେ ସ୍ତବ କରନ୍ତି ତହିଁ । ୮୮ । ଅନାଦ୍ୟା ଅବିଦ୍ୟାରେ
ଆତ୍ମଜ୍ଞାନ । ଯାହାଙ୍କର ହୋଇଅଛି ଆଚ୍ଛନ୍ନ । ୮୯ । ଅବିଦ୍ୟାମୂଳକ
ସଂସାରଶ୍ରମେ । କାତର ହୋଇଛନ୍ତି ଯେଉଁମାନେ । ୯୦ । ସଂସାରେ ଯାହା
କୃପାରେ ଯା ପ୍ରାପ୍ତ । ସେହି ମୁକ୍ତିପ୍ରଦ ତୁହି ସାକ୍ଷାତ । ୯୧ । ପରମଗୁରୁଁ
ହୋଇ ନାରାୟଣ । ଆମ୍ଭ ହୃଦ ଗ୍ରନ୍ଥି କର ଛେଦନ । ୯୨ । ପ୍ରଭୋ ଏ ଅଜ୍ଞ
ଜନସାଧାରଣ । କର୍ମେ ଆବଦ୍ଧ ନିଜର ପ୍ରାକ୍ତନ । ୯୩ । ସୁଖାଭିଳାଷ କରଇ
ସତତ । ଦୁଃଖଭାବେ କର୍ମେ ହୁଅଇ ଲିପ୍ତ । ୯୪ । ଯାର ସେବାଫଳେ
ସୁଖାଭିଳାଷ । ଅଳକ ବୋଲି ମଣଇ ମାନସ । ୯୫ । ସେ ଅଭିଳାଷ କରଇ
ବର୍ଜ୍ଜନ । ସେହି ତୁ ଆମ୍ଭର ଗୁରୁ ପରମ । ୯୬ । ମୋହଗ୍ରନ୍ଥି ନାଥ କର
ଛେଦନ । ଆମ୍ଭେ ତୋର ପାଦେ ଅଟୁଁ ପ୍ରପନ୍ନ ।୯୭। ଅଗ୍ନି ସଂସର୍ଗେ ରୌପ୍ୟଟି
ଯେସନ । ମଳ ନାଶି ଲଭେ ନିଜ ବରନ । ୯୮ । ତଥା ଯା ସେବାରେ
ନାଶେ ଅଜ୍ଞାନ । ସ୍ୱରୂପ ପ୍ରାପ୍ତି ଲଭେ ଜୀବ ପୁନ । ୯୯ । ଗୁରୁ ହୁଅ ନାଥ
ତୁହି ଆମ୍ଭର । ଆନ ନୋହୁ ତୁହି ସେହି ଈଶ୍ୱର । ୧୦୦ । ଗୁରୁର ପରମ
ଗୁରୁ ତ ତୁହି । ଦେବ, ଗୁରୁ ସର୍ବେ ଏକତ୍ର ହୋଇ ।୧୦୧। ଯାର ପ୍ରସାଦର
କଣିକା ମାତ୍ର । ପ୍ରଦାନ କରିବାର ନୁହେ ପାତ୍ର । ୧୦୨ । ତୁହି ଅଟୁ ନିଶ୍ଚେ
ସେହି ଈଶ୍ୱର । ଶରଣାଗତ ହୋଇଲୁଁ ତୁମ୍ଭର । ୧୦୩ । ଅନ୍ଧର ଅନ୍ଧ
ପଥପ୍ରଦର୍ଶକ । ହୋଇବା ଯେହ୍ନେ ତଥା ଅବିବେକ । ୧୦୪ । ଅବିବେକୀର
ଗୁରୁ କ୍ଳେଶକର । ତୋର ଜ୍ଞାନ ଅଟଇ ସୂର୍ଯ୍ୟ ପ୍ରକାର । ୧୦୫ । ସ୍ୱପ୍ରକାଶ
ତେଣୁ ଚନ୍ଦ୍ରସୂର୍ଯ୍ୟଗଣ । ପ୍ରକାଶକ ତୁ ଅଟୁ ଭଗବାନ । ୧୦୬ । ଉତ୍ସୁକ
ହୋଇଛି ଜାଣିବା ପାଇଁ । ଆତ୍ମଗତି ନାଥ ଜଣାଅ ତୁହି । ୧୦୭ । ତୋତେ
ଗୁରୁତ୍ୱେ କରିଲୁଁ ବରଣ । କର ଉପଦେଶ ଅକ୍ଷୟ ଜ୍ଞାନ । ୧୦୮ । ଜୀବକୁ
ଜୀବ ଯେତ ଉପଦେଶ । ଦେବା ଦୂଷିତ ଅନ୍ଧାର ପ୍ରଦେଶ । ୧୦୯ । ତୋ
ଉପଦେଶେ ନିଜପଦଲାଭ । ହୋଇପାରଇ ଲଭ ପାରେ ଶୁଭ । ୧୧୦ ।
ସର୍ବ ଲୋକର ତୁ ଆତ୍ମା ଈଶ୍ୱର । ପ୍ରିୟ ମିତ୍ର ଗୁରୁ ଜ୍ଞାନ ଆକର । ୧୧୧ ।
ଅଭୀଷ୍ଟ ସିଦ୍ଧି ତୁ ହୃଦ ସକଳେ । ବାସ କରୁଛୁ ନାଥ ବଳେ ବଳେ । ୧୧୨ ।
ଲୋକର ବୁଦ୍ଧି ଅନ୍ୟ ଦିଗେ ଯାଇ । ବିଷୟ ବାସନା ନଷ୍ଟ କରଇ । ୧୧୩ ।
ହୃଦୟେ ତାହା ହୋଇ ବଦ୍ଧମୂଳ । ସେହି ଦିଗକୁ ଗମଇ ପ୍ରବଳ । ୧୧୪ ।
ସେହେତୁ ତୋତେ ଜାଣି ନ ପାରଇ । ତେଣୁ ସଂସାରେ କ୍ଳେଶ ପାଉ-

ଥାଇ । ୧୧୫ । ଜ୍ଞାନଲାଭ ପାଇଁ ତୋର ଚରଣ । ଶରଣ ନେଲୁଁ ପ୍ରଭେ
ନ୍ନାଗ୍ରପୂର୍ଣ । ୧୧୬ । ପରମାର୍ଥପ୍ରକାଶକ ବଚନେ । ହୃଦସମ୍ଭୂତ ଛନ୍ତି ଯେ
ଦୁର୍ଗୁଣେ । ୧୧୭ । ଅହଙ୍କାରହୃଦଗ୍ରନ୍ଥିର ଛେଦନ । କରହଅ ଆମ୍ଭ ମନଂ
ବନ୍ଧନ । ୧୧୮ । କେଉଁ ପଦ ଆମ୍ଭ ନିଜର ହୋଇ । ଅଜ୍ଞାନର ତା
ଉପଦେଶ ଦେଇ । ୧୧୯ । ରାଜର୍ଷି କହନ୍ତେ ଏହି ବଚନ । ପ୍ରୀତ
ହୋଇଲେ ପ୍ରଭୁ ଭଗବାନ । ୧୨୦ । ମହାସାଗର ସଲିଲେ ବିହାର ।
କରୁ କରୁ କହେ ବାକ୍ୟ ମଧୁର । ୧୨୧ । ତତ୍ତ୍ୱୋପଦେଶ ଦିଅନ୍ତି ଅତ୍ୟନ୍ତ ।
ସାଂଖ୍ୟଯୋଗହିଁ କ୍ରିୟା ସମନ୍ୱିତ । ୧୨୨ । ଦିବ୍ୟ ପୁରାଣ ସଂହିତା ବ୍ୟାଖ୍ୟାନ ।
ବିବିଧୋପଦେଶହିଁ ଆତ୍ମଜ୍ଞାନ । ୧୨୩ । ଋଷିଗଣଙ୍କସହିତ ନୃପତି । ହରି
ଶ୍ରୀମୁଖୁଁ ସକଳ ଶୁଣନ୍ତି । ୧୨୪ । ଅତୀତପ୍ରଳୟପୂର୍ବ ଅବସାନେ । ବ୍ରହ୍ମା
ଗାତ୍ରୋତ୍ଥାନ କଲେ ବହନେ । ୧୨୫ । ହୟଗ୍ରୀବଙ୍କୁ ହରି କରି ହତ । ବ୍ରହ୍ମାଙ୍କୁ
ବେଦ କରିଲେ ଅର୍ପିତ । ୧୨୬ । ବିଷ୍ଣୁକୃପାରେ ରାଜାସତ୍ୟବ୍ରତ । ଜ୍ଞାନ
ବିଜ୍ଞାନେ ହୋଇଲେ ପଣ୍ଡିତ । ୧୨୭ । ସେହି ସତ୍ୟବ୍ରତ ଏହି କଳ୍ପରେ ।
ବୈବସ୍ୱତ ମନୁ ନାମ ସେ ଧରେ । ୧୨୮ । ରାଜର୍ଷି ସତ୍ୟବ୍ରତ ଉପାଖ୍ୟାନ ।
ବିଶେଷେ ମତ୍ସ୍ୟାବତାର ଧାରଣ । ୧୨୯ । ଶ୍ରଦ୍ଧାରେ ଯେହୁ କରିବେ
ଶ୍ରବଣ । ସର୍ବପାପରୁ ହୋଇବେ ମୋଚନ । ୧୩୦ । ଏହି ଅବତାରତତ୍ତ୍ୱ
କୀର୍ତ୍ତନ । ଯେ ଲୋକ ଏହା କରେ ପ୍ରତିଦିନ । ୧୩୧ । ସକଳ ସିଦ୍ଧି
ଲଭଇ ବହନ । ପରମଗତିଲାଭ ହୁଏ ପୁଣ । ୧୩୨ । ବ୍ରହ୍ମାର ଶକ୍ତି
ହୋଇଲେ ନିଦ୍ରିତ । ମୁଖରୁ ବେଦ ହରନେଲା ଦୈତ୍ୟ । ୧୩୩ । ଯେ
ତାକୁ ବଧି ବେଦରଉଦ୍ଧାର । କରିଲେ ଇଷିତେ ସେହି ଈଶ୍ୱର । ୧୩୪ ।
ସତ୍ୟବ୍ରତଙ୍କୁ ଋଷି ସହିତରେ । ବିବିଧ ଉପଦେଶ ଯେହୁ କରେ ।୧୩୫। ମତ୍ସ୍ୟରୂପୀ
ସେ ଅଖିଳ କାରଣ । ବିଶ୍ୱହିତାର୍ଥ ଶରୀରଧାରଣ ।୧୩୬। କରଇ କାଳେ
କାଳେ ଯେ ଈଶ୍ୱର । ତାରଚରଣେ ମୋର ନମସ୍କାର । ୧୩୭ । ମତ୍ସ୍ୟରୂପୀ
ହରି ପଦକମଳେ । ବୈକୁଣ୍ଠର ଚିତ୍ତ ରହୁ ନିଶ୍ଚଳେ । ୧୩୮ ।

୧୧୬/୬.୩ ଛାନ୍ଦ ।

ବଂଶାନୁଚରିତ । ସୁଦ୍ୟୁମ୍ନ ରାଜାର ସ୍ତ୍ରୀତ୍ୱ ପ୍ରାପ୍ତି ।

ରାଗ—ଲୁମ୍ଫକାମୋଦୀ ।

ସର୍ବଶକ୍ତିଧର ସର୍ବେଶ୍ୱର ହରି କରିପାରେ ସର୍ବ । ସର୍ବ ଅସମ୍ଭବ ଯାହାଠାରେ ନିଶ୍ଚୟ ହୁଅଇ ସମ୍ଭବ । ୧ । ଜୀବଶକତିରୁ ଅତୀତ ଯେ କଥା ସେହି ଅସମ୍ଭବ । ଯାର ଶକତିର ଲେଶ କଣିକାରେ ଚଳଇ ଏ ଭବ ।୨। ତାଠାରେ ସମ୍ଭବ ଅସମ୍ଭବ କିସ ତାହାର ପଯ୍ୟର । ଏକାନ୍ତ ଆଶ୍ରୟ ତହିଁ ନିରନ୍ତର ମୋର ନମସ୍କାର ।୩। ସୁଦ୍ୟୁମ୍ନରାଜାର ଚରିତ ଗାଇବା ହୋଇବା ମୋହିତ । ସେ ପ୍ରଭୁ ମହିମା ହୋଇବ ଜାଗ୍ରତ ମୁଗ୍ଧ ହେବ ଚିତ୍ତ । ୪ । ଯେ ଆଦିପୁରୁଷ ଉତ୍କୃଷ୍ଟାପକୃଷ୍ଟ ସକଳ ଭୂତର । ଆତ୍ମା ଅଟନ୍ତି ସେହି ଏକମାତ୍ର ଥିଲେ ଏହି କଳ୍ପାନ୍ତର ।୫। ତା ନାଭିକମଳୁଁ ହିରଣ୍ମୟ ପଦ୍ମ ହୋଇଲା ଉଦ୍ଭିତ । ତହିଁରୁ ସ୍ୱୟମ୍ଭୂ ଚତୁର୍ମୁଖ ବ୍ରହ୍ମା ହୋଇଲେ ଉଦ୍ଭୂତ ।୬। ତାହାଙ୍କର ମନୁ ମରୀଚି ଉଦ୍ଭବ କଶ୍ୟପ ତା ସୁତ । ତାର ପତ୍ନୀ ଅଦିତୀର ଗର୍ଭେ ବିବସ୍ୱାନ ହେଲେ ଜାତ ।୭। ବିବସ୍ୱାନ ପତ୍ନୀ ସଞ୍ଜ୍ଞାଠାରୁ ଶ୍ରାଦ୍ଧଦେବ ଜାତ ହୋଇ । ତାର ଔରସରେ ତାହାଠାରୁ ଦଶପୁତ୍ର ହେଲେ ତହିଁ ।୮। ଇକ୍ଷ୍ୱାକୁ ପ୍ରଭୃତି ଦଶପୁତ୍ରୋଦ୍ଭବ ପୂର୍ବେ ନିଃସନ୍ତାନ । ବଶିଷ୍ଠେ ଡକାଇ ପୁତ୍ରକାମନାରେ କଲେ ନିବେଦନ ।୯। ମିତ୍ରାବରୁଣର ଯଜ୍ଞ କରାଇଲେ ବଶିଷ୍ଠ ବିଧାନ । ପତ୍ନୀ ଶ୍ରଦ୍ଧା ଯଜ୍ଞେ ପୟୋମାତ୍ର ପାନେ ନିୟମ ଧାରଣ ।୧୦। କରି ହୋତା ପାଶେ ଗମନ କରଣ କରିଲେ ପ୍ରଣାମ । କନ୍ୟାଟିଏ ପାଇଁ ପ୍ରାର୍ଥନା କରନ୍ତେ ପୂର୍ଣ୍ଣ ହେଲା କାମ ।୧୧। ହୋତାବ୍ୟଭିଚରେ କନ୍ୟା ଜାତ ହେଲା ଇଳା ହେଲା ନାମ । କନ୍ୟା ଦେଖି ମନୁ ଗୁରୁଙ୍କୁ ପଚାରେ ଏ କିସ କରମ ।୧୨। ବ୍ରହ୍ମବାଦୀ ତୁମ୍ଭେ ଏ କି ବିପରୀତ ଫଳ ହେଲା ଜାତ । ପୁତ୍ରକାମନାରେ ଯଜ୍ଞ କଲି କନ୍ୟା ହୋଇଲା ସମ୍ଭୂତ ।୧୩। ମନ୍ତ୍ରର ଏପରି ବିପରୀତ ଫଳ ହୋଇଲା କିପାଇଁ । ସକଳେ ବ୍ରହ୍ମଜ୍ଞ ଯୋଗୀ ତପୋନିଷ୍ଠ କିହେତୁ ଏ ହୋଇ । ୧୪ । ମନୁ ବାକ୍ୟ ଶୁଣି ବଶିଷ୍ଠ ମହର୍ଷି ହୋତା ବ୍ୟତିକ୍ରମ । କର୍ମ ଜାଣି ସୂର୍ଯ୍ୟପୁତ୍ରଙ୍କୁ ଆଶ୍ୱାସି କହିଲେ

ବଚନ ।୧୫। ହୋତା ବ୍ୟତିକ୍ରମରେ ଯଦ୍ୟପି ଏ ଫଳ ହୋଇଛି ଉତ୍ପନ୍ନ । ମୋର ତେଜବଳେ କରିବି ମୁଁ ତୋତେ ଶତପୁତ୍ର ଦାନ ।୧୬। କହିଣ ବଶିଷ୍ଠ ସେହି ଦୁହିତାର ପୁତ୍ରତ୍ୱର ପାଇଁ । ଯଜ୍ଞପୁରୁଷର ଆରାଧନା କଲେ ବହୁ ସ୍ତବ ଗାଇ ।୧୭। ତୁଷ୍ଟ ହୋଇ ହରି ବରଦାନ କଲେ ଇଳା କନ୍ୟା ସେହି । ପୁଂସତ୍ୱ ଲଭିଲା ସୁଦ୍ୟୁମ୍ନନାମରେ ବିଖ୍ୟାତ ସେ ହୋଇ ।୧୮। ମେରୁ ଅଧଃସ୍ଥିତ ହର ପାର୍ବତୀର ବିହାରର ସ୍ଥାନ । ଏକଦା ସୁବ୍ରତ ଋଷିଗଣ ଗଲେ ଦିବ୍ୟ ସେ କାନନ ।୧୯। ହର ପାର୍ବତୀଙ୍କ ଦର୍ଶନ ଲାଳସେ ପ୍ରବେଶ ହୁଅନ୍ତି । ସେ କାଳେ ଅମ୍ବିକା ଉଲଙ୍ଗବେଶରେ ବର୍ତ୍ତିଣ ଅଛନ୍ତି ।୨୦। ଋଷିଙ୍କୁ ଦେଖିଣ ଅତି ଲଜ୍ଜାନ୍ୱିତା ହୋଇ ଅସ୍ତବ୍ୟସ୍ତ । ବସନ ଆଚ୍ଛାଦି ଥକାଇଲେ ଖରେ ଶ୍ରୀଅଙ୍ଗ ସମସ୍ତ ।୨୧। ପତିକୋଳୁଁ ଉଠି ଉହାଡ଼କୁ ଦେଖି ସତ୍ୱର ପଳାଇ । ଅତ୍ୟନ୍ତ ଦୁଃଖିତା ହୋଇ ଉହାଡ଼କୁ ଭାବନା କରଇ ।୨୨। ଏଣେ ଋଷିଗଣ ହରଗୌରୀ କ୍ରୀଡ଼ା କରିଣ ଦର୍ଶନ । ନାରୀ ପ୍ରସଙ୍ଗରେ ମନ କଳୁଷିତ ହୋଇଲା ତତ୍କ୍ଷଣ ।୨୩। ସେହିକ୍ଷଣି ବନୁଁ ବହିର୍ଗତ ହୋଇ କରଲେ ଗମନ । ନରନାରାୟଣଆଶ୍ରମେ ପ୍ରବେଶ ହୋଇଲେ ବହନ ।୨୪। ଭଗବାନ ହର ସ୍ୱୀୟ ପ୍ରେୟସୀର ପ୍ରିୟ କାମନାରେ । ସାନ୍ତ୍ୱନା ଦେଇଣ କହନ୍ତି ବଚନ ଏହି କାନନରେ ।୨୫। ଆଜଠାରୁ ଯେହୁ ପୁରୁଷ ପ୍ରବେଶ କରିବ ନିଶ୍ଚିତ । ନାରୀ ହୋଇଯିବ ଅନ୍ୟଥା ନୋହିବ କହୁଅଛି ସତ୍ୟ ।୨୬। ସେହି ଦିନଠାରୁ କୌଣସି ପୁରୁଷ ତହିଁକି ନ ଯାଇ । ନ ଜାଣିଣ କେହି ତହିଁ ଗଲେ ନାରୀ ହୋଇ ଯାଇ ।୨୭। ସୁଦ୍ୟୁମ୍ନ ଏକଦା ବନେ ମୃଗୟାର୍ଥେ କରଲେ ଗମନ । ଘୋଡ଼ାଟିଏ ଚଢ଼ି ସଂଗରେ ବହୁତ ଅମାତ୍ୟ ନେଇଣ ।୨୮। ମୃଗ ପଛେ ପଛେ ଗୋଡ଼ାଇ ଗୋଡ଼ାଇ ଉତ୍ତରଦିଗରେ । ଯାଉଁ ଯାଉଁ ସର୍ବେ ପହଞ୍ଚିଲେ ଯାଇ ସେହି କାନନରେ ।୨୯। ନାରୀରୂପୀ ସର୍ବେ ହୋଇଗଲେ ତହିଁ ପରସ୍ପରେ ଚାହିଁ । ବିମନା ସକଳେ ହୋଇ ନାନା ମତେ ଭ୍ରମଣ କରଇ ।୩୦। ଭ୍ରମୁଁ ଭ୍ରମୁଁ ଯାଇ ବୁଧଙ୍କ ଆଶ୍ରମେ ପ୍ରବେଶିଲେ ଯାଇ । ବୁଧ ଦେଖି କାମେ ଜର୍ଜରିତ ହେଲେ ସୌନ୍ଦର୍ଯ୍ୟକୁ ଚାହିଁ ।୩୧। ପ୍ରମଦାରୂପିଣୀ ସୁଦ୍ୟୁମ୍ନ ଅନାଇଁ କଲା ଅଭିଳାଷ । ପତି କରିବାକୁ କ୍ରମେ କ୍ରମେ ତାର ବଳିଲା ମାନସ ।୩୨। ବୁଧ ପରିଣୟ କରିଲେ ଆଦରେ ତା ଗର୍ଭରେ ସୁତ । ଜାତି

ହେଲେ ପୁରରବା ନାମେ ସେହୁ ହୋଇଲେ ବିଖ୍ୟାତ । ୩୩ । ଝିଲଗୀତାରେ ଯେ ପୁରୁରବା କଥା ହୋଇଛି ବର୍ଣ୍ଣିତ । ସେହି ପୁରରବା ଉର୍ବଶୀ ସଂଗରେ ହୋଇଲେ ମୋହିତ । ୩୪ । ସୁଦ୍ୟୁମ୍ନ ସ୍ତ୍ରୀତ୍ୱ ଲଭି ମନେ ମନେ ବଶିଷ୍ଠେ ସ୍ମରଇ । ବଶିଷ୍ଠ ଆସିଣ ଦେଖି ଏ ଦୁର୍ଦ୍ଦଶା କୃପାନ୍ୱିତ ହୋଇ । ୩୫ । ଶଙ୍କର ସମୀପେ ଯାଇ ବହୁ ସ୍ତବ ସ୍ତୁତି କରି ବଳେ । ସ୍ତବେ ତୁଷ୍ଟ ହର ହୋଇ ବର ଯାଚେ ଅଭ୍ୟର୍ଥି ବହିଲେ । ୩୬ । ତାଙ୍କ ଆଜ୍ଞାବଲେ ସୁଦ୍ୟୁମ୍ନ ହୋଇଲେ ଏକମାସ ପୁଂସ ଏକମାସ ନାରୀ ହୋଇ ଅନ୍ତଃପୁରେ କରି ରହେ ବାସ । ୩୭ । ପୁରୁଷ ଯେ ଏକମାସ ହୋଇ-ଥାଏ କରଇ ପାଳନ । ପ୍ରଜାଏ ସନ୍ତୁଷ୍ଟ ନ ହନ୍ତି ତହିଁରେ ତୃପ୍ତ ନୋହେ ମନ । ୩୮ । ଉତ୍କଳ, ବିମଳ, ଗୟ ନାମେ ତିନପୁତ୍ର ସୁଦ୍ୟୁମ୍ନର । ସକଳେ ହୋଇଲେ ଧର୍ମପରାୟଣ ସୁଶାନ୍ତ ସୁଧୀର । ୩୯ । ଦକ୍ଷିଣା ପଥଦେଶେ ହେଲେ ରାଜନ କରଲେ ଶାସନ । ପ୍ରତିଷ୍ଠାନ ପତି ସୁଦ୍ୟୁମ୍ନ ହୋଇଲେ ବୃଦ୍ଧ ବଳ-ହୀନ । ୪୦ । ପୁରୂରବାଙ୍କୁ ପୃଥ୍ୱୀ ଦାନକରି ଚାଲିଗଲେ ବନ । ବୈବସ୍ୱତମନୁ ତପୂରେ ଲଭିଲେ ଦଶୋହି ସନ୍ତାନ । ୪୧ । ସେହି ଦଶ ମଧ୍ୟେ ଇକ୍ଷ୍ୱାକୁହିଁ ଜ୍ୟେଷ୍ଠ ହୋଇଛି ବର୍ଣ୍ଣିତ । ପୃଷଧ୍ର ନାମରେ ପୁତ୍ର ଥିଲେ ଯେହୁ ଶୁଣ ତା ଚରିତ । ୪୨ । ପୃଷଧ୍ରଙ୍କୁ ଗୁରୁ ଗୋପାଳନ ପାଇଁ କରଲେ ନିଯୁକ୍ତ । ପ୍ରାଣପଣେ ସେହୁ ଗୋପାଳନ ପାଇଁ ହେଲେ ଅନୁରକ୍ତ । ୪୩ । ଦିନେ ରାତ୍ରକାଳେ ବୃଷ୍ଟି ହେଉଥିଲା ବ୍ୟାଘ୍ର ବଳବାନ । ଗୋଷ୍ଠରେ ପଶିଣ ଉପସ୍ଥିତ ଘଟାଏ ଗୋରୁଏ ଉଦ୍‌ବିଗ୍ନ । ୪୪ । ଶୟାନ ଗୋରୁଏ ଉଠିପଡ଼ି ଭ୍ରମେ ଗୋଷ୍ଠର ମଧ୍ୟରେ । କପିଲା ଗାଈକୁ ଘେନଗଲା ବ୍ୟାଘ୍ର ଈପ୍ସିତ ମାତ୍ରରେ । ୪୫ । ତାଙ୍କର ଚିତ୍କାର ଧ୍ୱନିର ଶ୍ରବଣେ ପୃଷଧ୍ର ଜାଗ୍ରତ । ଗମ୍ଭୀରାନ୍ଧକାର ରଜନୀରେ ବ୍ୟାଘ୍ରେ ଖୋଜନ୍ତି ନିଯୁତ । ୪୬ । ଶାର୍ଦ୍ଦୂଳ ଭ୍ରମରେ ପୃଷଧ୍ର କପିଲା ଶରୀର ଛେଦନ । କରି ଦେଲାବେଳେ ଖଡ୍ଗାଗ୍ରେ ବ୍ୟାଘ୍ରର କଟିଗଲା କାନ । ୪୭ । ଗାଈ ଛାଡ଼ିଦେଇ ପଳାଇଲା ବ୍ୟାଘ୍ର ରଜନୀ ପ୍ରଭାତେ । ଦେଖିଲେ ଗାଈର ଶିରଚ୍ଛେଦନାଦି କାନ୍ଦିଲେ ଦୁଃଖିତେ । ୪୯ । ଅଜ୍ଞାନକୃତ ଅପରାଧ ଜାଣିହିଁ ଗୁରୁଶାପ ଦେଲେ । କ୍ଷେତ୍ରବନ୍ଧୁ ହୋଇ ନ ପାରିଣ ଶୂଦ୍ର ହୋଇବୁଟି ତୁହି । ୪୯ । କୃତାଞ୍ଜଳିପୁଟେ ଗୁରୁ ଅଭିଶାପ ପୃଷଧ୍ର ଗ୍ରହଣ । କରି ବ୍ରହ୍ମଚର୍ଯ୍ୟ ଊର୍ଦ୍ଧ୍ୱରେତା ହେଲେ କରିଲେ ସାଧନ । ୫୦ । ପରମପୁରୁଷ ଭଗବାନେ ଭକ୍ତି କରିଲେ ଅତ୍ୟନ୍ତ ।

ଐକାନ୍ତିକ ପ୍ରାପ୍ତି ସମଦର୍ଶୀ ହୋଇ ଶାନ୍ତ ହେଲା ଚିତ୍ତ । ୫୧ । ସଙ୍ଗ ତ୍ୟାଗ କରି ଜିତେନ୍ଦ୍ରିୟ ହୋଇ ପରିଗ୍ରହଶୂନ୍ୟ । ହୋଇ ଯଥାଲବ୍ଧ ଦ୍ରବ୍ୟରେ ଜୀବିକା କରିଲେ ରକ୍ଷଣ । ୫୨ । ପରମାତ୍ମାଠାରେ ଆତ୍ମ ସମାଧାନେ ଜ୍ଞାନତୃପ୍ତ ହୋଇ । ଜଡ଼ାନ୍ଧ ବଧିର ସମ ହୋଇ ପୃଥ୍ୱୀ ଭ୍ରମଣ କରଇ । ୫୩ । ଆଗ୍ରସମ୍ପନ୍ନ ମୁନି ସେ ପୃଷଧ୍ର ବନରେ ଭ୍ରମଣେ । ଦେଖିଲେ ଦାବାଗ୍ନି ପ୍ରଜ୍ୱଳିତ ଅତି ଭାବି ମନେ ମନେ ।୫୪। ତହିଁରେ ପ୍ରବେଶି ଦଗ୍ଧ କଲେ ଦେହ ବ୍ରହ୍ମରେ ଚିନ୍ତନେ । ପରଂବ୍ରହ୍ମେ ଲୀନ ହୋଇଗଲେ ସେହି ଭାବର ଭାବନେ ।୫୫। ମନୁର କନିଷ୍ଠ ପୁତ୍ର ସେ ପଣ୍ଡିତ କବି ନାମ ତାର । ରାଜ୍ୟତ୍ୟାଗ କଲେ ବ୍ରହ୍ମଚାରୀ କଲେ ବୟସ କିଶୋର । ୫୬ । ବିଷୟରହିତ ହୋଇଗଲା ଚିତ୍ତ ବ୍ରହ୍ମ ଧ୍ୟାନ କରି । ବ୍ରହ୍ମପ୍ରାପ୍ତ ହେଲେ ଅକ୍ଲେଶ ଭାବରେ ଭବୁଁ ଗଲେ ତରି । ୫୭ । କରୁଷ ନାମରେ ମନୁପୁତ୍ର-ଠାରୁ କ୍ଷତ୍ରିୟ କାରୁଷ । ନାମେ ଖ୍ୟାତ ହେଲେ ଉତ୍ତରାପଥର ରକ୍ଷକ ବିଶେଷ । ୫୮ । ସେହି ରୂପ ଧୃଷ୍ଟଠାରୁ ଧାର୍ଷ୍ଟ ନାମେ କ୍ଷତ୍ରିୟ ପ୍ରଧାନ । ମନୁ ତନୟର ସୁମତି ନାମରେ ହୋଇଲା ସନ୍ତାନ । ୫୯ । ସୁମତିର ପୁତ୍ର ଭୂତ ଜ୍ୟୋତିଃ ଜାତ ହେଲେ ସେ ବ୍ରାହ୍ମଣ । ମନୁପୁତ୍ର ନୃପପୁତ୍ର ସେ ସୁମତି ବୁଝ ଦେଇ ମନ । ୬୦ । ଭୂତଜ୍ୟୋତିଃ ପୁତ୍ର ବସୁ ଅଟଇ ତା ପୁତ୍ର ସେ ପ୍ରତୀକ । ପ୍ରତୀକର ପୁତ୍ର ଓଘବାନ ଅଟେ ତାର ପୁତ୍ର ଏକ । ୬୧ । ଓଘବାନ ନାମ କନ୍ୟା ଓଘବତୀ ରାଜା ସୁଦର୍ଶନ । ଓଘବତୀଙ୍କୁ ସେ ବିବାହ ହୋଇଲେ ସରାଗ ବହିଣ । ୬୨ । ମନୁପୁତ୍ର ନରିଷ୍ୟନ୍ତର ସନ୍ତାନ ଅଟେ ଚିତ୍ରସେନ । ଋକ୍ଷ ତାର ପୁତ୍ର ଋକ୍ଷର ମିଢ଼ାନ ତା ପୁତ୍ରଟି କୂର୍ଚ୍ଚ । ୬୩ । ଇନ୍ଦ୍ରସେନ ଅଟେ କୂର୍ଚ୍ଚର ସନ୍ତାନ ତାର ବୀତିହୋତ୍ର । ତାର ସତ୍ୟଶ୍ରବା ତାର ଉରୁଶ୍ରବା ତାର ଦେବଦତ୍ତ । ୬୪ । ଅଗ୍ନି ଅଗ୍ନିବୈଶ୍ୟ ନାମେ ତାର ପୁତ୍ର ହୋଇଲେ ଉତ୍ପନ୍ନ । କାନୀନ ସେ ଜାତୁକର୍ଣ୍ଣ ନାମେ ଖ୍ୟାତି ତା ବଂଶ ବ୍ରାହ୍ମଣ । ୬୫ । ଅଗ୍ନିବୈଶ୍ୟାୟନ ନାମେ ସେ ବ୍ରାହ୍ମଣ ଦିଷ୍ଟବଂଶ ଶୁଣ । ଦିଷ୍ଟର ପୁତ୍ର ସେ ନାଭାଗ ଅଟଇ ସେ ବୈଶ୍ୟଟି ପୁଣ । ୬୬ । ନାଭାଗର ପୁତ୍ର ଭଲନନ ହୋଇ ବତ୍ସପ୍ରୀତି ତାର । ବତ୍ସପ୍ରୀତି ପୁତ୍ର ପ୍ରାଂଶୁ ଅଟେ ପ୍ରମିତି ତାହାର ।୬୭। ପ୍ରମିତିର ପୁତ୍ର ଅଟଇ ଖନିତ୍ର ଚାକ୍ଷୁଷ ତା ପୁତ୍ର । ଚାକ୍ଷୁଷର ପୁତ୍ର ବିବିଂଶତି ରମ୍ଭ ତାହାରଟି ସୁତ । ୬୮ । ରମ୍ଭର ସନ୍ତାନ ପରମ ଧାର୍ମିକ ଖନିନେତ୍ର ହୋଇ । କରନ୍ଧମ ରାଜା ଖନିନେତ୍ର ସୁତ ବିଖ୍ୟାତ ଅଟଇ । ୬୯ । କରନ୍ଧମ ପୁତ୍ର

ଅବିକ୍ଷିତ ତାର ମରୁତ ସନ୍ତାନ । ମରୁତ ସେ ଚକ୍ରବର୍ତ୍ତି ହୋଇଥିଲେ ବିଖ୍ୟାତ ଭୁବନ ।୭୦। ଅଙ୍ଗିରାଙ୍କ ପୁତ୍ର ସମ୍ବର୍ତ୍ତ, ଏହାଙ୍କୁ ସୁଯଜ୍ଞ କରାଇ । ସେ ଯଜ୍ଞ ପ୍ରସିଦ୍ଧ ଯଜ୍ଞପାତ୍ର ସବୁ ହିରଣ୍ମୟ ହୋଇ ।୭୧। ସେହି ଯଜ୍ଞେ ଇନ୍ଦ୍ର ସୋମ-ପାନ କରି ହୋଇଥିଲେ ତୃପ୍ତ । ବ୍ରାହ୍ମଣେ ଦକ୍ଷିଣା ପ୍ରଚୁର ପାଇଣ ସନ୍ତୁଷ୍ଟ ଅତ୍ୟନ୍ତ ।୭୨। ସେହି ଯଜ୍ଞେ ମରୁଦ୍ଗଣ ପରିବେଷ୍ଟା, ବିଶ୍ୱଦେବଗଣ । ସଭା-ସଦ ହୋଇଥିବାରୁ ଅଧିକେ ସେ ଯଜ୍ଞ ପ୍ରଧାନ ।୭୩। ମରୁତ୍ତର ପୁତ୍ର ଦମ ତାର ପୁତ୍ର ସେ ରାଜବର୍ଦ୍ଧନ । ରାଜବର୍ଦ୍ଧନର ସୁଧୃତି ସନ୍ତାନ ନର ତା ସନ୍ତାନ ।୭୪। ନର ପୁତ୍ର ନାମ କେବଳ ଅଟଇ ତାର ଧୁନ୍ଧୁମାନ । ଧୁନ୍ଧୁମାନ ପୁତ୍ର ବେଗବାନ ଅଟେ ବୁଧ ତା ସନ୍ତାନ ।୭୫। ବୁଧପୁତ୍ର ରାଜା ତୃଣବିନ୍ଦୁ ଅଟେ ଅତ୍ୟନ୍ତ ସୁନ୍ଦର । ଅଲମ୍ବୁଷା ଦେବୀ ଅପ୍ସରୀ ସ୍ୱପତ୍ନୀ ହୋଇଲା ତାହାର ।୭୬। ଅଲମ୍ବୁଷା ଗର୍ଭେ ଇଲବିଲା ନାମ୍ନୀ କନ୍ୟାର ଉତ୍ପନ୍ନ । ଇଲବିଲାଗର୍ଭେ ବିଶ୍ରବାଔରସେ କୁବେରର ଜନ୍ମ ।୭୭। ତୃଣବିନ୍ଦୁ ପୁତ୍ର ତିନିଗୋଟି ହୁଏ ନାମ ତାହାଙ୍କର । ଶୂନ୍ୟବିନ୍ଦୁ ଧୂମ୍ରକେତୁ ଯେ ଅଟଇ ବିଶାଳ ଅବର ।୭୮। ବିଶାଳଟି ଜ୍ୟେଷ୍ଠ ବଂଶଧର ରାଜା ବୈଶାଳୀ ନଗର । କରିଲେ ସ୍ଥାପନ ହେମଚନ୍ଦ୍ର ପୁତ୍ର ଅଟଇ ତାଙ୍କର ।୭୯। ହେମ-ଚନ୍ଦ୍ର ପୁତ୍ର ଧୂମ୍ରାକ୍ଷ ଅଟଇ ସଂଯମ ତା ସୁତ । ଦେବଲ କୃଶାଶ୍ୱ ସଂଯମର ହୋଇଥିଲେ ବେନି ପୁତ୍ର ।୮୦। କୃଶାଶ୍ୱର ପୁନ ସୋମଦତ୍ତ ହେଲେ ଅତ୍ୟନ୍ତ ବିଖ୍ୟାତ । ବହୁ ଅଶ୍ୱମେଧ ଯଜ୍ଞ କରି ହରି ଅର୍ଚ୍ଚିଲେ ଅତ୍ୟନ୍ତ ।୮୧। ଲଭିଲେ ପରମଗତି ସେ ମହାତ୍ମା ତାଙ୍କର ସନ୍ତାନ । ସୁମତି ହୋଇଲେ ଜନ୍ମେଜୟ ସୁତ ତାଙ୍କର ଉତ୍ପନ୍ନ ।୮୨। ମନୁଙ୍କର ପୁତ୍ର ଶର୍ଯ୍ୟାତିର ବଂଶ କରିବା ଗାୟନ । ବେଦାର୍ଥ ତତ୍ତ୍ୱଜ୍ଞ ଅତିଶୟ ଥିଲେ ଶର୍ଯ୍ୟାତି ବିଦ୍ୱାନ ।୮୩। ଶର୍ଯ୍ୟାତିର କନ୍ୟା କମଳଲୋଚନା ସୁକନ୍ୟା ତା ନାମ । କନ୍ୟା ସହିତରେ ଶର୍ଯ୍ୟାତି ଏକଦା କରିଲେ ଗମନ ।୮୪। ବନ ଭ୍ରମଣରେ ଚ୍ୟବନ ମୁନିର ଆଶ୍ରମେ ପ୍ରବେଶ । ସଖୀଗଣ ସଙ୍ଗେ ସେ କନ୍ୟା ଭ୍ରମଣ କରଇ ବିଶେଷ ।୮୫। ଫଳ ପତ୍ର ପୁଷ୍ପ ତୋଳି ଖେଳୁଛନ୍ତି ଇତସ୍ତତଃ ହୋଇ । ବାଲ୍ମୀକ ଛିଦ୍ରରେ ଜ୍ୱଳୁ ଜ୍ୱଳୁ ଦ୍ରବ୍ୟ ଦୁଇଟି ଦେଖଇ ।୮୬। ବାଳିକା ସ୍ୱଭାବେ ସେ ରାଜକୁମାରୀ କୌତୁକବଶରେ । ଦୈବପ୍ରେରିତ ସେ ଯେସନ ହୋଇଣ କଣ୍ଟାଟିଏ ଧରେ ।୮୭। ଜ୍ୟୋତି ଦୁଇଗୋଟି ବିଦ୍ଧ କରିବାରୁ ବହିଲା ରୁଧିର । ମଳ ମୂତ୍ର ରୁଦ୍ଧ ହୋଇଲା

ତକ୍ଷଣ୍ତ ସେ ସମସ୍ତଙ୍କର । ୮୮ । ଶର୍ଯାତି ତକ୍ଷଣ୍ତ ଲକ୍ଷ୍ୟ କରି ମନେ କହନ୍ତି ବଚନ । ଚ୍ୟବନ ଋଷିର ଅପରାଧ କାର୍ଯ୍ୟ କଲା କି କେ ଜନ । ୮୯ । ଚ୍ୟବନ ଆଶ୍ରମ ଦୂଷିତ କେ କରନ୍ତେ କରିଣ ଅଛଇ । ସୁକନ୍ୟା ଅତ୍ୟନ୍ତ ଭୀତ ହୋଇ ତାର ପିତାଙ୍କୁ କହଇ । ୯୦ । କଣ୍ଟକଦ୍ୱାରେ ମୁଁ ଦୁଇଗୋଟି ଜ୍ୟୋତିଃ ପଦାର୍ଥ କୌତୁକେ । ବିନ୍ଧ କରି ଦେଲି ରୁଧିର ତହିଁରୁ ବହିଲା ଅନେକେ । ୯୧ । କନ୍ୟାର ବଚନେ ଭୀତ ହୋଇଗଲେ ଶର୍ଯାତି ଅତ୍ୟନ୍ତ । ମୁନିଙ୍କୁ ଅନେକ ସ୍ତବ ସ୍ତୁତି କଲେ ତୋଷାଇଲେ ପ୍ରଣତ । ୯୨ । ପ୍ରସନ୍ନ ହୋଇଣ ମୁନି ଇଚ୍ଛା-କଲେ ଜାଣି ସେ ନୃପତି । କନ୍ୟାସମ୍ପ୍ରଦାନ କରିଣ ତାହାଙ୍କୁ ସଦନେ ଗମନ୍ତି । ୯୩ । ସୁକନ୍ୟା ଲୋକର ମନ ବୁଝିପାରେ ଚ୍ୟବନ କୋପନ । ସ୍ୱଭାବବିଶିଷ୍ଟ ଜାଣି ସେବା କରି କରାଇ ପ୍ରସନ୍ନ । ୯୪ । କେତେକାଳପରେ ଅଶ୍ୱିନୀ କୁମାର ଦ୍ୱୟ ଆସେ ତହିଁ । ମୁନିବର ଯଥାମତେ ପୂଜା କରି ସଗ୍ରଗେ କହଇ । ୯୫ । ସ୍ୱର୍ବୈଦ୍ୟ ତୁମ୍ଭେ ତ ତାରୁଣ୍ୟ କରିଦିଅ ମୋତେ । ବୃଦ୍ଧ ବୟସରେ ଯୁବତୀ ପାଇଁ ମୁଁ ଅଛଇ ଭାବିତେ । ୯୬ । ସୋମ ଯାଗ ମୁହିଁ କରି ସମ୍ପାଦନ ଦେବି ସୋମପାତ୍ର । ବୈଦ୍ୟ ଦ୍ୱୟ ଶୁଣି ସହାସ୍ୟେ କହନ୍ତି ନ ହୁଅ ଭାବିତ । ୯୭ । ସିଦ୍ଧ ବିନିର୍ମିତ ହ୍ରଦେ ବୃଦ୍ଧ ସ୍ନାନ କରାଇ ବହନ । କହି ଘେନିଯାଇ ହ୍ରଦେ ବୁଡ଼ାଇଲେ କରିଲେ ଦର୍ଶନ । ୯୮ । ତିନିଟି ପୁରୁଷ ଅତ୍ୟନ୍ତ ସୁନ୍ଦର ଏକାକୃତି ହୋଇ । ଜଳରୁ ଉଠିଲେ ସୁକନ୍ୟା ଦେଖିଣ ଚିହ୍ନି ନ ପାରଇ । ୯୯ । ଅଶ୍ୱିନୀକୁମାର ଯୁଗଳେ ଶରଣାଗତ ହେଲେ ସତୀ । କୃପା କରି ସେହିମାନେ ଚିହ୍ନାଇଲେ ଚିହ୍ନିଲେ ସ୍ୱପତି । ୧୦୦ । ଚ୍ୟବନ-ପ୍ରାଶ ନାମରେ ସେ ଔଷଧ ବତାଇଣ ଦେଇ । କହିଲେ ଏହାକୁ ସେବନ କରିଲେ ବୃଦ୍ଧାବସ୍ଥା ନୋହି । ୧୦୧ । କହି ଚାଲିଗଲେ ଅଶ୍ୱିନୀକୁମାର ସୁକନ୍ୟାକୁ ନେଇ । ନାନା ବିଳାସ ସେ କରିଲେ ଦମ୍ପତି ଆଶ୍ରମକୁ ଯାଇ । ୧୦୨ । କେତେଦିନ ପରେ ଶର୍ଯାତି ଆସିଲେ ଦେଖିଲେ ଅଦ୍ଭୁତ । ସୂର୍ଯ୍ୟ ସମ ତେଜଃ ପୁରୁଷେ ବସିଛି କନ୍ୟାର ସହିତ । ୧୦୩ । ସୁକନ୍ୟା ପିତାଙ୍କୁ ଦେଖି ଅସ୍ତ ବ୍ୟସ୍ତେ ପ୍ରଣାମ କରଇ । ଶର୍ଯାତି ଅତ୍ୟନ୍ତ କୁପିତ ହୋଇଣ ତାକୁ ନ ଅନାଇଂ । ୧୦୪ । ସକ୍ରୋଧେ କନ୍ୟାକୁ କହନ୍ତି ଶର୍ଯାତି କି କାମନା କରି । ଲୋକ ନମସ୍କୃତ ଋଷି ସ୍ୱାମୀ ଛାଡ଼ି ଏ କି ତୁ ଆଚରି । ୧୦୫ । ଆରେ ଅସତୀ ତୁ ଜରାଗ୍ରସ୍ତ ସ୍ୱାମୀ ଛାଡ଼ି ଏ ପଥିକ । ଉପପତି ଭାବେ ତା ସଙ୍ଗେ ବିଳମ୍ବ ନାହିଁ

ହେତା ବିବେକ । ୧୦୬ । ସତକୁଳେ ଜାତ ହୋଇ ତୋ ସାହସ ହୋଇଲା
କପଟ । କୁଳକୁ ଦୂଷିତ କଲୁ ଜାରେ ରତ ହୋଇଣ ତୁ ଭ୍ରଷ୍ଟ । ୧୦୭ ।
ପିତା ପତିକୁଳ ଅଧଃପାତ କଲୁ କୁଳର ଅଙ୍ଗାର । ପିତାର ବଚନ ଶୁଣି କନ୍ୟା
କହେ ସହାସ୍ୟରେ ଗିର । ୧୦୮ । ହେ ତାତ ! ତୁମ୍ଭର ଜାମାତା ଏହୁଟି
ଭୃଗୁର ନନ୍ଦନ । ରୂପ ଲାବଣ୍ୟର ପ୍ରାପ୍ତି ଘଟଣାଟି କରିଲେ ବର୍ଣ୍ଣନ । ୧୦୯ ।
ଶୁଣିଣ ବିସ୍ମିତ ହୋଇଣ ଶର୍ଯ୍ୟାତି ହୋଇଗଲେ ପ୍ରୀତି । କନ୍ୟାକୁ ସ୍ନେହରେ
ଆଲିଙ୍ଗନ କଲେ ପ୍ରଶଂସି ବହୁତ । ୧୧୦ । ଚ୍ୟବନ କରିଲେ ସୋମଯାଗ-
ପରେ ସୋମପାତ୍ରଦାନ । ଅଶ୍ୱିନୀକୁମାରେ କରିଲେ ସେ ଦାନୁଁ ପାଇଲେ ସେ
ମାନ । ୧୧୧ । ଶର୍ଯ୍ୟାତିର ତିନ ପୁତ୍ର ଜାତ ହେଲେ ନାମ ତାହାଙ୍କର ।
ଉତ୍ତାନ ବରହି, ଭୂରିସେଣ, ପୁଣ ଅନାର୍ତ୍ତି ପ୍ରବର । ୧୧୨ । ଅନାର୍ତ୍ତିର ପୁତ୍ର
ରେବତ ହୋଇଲେ ସାଗର ମଧ୍ୟରେ । କୁଶସ୍ଥଳୀ ନାମେ ନଗରୀ ସ୍ଥାପିଲେ
ତହିଁ ବାସ କଲେ । ୧୧୩ । ଏକଶତ ପୁତ୍ର ଜନ୍ମିଲେ ତାଙ୍କର କକୁଦ୍ମୀ
ପ୍ରଥମ । କକୁଦ୍ମୀର କନ୍ୟା ରେବତୀଙ୍କୁ ବରି ହେଲେ ବଳରାମ । ୧୧୪ ।
ବହୁକାଳ ପୂର୍ବେ ତାର ଭ୍ରାତାଗଣ ଯକ୍ଷଭୟ ପାଇ । ପୁରୀ ପରିତ୍ୟାଗେ ନାନା-
ଦିଗେ ଯାଇ ବସତି କରଇ । ୧୧୫ । ରାଜା ବଳଦେବ ଦେଇ ନିଜ କନ୍ୟା
ତପସ୍ୟା କାରଣ । ନାରାୟଣାଶ୍ରମେ କରିଲେ ଗମନ ଗାଇବା ଏକ୍ଷଣ । ୧୧୬ ।
ନାଭାଗ ଚରିତ ଅମ୍ବରୀଷ କଥା ଅନ୍ୟ ଛାନ୍ଦଗୀତେ । ମନୁବଂଶ ଗାଇ ପାରେ
କେ ବୈକୁଣ୍ଠ ଗାଏ ପୁତ୍ର ମାତ୍ରେ । ୧୧୭ ।

୧୧୩/୩୪ ଛାନ୍ଦ ।

ଅମ୍ବରୀଷୋପାଖ୍ୟାନ ।

ରାଗ—ଚକ୍ରକେଳି ।

ଗୁରୁକୃଷ୍ଣ ବୈଷ୍ଣବ ପଦ ଧ୍ୟାନ । ଏକବସ୍ତୁ ସେ ନୁହନ୍ତିଟି ଭିନ୍ନ । ୧ ।
ଜୀବନର ମୋର ଅଟେ ସୁଗତି । ସେହି ପଦରେ ମୋହର ପ୍ରଣତି । ୨ ।

ଛନ୍ଦବନ୍ଧ ଗୀତ କରିବା ଗାନ । ଉତ୍କୃଷ୍ଟ ଅମ୍ବରୀଷ ଉପାଖ୍ୟାନ ।୩। ଗାଇ
ଜାଣିବା ବୈଷ୍ଣବପ୍ରାଧାନ୍ୟ । ବୈଷ୍ଣବପଦହିଁ ତ୍ରିଲୋକମାନ୍ୟ ।୪।
ନାଭାଗ ନାମେ ଥିଲେ ନୃପବର । ଅମ୍ବରୀଷ ଥିଲେ ତାଙ୍କ କୁମର ।୫।
ସର୍ବଭୂତରେ ଦୟାଳୁ ମହତ । ପରମ ବୈଷ୍ଣବ ସୁସାଧୁ ଶାନ୍ତ ।୬। ଇଷ୍ଟଧର୍ମ
ପାଳନେ ତତପର । ବିଷ୍ଣୁଭକତ ମଧ୍ୟରେ ପ୍ରବର ।୭। ଭକ୍ତାଧୀନ ହରି
ଭକ୍ତ ମଙ୍ଗଳ । ଭକ୍ତ[illegible]ଯୋଗୀ ଭକ୍ତାନୁକୂଳ ।୮। ସୁଦର୍ଶନଚକ୍ରେ କରି
ଆଦେଶ । ରଖାଇଦେଲେ ଅମ୍ବରୀଷ ପାଶ ।୯। ଯେତେ ଆପଦ ପୁଣି
ବିଘ୍ନମାନ । ଚକ୍ର ସକଳ କରିବେ ଛେଦନ ।୧୦। ନିରାପଦନିର୍ବିଘ୍ନେ
ଅମ୍ବରୀଷ । କୃଷ୍ଣଭାବରେ ମଗ୍ନ ଅହର୍ନିଶ ।୧୧। ଦୁର୍ବାସା ଋଷି ରୁଦ୍ର ଅଂଶେ
ଜାତ । ବଡ଼ ତପସ୍ୱୀ ଅତି କ୍ରୋଧାନ୍ୱିତ ।୧୨। ତେଣୁ ଜଗତେ
ଅତ୍ୟନ୍ତ ଭୀଷଣ । ଆସି ପହଞ୍ଚିଲେ ଏକଦିନ ।୧୩। ଅମ୍ବରୀଷ
ଦେଖି କଲେ ପୂଜନ । ବିଧିମତେ ବହୁ କଲେ ସମ୍ମାନ ।୧୪।
ବୋଇଲେ ଆଜ ଧନ୍ୟ ମୋ ଜୀବନ । କୃତାର୍ଥ ହେଲି ପୂଜି ତୋ ଚରଣ ।୧୫।
ଦୁର୍ବାସା ଅତ୍ୟନ୍ତ ହୋଇଲେ ତୁଷ୍ଟ । ଅମ୍ବରୀଷଙ୍କୁ କହିଲେ ସୁସ୍ପଷ୍ଟ ।୧୬।
ଆଜି ତୋ ପୁରେ ଦ୍ୱାଦଶୀ ପାରଣ । ଯାଉଅଛି ମୁଁ ସାରି ଆସେ ସ୍ନାନ ।୧୭।
ଅମ୍ବରୀଷ ହୋଇଲେ କୃତକୃତ୍ୟ । ଆୟୋଜନ କଲେ ଯଥାବିହିତ ।୧୮।
ବିଳମ୍ବ ହେଲା ନ ଆସିଲେ ଋଷି । ପାରଣାବେଳ ପହଞ୍ଚିଲା ଆସି ।୧୯।
ପାରଣା ଯେପରି କର୍ତ୍ତବ୍ୟ କର୍ମ । ଅତିଥି ପୂଜା ସେହିପରି ଧର୍ମ ।୨୦।
ଉଭୟ ସଙ୍କଟେ ପଡ଼ି ନରେଶ । ଉପାୟ ନ ଦେଖି ପାଇଲେ କ୍ଲେଶ ।୨୧।
ବ୍ୟବସ୍ଥା ପଚାରି ପଣ୍ଡିତଗଣେ । ଉଭୟ ସଙ୍କଟୁଁ ରକ୍ଷା କାରଣେ ।୨୨।
ଯାହା ବ୍ୟବସ୍ଥା ହେଲା ନିରୂପଣ । ସେହିମତ କଲେ ବାଧରେ ପୁଣ ।୨୩।
ବିଷ୍ଣୁପାଦୋଦକ ବିଧିମତରେ । ଗଣ୍ଡୂଷ ମାତ୍ରରେ ପାରଣ କଲେ ।୨୪।
ଋଷି ଅନ୍ତର୍ଯ୍ୟାମୀ ଜାଣି ସମସ୍ତ । କ୍ରୋଧାନ୍ୱିତ ହୋଇ ଆସେ ତୁରିତ ।୨୫।
ଅମ୍ବରୀଷେ କହେ କଟୁ ବଚନ । ଅବଜ୍ଞା କଲୁ ତୁ ମୋତେ ରେ ହୀନ ।୨୬।
ଧନମଦରେ ହୋଇଛୁ ଗର୍ବିତ । ତୁଚ୍ଛ ପରି ମୋତେ ମଣିଲୁ ଭୃତ ।୨୭।
ଅମ୍ବରୀଷ ବେଗେ ଧରି ଚରଣ । ଦଣ୍ଡବତ ପଡ଼ି କଲେ ସ୍ତବନ ।୨୮। ଶୁଣନ୍ତି
ନାହିଁ ଅମ୍ବରୀଷ କଥା । କୋପେ ଜ୍ଞାନ ନାହିଁ ବିକୃତାବସ୍ଥା ।୨୯। ଅମ୍ବରୀଷ
ହାତ ଛଡ଼ାଇ ଦେଇ । ଅପରାଧୀ ପାପୀ ନ ଛୁଅଁ କହି ।୩୦। ଦୂରେ ଛିଡ଼ା

ହେଲେ କମ୍ପେ ସର୍ବାଙ୍ଗ । କ୍ରୋଧେ ନେତ୍ର ଜବାଫୁଲର ରଙ୍ଗ । ୩୧ । କ୍ରୋଧ-
ବଶେ ନିଜ ଜଟା ଉପାଡ଼ି । ଭୂମିରେ ଫୋପାଡ଼ି ଦେଲେ କଚାଡ଼ି । ୩୨ ।
ତହୁଁ ଉଭବ ହେଲା କୋପମୂର୍ତ୍ତି । ଭୀଷଣାକାର କରାଳ ପ୍ରଣତି । ୩୩ ।
କହିଲା କି କରିବି ଆଜ୍ଞା କର । କହେ ଦୁର୍ବାସା ହୋଇ ତତପର । ୩୪ ।
ଏ ଅପରାଧୀ ପାପୀକୁ ଭକ୍ଷଣ । କର ମରଣ ଲଭୁ ଅଲକ୍ଷଣ । ୩୫ । କୋପ
ପୁରୁଷ ଅମ୍ବରୀଷ ପାଶ । ତତ୍କ୍ଷଣ ଯାଇ ହୋଇଲା ପ୍ରବେଶ ।୩୬। ଗୁପ୍ତଭାବରେ
ଥିଲେ ସୁଦର୍ଶନ । ଉଦୟ ହେଲେ ଅଦିତ୍ୟ ସମାନ । ୩୭ । ଦେଖି ସଭୟେ
ଲେଉଟେ ତତ୍କ୍ଷଣ । କୋପପୁରୁଷ ହୋଇଣ ଭୀଷଣ । ୩୮ । ଦୁର୍ବାସା
ସଭୟେ ଗଲେ ପଳାଇ । କୋପପୁରୁଷ ପଛେ ପଛେ ଧାଇଁ । ୩୯ । ବିପନ୍ନା-
ବସ୍ଥାରେ ପଡ଼ି ଦୁର୍ବାସା । ମରଣଭୟେ ଉଡ଼ିଯାଏ ହଂସା । ୪୦ । ନିଜ
ରକ୍ଷାପାଇଁ ଡାକ ପାଡ଼ନ୍ତି । ଆସ କେ ନାଶକର ମୋ ବିପତ୍ତି । ୪୧ । ହେ
ଦିଗପାଳ ହେ ଦେବତାଗଣ । ମୋତେ ଏ ସଙ୍କଟୁଁ କର ରକ୍ଷଣ । ୪୨ । ସର୍ବେ
କହନ୍ତି ଶୁଣ ଋଷିବର । ବୈଷ୍ଣବାପରାଧ ହୋଇଛି ଘୋର । ୪୩ । କାହାର
କି ସାଧ୍ୟ ରଖିବ ତୋତେ । ଉପାୟ ତାର ନାହିଁ ଏ ଜଗତେ । ୪୪ । ଇନ୍ଦ୍ରେ
ଡାକ ଦିଅନ୍ତି ଋଷିପ୍ରବର । ହେ ବାସବ ଏଥୁଁ ତୁ ରକ୍ଷାକର । ୪୫ । ତ୍ରିପୁରରି
ତୁ ଅଟୁ ଅଧୀଶ୍ୱର । ଏ ସ୍ୱରକଥା ନୋହେ ତୋତେ ଦୂର । ୪୬ । ପୁରନ୍ଦର
କହନ୍ତି ଋଷିବର । ଭକ୍ତାପରାଧ ହୋଇଛି ତୁମ୍ଭର । ୪୭ । ବିଷ୍ଣୁଦ୍ରୋହୀଙ୍କୁ
ଅଛଇଟି ଗତି । ଭକ୍ତାପରାଧୀ ହୁଅଇ ଇର୍ମତି ।୪୮। ଦୁର୍ବାସା ତହୁଁ ହୋଇଲେ
ନିରାଶ । ବ୍ରହ୍ମଲୋକେ ଗଲେ ପାଇଣ ତ୍ରାସ । ୪୯ । ଡାକନ୍ତି ବ୍ରହ୍ମାଙ୍କୁ କର
ସ୍ତବନ । ଏ ଅନନ୍ତ ବିଶ୍ୱ ତୁମ୍ଭ ବିଧାନ । ୫୦ । ତୁମ୍ଭେ ସମସ୍ତ କରିବାର କ୍ଷମ ।
ମୋତେ ରକ୍ଷାକର ହେ ପୂର୍ଣ୍ଣକାମ । ୫୧ । ବ୍ରହ୍ମା କହନ୍ତି ନାହିଁ ମୋ କ୍ଷମତା ।
ଭକ୍ତାପରାଧ କରିଛ ସର୍ବଥା । ୫୨ । ବିଷ୍ଣୁ ନିଜେ ତ ନ କରନ୍ତି ଆନ । ତାଙ୍କ
ପାଦପଦ୍ମେ ପଶ ଶରଣ । ୫୩ । କର ପାରନ୍ତି ତହିଁର ବିଧାନ । ସକ୍ଷମ କେହି
ନୁହନ୍ତି ଆନ । ୫୪ । ବୈଷ୍ଣବପଦେ ହେଲେ ଅପରାଧ । ସେହି ବୈଷ୍ଣବ-
ପଦହିଁ ଆରାଧ । ୫୫ । ଶୁଣି ଦୁର୍ବାସା ହୋଇଲେ ଦୁଃଖିତ । ବୈକୁଣ୍ଠପୁରକୁ
ହେଲେ ଗମିତ । ୫୬ । ବିଷ୍ଣୁଙ୍କୁ ସ୍ତବ କରନ୍ତି ବହୁତ । ଅତି ଆର୍ତ୍ତିଭାବେ
ହୋଇ ବିନୀତ । ୫୭ । ନମୋ ନମସ୍ତେ ଅଖିଳକାରଣ । ନମସ୍ତେ ପ୍ରଭୁ
ପ୍ରପନ୍ନତାରଣ । ୫୮ । ନମୋ ନମସ୍ତେ ବିପନ୍ନରକ୍ଷଣ । ନମସ୍ତେ ପ୍ରଭୁ ଆର୍ତ୍ତି-

ବିନାଶନ । ୬୯ । ଏ ମୃତ୍ୟୁକାଳେ ରଖ ମୋ ପରାଣ । ସଙ୍କଟ ଅତି ବିପଦ-
ମୋକ୍ଷଣ । ୭୦ । ନମସ୍ତେ ପ୍ରଭୁ ବ୍ରହ୍ମାଣ୍ଡଠାକୁର । ତୋର ଚରଣେ ମୋର
ନମସ୍କାର । ୭୧ । ଅଖିଳ ଗୁରୁ ଅଖିଳକର୍ତ୍ତା । ଅଖିଳ ଜନର ତୁ ପିତା
ମାତା । ୭୨ । ତୋର ପାଦପଦ୍ମେ ମୋର ଜୀବନ । ପିଣ୍ଡ ପ୍ରାଣାଦି କଲି
ସମର୍ପଣ । ୭୩ । ବୃକାସୁର ତ୍ରାସୁଁ ରଖୁ ଗିରିଶ । ମୋତେ ଖାଉଛି ଅଜ୍ଞାନ-
ପୁରୁଷ । ୭୪ । ତହୁଁ ଅକ୍ରୁର ସଙ୍କଟରେ ପଡି । ଆହେ ଆର୍ତ୍ତତ୍ରାଣ ଯାଉଛି
ସଢ଼ି । ୭୫ । କେତେ କେତେ ବିପଦୁଁ ତାରିଅଛ । ମୁଁ ଅତି ବିପନ୍ନ ଦେଖ
ପ୍ରତ୍ୟକ୍ଷ । ୭୬ । ତୋର ଚରଣେ କୋଟି କୋଟି ବାର । କରୁଅଛଇଁ ପ୍ରଭୁ
ନମସ୍କାର । ୭୭ । ହେ ବିଶ୍ୱପତି ଧୀପତି ଶ୍ରୀପତି । ବିପନ୍ନପ୍ରାଣୀର ତୁ ଏକା
ଗତି । ୭୮ । କ୍ଷମାକର ମୋର ସକଳ ଦୋଷ । କ୍ଷମାସାଗର ହର ମୋର
ତ୍ରାସ ।୭୯। ଦୁର୍ବାସାସ୍ତୁତି ଶୁଣି ଚକ୍ରପାଣି । ବୈକୁଣ୍ଠ ଛାଡ଼ି ଆସିଲେ ଧରଣୀ ।୭୦।
ପ୍ରଭୁଙ୍କୁ ସମ୍ମୁଖେ ଦେଖି ଦୁର୍ବାସା । ପ୍ରାଣରକ୍ଷଣେ ଲଭିଲେ ଭରସା । ୭୧ ।
ପାଦେ ପଡିଣ କଲେ ନମସ୍କାର । ପ୍ରଭୁ କହନ୍ତି ଶୁଣ ମୁନିବର । ୭୨ । ତୁମ୍ଭେ
କରିଛ ଭକ୍ତେ ଅପରାଧ । ତବ ତାରଣେ ନାହିଁ ମୋର ସାଧ । ୭୩ ।
ସେହି ଭକ୍ତ ତାରିଲେ ତାରିପାରେ । ଚାଲି ଯିବା ସେହି ବୈଷ୍ଣବ-
ଠାରେ । ୭୪ । ଜଣାଇଲେ ସେ ରକ୍ଷିବ ଅବଶ୍ୟ । ଅପକ୍ଷପାତୀ କୋପ ନାହିଁ
କ୍ଲେଶ । ୭୫ । ସମ ଜ୍ଞାନ ତାର ସର୍ବଭୂତରେ । କାହାରିଠାରେ ହିଂସା ସେ
ନ କରେ । ୭୬ । ଶୁଣ ଦୁର୍ବାସା ଯେ ମୋର ଭକତ । ସକଳ ପ୍ରାଣୀର
ବାଞ୍ଛଇ ହିତ । ୭୭ । ତବ ବିପନ୍ନଅବସ୍ଥାଦର୍ଶନେ । ବଡ଼ ବ୍ୟାକୁଳିତ
ଅଛଇ ମନେ ।୭୮। ଏମନ୍ତ କହି ପ୍ରଭୁ ଚକ୍ରପାଣି । ଅମ୍ବରୀଷ ପାଶେ ନେଲେ
ତତକ୍ଷଣି । ୭୯ । ତେଣେ ଅମ୍ବରୀଷ ଅତି ବ୍ୟାକୁଳ । ଲୋଡ଼ୁଛନ୍ତି ଦୁର୍ବାସାର
ମଙ୍ଗଳ । ୮୦ । ଡାକୁଛନ୍ତି ପ୍ରଭୋ ! ହୁଅ ପ୍ରସନ୍ନ । ବ୍ରାହ୍ମଣ ହୋଇଅଛନ୍ତି
ବିପନ୍ନ । ୮୧ । ଆଗ ପଛ ମୁଁ ନ ବିଚାରି ହରି । ବ୍ରାହ୍ମଣପଦେ ଦୋଷ କଲି
ଭାରି । ୮୨ । କୋପାନ୍ୱିତ ହୋଇ ଋଷିପ୍ରବର । କଲେ ଅତ୍ୟନ୍ତ ବିକୃତ
ବେଭାର । ୮୩ । ଯାହା ଦଣ୍ଡିବାର ଦଣ୍ଡ ଅଧୀନେ । ବ୍ରାହ୍ମଣଙ୍କୁ କ୍ଷମା ଦିଅ
ନିହ୍ନେ । ୮୪ । ମୋର ପାଇଁ ଋଷି ହେଲେ କୁପିତ । ଦୋଷ କ୍ଷମାକର
ପ୍ରଭୁ ଅଚ୍ୟୁତ । ୮୫ । ଦେଖି ଦୁର୍ବାସା ବିସ୍ମୟ ମଣିଲେ । ଅମ୍ବରୀଷ ଆସି ପାଦେ
ପଡ଼ିଲେ । ୮୬ । ବ୍ରାହ୍ମଣ ପାଦେ କରି ଦଣ୍ଡବତ । କରଯୋଡ଼ି ଠିଆ ହେଲେ

ପ୍ରଣତ । ୮୭ । ପ୍ରଭୁ କହନ୍ତି ବସ୍ତ ଅମ୍ବରୀଷ । ଭୂମ୍ବଠାରେ ଋଷି କରଣ
ଦୋଷ । ୮୮ । ପାଇଲେଣି ସେହ କ୍ଳେଶ ବହୁତ । କ୍ଷମାଦଅ ତାଙ୍କୁ ନୋହୁ
କୁଣ୍ଠିତ । ୮୯ । ଦୁର୍ବାସା ବହୁ ବିନୟେ କହନ୍ତି । କ୍ଷମାକର କୃପା କର
ମୋ ପ୍ରତି । ୯୦ । ଅମ୍ବରୀଷ କହନ୍ତି ଋଷିବର । ଠାକୁରେ ସବୁ କରନ୍ତେ
ମଙ୍ଗଳ । ୯୧ । ବିଶ୍ୱ ଚରାଚର ତାର ଅଧୀନ । କ୍ଷମା ଦେବ କେ ତାହା
ବିନୁଁ ଆନ । ୯୨ । ଅମ୍ବରୀଷ ଉଭୟ ପାଦେ ପଡ଼ି । ଜଣାଣ କଲେ ବେନି-
କର ଯୋଡ଼ି । ୯୩ । ଅଶେଷ ପ୍ରକାର ମୋହର ଦୋଷ । କ୍ଷମା କରିବେ
ପ୍ରଭୁ ପୀତବାସ । ୯୪ । ପ୍ରଭୁ କରଲେ ଦୁର୍ବାସା ତାରଣ । କୋପ ପୁରୁଷେ
କହନ୍ତି ବଚନ । ୯୫ । ଶୁଣ ତୁ କାଳପୁରୁଷ ଏକ୍ଷଣ । ଯାଅ ବନରେ କରବୁ
ଭ୍ରମଣ । ୯୬ । ଆମ୍ଭେ ତ୍ରେତାରେ ରାମ ଅବତାର । ହେବୁଁ ଯେତେବେଳେ
ଯିବୁଁ ବନର । ୯୭। ଆମ୍ଭ ଦେହରେ କରବୁ ବିଶ୍ରାମ । ଆମ୍ଭେ ସେ କାଳେ
ହୋଇବୁଁ ଅଜ୍ଞାନ । ୯୮ । ବହୁ ଜନ୍ମ ପରେ ହେବ ତୋ ଗତ । ଶୁଣି ଗଲା
ବିପିନେ ସେ ଝଟିତ । ୯୯ । କର ଆତିଥ୍ୟ ଅମ୍ବରୀଷେ କହ । ଦୁର୍ବାସାଙ୍କୁ
କହନ୍ତି ଭାବଗ୍ରାହୀ । ୧୦୦ । କର ଅମ୍ବରୀଷ ପୂଜା ଗ୍ରହଣ । କହଣ ପ୍ରଭୁ
ହେଲେ ଅନ୍ତର୍ଦ୍ଧାନ । ୧୦୧ । ଅମ୍ବରୀଷ ଦୁର୍ବାସାଙ୍କୁ ପୂଜନ । ଯଥୋଚିତରେ
କରଲେ ସମ୍ମାନ । ୧୦୨ । ଋଷି ଜାଣିଲେ ବୈଷ୍ଣବ ପ୍ରାଧାନ୍ୟ । ପ୍ରଭୁ
ଯେମନ୍ତ ଭକ୍ତର ଅଧୀନ । ୧୦୩ । ନାନାଗ୍ରନ୍ଥରେ ଲେଖିଲେ ଲେଖକେ ।
ଅମ୍ବରୀଷ ଚରିତକୁ ଅଧିକେ । ୧୦୪ । ସର୍ବେ ମାଗିଲେ ତହୁଁ ଉପଦେଶ ।
ପ୍ରଭୁ ଭକ୍ତପକ୍ଷପାତୀ ବିଶେଷ । ୧୦୫ । ବୈକୁଣ୍ଠ ସେହ ବୈଷ୍ଣବଚରଣ । ସଦା
ଶିରୋପରେ କରେ ଧାରଣ । ୧୦୬ ।

ଇତି ଶ୍ରୀମଦ୍ଭଗବଦ୍ବିଳାସେ ବୈଭବକଳାଂଶକଳେ
ପଞ୍ଚମଭାଗ ବା ପଞ୍ଚମ ବାସର
ସମାପ୍ତ ।

National Library,
Calcutta-27

ପ୍ରିଣ୍ଟର—ଶ୍ରୀ ଗୋବର୍ଦ୍ଧନଚନ୍ଦ୍ର ଦାସ,

ଶ୍ରୀ ରାଧାନାଥ କୋ-ଅପରେଟିଭ ପ୍ରେସ,

ବାଲୁବଜାର, କଟକ । ୧୯୬୫